ପୃଷ୍ଠା-୮+୮

# ଧରିତ୍ରୀ
DHARITRI

୪୭ଶ ଭାଗ ୩୪୯ ସଂଖ୍ୟା | ଭୁବନେଶ୍ୱର, ସୋମବାର, ନଭେମ୍ବର ୧୫/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, November 15/2021 | ★★★★

www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଧାର, କରଜର ଫସଲ ଧୋଇଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ କିଭଳି କୃଷି ଓ ଗ୍ରାମୀଣ ଅର୍ଥନୀତି ଉପରେ ପଡ଼ିଛି ତାହା ଏବେ ରାଜ୍ୟର ବିଭିନ୍ନ ଜିଲାରେ ଦେଖିବାକୁ ମିଳୁଛି। ଚାଷକାର୍ଯ୍ୟ ପାଇଁ ଆଉ ନିର୍ଦ୍ଦିଷ୍ଟ ଅନୁକୂଳ ସମୟ ରହିନାହିଁ, ଯାହାର କୁପରିଣାମ ଚାଷୀମାନେ ଭୋଗୁଛନ୍ତି। ପ୍ରଥମେ ବର୍ଷାକୁ ଚାହିଁ ଗଜାମରୁଡ଼ିର ଶିକାର ହୋଇଥିବା କୃଷକ ସମ୍ପ୍ରତି ଅଦିନିଆ ବୃଷ୍ଟିପାତ ଯୋଗୁ ଫସଲ ହରାଇଛନ୍ତି। ଏହାସାଙ୍ଗକୁ ଦାଉ ସାଧୁଛି ରୋଗ ପୋକ। କିଛିବର୍ଷ ହେଲା ଏଭଳି ସ୍ଥିତି ଦେଖିବାକୁ ମିଳୁଥିଲେ ହେଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଦନୁଯାୟୀ ଯୋଜନା ପ୍ରସ୍ତୁତ କରି ଚାଷୀକୁଳକୁ ଆଶ୍ୱସ୍ତି ଦେବାରେ ବିଫଳ ହୋଇଛନ୍ତି। ବର୍ଷାର ପୂର୍ବାନୁମାନ ଓ ତଦନୁଯାୟୀ ଚାଷୀଙ୍କୁ ପରାମର୍ଶ ବ୍ୟବସ୍ଥା ମଧ୍ୟ ରାଜ୍ୟରେ ସୁଦୃଢ଼ ହୋଇପାରିନାହିଁ।

## ■ ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଲା ଅଦିନିଆ ବର୍ଷା
## ■ ଧାନ, ଅଣଧାନ ଫସଲ କ୍ଷତିଗ୍ରସ୍ତ



ରାୟଗଡ଼ା ଜିଲାର କାଦମ୍ବରୀଗୁଡ଼ା ଗ୍ରାମରେ ବର୍ଷାରେ ନଷ୍ଟ ହୋଇଥିବା ଧାନ।

**ରାୟଗଡ଼ା ଅଫିସ/ବିଞ୍ଝାରପୁର/ କବିସୂର୍ଯ୍ୟନଗର/ ପଦ୍ମପୁର/ତେଲକୋଇ/ ବାଙ୍ଗିରିପୋଷି(ଡି.ଏନ.ଏ.)/ ନାଉଗାଁ(ସ୍ୱ.ପ୍ର.),୧୪।୧୧**

ଚଳିତବର୍ଷର ଅସ୍ୱାଭାବିକ ବର୍ଷାରେ କ୍ଷତିଗ୍ରସ୍ତ ହୋଇ ଯାହା ବି ଧାନ ଓ ଅଣଧାନ ଫସଲ ବଞ୍ଚିଥିଲା ତାହା ଗତ ୩ ଦିନ ଧରି ଲଗାଣ ବର୍ଷାରେ ପ୍ରାୟ ଉଜୁଡ଼ିଯାଇଛି। ଏହାଦ୍ୱାରା ଋଣ ଶୁଝିବା ତ ଦୂରର କଥା ପରିବାର ପ୍ରତିପୋଷଣ ଚାଷୀମାନଙ୍କ ପାଇଁ ସମ୍ଭବ ହେବନାହିଁ। ସରକାର ତୁରନ୍ତ ସ୍ଥିତି ଅନୁଧ୍ୟାନ କରି କ୍ଷତିପୂରଣ ଏବଂ ଋଣ ଛାଡ଼ ଭଳି ପଦକ୍ଷେପ ଗ୍ରହଣ ନ କଲେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ପୁଣି ରାଜ୍ୟରେ ଦେଖାଦେବ ବୋଲି ଆଶଙ୍କା କରାଯାଉଛି।

ରାୟଗଡ଼ା ଜିଲାରେ ଧାନ, କପା ଭଳି ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ ଚାଷୀ ଧାନ କାଟି ଜମିରେ ରଖିଥିବା ବେଳେ ବର୍ଷାଜଳ ମାଡ଼ିଯାଇଛି। ଜିଲାରେ ୪୭ ହଜାର ହେକ୍ଟର ଜମିରେ ଧାନ ଏବଂ ୪୦ ହଜାର ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯାଇଛି। ଅମଳ ସମୟରେ ଲଗାଣ ବର୍ଷା ହେବାରୁ ଧାନ ଏବଂ କପା ଚାଷୀ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଧାନ ଏବେ ଗଜା ହେବା ପରିସ୍ଥିତିରେ ପହଞ୍ଚିଛି। ଆସନ୍ତା ୧୭ ତାରିଖରୁ ପୁଣି ଦକ୍ଷିଣ ଓଡ଼ିଶାରେ ବର୍ଷା ଆଶଙ୍କା ଥିବାରୁ ସ୍ଥିତି ଆହୁରି ବିଗିଡ଼ିଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ରାୟଗଡ଼ା ବ୍ଲକ କତାପେଟା ନିକଟସ୍ଥ କଦମ୍ବରୀଗୁଡ଼ାର ଚାଷୀ ହୀନ ସାହୁ(୫୩) କହିଛନ୍ତି, ୧୪ ତାରିଖ ବେଳକୁ ବର୍ଷା ହେବ ବୋଲି ଶୁଣିଥିଲୁ। ତେଣୁ ୧୨ରେ ଧାନକାଟି ଜମିରେ ପକାଇଥିଲୁ। ବର୍ଷା ହେବା ପୂର୍ବରୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପ୍ରସ୍ତୁତ ହେଉଥିଲୁ। ଏହା ପୂର୍ବରୁ ବର୍ଷା ହୋଇଯିବାରୁ ଆମେ ସମସ୍ୟାରେ ☞ପୃଷ୍ଠା-୪




# ଡିସେମ୍ବର ୧ରୁ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ବିଧାନସଭାର ଶୀତକାଳୀନ ଅଧିବେଶନ ଡିସେମ୍ବର ପହିଲାରୁ ଆରମ୍ଭ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଅଧିବେଶନର ପ୍ରଥମ ଦିନରେ ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଗୃହରେ ଆଗତ ହେବ। ରବିବାର ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ଶୀତ ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟଦିବସ ରହିଛି। ଏଥିରେ ଡିସେମ୍ବର ୧୦ ତାରିଖରେ ଅତିରିକ୍ତ ବଜେଟ୍ ଗୃହୀତ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରାଯିବ। ତେବେ ଡିସେମ୍ବର ୧୧ରୁ ୩୧ ପର୍ଯ୍ୟନ୍ତ ଗୃହର ଅଧିବେଶନରେ କି କାର୍ଯ୍ୟକ୍ରମ ହେବ ତାହା ସ୍ଥିରୀକୃତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପୀଡ଼ିତଙ୍କ ପାଇଁ ନୁହଁ

**ଆଜିର ମନ୍ତବ୍ୟ**

" ଭାଜପା ଭୋଟ ହାତେଇବା ପାଇଁ କଶ୍ମୀରୀ ପଣ୍ଡିତମାନଙ୍କ ଯନ୍ତ୍ରଣାକୁ ଅସ୍ତ୍ର କରି ବିଭାଜନବାଦୀ ରାଜନୀତି ଆପଣାଇଛି।

-ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା






# ଶାହାଙ୍କୁ ଜବାବ ଦେଲେ ଅଖିଳେଶ



କୁଶୀନଗରରେ ରବିବାର ସମାଜବାଦୀ ବିଜୟ ଯାତ୍ରାକୁ ସମ୍ବୋଧିତ କରୁଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ।

ଲକ୍ଷ୍ନୌ,୧୪।୧୧

ନିର୍ବାଚନମୁହାଁ ଉତ୍ତରପ୍ରଦେଶରେ ଜିନ୍ନା ବିବାଦ ଥମିବାର ନାଁ ନେଉନାହିଁ। ପାକିସ୍ତାନର ଜନକ ମହମ୍ମଦ ଅଲୀ ଜିନ୍ନାଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତୁଳନା କରି ବିବାଦୀୟ ହୋଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଟାର୍ଗେଟ କରିଥିଲେ। ଶାହାଙ୍କୁ ରବିବାର ତାଙ୍କ ଭାଷାର ଅଖିଳେଶ ଜବାବ ଦେଇଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶନିବାର ଆଜମଗଡ଼ରେ ସମାଜବାଦୀ ପାର୍ଟିକୁ 'ଜିନ୍ନା, ଆଜମ୍ ଖାନ୍ ଓ ମୁଖ୍‌ତାର ଅନ୍‌ସାରି'ଙ୍କ ଦଳ ଭାବେ ଅଭିହିତ କରି ଏହାର ସଂକ୍ଷିପ୍ତ ନାମ ରଖିଥିଲେ ଜେଏଏମ୍। ଏହାର ଜବାବରେ ଅଖିଳେଶ କହିଛନ୍ତି, ଭାଜପା ହେଉଛି ଅହଂକାର, ମିଛ ଓ ଦରଦାମ୍ ବୃଦ୍ଧିର ଦଳ। ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ସମସ୍ତଙ୍କ ପାଖରେ ଜନଧନ, ବ୍ୟାଙ୍କ ଆକାଉଣ୍ଟ, ଆଧାର ଏବଂ ମୋବାଇଲ୍ ଫୋନ୍ ରହିଥିବା ଦର୍ଶାଇ ଏହାକୁ 'ଜେଏଏମ୍' ଭାବେ ବ୍ୟାଖ୍ୟା କରିଥିଲେ। ଅଖିଳେଶ ଏବେ ଭାଜପାକୁ ଟାର୍ଗେଟ କରି 'ଜେଏଏମ୍' ଦଳ ଭାବେ ଅଭିହିତ କରିଛନ୍ତି। କୁଶୀନଗରରେ ଏକ ସଭାକୁ ସମ୍ବୋଧିତ କରି ଅଖିଳେଶ କହିଛନ୍ତି, ଭାଜପା ପାଇଁ ଜେ'ର ତାତ୍ପର୍ଯ୍ୟ ହେଉଛି ଝୁଠ୍ (ମିଛ), ଏ'ର ମାନେ ହେଉଛି ଅହଙ୍କାର ଏବଂ ଏମ୍'ରେ ମହଙ୍ଗା। ଏହି ଅବସରରେ ଅଖିଳେଶ ଦେଶରେ ପେଟ୍ରୋଲ, ଡିଜେଲ ଓ ଅନ୍ୟ ଜରୁରୀ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ନେଇ ଭାଜପାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମୁଣ୍ଡ ଉପରେ ୟୁପି ନିର୍ବାଚନ ଥିବାରୁ ଭାଜପା ଏବେ ଗରିବ ଲୋକଙ୍କୁ ତୁଷ୍ଟ କରିବାରେ ଲାଗିଛି। ଭାଜପା ଆଗକୁ କ୍ଷମତାରେ ରହିଲେ ପେଟ୍ରୋଲ ଲିଟର ପିଛା ୧୫୦ ଟଙ୍କା ହୋଇଯିବ। ସେମାନେ ନିର୍ବାଚନକୁ ଆଖି ଆଗରେ ରଖି ଏବେ ତେଲ ଦର ବଢ଼ାଉନାହାନ୍ତି ବୋଲି ଅଖିଳେଶ ସମାଲୋଚନା କରିଛନ୍ତି।

## ବୁଦ୍ଧମୂର୍ତ୍ତି ଧ୍ୱଂସକାରୀ ତାଲିବାନକୁ ଦଣ୍ଡ ଦେଉଛି ଆମେରିକା: ଯୋଗୀ

ଲକ୍ଷ୍ନୌ,୧୪।୧୧



ଗୌତମ ବୁଦ୍ଧ ମାନବଜାତି ପାଇଁ ଚିର ପ୍ରେରଣାର ଉତ୍ସ ଓ ଭକ୍ତିର କେନ୍ଦ୍ରବିନ୍ଦୁ ହୋଇ ରହିବେ। ତାଙ୍କ ମୂର୍ତ୍ତିକୁ ଭାଙ୍ଗିଥିବା ତାଲିବାନ୍‌କୁ ଆମେରିକା ଦଣ୍ଡ ଦେବାକୁ ଯାଇ ବୋମା ବର୍ଷଣ କରୁଛି। ତାଲିବାନ୍‌କୁ ଭଗବାନ ଦଣ୍ଡିତ କରୁଛନ୍ତି ବୋଲି ରବିବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବର୍ଷିଛନ୍ତି। ଲକ୍ଷ୍ନୌରେ ଆୟୋଜିତ ସାମାଜିକ ପ୍ରତିନିଧି ସମ୍ମିଳନୀରେ ଯୋଗୀ କହିଛନ୍ତି, ୨୦ ବର୍ଷ ତଳେ ଆଫଗାନିସ୍ତାନର ବାମିୟାନରେ ୨,୫୦୦ ବର୍ଷ ପ୍ରାଚୀନ ବୁଦ୍ଧମୂର୍ତ୍ତିକୁ ତାଲିବାନ୍ ଧ୍ୱଂସ କରିଦେଇଥିଲା। ତାଲିବାନ୍‌ର ବର୍ବରତାକୁ ସାରା ବିଶ୍ୱ ଦେଖିଛି। ବୁଦ୍ଧ ବିଶ୍ୱ ଉପରେ କେବେ ଯୁଦ୍ଧ ଲଦିଦେଇ ନ ଥିଲେ। କୌଣସି ଭାରତୀୟ କିମ୍ବା ବିଶ୍ୱରେ ଶାନ୍ତି ଓ ସହାବସ୍ଥାନ ଚାହୁଁଥିବା ବ୍ୟକ୍ତି ତାଲିବାନ୍‌ର ମୂର୍ତ୍ତି ଭଙ୍ଗା ଦୃଶ୍ୟକୁ ଭୁଲିପାରିବେ ନାହିଁ। ତାଲିବାନ୍‌ର ଏପରି କାଣ୍ଡ ଯୋଗୁ ଆତଙ୍କବାଦୀ ସଙ୍ଗଠନ ଉପରେ ଆମେରିକା କିଛିଦିନ ପୂର୍ବେ ବୋମା ପକାଇଥିଲା। ଏଥିରେ ଅନେକ ତାଲିବାନୀ ନିହତ ହୋଇଥିଲେ। ସେମାନେ ଯେପରି ବୁଦ୍ଧମୂର୍ତ୍ତିକୁ ଭାଙ୍ଗିଥିଲେ ଭଗବାନ ଅନୁରୂପ ଭାବେ ସେମାନଙ୍କୁ ଦଣ୍ଡିତ କରିଛନ୍ତି। ନିର୍ବାଚନମୁହାଁ ୟୁପିରେ ହିନ୍ଦୁ ଭୋଟ ହାତେଇବା ପାଇଁ ଭାଜପାର ଅଗ୍ନିବର୍ଷୀ ନେତା ଯୋଗୀ ସଂଖ୍ୟାଲଘୁଙ୍କୁ ଲଗାତର ଟାର୍ଗେଟ କରୁଥିବା ବିରୋଧୀ ସମାଲୋଚନା କରୁଛନ୍ତି। ଯୋଗୀଙ୍କ ସଦ୍ୟ ମନ୍ତବ୍ୟକୁ ଏହି କ୍ରମ ସହ ଯୋଡ଼ି ଦେଖାଯାଉଛି।

## ଏକାକୀ ଲଢ଼ିବ କଂଗ୍ରେସ

ବୁଲନ୍ଦସହର,୧୪।୧୧



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

୨୦୨୨ ୟୁପି ବିଧାନସଭା ନିର୍ବାଚନରେ କୌଣସି ଦଳ ସହ ମେଣ୍ଟ କରିବ ନାହିଁ କଂଗ୍ରେସ। ୪୦୩ ଆସନରେ ଦଳ ଏକାକୀ ଲଢ଼ିବ ବୋଲି ରବିବାର ସ୍ପଷ୍ଟ କରିଛନ୍ତି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

ବୁଲନ୍ଦସହରରେ ପ୍ରତିଜ୍ଞା ସମ୍ମିଳନୀ–ଲକ୍ଷ୍ୟ ୨୦୨୦କୁ ସମ୍ବୋଧିତ କରି ପ୍ରିୟଙ୍କା କହିଛନ୍ତି, ଆଗାମୀ ନିର୍ବାଚନୀ ଯୁଦ୍ଧ କଂଗ୍ରେସ ଏକାକୀ ଲଢ଼ି ବିଜୟୀ ହେବ। ୨୦୧୭ରେ ଉନ୍ନାଓ ବଳାତ୍କାର ମାମଲା ସାମ୍ନାକୁ ଆସିଥିବାବେଳେ ସେହିବର୍ଷ ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତାମାନଙ୍କ ଦେଖା ମିଳି ନ ଥିଲା। ୨୦୨୦ରେ ହାଥରସ ଗଣବଳାତ୍କାର ଓ ହତ୍ୟା ଘଟଣା ଦେଶକୁ ସ୍ତବ୍ଧ କରିଦେଇଥିବାବେଳେ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଏକୁଟିଆ ସାମ୍ନାକୁ ଆସିଥିଲା। ଏବେ ୟୁପି ନିର୍ବାଚନ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। 'କର ବା ମର' ସ୍ଥିତିରେ କଂଗ୍ରେସ କର୍ମୀମାନଙ୍କୁ ଲଢ଼ି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ପଡ଼ିବ। କଂଗ୍ରେସ କ୍ୟାଡରମାନେ ସୋସିଆଲ ମିଡିଆରେ ସକ୍ରିୟ ହୁଅନ୍ତୁ। ବିଭିନ୍ନ ପ୍ଲାଟଫର୍ମରେ ସେମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ପୋଷ୍ଟ କରନ୍ତୁ ବୋଲି ପ୍ରିୟଙ୍କା ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ଭାଜପାକୁ ଟାର୍ଗେଟ କରି କହିଛନ୍ତି, ୭୦ ବର୍ଷ ଧରି କଂଗ୍ରେସ ପେଟ୍ରୋଲ ଦର ୭୦ ଟଙ୍କାରୁ ଉପରକୁ ନ ଉଠିବା ନେଇ ନିଶ୍ଚିତ କରିଥିଲା। ହେଲେ କେନ୍ଦ୍ରରେ କ୍ଷମତାସୀନ ଗୈରିକ ଦଳ ବିଗତ ୭ ବର୍ଷ ମଧ୍ୟରେ ଏହାକୁ ୧୦୦ରୁ ଉପରକୁ ଉଠାଇଦେଇଛି।



ଶିମ୍ଲା: ସ୍ୱାଧୀନତାକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ଯୁବ କଂଗ୍ରେସ କର୍ମୀ।

# ନିର୍ବାଚନ ଲଢ଼ିବେ ସୋନୁଙ୍କ ଭଉଣୀ

**ଦଳର ନାଁ କହିଲେ ନାହିଁ**

ଚଣ୍ଡିଗଡ଼,୧୪।୧୧



ଖବରଦାତା ସମ୍ମିଳନୀରେ ଭଉଣୀ ମାଳବିକା ସୁଦ୍‌ଙ୍କ ସହ ବଲିଉଡ୍ ଅଭିନେତା ସୋନୁ ସୁଦ୍।

ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ଭଉଣୀ ମାଳବିକା ସୁଦ୍ ପଞ୍ଜାବର ମୋଗା ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବେ। ପଞ୍ଜାବର ମୋଗା ବାସଭବନରେ ଏକ ଖବରଦାତା ସମ୍ମିଳନୀରେ ସୋନୁ ଏନେଇ ସ୍ପଷ୍ଟ କରିଛନ୍ତି। କିନ୍ତୁ ମାଳବିକା କେଉଁ ଦଳରୁ ପ୍ରାର୍ଥୀ ହେବେ ସେନେଇ ମୁହଁ ଖୋଲିନାହାନ୍ତି।

ଆସନ୍ତା ବର୍ଷ ଫେବୃୟାରୀ–ମାର୍ଚ୍ଚରେ ପଞ୍ଜାବ ବିଧାନସଭା ନିର୍ବାଚନ ହେବ। ସୋନୁ ନିର୍ବାଚନ ଲଢ଼ିବାକୁ ମନା କରିଦେଇଥିବାବେଳେ ତାଙ୍କ ଭଉଣୀଙ୍କ ରାଜନୈତିକ ଭବିଷ୍ୟତ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ବେଳେ ଲୋକଙ୍କୁ ସାହାଯ୍ୟ କରି ବିପୁଳ ଲୋକପ୍ରିୟତା ହାସଲ କରିଥିବା ଆକ୍ଟର ସୋନୁ କହିଛନ୍ତି, ମାଳବିକା ଅତୀତରେ ଅନେକ ଭଲ କାମ କରିଛନ୍ତି। ସେ ପଞ୍ଜାବବାସୀଙ୍କ ସେବା କରିବେ। ତେବେ କେଉଁ ଦଳରୁ ନିର୍ବାଚନ ଲଢ଼ିବେ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଏନେଇ ନିଷ୍ପତ୍ତି ହୋଇ ନ ଥିବା ସୋନୁ କହିଛନ୍ତି। ସେହିପରି ନିକଟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ସହ ସୋନୁଙ୍କ ସାକ୍ଷାତକୁ ନେଇ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସୋନୁ କହିଥିଲେ ଉଭୟେ ଭଲ ଲୋକ। ଖୁବ୍‌ଶୀଘ୍ର ସେ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଅଧ୍ୟକ୍ଷ ସୁଖବୀର ସିଂ ବାଦଲଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ରଖିଥିବା କହିଛନ୍ତି।

# ରାଷ୍ଟ୍ରପତି ଦୌଡ଼ରେ ଗଦ୍ଦାଫିଙ୍କ ପୁଅ

ତ୍ରିପୋଲି,୧୪।୧୧

ଲିବ୍ୟାର ପୂର୍ବତନ ଏକଛତ୍ରବାଦୀ ଶାସକ ମୁଆମାର ଅଲ୍-ଗଦ୍ଦାଫିଙ୍କ ବଡ଼ପୁଅ ସୈଫ୍-ଅଲ୍-ଅସ୍‌ଲମ ଅଲ୍-ଗଦ୍ଦାଫି ଦେଶର ରାଷ୍ଟ୍ରପତି ଦୌଡ଼ରେ ସାମିଲ ହୋଇଛନ୍ତି। ଆସନ୍ତା ଡିସେମ୍ବର ୨୪ରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ସେ ରବିବାର ନାମାଙ୍କନପତ୍ର ଦାଖଲ କରିଥିବା ଲିବ୍ୟା ନିର୍ବାଚନ କମିଶନ କାର୍ଯ୍ୟାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଲିବ୍ୟା ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଜ ନାମ ପଞ୍ଜୀକରଣ କରିଥିବା ଅନ୍ୟମାନେ ହେଲେ ଇଷ୍ଟର୍ନ ମିଲିଟାରି କମାଣ୍ଡର ଖଲିଫା ହଫ୍‌ତାର, ପ୍ରଧାନମନ୍ତ୍ରୀ ଅବଦୁଲ୍ଲାହମିଦ୍ ଅଲ୍-ଦେଇବା ଏବଂ ପାର୍ଲାମେଣ୍ଟ ବାଚସ୍ପତି ଅଗୁଇଲା ସାଲେହ। ଆଶାୟୀଙ୍କ ତାଲିକାରେ ସବୁଠୁ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଭାବେ ଏବେ ଗଦ୍ଦାଫିଙ୍କ ୪୯ ବର୍ଷୀୟ ପୁଅ ସୈଫ୍ ଯୋଡ଼ି ହୋଇଛନ୍ତି। ଧୂସର ଦାଢ଼ି ଓ ଚଷମାଧାରୀ ସୈଫ୍ ସେଭା ସହରସ୍ଥିତ ପଞ୍ଜୀକରଣ କେନ୍ଦ୍ରରେ ନାମାଙ୍କନ ପାଇଁ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଫଟୋଗୁଡ଼ିକରେ ତାଙ୍କୁ ପାରମ୍ପରିକ ବ୍ରାଉନ୍ ରୋବ୍ ଓ ଟର୍ବାନରେ ଦେଖିବାକୁ ମିଳିଛି।

ଡିସେମ୍ବର ୨୪ ନିର୍ବାଚନକୁ ଲିବ୍ୟାର ଅଧିକାଂଶ ଗୋଷ୍ଠୀ ଓ ବିଦେଶୀ ଶକ୍ତିଙ୍କ ସମର୍ଥନ ମିଳିଥିଲେ ହେଁ ବିଦ୍ରୋହୀ ଗୋଷ୍ଠୀଙ୍କ ବିରୋଧ ଯୋଗୁ ଧାର୍ଯ୍ୟ ତାରିଖରେ ଭୋଟ ହେବା ନେଇ ସନ୍ଦେହ ଉପୁଜିଛି। ମତଦାନରେ କେହି ବିଭ୍ରାଟ ସୃଷ୍ଟି କଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁକ୍ରବାର ପ୍ୟାରିସରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ସହମତି ପ୍ରକାଶ ପାଇଥିଲା। ତେବେ ରାଷ୍ଟ୍ରପତି ପଦ ପାଇଁ କେଉଁମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ସେନେଇ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଗଦ୍ଦାଫିଙ୍କ ପତନ ପରଠାରୁ ଦେଶରେ ସୃଷ୍ଟି ହୋଇଥିବା ଅରାଜକତା, ଅସ୍ଥିରତା ଓ ହିଂସାକୁ ସୈଫ୍ ପ୍ରସଙ୍ଗ କରିପାରନ୍ତି। କିନ୍ତୁ ସେ ଏହି ଦୌଡ଼ରେ ଆଗରେ ରହି ନ ପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ପ୍ରକାଶ ଯେ, ୧୯୪୨ରେ ଲିବ୍ୟାର ସୁର୍ଟରେ ଜନ୍ମିତ ଗଦ୍ଦାଫି ୪ ଦଶନ୍ଧି ଧରି ଦେଶକୁ ଶାସନ କରିଥିଲେ। ୨୦୧୧ ଅଗଷ୍ଟରେ ତାଙ୍କ ବିରୋଧରେ ଏକ ବଡ଼ଧରଣର ବିଦ୍ରୋହ ଆରମ୍ଭ ହୋଇଥିଲା। ଧରାପଡ଼ିବା ଭୟରେ ସେ କିଛିମାସ ଧରି ଆତ୍ମଗୋପନ କରିଥିଲେ। ନାଟୋ ସମର୍ଥିତ ବିଦ୍ରୋହୀ ଗୋଷ୍ଠୀ ୨୦୧୧ ଅକ୍ଟୋବର ୨୦ରେ ତାଙ୍କୁ ହତ୍ୟା କରିଥିଲା।



ନାମାଙ୍କନ ପାଇଁ ଦସ୍ତାବିଜରେ ସ୍ୱାକ୍ଷର କରୁଛନ୍ତି ସୈଫ୍-ଅଲ୍-ଅସ୍‌ଲମ ଅଲ୍-ଗଦ୍ଦାଫି।

## ତଦନ୍ତ ନ ସରୁଣୁ ମନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍: ଭାଜପା



ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ମମିତା ମେହେର ହତ୍ୟା ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇନାହିଁ କିନ୍ତୁ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଶନିବାର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ନା ମନ୍ତ୍ରୀଙ୍କ କଲ୍ ରେକର୍ଡ ଯାଞ୍ଚ ହୋଇଛି, ନା ରାୟପୁର ଘରକୁ ପୋଲିସ ଯାଇଛି। ଡିଆଇଜି ଯଦି କହିବେ ଦିବ୍ୟଶଙ୍କର ଦୋଷୀ ନୁହନ୍ତି ତେବେ ତଦନ୍ତକାରୀ ଅଧିକାରୀ କ'ଣ ତାଙ୍କ ଉପରକୁ ଯାଇ ତଦନ୍ତ କରିବେ। ପୋଲିସ ବର୍ଦ୍ଦିରେ ଥାଇ ଡିଆଇଜି ବିଜେଡିର ମୁଖପାତ୍ର ସାଜୁଥିବା ଅଭିଯୋଗ ଆଣି ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ରବିବାର ଟାର୍ଗେଟ୍ କରିଛନ୍ତି।

ଲେଖାଶ୍ରୀ କହିଛନ୍ତି, ମନ୍ତ୍ରୀ ମହାଲିଙ୍ଗରେ ରାତ୍ରିଯାପନ କରୁଥିଲେ। ସେଠାରେ ସେକ୍ସ ର୍‍ୟାକେଟ ଚାଲିଥିଲା ବୋଲି ମମିତାଙ୍କ ବାପା ଅଭିଯୋଗ କରିଛନ୍ତି। ମମିତାଙ୍କ ବାପା ଭିଡିଓରେ କହିଛନ୍ତି, ସ୍କୁଲରେ ଅନୈତିକ କାର୍ଯ୍ୟ ଚାଲିଥିଲା, ସେକଥା ମମିତା ଜାଣିଥିଲା। ତାକୁ ହଟାଇବାକୁ ଗୋବିନ୍ଦ ସାହୁ ଷଡ଼ଯନ୍ତ୍ର କରି କାର୍ଯ୍ୟକାରୀ କଲେ। ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଏହାର ରେକର୍ଡିଂ କରାଯାଇଛି। ଏହା ସତ୍ତ୍ୱେ ପୋଲିସ ସେ ଦିଗରେ ତଦନ୍ତ କରୁନି। ବିନା ଯାଞ୍ଚରେ, ପଚରାଉଚରାରେ ଡିଆଇଜି କିପରି ମନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍ ଦେଉଛନ୍ତି। ଏହା ସମ୍ପୂର୍ଣ୍ଣ ଅନୈତିକ, ଅସାମ୍ବିଧାନିକ ତଥା ଡିଆଇଜିଙ୍କ କ୍ଷମତା ପରିସର ବାହାରେ। ମନ୍ତ୍ରୀଙ୍କ ରାୟପୁର ଘରେ ବୈଠକ ହୋଇଥିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ପୋଲିସ ଟିମ୍ ସେଠାକୁ ଯାଇଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାୟପୁର ଘରେ ବୈଠକ ହୋଇ ନାହିଁ ବୋଲି କେଉଁ ଆଧାରରେ କହିଲେ। କଲ୍ ରେକର୍ଡ ଯାଞ୍ଚ ହୋଇନାହିଁ। ଯେଉଁସବୁ ଜିନିଷ କ୍ରାଇମ ସ୍ପଟ୍‌ରୁ ଜବତ ହେଲା ସେସବୁ କୋର୍ଟରେ ପ୍ରଡ୍ୟୁସ୍ କଲେନାହିଁ। ଏହି ପୋଲିସ ଅଧିକାରୀ କେଉଁ ଆଇନ ବଳରେ କାମ କରୁଛନ୍ତି ବୋଲି ଲେଖାଶ୍ରୀ ପଚାରିଛନ୍ତି।

ଭାଜପା ମତ ଉପରେ ପ୍ରତିକ୍ରିୟା ରଖି ବିଜେଡିର ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି, ପୋଲିସ ତଦନ୍ତ ବିଷୟରେ ଜ୍ଞାନର କେତେ ଅଭାବ ରହିଛି, ତାହା ମୁଖା ଖୋଲି ଦେଇଛି। ବୋଧହୁଏ ସେ ଜଣେ ପୋଲିସ ଅଫିସର ହେବାକୁ ଚାହୁଁଥିଲେ ଏବଂ ବିଫଳ ହୋଇଛନ୍ତି। ଲେଖାଶ୍ରୀ ଜଣେ ପୋଲିସ ଅଫିସରଙ୍କ ଭଳି ଅଭିନୟ କରି ମନଇଚ୍ଛା, ଭିତ୍ତିହୀନ ବିବୃତିମାନ ଦେଇ ନିଜ ପିଲାଦିନର ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି। ଆମେ ଆଉଥରେ ତାଙ୍କୁ ଅନୁରୋଧ କରୁଛୁ, ଯଦି ତାଙ୍କ ନିକଟରେ ପ୍ରମାଣ ଥିଲେ ସେ କୋର୍ଟକୁ ଯାଆନ୍ତୁ।

# ମମିତା ହତ୍ୟାକାଣ୍ଡ: ଥମୁନି ରାଜନୀତି

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

- କନ୍ଧମାଳ ଦଙ୍ଗା ଏବଂ ସି-ସୋର ଦୁର୍ନୀତି କଥା ଉଠାଇଲା କଂଗ୍ରେସ
- ନବୀନ ନିବାସରେ ଗୋବିନ୍ଦ ସାହୁ ଫଟୋକୁ ନେଇ ବିଜେଡିକୁ ଟାର୍ଗେଟ



ମମିତା ହତ୍ୟା ମାମଲାରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଜୋର୍ ଧରିଛି। ବିଶେଷକରି ବିଜେଡି ଓ କଂଗ୍ରେସ ପରସ୍ପରକୁ ଦୋଷାରୋପ କରୁଛନ୍ତି। ଶନିବାର କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଏହି ମାମଲାରେ ବିଜେଡିର କାର୍ଯ୍ୟଧାରା ଓ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଥିଲେ। ଜବାବରେ ବିଜେଡି 'ଓଡ଼ିଶା କଂଗ୍ରେସ' ଭାଜପାର ବି–ଟିମ୍ ବୋଲି କହିବା ସହ ଭକ୍ତ ଓ ତାଙ୍କ ପୁଅ କ୍ରାନ୍ତି ଦାସଙ୍କର ମହାଲିଙ୍ଗ କଲେଜର ପ୍ରତ୍ୟକ୍ଷ ସମ୍ପର୍କକୁ ନେଇ ଆରୋପ ଲଗାଇଥିଲା। ରବିବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର ପୁଣି ବିଜେଡିକୁ ଟାର୍ଗେଟ କରିଛନ୍ତି। କେତେବେଳେ ଶାସକ ବିଜେଡି ତ ଆଉ କେତେବେଳେ ରାଜ୍ୟ ସରକାର ପୋଲିସ ଡିଆଇଜିଙ୍କ ମାଧ୍ୟମରେ ଖବରଦାତା ସମ୍ମିଳନୀ କରି ତଦନ୍ତକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଥିବା ସେ ଗୁରୁତର ଅଭିଯୋଗ ଆଣିଛନ୍ତି।

ସେ କହିଛନ୍ତି, ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କଂଗ୍ରେସର ଆନ୍ଦୋଳନକୁ ନେଇ ଅଭିଯୋଗ କରୁଛନ୍ତି। 'ଓଡ଼ିଶା କଂଗ୍ରେସ' ଭାଜପାର 'ବି–ଟିମ୍' ବୋଲି କହିବା ହାସ୍ୟାସ୍ପଦ ଓ ପାଗଳର ପ୍ରଳାପ। ୨୦୦୭ କନ୍ଧମାଳ ଦଙ୍ଗାରେ ସସ୍ମିତଙ୍କ ପରିବାରର ହାତ ଥିଲା। ସେତେବେଳେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଅନୁଧ୍ୟାନ କରିବା ପରେ ସସ୍ମିତଙ୍କୁ ଦଳରୁ ବାହାର କରାଯାଇଥିଲା। ୨୦୧୦ରେ ତାଙ୍କ ପିତା ସ୍ୱରୂପାନନ୍ଦ ପାତ୍ର ଏକ ଖବରଦାତା ସମ୍ମିଳନୀରେ ଦଙ୍ଗା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଥିଲେ। ତେଣୁ କଂଗ୍ରେସ ବିରୋଧରେ ସସ୍ମିତଙ୍କ ବୟାନ ପାଗଳାମୀ ପରି ମନେ ହେଉଛି। ଭକ୍ତ ଦାସଙ୍କୁ ବ୍ୟକ୍ତିଗତ ରାଜନୈତିକ ସ୍ତରରେ କୁତ୍ସାରଟନା କଲେ ମଧ୍ୟ ଶାସକ ଦଳକୁ କିଛି ସୁଫଳ ମିଳିବ ନାହିଁ। ଭକ୍ତଙ୍କ ପୁଅ କ୍ରାନ୍ତି ଦାସ ମହାଲିଙ୍ଗ କଲେଜରେ ପରିଚାଳନା କମିଟିରେ ସଭାପତି ଥିଲେ। ମାତ୍ର ସେ ୨୦୧୩ରୁ ପଦ ଛାଡ଼ି ଦେଇଛନ୍ତି। ବିଜେଡି ଯଦି ଏବେ ସେହିକଥା କହି ଫଟୋ ଦେଖାଏ, ତେବେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ମମିତା ହତ୍ୟାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁର ଫଟୋକୁ ନେଇ ମହାପାତ୍ର ବିଜେଡିକୁ ପ୍ରଶ୍ନ କରିଛନ୍ତି। ସେହିପରି ସି–ସୋର୍ ଚିଟ୍‌ଫଣ୍ଡ ଦୁର୍ନୀତିର ଅଭିଯୁକ୍ତଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଦେଖାଇଛନ୍ତି। ମମିତା ମେହେର ହତ୍ୟାକାଣ୍ଡରେ ପାପ ଓ ପାପୀ ଶଙ୍ଖାସୁର କେବେ ନିସ୍ତାର ପାଇବେ ନାହିଁ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

## ବିଜେଡିର ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି ଡିଆଇଜି: ସାଲୁଜା

ବଲାଙ୍ଗୀର ଅଫିସ, ୧୪।୧୧

ମମିତା ହତ୍ୟା ମାମଲାର ତଦନ୍ତକୁ ନେଇ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଉତ୍ତରାଞ୍ଚଳ ଡିଆଇଜି ବିଜେଡିର ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି। ପୋଲିସ ତଦନ୍ତ ନାଁରେ ପ୍ରମାଣ ନଷ୍ଟ କରିଛି। ଅକ୍ଟୋବର ୧୩ରେ ଏଫ୍‌ଆଇଆର ମିଳିଥିଲା ଓ ଏହାକୁ ସେହିଦିନ ରେଜିଷ୍ଟ୍ରି କରାଯାଇଛି ବୋଲି ଡିଆଇଜି ପ୍ରେସ୍‌ମିଟରେ ଭୁଲ ତଥ୍ୟ ଦେଇଛନ୍ତି। ଅକ୍ଟୋବର ୧୧ରେ ପୀଡ଼ିତାଙ୍କ ପରିବାର କେଗାଁ ଥାନାରେ କରିଥିବା ଅଭିଯୋଗକୁ ପୋଲିସ ରଖି ନ ଥିଲା। ସିନ୍ଧେକେଲା ଥାନାରେ ହୋଇଥିବା ଅଭିଯୋଗକୁ ପୋଲିସ ସେହିଦିନ ରେଜିଷ୍ଟ୍ରି କରିଥିବା କହୁଥିଲେ ମଧ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରି ନ ଥିଲା କି କୋର୍ଟଚାଲାଣ କରି ନ ଥିଲା। ଡିଆଇଜି ୧୩ରୁ ୧୫ ତାରିଖ ଛୁଟି ଥିବା କଥା କହୁଛନ୍ତି। ମାତ୍ର ଛୁଟି ଥିଲେ ମଧ୍ୟ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ଅଭିଯୁକ୍ତଙ୍କୁ ହାଜର କରି ରିମାଣ୍ଡରେ ନେଇପାରିଥାନ୍ତେ। ମାତ୍ର ତାହା କଲେନାହିଁ। ଗୋବିନ୍ଦ ସାହୁଙ୍କୁ ପୋଲିସ ବାରାକ୍‌ରେ ଜ୍ୱାଇଁପୁଅ ଭଳି ରଖାଯାଇଥିଲା। ସେ ୧୦ଫୁଟର ପାଚେରି କିଭଳି ଭାବେ ଡେଇଁଲେ ବୋଲି ସାଲୁଜା ପ୍ରଶ୍ନ କରିଛନ୍ତି। ଏ ପର୍ଯ୍ୟନ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କିମ୍ବା ମମିତାଙ୍କ ମୋବାଇଲ ସିଜ୍ ହୋଇନାହିଁ।

## କଂଗ୍ରେସ ବିନା ପ୍ରମାଣରେ ଅଭିଯୋଗ ଆଣୁଛି: ବିଜେଡି

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ କଂଗ୍ରେସ ପ୍ରମାଣ ବିହୀନ ତଥା କୁତ୍ସିତ ଅଭିଯୋଗ ଉଠାଇଛି ବୋଲି ବିଜେଡି କହିଛି। ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କ ବିଷୟରେ ସତ୍ୟ ତଥ୍ୟ ବାହାରକୁ ଆସିବା ପରେ ପ୍ରଦେଶ କଂଗ୍ରେସ ଭୟଭୀତ ହୋଇପଡ଼ିଥିବା ବିଜେଡି ମୁଖପାତ୍ର ଚିନ୍ମୟ ସାହୁ ସାହୁ କହିଛନ୍ତି। କଂଗ୍ରେସ ଖବରଦାତା ସମ୍ମିଳନୀର ଜବାବ ଦେଇ ରବିବାର ସାହୁ କହିଛନ୍ତି, ଯଦି କଂଗ୍ରେସ ଲଗାଇଥିବା ଆରୋପର କୌଣସି ପ୍ରମାଣ ଅଛି, ତେବେ ସେମାନେ ଏହାକୁ କୋର୍ଟକୁ ଦିଅନ୍ତୁ ଏବଂ କୋର୍ଟ ଏହା ଉପରେ ନିଷ୍ପତ୍ତି ନେବ। ଯେହେତୁ ଆମର ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଭକ୍ତ ଦାସ ମହାଲିଙ୍ଗ କଲେଜ ସହ ଜଡ଼ିତ ଥିବାର ପ୍ରମାଣ ସହିତ ସତ୍ୟ ଉନ୍ମୋଚନ କରିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଓଡ଼ିଶା କଂଗ୍ରେସ ଆମ ରାଷ୍ଟ୍ରୀୟ ମୁଖପାତ୍ର ସୁସ୍ମିତ ପାତ୍ରଙ୍କ ସ୍ୱର୍ଗୀୟ ପିତା ସ୍ୱରୂପାନନ୍ଦଙ୍କ ଉପରେ ବ୍ୟକ୍ତିଗତ ଆକ୍ରମଣ କରିଛି। ଏହି ଘୃଣ୍ୟ ପାପ ପାଇଁ ଓଡ଼ିଶାବାସୀ କଂଗ୍ରେସକୁ କ୍ଷମା କରିବେ ନାହିଁ ବୋଲି ସାହୁ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୩୮,୯୭,୬୭୫ | ୫୧,୧୪,୦୦୬ | ୨୨,୯୫,୮୦,୮୦୨ |
| ଭାରତ | ୩,୪୪,୩୭,୩୦୭ | ୪,୬୩,୫୩୦ | ୩,୩୮,୩୭,୮୫୯ |
| ଓଡ଼ିଶା | ୧୦,୪୫,୪୭୧ | ୮୩୭୭(+୫୩) | ୧୦,୩୪,୫୦୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର






# ରୂପାନ୍ତରର ପ୍ରଥମ ପାହାଚ ଶିକ୍ଷା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

ରାଜ୍ୟରେ ଏବେ ୫-ଟି କାର୍ଯ୍ୟକ୍ରମ ଅଧୀନରେ ସ୍କୁଲ ରୂପାନ୍ତରଣ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ ଜିଲାରୁ ୧,୦୭୫ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ ହେବ। ତେବେ ରବିବାର ଦ୍ୱିତୀୟ ଦିନ ଶିଶୁ ଦିବସରେ ବୌଦ୍ଧ, ସୋନପୁର, ଭଦ୍ରକ ଓ କେନ୍ଦୁଝର ଆଦି ୪ଟି ଜିଲାର ୧୩୮ଟି ରୂପାନ୍ତର ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। କେବଳ କେନ୍ଦୁଝରରେ ୧୦୦ ରୂପାନ୍ତରିତ ସ୍କୁଲ ଲୋକାର୍ପିତ ହୋଇଥିବାବେଳେ ବୌଦ୍ଧ ୧୦ଟି, ସୋନପୁର ୧୧ଟି ଓ ଭଦ୍ରକର ୧୭ଟି ସ୍କୁଲ ରହିଛି। ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁ ଦିବସ ପାଇଁ ପିଲାଙ୍କୁ ଶୁଭେଚ୍ଛା ଜଣାଇ କହିଲେ, ଶିକ୍ଷା ବିକାଶ କ୍ଷେତ୍ରରେ ରାଜ୍ୟରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଶିକ୍ଷା ହେଉଛି ରୂପାନ୍ତରର ପ୍ରଥମ ପାହାଚ। ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ପାଠ ସହ କ୍ରୀଡ଼ା, ସଙ୍ଗୀତ ସବୁ କ୍ଷେତ୍ରରେ ଓଡ଼ିଶାର ଗୌରବ ବଢାନ୍ତୁ। ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣନ୍ତୁ। ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଓ ଜୀବନର ସବୁ ଚ୍ୟାଲେଞ୍ଜକୁ ସାମନା କରିବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରର ଲକ୍ଷ୍ୟ। ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସହର ଓ ଗାଁ ର ସ୍କୁଲମାନଙ୍କ ଭିତରେ ଥିବା ତଫାତକୁ ଦୂର କରିଛି। ଗାଁର ସ୍କୁଲରେ ଆଜି ସହରର ଭଲ ଭଲ ବେସରକାରୀ ସ୍କୁଲର ପରିବେଶ ସୃଷ୍ଟି ହୋଇଛି। ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କ ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଯେପରି ସାକାର ହୋଇପାରିବ, ସେଥିପାଇଁ ରାଜ୍ୟ ସରକାର ୧୫ ପ୍ରତିଶତ ଆସନ ସଂରକ୍ଷିତ କରିଛନ୍ତି। ପିଲାମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ମାତୃଭୂମି ଓ ପରିବାର ପରେ ସ୍କୁଲ ହେଉଛି ଆମର ସବୁଠାରୁ ବଡ଼ ପରିଚୟ। ମୋର ପୂରା ବିଶ୍ୱାସ, ତୁମେମାନେ ଭଲ ପାଠପଢ଼ି ଭଲ କାମ କରି ଏ ପରିଚୟକୁ ରାଜ୍ୟର ଗୌରବରେ ପରିଣତ କରିପାରିବ।

କାର୍ଯ୍ୟକ୍ରମରେ ୪ଟି ଜିଲାର ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସମ୍ପର୍କରେ ନିଜର ମନ କଥା କହିଥିଲେ। ଯସ୍ମିନ ରଣା, ତୁଳସୀ ସାହୁ, ଉତ୍ପଳିକା ପଲାଇ ଓ ଲୋପାମୁଦ୍ରା ମହାନ୍ତ ପ୍ରମୁଖ ଛାତ୍ରୀ କହିଥିଲେ, ଆଗ ଅପେକ୍ଷା ସ୍କୁଲ ବହୁତ ଭଲ ଲାଗୁଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରେମାନନ୍ଦ ନାୟକ, ବିଧାୟକ ପ୍ରଦୀପ ଅମାତ୍, ବ୍ୟୋମକେଶ ରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସମ୍ପର୍କରେ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ୪ ଜିଲାର ୧୩୮ ରୂପାନ୍ତରିତ ସ୍କୁଲ ଲୋକାର୍ପିତ



# ଏକାମ୍ର ହାଟରେ ଖୋଲିଲା ମୁକ୍ତ ପାଠାଗାର

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

ଶିଶୁ ଦିବସ ଅବସରରେ ରବିବାର ଏକାମ୍ର ହାଟଠାରେ ମୁକ୍ତ ପାଠାଗାର ଖୋଲିଛି। ବହି ପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ବଢାଇବା ପାଇଁ ହସ୍ତଶିଳ୍ପ ବିଭାଗ ଅଧୀନ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଏବଂ ବକୁଳ ଫାଉଣ୍ଡେଶନ ମିଳିତ ଭାବେ ଏହି ପ୍ରୟାସ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ପାଠାଗାରଟିକୁ ଉଦ୍‌ଘାଟନ କରିଛନ୍ତି।

ଅଭିନବ ଭାବେ ଏହି ମୁକ୍ତ ପାଠାଗାର ସ୍ଥାପନ କରାଯାଇଛି। ପୁରୁଣା ବଡ଼ ରେଫ୍ରିଜରେଟରରେ କାଚ ଲଗାଇ ଏହାକୁ ପୁନର୍ବ୍ୟବହୃତ କରାଯାଇ ପୁସ୍ତକ ରଖିବା ସହ ପାଠାଗାର ସ୍ଥାପନ କରାଯାଇଛି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରେଫ୍ରିଜରେଟରରେ ପଟ୍ଟଚିତ୍ର କାରୁକାର୍ଯ୍ୟ କରାଯାଇ ଏହାର ଶୋଭା ବର୍ଦ୍ଧନ କରାଯାଇଛି। ପାଠାଗାରରେ ସବୁ ବର୍ଗ ଓ ବୟସର ପାଠକଙ୍କ ନିମନ୍ତେ ଉଭୟ ଇଂଲିଶ ଓ ଓଡିଆ ଭାଷାରେ ପ୍ରାୟ ୨ଶହଟି ପୁସ୍ତକ ରଖାଯାଇଛି। ଏହି ପାଠାଗାର ସ୍ୱୟଂଚାଳିତ। ଯେ କୌଣସି ପାଠକ ନିଜେ ପୁସ୍ତକ ଚୟନ କରି ସେଠାରେ ପଢି ପାରିବ। ଏକାମ୍ର ହାଟରେ ଦର୍ଶକମାନେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟର ମଜା ନେବା ସହ ପୁସ୍ତକକୁ ନୂତନ ବନ୍ଧୁ ରୂପେ ପାଇପାରିବେ। ବ୍ୟକ୍ତିବିଶେଷ ଚାହିଁଲେ ପାଠାଗାର ନିମନ୍ତେ ପୁସ୍ତକ ଦାନ ମଧ୍ୟ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏକାମ୍ର ହାଟ ପ୍ରତ୍ୟହ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି। ପାଠାଗାର ମଧ୍ୟ ଏହି ସମୟରେ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା, ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ପାଠାଗାର ଉଦ୍‌ଘାଟନ କରୁଛନ୍ତି।

# ୨୪ଜଣଙ୍କୁ ‘ବାଳସାହିତ୍ୟ ପୁରସ୍କାର’



କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ରବିବାର ବାଳ ସାହିତ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ପୁରସ୍କୃତ ପ୍ରତିଭା ଓ ଉପସ୍ଥିତ ଅତିଥି।

## ଓଡ଼ିଶାରୁ ରାମଚନ୍ଦ୍ର, ଜୟରାମ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

କେନ୍ଦ୍ରସାହିତ୍ୟଏକାଡ଼େମୀପକ୍ଷରୁ୨୦୨୦ମସିହାପାଇଁ‘ବାଳସାହିତ୍ୟ ପୁରସ୍କାର’ ପ୍ରଦାନ କରାଯାଇଛି। ଶିଶୁ ଦିବସ ଅବସରରେ ରବିବାର ସୂଚନା ଭବନରେ ଆୟୋଜିତ ଉତ୍ସବରେ ଓଡ଼ିଶାର ରାମଚନ୍ଦ୍ର ନାଏକ ଓ ଜୟରାମ ଟୁଡୁଙ୍କ ସମେତ ମୋଟ ୧୯ଜଣଙ୍କୁ ପୁରସ୍କୃତ କରାଯାଇଛି। ୨୪ ଭାଷାରେ ୨୪ଜଣଙ୍କୁ ଏହି ପୁରସ୍କାର ଦିଆଯିବାର ଥିଲା। ବାକି ୫ଜଣ କାର୍ଯ୍ୟକ୍ରମରେ ଉପସ୍ଥିତ ନ ଥିବାରୁ ସେମାନଙ୍କୁ ବ୍ୟକ୍ତିଗତ ଭାବେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କବି ରମାକାନ୍ତ ରଥ ଯୋଗଦେଇ କହିଲେ, ଶିଶୁ ସାହିତ୍ୟିକଙ୍କୁ ଅନେକ ବ୍ୟକ୍ତି ଏକ ଭିନ୍ନ ଦୃଷ୍ଟିରେ ଦେଖିଥା’ନ୍ତି। କିନ୍ତୁ ଶିଶୁ ଭଲ କଥା ପଢ଼ିଲେ ସମାଜ ଉପରେ ଭଲ ପ୍ରଭାବ ପଡ଼ିଥାଏ। ତେଣୁ ଶିଶୁ ସାହିତ୍ୟିକଙ୍କ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ। ଏକାଡେମୀ ଉପସଭାପତି ମାଧବ କୌଶିକ ଉପସ୍ଥିତ ଥିବାବେଳେ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ।

ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱମାନେ ହେଲେ ମଧୁରିମା ଘରଫଳୀୟା (ଅସମିୟା), ଅଜିତ୍ ବୋରୋ(ବୋଡ଼ୋ), ଶିବଦେବ ସିଂହ ସୁଶୀଲ (ଡ଼ୋଗ୍ରୀ), ଭିନୀତା କୋଏଲା (ଇଂଲିଶ), ନଟବରଲାଲ ଗିରିଧର ଦାସ ପଟେଲ (ଗୁଜରାଟି), ଏଚ୍‌ଏସ୍ ବ୍ୟାକୋଡ଼ (କନ୍ନଡ଼), ସୟଦ ଅଖତାର ହୁସେନ୍ (କଶ୍ମୀର), ଭି. କ୍ରିଷ୍ଣା ଭଦ୍ୟାର (କୋଙ୍କଣି), ସିୟାରାମ୍ ଝା ‘ସାରାସ୍’ (ମୈଥିଳି), ନାଓରେମ ବିଦ୍ୟାସାଗର ସିଂହ (ମଣିପୁରୀ), ଆବା ଗୋବିନ୍ଦ ମହାଜନ (ମରାଠୀ), ଧ୍ରୁବ ଚୌହାନ (ନେପାଳୀ), ରାମଚନ୍ଦ୍ର ନାୟକ (ଓଡ଼ିଆ), ମଙ୍ଗତ ବାଦଲ(ରାଜସ୍ଥାନୀ), ଅରବିନ୍ଦ କୁମାର ତିୱାରୀ(ସଂସ୍କୃତ), ଜୟରାମ ଟୁଡୁ (ସାନ୍ତାଳୀ), ଏସ୍. ବାଲକ୍ରିଷ୍ଣନ(ତାମିଲ), କନ୍ନେଗନ୍ତୀ ଅନସୂୟା(ତେଲୁଗୁ) ଓ ହାଫିଜ୍ କର୍ନାଟକୀ(ଉର୍ଦ୍ଦୁ) ଉପସ୍ଥିତ ଥିଲେ। ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ଗୀତଗୋବିନ୍ଦ ସଦନରେ ଆୟୋଜିତ ଲେଖକ ସମ୍ମିଳନୀରେ ପୁରସ୍କୃତ ଶିଶୁ ସାହିତ୍ୟିକମାନେ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିବେ ବୋଲି ଏକାଡ଼େମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ବିଜୟାନନ୍ଦ ସିଂହ ସୂଚନା ଦେଇଛନ୍ତି। ପ୍ରଥମଥର ପାଇଁ ଓଡ଼ିଶାରେ ବାଳସାହିତ୍ୟ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହେଉଥିବାରୁ ସାହିତ୍ୟିକ ମହଲରେ ଉତ୍ସାହ ପ୍ରକାଶ ପାଇଥିଲା।

# ଦୁର୍ଘଟଣା ନେଲା ୬ ଜୀବନ

## ମୃତକଙ୍କ ମଧ୍ୟରେ ବରଗଡ଼ରୁ ୪, କନ୍ଧମାଳରୁ ୨

**ବରଗଡ଼ ଅଫିସ୍/ ରାଇକିଆ(ଡି.ଏନ୍.ଏ.), ୧୪।୧୧**

ରାଜ୍ୟର ପୃଥକ୍ ସ୍ଥାନରେ ରବିବାର ଦୁର୍ଘଟଣା ଘଟି ୬ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବରଗଡ଼ ଜିଲାର ୪ଜଣ ଏବଂ କନ୍ଧମାଳ ଜିଲାର ୨ ଜଣ ରହିଛନ୍ତି।

ବରଗଡ଼ ଜିଲା ବିଜେପୁର-ପଦ୍ମପୁର ରାସ୍ତାର ଦୁବଲାବାହାଲ ନିକଟରେ ଭୋର୍ ସମୟରେ ଏକ କାଠପଟା ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଆର୍ ୧୫ଜି-୩୧୫୧) ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଇଟାଗଦାରେ ପିଟି ହୋଇଯାଇଥିଲା। ଏଥିରେ ଭ୍ୟାନ୍ ଡ୍ରାଇଭର ତାଳପଦର ଗ୍ରାମର ଗଦନ ସାହୁ ଏବଂ ହେଲ୍‌ପର କାର୍ତ୍ତିକ ବାଗଙ୍କ ମୃତ୍ୟୁ ଘଟିଛି। ମେଲଛାମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗାଡ଼ିରେ କାଠପଟା ଚୋରାଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ପୋଲିସ ପିକ୍‌ଅପ୍ ଭ୍ୟାନକୁ ଜବତ କରି ତଦନ୍ତ ଚଳାଇଛି।

ସେହିପରି ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଭଟଲି-ଅମ୍ବାଭୋନା ରାସ୍ତାର ସୁକୁଡ଼ାରେ ଏକ ବାଇକ୍ (ନଂ. ଓଡ଼ି ୦୮ ଏଚ୍-୯୧୭୦) ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଏଥିରେ ବାଇକ୍ ଆରୋହୀ ବରଗଡ଼ ଗଣପତି ହୋଟେଲ ପଛପଟ ନୂଆଖୁଲିପଡ଼ାର ଆୟୁଷ ଅଗ୍ରୱାଲ୍ (୨୨) ଏବଂ ନୂଆପଡ଼ା ଜିଲା କୋମନା ଥାନା କଣ୍ଡେତୋରା ଗ୍ରାମର ପ୍ରିୟାଂଶୁ ପଣ୍ଡା (୨୨)ଙ୍କ ମୃତ୍ୟୁ ଘଟିଛି। ଅମ୍ବାଭୋନା କେଦାରନାଥ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଛି।

ଅନୁରୂପ ଭାବେ କନ୍ଧମାଳ ଜିଲା ରାଇକିଆ ଥାନା ଅନ୍ତର୍ଗତ ବାକିଙ୍ଗିଆ ଲେଶୁଡ଼ିମହା ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଜିମାହାର କିରଣ ପ୍ରଧାନ ଓ ଦିଗି ପାଙ୍ଗାନାଙ୍କୁ ଅଞ୍ଚଳର ଅଭିଷେକ ନାୟକ। ଟିକାବାଲି ଅଞ୍ଚଳର ଅମିତ୍ ଦିଗଲ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ ଜଣ ଏକ ବାଇକ୍‌ରେ ଜି.ଉଦୟଗିରିରୁ ରାଇକିଆ ଫେରୁଥିବାବେଳେ ଲେଶୁଡ଼ିମହା ନିକଟରେ ଗାଡ଼ି ଭାରସାମ୍ୟ ହରାଇ ଏକ ଆମ୍ବଗଛରେ ପିଟି ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାର କରି ରାଇକିଆ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ କିରଣ ଓ ଅଭିଷେକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।


ପଦ୍ମପୁର ରାସ୍ତାର ଦୁବଲାବାହାଲ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।

# ହାତୀଦାନ୍ତ ଜବତ, ଜଣେ ଗିରଫ


ଜବତ ହାତୀଦାନ୍ତ ଓ ଗିରଫ ଅଭିଯୁକ୍ତ।

**ପଦ୍ମପୁର,୧୪।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କେନ୍ଦୁଭଟା ଦେଇ ହାତୀ ଦାନ୍ତ ଚୋରାଚାଲାଣ ହେଉଥିବା ବେଳେ ରବିବାର ବନ ବିଭାଗର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କଫୋର୍ସ) ହାତରେ ଧରାପଡ଼ିଛି। ଏସ୍‌ଟିଏଫ୍‌ର ଅଧିକାରୀମାନେ ଅତର୍କିତ ଚଢ଼ାଉ କରି କେନ୍ଦୁଭଟା ଛକରୁ ଜଣଙ୍କୁ ଗିରଫ କରିବା ସହିତ ହାତୀଦାନ୍ତ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଅଞ୍ଚଳର ରମେଶ ପ୍ରଧାନ। ତାଙ୍କ ପାଖରୁ ଜବତ ହୋଇଥିବା ହାତୀ ଦାନ୍ତର ଓଜନ ୩କି.ଗ୍ରା ୩୫୦ ଗ୍ରାମ ବୋଲି ଜଣାପଡ଼ିଛି। ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ପଚରାଉଚରା ସହିତ ଘଟଣାର ଅଧିକ ତଦନ୍ତ କରୁଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଞ୍ଚକ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ପୁରୀ ଅଫିସ, ୧୪।୧୧**

କାର୍ତ୍ତିକ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ସୋମବାରଠାରୁ ପଞ୍ଚକ ଆରମ୍ଭ ହେଉଛି। ପଞ୍ଚକ ୫ ଦିନରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ। ଏହି ବେଶ ଦର୍ଶନ ସହ ପଞ୍ଚକ ବ୍ରତ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା କଡ଼ାକଡ଼ି ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବଡ଼ ଏକାଦଶୀରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଓ କାର୍ତ୍ତିକ ପୂର୍ଣ୍ଣିମାରେ ରାଜରାଜେଶ୍ୱର (ସୁନାବେଶ) ଦର୍ଶନ ଲାଗି ଲକ୍ଷାଧିକ ଭକ୍ତ ଶ୍ରୀମନ୍ଦିରକୁ ଆସିଥାନ୍ତି। ତେବେ ଚଳିତ ବର୍ଷ କୋଭିଡ୍ କଟକଣାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବଡ଼ ଏକାଦଶୀ ଓ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଉପରେ କଟକଣା ଲଗାଯାଇଛି। ମାତ୍ର ଅନ୍ୟ ଦିନଗୁଡ଼ିକରେ ଶ୍ରଦ୍ଧାଳୁମାନେ ପ୍ରଶାସନର କଟକଣା ମାନି ଦାରୁଦିଅଁଙ୍କ ଦର୍ଶନ କରିପାରିବେ। ଏସ୍‌ପି କନଓ୍ୱର ବିଶାଲ ସିଂ କହିଛନ୍ତି, ପୋଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୨୯ ଇନ୍ସପେକ୍ଟର, ୧୦୨ ଏସ୍‌ଆଇ ଏବଂ ଏଏସ୍‌ଆଇ, ହାବିଲଦାର କନଷ୍ଟେବଳ ଓ ହୋମ୍‌ଗାର୍ଡଙ୍କ ସମେତ ୨୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ସେହିଭଳି ଟ୍ରାଫିକ ବ୍ୟବସ୍ଥାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ସମୁଦ୍ରକୂଳ, କୋଣାର୍କ, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲାଇଫଗାର୍ଡ ଓ ପର୍ଯ୍ୟାପ୍ତ ପୋଲିସ ମୁତୟନ ରହିବେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବଡଦାଣ୍ଡ ମରିଚିକୋଟ ଛକଠାରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ୍ ଦେଇ ଭକ୍ତମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ସେହିପରି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସହରର ୪ଟି ସ୍ଥାନରେ ପାର୍କିଂ ସ୍ଥାନ କରାଯାଇଛି।

**ଆଜି ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କରିପାରିବେନି ଭକ୍ତ**




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଝିଅ ନାହିଁ ଯାର ପଠାଇ ମନ**
**ବୋହୂ ନାହିଁ ଯାର ଖଟାଇ ମନ।**

ଯା'ର ଝିଅ ନାହିଁ ତାକୁ ବିଭା ଦେଇ ଶାଶୁଘର ପଠାଇବାକୁ ମନ ହେବା ଭଳି ଯା'ର ପୁଅ ନାହିଁ ତା'ର ବୋହୂ ହାତ ରାନ୍ଧଣା ଖାଇବାକୁ ମନ ବଳିଥାଏ। ତେଣୁ ଯା'ର ଯେଉଁ ଜିନିଷଟିର ଅଭାବ ଥାଏ ବା ଆଦୌ ନ ଥାଏ, ତା' ମନରେ ସେ ନେଇ ଅନେକ ଅବଶୋଷ ରହିଥାଏ। ନ ଥିବା ଜିନିଷ ପ୍ରତି ମନରେ ବ୍ୟାକୁଳତା ଭାବନା ଜାଗ୍ରତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୋଟକୁ ନିଆଁ ଖର୍ ଖର୍,**
**ପୋଡ଼ି ଯାଉଥାଏ ଚର୍ ଚର୍।**

ଝୋଟକୁ ନିଆଁ ପାଖରେ ରଖିଲେ ତାହା ଅତିଶୀଘ୍ର ହୁତୁହୁତୁ ହୋଇ ଜଳିଯାଇଥାଏ। ପରୋକ୍ଷରେ ଯୁବକ ଯୁବତୀଙ୍କ ଏକତ୍ର ସହାବସ୍ଥାନ ପ୍ରତି ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଶିଶୁ ଦିବସରେ ଶିଶୁପୁତ୍ରର ମୃତଦେହ ଜବତ

**ଯାଜପୁର ଅଫିସ/କୋରେଇ(ଡି.ଏନ.ଏ.),୧୪।୧୧**

ଶିଶୁମାନଙ୍କ ସୁରକ୍ଷା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟରେ ସାରା ଦେଶରେ ଶିଶୁ ଦିବସ ପାଳନ କରାଯାଇଛି। ପିଲାଙ୍କ ପାଇଁ ସମର୍ପିତ ଏହି ଦିବସରେ ଯାଜପୁର ଜିଲାରେ ଏକ ବିବ୍ରତକର ଘଟଣା ଦେଖିବାକୁ ମିଳିଛି। ରବିବାର ସକାଳେ କୋରେଇ ଥାନା ଶାଳକଣା ଛକ ନିକଟ ନାଳରୁ ପୋଲିସ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରିଛି। ମୃତଦେହ ନିକଟରେ ଏବଂ ଛକର ବିଭିନ୍ନ ସ୍ଥାନରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଛି। କେହି ଜନ୍ମ କଲାପରେ ଶିଶୁଟିକୁ ସେଠାରେ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# 'ଖବରଦାତାଙ୍କୁ ପେନ୍‌ସନ୍ ନିଷ୍ପତ୍ତି ହୋଇଛି'

**ଯାଜପୁର ଟାଉନ,୧୪।୧୧(ଡି.ଏନ.ଏ.)**

ଖବରଦାତାଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଭାରତବର୍ଷରେ ଓଡ଼ିଶା ପ୍ରଥମ ରାଜ୍ୟ ଯିଏକି ଖବରଦାତାଙ୍କୁ କରୋନା ଯୋଦ୍ଧା ଘୋଷଣା କରିଛି। ରାଜ୍ୟ ସରକାର କରୋନାରେ ପ୍ରାଣ ହରାଇଥିବା ଖବରଦାତାଙ୍କୁ ସହାୟତା ରାଶି ପ୍ରଦାନ ସହ ଦୁରାରୋଗ୍ୟ କିମ୍ବା ଅକସ୍ମାତ୍ ମୃତ୍ୟୁ ହେଲେ ସହାୟତା କରିଆସୁଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିୟନ୍ ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ଉପରେ ବିଚାର କରାଯାଇଛି। ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମାରାଶି ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ଏବଂ ସେଥିରେ ମା'ବାପାଙ୍କ ନାମକୁ ଅର୍ନ୍ତଭୁକ୍ତ କରିବା ବ୍ୟବସ୍ଥା କରାଯାଇଛି। ଏହାସହିତ କର୍ତ୍ତବ୍ୟରତ ଖବରଦାତାଙ୍କୁ ପେନ୍‌ସନ୍ ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଯାଜପୁର ଜିଲା ସାମ୍ବାଦିକ ୟୁନିୟନ୍ ଦ୍ୱାରା ଆୟୋଜିତ ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସୁବର୍ଣ୍ଣଜୟନ୍ତୀ ସମାରୋହରେ ମୁଖ୍ୟବକ୍ତାଭାବେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ଏଥିସହିତ ସେ କହିଛନ୍ତି, ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ସରକାର ଶୀଘ୍ର ନିୟମ ଆଣୁଛନ୍ତି। ତେଣୁ ମିଡିଆ ପ୍ରଚାରକ ନ ସାଜିବାକୁ ସତର୍କ କରାଇଛନ୍ତି। ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ଏହି ସମାରୋହରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜକୁ ଠିକ୍ ବାଟରେ ନେବା ଗଣମାଧ୍ୟମର ଗୁରୁଦାୟିତ୍ୱ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାସ ଯୋଗଦେଇ କହିଥିଲେ, ପ୍ରେସ୍ ସ୍ୱାଧୀନତା ଉପରେ ଚାପ ସୃଷ୍ଟି କରାଯାଇ ଖବରଦାତାଙ୍କୁ ନିର୍ଭୟ ଭାବେ କାମ କରିବାକୁ ଦିଆଯାଉନାହିଁ। ଫଳରେ ପ୍ରେସ ଧୀରେ ଧୀରେ ସ୍ୱାଧୀନତା ହରାଇ ବସୁଛି। ଯାଜପୁରର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖବରଦାତା ନିଜ ଜୀବନକୁ ବିପନ୍ନ କରି ଖବର ପ୍ରସାରଣ କରି ଜନତାଙ୍କୁ ସତର୍କ ଏବଂ ସଚେତନତା କରାଇଥାଏ ବୋଲି କହିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ତଥା ଜାତୀୟ ପ୍ରେସ୍ କାଉନସିଲର ସଦସ୍ୟ ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



**ଓଡ଼ିଶା ସାମ୍ବାଦିକ ୟୁନିୟନର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

ଓଡ଼ିଶା ସାମ୍ବାଦିକ ୟୁନିୟନ ସୁବର୍ଣ୍ଣଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ପ୍ରଥମ ପୃଷ୍ଠାରୁ...**

## ଧାର, କରଜର ଫସଲ ...

ପଡ଼ିଯାଇଛୁ। ବର୍ଷା ନ କମିଲେ କିଛି ବି ଧାନ ପାଇବୁ ନାହିଁ ବୋଲି ସେ କହିଛନ୍ତି। ଗାଁର ଅନ୍ୟଜଣେ ଚାଷୀ ଜୟ ସ୍ୱାମୀ କହିଛନ୍ତି, ଧାର, କରଜର ଫସଲ ଅଦିନିଆ ବର୍ଷା ଧୋଇନେଲା। ସରକାର କ୍ଷତି ଆକଳନ କରି ସହାୟତା ପ୍ରଦାନ କରନ୍ତୁ ବୋଲି ସେ କହିଛନ୍ତି।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ବହୁ ଜମିରେ ପାଚିଲା ଧାନ ଉପରେ ବର୍ଷାପାଣି ଛିଡ଼ା ହୋଇଛି। କଲ୍ୟାଣପୁର ପଞ୍ଚାୟତର ରୁଦ୍ରପୁର, ଫତେପୁର ପଞ୍ଚାୟତର ନାଉପାଳ ଓ କାହ୍ନାପୁର ଗ୍ରାମରେ ଚାଷୀମାନେ ଆଗୁଆ ଫଳୁଥିବା ଧାନ ଚାଷ କରିଛନ୍ତି। ଏହି ଅଞ୍ଚଳରେ ପ୍ରଥମେ କମ୍ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଷୀ ଧାର କରଜ କରି ବିଭିନ୍ନ ଉପାୟରେ କ୍ଷେତକୁ ପାଣିଆଣି ଧାନ ବଞ୍ଚାଇଥିଲେ। ପରେ ଲଗାଣ ବର୍ଷା ଓ ବନ୍ୟା ପାଣିରୁ ଧାନକୁ ବଞ୍ଚାଇବା ପାଇଁ ଚାଷୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଚାଷୀ ଦିନରାତି ଏକ କରି ବହୁ ଅର୍ଥ ଓ ଶ୍ରମ ଖର୍ଚ୍ଚ କରି କ୍ଷେତରେ ଧାନ ଫଳାଇଥିଲେ। କ୍ଷେତରେ ପାଚିଲା ଧାନ କଟାହୋଇ ପଡିଥିବା ବେଳେ ଅଦିନିଆ ବର୍ଷା ଯୋଗୁ ତାହା ଗଜା ହୋଇଛି।

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ରହିଛି ଆଦିବାସୀ ବହୁଳ ବାଙ୍ଗିରିପୋଷି ବ୍ଲକ। ଏଠାକାର ଲୋକେ ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଫସଲ କରିଥାନ୍ତି। ବର୍ତ୍ତମାନ ଧାନ କାଟିବା ସମୟରେ ଚାଲିଛି ଲଗାଣ ବର୍ଷା। ବହୁ ହେକ୍ଟର ଜମିରେ ପାଚିଲା ଧାନ ରହିଥିଲା ବେଳେ ଆଉ କିଛି ଧାନ କଟା ହୋଇ ବିଲରେ ପଡ଼ିଛି। ସେଗୁଡ଼ିକ ନଷ୍ଟ ହେଉଥିବା ଦେଖି ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଆଗକୁ ପୁଣି ବର୍ଷା ହେବା ଆଶଙ୍କା ଥିବାରୁ ଚାଷୀମାନେ ଘୋର ଚିନ୍ତାରେ ରହିଛନ୍ତି।

କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଧାନ ଗଛଗୁଡ଼ିକ ବର୍ଷାପାଣିରେ ଶୋଇପଡ଼ିଛି। ଅନେକ ଚାଷୀ ପାଚିଲା ଧାନକୁ ନିଜ ନିଜ ଖଳାରେ ସାଇତି ଥିବାବେଳେ ତାହା ମଧ୍ୟ ଗଜା ହୋଇଯାଇଛି। ଫସଲର ଶେଷ ମୁହୂର୍ତ୍ତରେ ଏଭଳି ଦୁର୍ବିପାକରେ କୃଷକମାନେ ସର୍ବହରା ହୋଇଯାଇଛନ୍ତି। ଚାଷୀ ଭଦ୍ରସେନ ପ୍ରଧାନ କୃଷି ବିଭାଗ ଅଧିକାରୀଙ୍କୁ ଡାକି ଆଣି ତାଙ୍କ ଖଳାରେ ଥିବା ଧାନ ଗଜାକୁ ଦେଖାଇବା ସହିତ ଅନ୍ୟ ଚାଷୀଙ୍କ ସମସ୍ୟା ଦର୍ଶାଇଛନ୍ତି। ଏ ସମ୍ପର୍କରେ କୃଷି ବିଭାଗ ଅଧିକାରୀ ଆର. କେ. ହାଁସଦା କହିଛନ୍ତି, ଚଳିତ ବର୍ଷ ଧାନ ଚାଷ ଠିକ୍ ରହିଥିଲା। ହେଲେ ଅକସ୍ମାତ୍ ବର୍ଷା ଯୋଗୁ ଚାଷୀ ଅଡୁଆରେ ପଡିଛନ୍ତି। ଏହାର ତୁରନ୍ତ ତଦନ୍ତ କରି ଜିଲା କୃଷି ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଚଳିତ ବର୍ଷ ୭ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଗତ ସେପ୍ଟେମ୍ବରରେ ଚାଷୀ ଧାନ ରୁଆ କାମ ସାରି ଅମଳକୁ ଅପେକ୍ଷା କରିଥିଲେ। ମାତ୍ର ପ୍ରବଳ ବର୍ଷାରେ ତାହା ନଷ୍ଟ ହୋଇଯାଇଥିଲା। ପରେ ଚାଷୀମାନେ ତଳି ଯୋଗାଡ କରି ପୁନର୍ବାର ରୁଆ ପକାଇଥିଲେ। ଏବେ ପୁଣିଥରେ ଲଗାଣ ବର୍ଷା ଯୋଗୁ ପାଣିରେ ପାଚିଲା ଧାନଗୁଡ଼ିକ ବୁଡ଼ିରହିଛି। ଗତ ଲଗାଣ ବର୍ଷାରେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ଯୁଗ୍ମ ଭାବେ କ୍ଷୟକ୍ଷତିର ଆକଳନ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଚାଷୀଙ୍କୁ କୌଣସି ସହାୟତା ରାଶି ମିଳିପାରିନାହିଁ ବୋଲି ଧାନ ଚାଷୀ ନିରଞ୍ଜନ ସ୍ୱାଇଁ, ଅଲେଖ ବିଶ୍ୱାଳ, ଚତୁର୍ଭୁଜ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକର ପରିବା ଚାଷୀମାନେ କୋବି, ବାଇଗଣ, ଆଳୁ, ବିଲାତି, ଧନିଆ, ମୂଳା ଓ ବିନସ୍ ଆଦି ଶୀତଦିନିଆ ଫସଲ ଲଗାଇ ଅମଳକୁ ଅପେକ୍ଷା କରିଥିଲେ। ମାତ୍ର ବର୍ଷା ଯୋଗୁ ତାରା ନଷ୍ଟ ହୋଇଯାଇଛି ବୋଲି ଚାଷୀ ଶଙ୍କର ମଲ୍ଲିକ, ବିଶ୍ୱଜିତ୍ ମହାନ୍ତି, ପରେଶ ମଲ୍ଲିକ ପ୍ରମୁଖ ଦୁଃଖର ସହ କହିଛନ୍ତି। ଚାଷୀମାନେ ବିଭିନ୍ନ ସେବା ସମବାୟ ସମିତି ଓ ବ୍ୟାଙ୍କ ଆଦିରୁ ଋଣ କରି ଧାନ ଓ ଅଣଧାନ ଚାଷ କରଥିବା ବେଳେ ଏବେ ଟଙ୍କା କିପରି ଶୁଝିବେ ସେନେଇ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ ଓ ସୁବାସ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ କହିଛନ୍ତି, ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକରେ ଧାନ ଚାଷ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବାଘୁଆ, ଧନେଇ, ବାଙ୍କୁଆ ଓ ଭେରେଣ୍ଡା ଅବବାହିକାର ଢୋବ ଅଞ୍ଚଳର ୧୨ ପଞ୍ଚାୟତ ଓ ଏନ୍‌ଏସିରେ ଅମଳ ହେବାକୁ ଥିବା ଧାନ ଏବଂ ଅମୁହାଁ ବୁଣାଯାଉଥିବା ବିରି, ମୁଗ ଆଦି ଫସଲ ଉଜୁଡ଼ିଯାଇଛି। ପ୍ରତି ପଞ୍ଚାୟତରେ କୃଷି ଗ୍ରାମସେବକ ନ ଥିବାବେଳେ ଏବେ କୃଷକ ସାଥୀମାନଙ୍କ ଉପରେ ଆକ୍ରମଣ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କ୍ଷୟକ୍ଷତିର ଆକଳନ ଲାଗି ସ୍ଥାନୀୟ ତହସିଲଦାର, ଆରଆଇ ଓ କୃଷି ଅଧିକାରୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଠିକ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଲଗାଣ ବର୍ଷା ଯୋଗୁ ରୋଗ ପୋକ ଫସଲ ନଷ୍ଟ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଫଳରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଏବେ ମାଟିଆଗୁଣ୍ଡି ପୋକ ପ୍ରାଦୁର୍ଭାବ ଦେଖାଦେଇଛି। ଶତାଧିକ ହେକ୍ଟର ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ପାଚି ଆସୁଥିବା ସମୟରେ ଏହି ପୋକ ଧାନ ଖାଇ ସଫା କରି ଦେଉଛନ୍ତି। ବ୍ଲକରେ ୨୯ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ଚଳିତବର୍ଷ ସାରର କଳାବଜାର ହେତୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ଅଦିନିଆ ବର୍ଷା ଏବଂ ପୋକ ଦାଉ ସାଧୁଛି। ବଜାରରୁ ମିଳୁଥିବା କୀଟନାଶକ ପ୍ରୟୋଗ କରିବା ପରେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏପରି ଦୁର୍ଦ୍ଦିନ ବେଳେ ଗ୍ରାମ କୃଷି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ ବିଭାଗର ପରାମର୍ଶ ନେଇ ନିର୍ଦ୍ଧାରିତ ଔଷଧ ଦୋକାନରୁ କୀଟନାଶକ କିଣିବାକୁ କହିଛନ୍ତି। ଏହାସହ ଗ୍ରାମ କୃଷି କର୍ମଚାରୀଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

ରାୟଗଡ଼ା ଜିଲାର କ୍ଷତିଗ୍ରସ୍ତ ଫସଲ ସମ୍ପର୍କରେ ପଚରା ଯିବାରୁ ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ କହିଛନ୍ତି ଯେ, ମାତ୍ର ୧୭ ମିଲିମିଟର ବର୍ଷା ହୋଇଛି। ଫସଲ ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ। ଚାଷୀ ଧାନ କାଟି ଜମିରେ ପକାଇବା ସେମାନଙ୍କ ଦୋଷ। ପ୍ରାକୃତିକ ଦୁର୍ବିପାକ ବ୍ୟତୀତ ଏଭଳି ପରିସ୍ଥିତିରେ ଚାଷୀଙ୍କୁ କ୍ଷତିପୂରଣ ଦେବା ନେଇ ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି।

## ଡିସେମ୍ବର ୧ରୁ ବିଧାନସଭା ...

ହୋଇନାହିଁ। କେବଳ ଅଫିସିଆଲ ବିଜ୍‌ନେସ ଓ ପ୍ରାଇଭେଟ ମେମ୍ବର୍ସ ବିଜ୍‌ନେସ୍ ଭାବେ ଉଲ୍ଲେଖ ରହିଛି। ଡିସେମ୍ବର ୨୫ ଏବଂ ୨୬ ତାରିଖ ଛୁଟି ରହିବ। ୪ଟି ରବିବାର ସହ ବଡ଼ଦିନ ଅର୍ଥାତ୍ ୫ଟି ଛୁଟି ଦିବସ ରହିବ। ଏହି ଅଧିବେଶନରେ ମୁଖ୍ୟତଃ ମମିତା ମେହେର ହତ୍ୟାକାଣ୍ଡ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ ଏବଂ ମଣ୍ଡି ସମସ୍ୟା ଆଦି ପ୍ରସଙ୍ଗ ଗୃହକୁ ସରଗରମ କରିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶେଷଥର ପାଇଁ ଅଧିବେଶନ ବସୁଥିବାରୁ ଉଭୟ ଶାସକ ଓ ବିରୋଧୀ ନିଜ ରଣନୀତି ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିବେ। ସୂଚନାଯୋଗ୍ୟ, ବିଧାନସଭା ଅଧିବେଶନ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୬୦ଦିନ ବସିବାର ନିୟମ ରହିଛି। ଏବେ ୨୬ ଦିନ ବାକି ରହିଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏନେଇ ରବିବାର ସୂଚନା ଦେବା ସହ ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସେ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଘରର କେତେକ ରହିଯାଇଥିବା ବକେୟା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟରେ କେତେକ ସମସ୍ୟା ଦେଖା ଦେଇପାରେ। ପାଖ ପଡ଼ୋଶୀଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନାରେ ସମୟ କଟାଇ ଆନନ୍ଦ ଅନୁଭବ କରିବେ।

**ବୃଷ** ପରିବାରରେ ବିଭିନ୍ନ ପ୍ରକାର ବ୍ୟୟ ବରାଦ ଭରଣା କରିବା ସକାଶେ ବ୍ୟସ୍ତତା ବଢ଼ିଯିବ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ମନରେ ଅଶାନ୍ତି ଲାଗି ରହିବ।

**ମିଥୁନ** ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବ୍ୟବସାୟୀମାନେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ସହକର୍ମୀଙ୍କ ସହ ଫଳପ୍ରଦ ଆଲୋଚନାରୁ ସନ୍ତୋଷ ପାଇବେ। ସନ୍ତାନଙ୍କ କୃତିତ୍ୱ ଯୋଗୁ ଗର୍ବ ଅନୁଭବ କରିବେ।

**କର୍କଟ** ଅଧିକାଂଶ ସମୟ ତର୍କବିତର୍କ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ। ସଭାସମିତିରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶୁଭ ସମ୍ବାଦ ଶୁଣିବା ସାଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ସମସ୍ୟା ଭିତର ଦେଇ ଗତି କରିବେ।

**ସିଂହ** ପରିସ୍ଥିତିରେ ପଡ଼ି ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ସ୍ନାୟବିକ ଦୁର୍ବଳତା ବିସ୍ମରଣର କାରଣ ହୋଇ ଏକ ପ୍ରକାରର ସମସ୍ୟା ସୃଷ୍ଟି କରିବ।

**କନ୍ୟା** ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ମନରେ ଭାବପ୍ରବଣତା ସୃଷ୍ଟି ହେବ। ଆଲୋଚନା ସମୟରେ ବାକ୍ ଅସଂଯମତା ଯୋଗୁଁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବା ସମ୍ଭାବନା। ପରିବାରରେ ନୀତିନିୟମରେ କାମ କରି ସମାଲୋଚିତ ହୋଇ ପାରନ୍ତି।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ସୃଷ୍ଟି ହୋଇପାରେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ପ୍ରିୟଜନଙ୍କ ସାହାଯ୍ୟରୁ ଆର୍ଥିକ ସମସ୍ୟା ଦୂର ହୋଇଯିବ। ରାଜନୀତି, ସଙ୍ଗଠନ, ଗବେଷଣା, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ଈର୍ଷା ପରାୟଣତା ହେତୁ ଓ କଠୋର ବାକ୍ୟାଳାପ କାରଣରୁ ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖା ଦେଇପାରେ। ଆଲୋଚନା ପରିସରରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବେ। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ଉନ୍ନତି ଘଟିବ। ଆନୁଷ୍ଠାନିକ କାମରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବେ। ଆର୍ଥିକ ଅଭିବୃଦ୍ଧି ପାଇଁ ଚେଷ୍ଟିତ ହେବେ ଓ ସଫଳ ମଧ୍ୟ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସାଙ୍ଗକୁ ଦୂରଯାତ୍ରାର ମଧ୍ୟ ସୁଯୋଗ ପାଇବେ।

**କୁମ୍ଭ** ସକାଳୁ ଭ୍ରମଣ ସକାଶେ ମନ ବଳାଇବେ ଓ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ର କରି କିମ୍ବା ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** କର୍ମକ୍ଷେତ୍ରରେ ଆଜିର ସଫଳତା ଅବଶ୍ୟ ପାଇବେ, କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ।


# classifieds Everyday
0674-2580101, 2549302

real estate

**SALE**

Furnished, Non-Furnished office space available centrally located Unit-9. 7789837712, 9861256148. D22224

Barunei Overbridge ପାଖରେ stithiban plot electricity, boundary wall, Blacktop road ସହିତ ଘରପାଇଁ ସୁବିଧାରେ ମିଳୁଅଛି। 7735888421, 9348161384. D-22244

**At 2Lakhs onwards book a flat at puri with all facilities and amenities. 9078711724.** D-22264

**Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595.** D-71737

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରରେ SC/General plot ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8847825690. D-71735

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

Private plot for sale, Khandagiri & Patrapada. Price 999/- Sqft. 9437335686, 7008487006. D-22215

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71199

Property For Sale At Badambadi Cuttack, Commercial Building (Built 12300 Sqft./32 Rooms With Attached Bath) Land 3500 Sqft. Contact: P.Swain 08249436455. D-22233

to-let

**300-900sqft. commercial space for office Rent, Dolamundai-Badambadi Road, Cuttack-8917690567.** D-22209

**Tolet 30,000 sqft. Warehouse/Godown/Office on Highway between Cuttack and Bhubaneswar. Contact-7008175963, 9776050040.** D-22211

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71817

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Newly open therapy/SPA center (Expert therapist) positively health benefits. 8249051570. D-71439

Newly Open Saikrupa Panchakarma Spa positively health benefits with Expert. 8984068077. D-22247

One hour any therapy by expert therapist @800 only. 9078484455. D-71437

Refreshments rejuvenation body massage therapy with experience therapists, Bhubaneswar. 9668374480. D-71200

Newly open spa center, November Dhamaka 599/-, Smart therapist. 8455987557. D-71434

Take wellness realx massage ladies/ gents therapist @800/-. 7008773793. D-71438

Refreshing your mind and body with the best therapy. 7873794731. D-71902

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଗଞ୍ଜାମ ଡିଇଓ ଅଫିସକୁ ଶିକ୍ଷକଙ୍କ ଯିବାରେ କଟକଣା

ଛତ୍ରପୁର,୧୪।୧୧(ଡି.ଏନ.ଏ): ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟକୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଯିବାଆସିବା ଉପରେ କଟକଣା ଲଗାଯାଇଛି। ବାରମ୍ବାର ନିର୍ଦ୍ଦେଶନାମା ଜାରି କରାଯିବା ସତ୍ତ୍ୱେ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ କୌଣସି କାରଣ ନ ଥାଇ ସ୍କୁଲ ପାଠପଢ଼ା ସମୟରେ ଡିଇଓଙ୍କ କାର୍ଯ୍ୟାଳୟକୁ ଆସୁଥିବାରୁ ଏପରି କଟକଣା ଲଗାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ଜିଲାର ବିଭିନ୍ନ ସ୍କୁଲ ପ୍ରଧାନ ଶିକ୍ଷକମାନଙ୍କୁ ଚିଠି (ନଂ.୧୬୯୧୨/ ୮।୧୧।୨୦୨୧)ରେ ଜଣାଇଛନ୍ତି। ବିନା କାରଣରେ ଅଧିକାଂଶ ଶିକ୍ଷକ ଡିଇଓ କାର୍ଯ୍ୟାଳୟକୁ ଆସୁଥିବାରୁ ସ୍କୁଲ ପାଠପଢ଼ାରେ ବାଧା ଉପୁଜୁଛି। ଅନ୍ୟପଟେ ଶିକ୍ଷକଙ୍କ ଭିଡ଼ ଯୋଗୁ ଡିଇଓଙ୍କ କାର୍ଯ୍ୟାଳୟର କାର୍ଯ୍ୟ ମଧ ବିଶେଷ ପ୍ରଭାବିତ ହେଉଥିବା ଚିଠିରେ ଦର୍ଶାଯାଇଛି। କେବଳ ସ୍କୁଲ କିରାଣିମାନେ ଅଫିସ କାର୍ଯ୍ୟ ପାଇଁ ଡିଇଓ କାର୍ଯ୍ୟାଳୟ ଆସିପାରିବେ। ଶିକ୍ଷକମାନେ କୌଣସି ଅଭିଯୋଗ (ବଦଳି ସମ୍ବନ୍ଧୀୟ ବ୍ୟତୀତ) ଥିଲେ ଆସିବେ। ତେବେ ଏଥିଲାଗି ସେମାନଙ୍କୁ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଅପରାହ୍ନ ୪ଟା ପରେ ଡିଇଓ କାର୍ଯ୍ୟାଳୟକୁ ଆସିବା ଅନୁମତି ମିଳିବ। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଆଗୁଆ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବିଚ୍ୟୁତି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି।

### ନଦୀରୁ ମିଳିଲା ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ

■ ହତ୍ୟା ଅଭିଯୋଗ, ବାପା ଅଟକ

**ଭଦ୍ରକ ଅଫିସ,୧୪।୧୧:** ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦୋବଲସାହି ଅଞ୍ଚଳର ସଞ୍ଜୟ ସାହୁ ନାମକ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ରବିବାର ସ୍ଥାନୀୟ ଗେଙ୍ଗୁଟି ନଦୀରୁ ମିଳିଛି। ଧାମନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସଞ୍ଜୟଙ୍କୁ ହତ୍ୟା ପରେ ନଦୀରେ ଭସାଇ ଦିଆଯାଇଥିବା ନେଇ ତାଙ୍କ ସମ୍ପର୍କୀୟ ଜେଜେ କରୁଣାକର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା (ନଂ.୩୦୬/୨୧) ରୁଜୁ କରି ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ୍ ଆଣି ତଦନ୍ତ ଆରମ୍ଭ କରିଛି। ଏଥିସହ ପୋଲିସ ମୃତ ସଞ୍ଜୟଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ପ୍ରଦୀପ କୁମାର ମହନ୍ତ କହିଛନ୍ତି। ପ୍ରକାଶ ଯେ, ସଞ୍ଜୟ ଗତ ଶୁକ୍ରବାର ନିଖୋଜ ହୋଇଯାଇଥିଲେ। ଶନିବାର କରୁଣାକର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଷ୍ଟେଶନ ଡାଏରୀ ମଧ କରିଥିଲା। ରବିବାର ପୂର୍ବାହ୍ନରେ ନନ୍ଦୀପୁର-ଅଙ୍ଗେଇପାଳ ସ୍ଥିତ ଗେଙ୍ଗୁଟି ନଦୀରେ ସଞ୍ଜୟଙ୍କ ମୃତଦେହ ଭାସୁଥିବା ଖବର ପାଇ ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଥାନାଧିକାରୀ ମହନ୍ତ ପହଞ୍ଚି ଜବତ କରିଥିଲେ।

# ପଡ଼ି ରହିଛି ୧କୋଟି ୭ ଲକ୍ଷ

## ନିର୍ମାଣ ଶ୍ରମିକଙ୍କୁ ମିଳୁନି କରୋନା ସହାୟତା

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ,୧୪।୧୧**

ବାଲେଶ୍ୱର ଜିଲାର ନିର୍ମାଣ ଶ୍ରମିକଙ୍କୁ ମିଳି ପାରୁନି କରୋନା ସହାୟତା। ବ୍ଲକ କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁ ପଡ଼ି ରହିଛି ୧କୋଟି ୭ଲକ୍ଷ ଟଙ୍କା। ଅନ୍ୟପଟେ ସହାୟତା ନ ପାଇ ନିର୍ମାଣ ଶ୍ରମିକମାନେ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାରମ୍ବାର ଫେରୁଛନ୍ତି।

୨୦୨୦ରେ ସରକାର ନିର୍ମାଣ ଶ୍ରମିକମାନଙ୍କୁ କରୋନା ସହାୟତା ପ୍ରଦାନ ପାଇଁ ଜିଲାକୁ ୯କୋଟି ୫୧ଲକ୍ଷ ୪୫ହଜାର ଟଙ୍କା ପ୍ରଦାନ କରିଥିଲେ। ଜିଲାରେ ପଞ୍ଜୀକରଣ ନବୀକରଣ ହୋଇଥିବା ୬୩ ହଜାର ୪୩୦ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଲେଖାଏ ଟଙ୍କା ବାଣ୍ଟିବା ପାଇଁ ପ୍ରତି ବ୍ଲକର ବିଡିଓଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ହେଲେ ଏଥିରୁ ୭ହଜାର ୧୭୬ ଜଣଙ୍କୁ ୧କୋଟି୭ ଲକ୍ଷ ଟଙ୍କା ଏଯାବତ ବଣ୍ଟା ହୋଇ ପାରିନାହିଁ। ବାଲେଶ୍ୱର ସଦର ବ୍ଲକରେ ୬୭୦୭ଜଣଙ୍କ ମଧ୍ୟରୁ ୫୩୨୫ଜଣଙ୍କୁ ବଣ୍ଟାଯାଇଥିବା ବେଳେ ବସ୍ତାରେ ୪୨୪୮ରୁ ୩୪୪୪, ବାଲିଆପାଳରେ ୫୬୬୦ରୁ ୫୪୧୧, ବାହାନଗାରେ ୫୦୪୪ରୁ ୪୮୭୭, ଭୋଗରାଇରେ ୧୨୭୯୫ରୁ ୧୧୭୦୦, ଜଳେଶ୍ୱରରେ ୪୩୩୦ରୁ ୩୮୮୮, ଖଇରାରେ ୩୩୭୨ରୁ ୩୦୭୫, ନୀଳଗିରିରେ ୨୫୯୫ରୁ ୩୭୫୭, ଔପଦାରେ ୨୨୦୨ରୁ ୨୦୪୧, ରେମୁଣାରେ ୩୬୯୭ରୁ ୩୩୬୨, ସିମୁଳିଆରେ ୬୩୮୦ରୁ ୫୭୭୨, ବାଲେଶ୍ୱର ମ୍ୟୁନିସିପାଲିଟିରେ ସମସ୍ତ ୧୯୩, ସୋରରେ ୩୦୨୬ରୁ ୨୪୪୬, ଜଳେଶ୍ୱର ମ୍ୟୁନିସିପାଲିଟିରେ ୨୧୬ରୁ ୧୪୨, ନୀଳଗିରି ଏନ୍‌ଏସିରେ ୪୪୯ରୁ ୪୨୬ଜଣ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ କରାଯାଇଛି। ତେବେ ସହାୟତା ପାଇ ନ ଥିବା ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ କେତେକଙ୍କ ଠିକଣା ମିଳୁ ନ ଥିବା ବେଳେ ଆଉ କିଛି ବାହାର ରାଜ୍ୟକୁ ଚାଲି ଯାଇଛନ୍ତି। ସେହିପରି କେତେଜଣ ଶ୍ରମିକଙ୍କ ନାମ ନିଜ ବ୍ଲକରେ ନ ଥାଇ ଅନ୍ୟ ବ୍ଲକ ତାଲିକାରେ ଥିବାରୁ ସମସ୍ୟା ଦେଖାଦେଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଜିଲାରେ ୧ଲକ୍ଷ ୬୧ହଜାର ୪୬୫ ଶ୍ରମିକ ଅଦ୍ୟାବଧି ପଞ୍ଜୀକୃତ ହୋଇଛନ୍ତି। ହେଲେ ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ନିର୍ଦ୍ଦିଷ୍ଟ ସମୟରେ ବହୁ ଶ୍ରମିକଙ୍କର ପଞ୍ଜୀକରଣ ଓ ନବୀକରଣ ହୋଇପାରୁ ନାହିଁ। ବିଭାଗର ଭୁଲ୍ ପାଇଁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର କରୋନା ସହାୟତା ଟଙ୍କା ପାଇବାରୁ ଶ୍ରମିକମାନେ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇବା ସହ ଶ୍ରମିକମାନେ ଆନ୍ଦୋଳନ ମଧ କରିଥିବା ନଜିର ରହିଛି।

ଏନେଇ ସହକାରୀ ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ କୁହନ୍ତି, ଅଧିକାଂଶ ନିର୍ମାଣ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଆଧାର କାର୍ଡ଼ ଲିଙ୍କ୍ ନ ହେବା, ୬ମାସ ଧରି ଉକ୍ତ ଆକାଉଣ୍ଟକୁ ନ ଚଳାଇବା ଦ୍ୱାରା ଟଙ୍କା ପଠାଇବାରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ନିର୍ମାଣ ଶ୍ରମିକଙ୍କ ପାଇଁ ମିଳିଥିବା କରୋନା ସହାୟତା ବ୍ଲକ ମାଧ୍ୟମରେ ପ୍ରଦାନ କରାଯିବାର ସରକାର ନିଷ୍ପତ୍ତି ନେଇଛନ୍ତି। କେବଳ ଭୋଗରାଇ ଓ ସୋର ବ୍ଲକ ବ୍ୟତୀତ ଅନ୍ୟ ୧୦ଟି ବ୍ଲକର ରିପୋର୍ଟ ପହଞ୍ଚି ନ ଥିବାରୁ ଉକ୍ତ ଟଙ୍କା ପଡ଼ି ରହିଥିବା ସେ ପ୍ରକାଶ କରିଛନ୍ତି।



ସ୍ଥାନୀୟ ନିଯୁକ୍ତି, ପଦୋନ୍ନତି ସହ ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଗ୍ରାଜୁଏଟ୍ କଣ୍ଟ୍ରାକ୍ଟୁଆଲ ଆଇସିଡିଏସ୍ ସୁପରଭାଇଜର୍ସ ଆସୋସିଏଶନ ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଥାଳି ଧରି ଅଭିନବ ବିକ୍ଷୋଭ।

# ମହିଳାଙ୍କୁ ଗଣବଳାତ୍କାର, ୪ ଗିରଫ

**ନିମାପଡ଼ା,୧୪।୧୧(ଡି.ଏନ୍.ଏ.)**

ପୁରୀ ଜିଲା ନିମାପଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ରବିବାର ୪ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାକଟପୁର ଥାନା ଅଞ୍ଚଳର ବଳରାମ ଭୋଇ, ଅଜିତ୍ ଦାସ, କହ୍ନେଇ ଭୋଇ ଏବଂ ବିଦ୍ୟାଧର ସ୍ୱାଇଁ। ସୋମବାର ଡାକ୍ତରୀମାଇନା ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ଏସ୍.କେ.ଜୁଝାରସିଂ କହିଛନ୍ତି। ଖବରପାଇ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ପୁରୀର ସାଇଣ୍ଟିଫିକ ଅଫିସର ଏମ୍.ସରନ୍ୟା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଅଭିଯୋଗ ମୁତାବକ, ଶୁକ୍ରବାର ରାତିରେ ମହିଳାଜଣକ ଶୌଚ ପାଇଁ ଯାଇଥିବା ବେଳେ ନିକଟ ନଦୀ ବନ୍ଧରେ ଛିଡ଼ା ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ନିକଟରେ ପହଞ୍ଚି ଦୁର୍ବ୍ୟବହାର କରିବା ସହ ଜୋରଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲେ। ମହିଳାଙ୍କର ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସ୍ୱାମୀ ନଦୀ ବନ୍ଧକୁ ଯାଇଥିଲେ। ଅଭିଯୁକ୍ତମାନେ ମହିଳାଙ୍କ ସ୍ୱାମୀଙ୍କୁ ଦେଖି ଘଟଣାସ୍ଥଳରୁ ଖସି ପଳାଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ମହିଳା ଓ ତାଙ୍କ ସ୍ୱାମୀ ଚିହ୍ନିପାରିଥିଲେ। ପରେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଶନିବାର ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୦୦/୨୧)ରୁଜୁକରି ତଦନ୍ତ ଚଳାଇଥିଲା। କାକଟପୁର ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ରବିବାର ଭୋରରୁ ସମସ୍ତ ଅଭିଯୁକ୍ତଙ୍କୁ ଧରିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ପୀଡ଼ିତା ପୋଲିସ ନିକଟରେ ନିବେଦନ କରିଛନ୍ତି।

# ଓଡ଼ିଶାକୁ ସ୍କଚ୍ ସ୍ୱର୍ଣ୍ଣ ଆୱାର୍ଡ

**ଛତ୍ରପୁର,୧୪।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ 'ନିର୍ଭୟ କଢ଼ି' କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଅଭିଯାନ ଓଡ଼ିଶା ପାଇଁ ସଫଳତା ଆଣିଛି। ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ମହିଳା ଓ ଶିଶୁ ବିଭାଗ ଜାତୀୟସ୍ତରରେ ସ୍କଚ୍ ସ୍ୱର୍ଣ୍ଣ ଆୱାର୍ଡ ପାଇଛି। ବାଲ୍ୟ ବିବାହ ସମ୍ପୂର୍ଣ୍ଣ ରୋକିବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିଜସ୍ୱ ଉଦ୍ୟମରେ ଗତ ୨ ବର୍ଷ ହେଲା ଜିଲାରେ 'ନିର୍ଭୟ କଢ଼ି' କାର୍ଯ୍ୟକ୍ରମ ଚାଲିଛି; ଯଦ୍ୱାରା କିଶୋରୀମାନେ ସଶକ୍ତୀକରଣ ହୋଇପାରିଛନ୍ତି। ଫଳସ୍ୱରୂପ ଗଞ୍ଜାମର ୨୦୪୨ ଗ୍ରାମ, ସହରାଞ୍ଚଳର ୨୨୬ଟି ୱାର୍ଡ ଏବଂ ୨୨୧ଟି ପଞ୍ଚାୟତକୁ ଏ ପର୍ଯ୍ୟନ୍ତ ବାଲ୍ୟବିବାହ ମୁକ୍ତ ଭାବେ ଘୋଷଣା କରାଯାଇଛି। ସେହିପରି ଲିଙ୍ଗ ଅନୁପାତରେ ସମାନୁପାତ ରହିବା ଦିଗରେ ମଧ ପ୍ରୟାସ ଜାରି ରହିଛି। ଗଞ୍ଜାମ ଜିଲାର ଏହି ଅଭିନବ କାର୍ଯ୍ୟକ୍ରମକୁ ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗ ସମଗ୍ର ଭାରତବର୍ଷରେ ଲୋକଲୋଚନକୁ ଆଣି 'ସ୍କଚ୍' ସ୍ୱର୍ଣ୍ଣ ପଦକ ହାସଲ କରିଛି।

ଗଞ୍ଜାମରେ ବାଲ୍ୟ ବିବାହ ମୁକ୍ତ ଅଭିଯାନ




# ଟ୍ରକ୍ ସହ ୫ଟନ ମାଂସ ଜବତ, ୩ ଗିରଫ

**ନିରାକାରପୁର,୧୪।୧୧(ଡି.ଏନ୍.ଏ.)**

■ ପରୀକ୍ଷା ପାଇଁ ଲାବକୁ ପଠାଗଲା
■ ଜବତ ମାଂସ ମାଟିରେ ପୋତାଗଲା

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ରାମେଶ୍ୱର ଛକରୁ ରବିବାର ପୋଲିସ ଏକ ଟ୍ରକ୍ ସହ ୫ଟନ୍ ମାଂସ ଜବତ କରିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ସଞ୍ଜ୍ ରାଠୋର, ମିଆଁଲାଲ ପିଣ୍ଡାରୀ ଓ ଚନ୍ଦୁ ଲତାଫ୍। ତେବେ ଏହା କେଉଁ ମାଂସ ଜାଣିବା ଲାଗି ପରୀକ୍ଷା ପାଇଁ ଭୁବନେଶ୍ୱର ଲାବକୁ ପଠାଯାଇଛି। ଏହା ପରେ ଜବତ ମାଂସକୁ ଜେସିବି ମାଧ୍ୟମରେ ଏକ ପରିତ୍ୟକ୍ତ ସ୍ଥାନରେ ପୋତିଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୭୮/୨୧)ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ରାମେଶ୍ୱର ଛକରେ ମାଂସ ବୋଝେଇ ଟ୍ରକ (ଏମଏଚ୍ ୨୫ଏଜେ ୩୪୨୯) କୁ କେତେଜଣ ଲୋକ ଅଟକାଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଥାନା ଅଧିକାରୀ ଗୀତାଞ୍ଜଳି ନାୟକଙ୍କ ସମେତ କେତେଜଣ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଂସ ବୋଝେଇ ଟ୍ରକକୁ ଜବତ କରିବା ସହ ଗାଡ଼ିରେ ଥିବା ୩ ଅଭିଯୁକ୍ତଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିଥିଲା। ଏହି ଟ୍ରକ୍ ମହାରାଷ୍ଟ୍ରରୁ ଡାଳିମ୍ବ ନେଇ ବାଲେଶ୍ୱର ଆସିଥିଲା। ସେଠାରେ ଡାଳିମ୍ବ ଖାଲି କରି ଫେରୁଥିବା ବେଳେ କଟକ ଠାରେ କେତେଜଣ ବ୍ୟକ୍ତି ଗାଡ଼ିକୁ ଅଟକାଇ ଏଠାରୁ ମାଂସ ନେଇ ହାଇଦ୍ରାବାଦରେ ଅନ୍‌ଲୋଡ୍ କରିଦେଲେ ୨୦ହଜାର ଟଙ୍କା ମିଳିବ ବୋଲି କହିଥିଲେ। ପରେ ଅଭିଯୁକ୍ତମାନେ ପେଟିରେ ଭର୍ତ୍ତି ହୋଇଥିବା ୫ଟନ୍ ମାଂସ ଲୋଡ୍ କରି ବାହାରିଥିଲେ। ଗାଡ଼ିରେ ମାଂସ ଲୋଡ ନେଇ କେତେଜଣ ବ୍ୟକ୍ତି ଖବରପାଇବା ପରେ ଗାଡ଼ିକୁ ପିଛା କରିବା ସହ ରାମେଶ୍ୱର ଛକରେ ଅଟକାଇଥିଲେ ବୋଲି ଜଣାପଡ଼ିଛି। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଟ୍ରକ୍ ସହ ମାଂସ ଜବତ କରି ୩ଜଣଙ୍କୁ ଧରିଥିଲା। ଏହା ପରେ ପୋଲିସ ନିଜଆଡୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।




ଜବତ ଟ୍ରକ୍ ସହ ଗିରଫ ୩ ଅଭିଯୁକ୍ତ ।

# ଟ୍ରକ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ଦଶମନ୍ତପୁର, ୧୪।୧୧ ( ଡ଼ି.ଏନ.ଏ )**

ଦଶମନ୍ତପୁର ବ୍ଲକ ପୋଡାଗଡ଼ ପଞ୍ଚାୟତ ଛୋଟାଗୁଡା ଗ୍ରାମର ଡମ୍ବରୁଧର ବିଶୋୟୀଙ୍କୁ ରବିବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କା ଦେଇଛି। ଫଳରେ ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଙ୍ଗରେ ଥିବା ପ୍ରକାଶ ଯାଦବ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। କୌଣସି କାମରେ ଡମ୍ବରୁଧର ଏବଂ ପ୍ରକାଶ ଲକ୍ଷ୍ମୀପୁର ଯାଇ ବାଇକ୍‌ରେ ଫେରୁଥିବା ବେଳେ ସୀମାକୁନ୍ଦାର ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏନେଇ କୁନ୍ଦାରର କେତେକ ବ୍ୟକ୍ତି ପରିବାର ଲୋକଙ୍କୁ ଦେଇ ପରେ ଅନ୍ୟ ଏକ ଗାଡ଼ିରେ ଉଭୟଙ୍କୁ ପୋଡାଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରୁ ଡମ୍ବରୁଧରଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପରେ ଡମ୍ବରୁଧରଙ୍କ ମୃତ୍ୟୁ ହୋଇଯାଇଥିଲା।

**କଣ୍ଟାପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ, କଣ୍ଟାପଡ଼ା, କଟକ**
ପତ୍ର ସଂଖ୍ୟା ୨୭୩୭ ତା୦୯।୧୧।୨୦୨୧
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
No.F-219:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ ଜିଲା ଅନ୍ତର୍ଗତ କଣ୍ଟାପଡ଼ା ତହସିଲ ଅଧୀନରେ ଥିବା ଶ୍ରୀ ସୁନ୍ଦରପୁର ଦେବୀ ନଦୀ ବାଲି, ବଳଦା (ନଇଁଲୋ) ଦେବୀ ନଦୀ ବାଲି ଓ ତିଥପଡ଼ା ଦେବୀ ନଦୀ ବାଲି-୨ ଉତ୍ସଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୧-୨୦୨୨ ଠାରୁ ୨୦୨୫-୨୦୨୬ ପର୍ଯ୍ୟନ୍ତ ଇଉମୁଦ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ଉତ୍ସଗୁଡିକର ବିବରଣୀ, ଦରଖାସ୍ତ ଗ୍ରହଣ କରିବାର ଆରମ୍ଭ ଓ ଶେଷ ତାରିଖ ଏବଂ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଜିଲ୍ଲାପାଳ, କଟକଙ୍କ website https://cuttack.nic.in/ରେ ତା୧୫।୧୧।୨୦୨୧ରୁ ୨୯।୧୧।୨୦୨୧ରିଖ ପର୍ଯ୍ୟନ୍ତ ଉପଲବ୍ଧ ହେଉଅଛି। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କଣ୍ଟାପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ ସହ କାର୍ଯ୍ୟ ଦିବସ ମଧ୍ୟରେ ଯୋଗାଯୋଗ କରିପାରିବେ ।
**ସ୍ୱା./- ତହସିଲଦାର, କଣ୍ଟାପଡ଼ା**
OIPR-24179/11/0001/2122

# ଯୁବକଙ୍କୁ ଆକ୍ରମଣ, ଖଣ୍ଡା ଧରି ଆତଙ୍କ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

■ ସାମ୍ନାକୁ ଆସିଲାଣି ୫ ଘଟଣା
■ ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

**ପୁରୀ ଅଫିସ, ୧୪।୧୧**

ଭୁବନେଶ୍ୱର, କଟକ ଓ ବଲାଙ୍ଗୀର ପରେ ଏବେ ପର୍ଯ୍ୟଟନ ସହର ପୁରୀରେ ଅମାନିଆ ଯୁବଗୋଷ୍ଠୀ ଆତଙ୍କ ଖେଳାଇଛନ୍ତି। ସେମାନେ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି। ପୁରୀ ଜିଲାରେ ଏଭଳି ୫ଟି ଭିଡିଓ ସାମ୍ନାକୁ ଆସିଛି। ଶନିବାର ରାତିରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ଯୁବକ ୪ଜଣଙ୍କ ଉପସ୍ଥିତିରେ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଏହା ପୁରୀ ସହର ନିକଟବର୍ତ୍ତୀ ଚନ୍ଦନପୁର ଅଞ୍ଚଳର ଘଟଣା ବୋଲି କୁହାଯାଉଛି। ସେହିପରି ଆଉ ଜଣେ ଯୁବକ ତାଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଖଣ୍ଡା ଧରି ଫଟୋ ପୋଷ୍ଟ କରିଛନ୍ତି। ଏହା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ଚର୍ଚ୍ଚା ଜୋର ଧରିବା ପରେ ଏସ୍‌ପି କନୱର ବିଶାଲ ସିଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ କୌଣସି ପ୍ରକାର ଆପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଅନେକ ଯୁବକ ବିଭିନ୍ନ କାରଣରୁ ବିପଥଗାମୀ ହୋଇ ଅପରାଧ ଦୁନିଆରେ ପାଦ ଦେବା ସହ ନିଜ ପତିଆରା ଜାହିର ପାଇଁ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ଭୟ ଦେଖାଇ ଅର୍ଥ ଉପାର୍ଜନ କରିବା ପାଇଁ ଏଭଳି ଉପାୟ ଆପଣାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏଭଳି ଭିଡିଓ ଭାଇରାଲ ସମ୍ପର୍କରେ ଏସ୍‌ପି ସିଂ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫ଟି ଭିଡିଓ ଭାଇରାଲ ହୋଇଥିବା ପୋଲିସ ନଜରକୁ ଆସିଛି। ଏ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ପ୍ରମାଣ ଅନୁଯାୟୀ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏପରି ଭିଡିଓ କରିବାରୁ ଯୁବତୀ ଯୁବକ ଦୂରେଇ ରହି ନିଜ ପାଠପଢ଼ା ଓ କ୍ୟାରିୟର ପ୍ରତି ମନୋନିବେଶ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ଗତ କିଛି ମାସ ହେଲା ପୁରୀ ପୋଲିସ ବେଆଇନ ନିଶା କାରବାର, ଦାଦାବଟି ଆଦାୟକାରୀ ଏବଂ ବିଭିନ୍ନ ଆପରାଧିକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛି ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ କ୍ଷେତ୍ର। ସାରା ବିଶ୍ୱରୁ ଲୋକେ ଏଠାକୁ ଆସିଥାନ୍ତି। ତେଣୁ ପୋଲିସ ପ୍ରଶାସନ ସର୍ବଦା ସଜାଗ ରହିବା ଆବଶ୍ୟକ। ଏହି ଘଟଣା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଅପରାଧୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।





**OFFICE OF THE SUPERINTENDING ENGINEER**
**KENDRAPARA (R&B) DIVISION No.II, KENDRAPARA**
E-mail eerandbdivn2kpd@gmail.com, Tel.No. 06727-220408
GOVERNMENT OF ODISHA "e" procurement Notice
**e-procurement Notice for Road and Building works**
No.B- 615:- Bid Identification No.- S.E. (R&B) KPD-II-07 / 2021-22

| | | |
|---|---|---|
| 1 | No. of works | 4 Nos. of Buildings & 3 Nos. of Roads |
| 2 | Estimated cost | Rs.10,28,397/- to Rs.45,17,329/- |
| 3 | Period of completion | 02 (Two) to 6 (Six) calendar months |
| 4 | Date & time of sale & receipt of bid document | From 10.00 A.M. of 18.11.2021 to 5.00 P.M. of 30.11.2021 |
| 5 | Last date / time of receipt of bids | 5.00 P.M. of 30.11.2021 |
| 6 | Date & time of opening of bids | 11.00 A.M. of 01.12.2021 |
| 7 | Name and address of the inviting bid | Superintending Engineer, Kendrapara (R&B) Division-II, Kendrapara |

Further details with any addendum, corrigendum, cancellation can be seen from the State Govt. Portal "**https://tendersorissa.gov.in**".
**Sd./- (Er. S.K. Nayak)**
**Superintending Engineer, Kendrapara (R&B) Division-II**
OIPR-34097/11/0008/2122

> ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। —ଶ୍ରୀମା

# ପୀଡ଼ିତଙ୍କ ପାଇଁ ନୁହଁ

ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁଦୃଢ଼ କରିବା ସହିତ ଗରିବ ଓ ଅସହାୟ ନାଗରିକଙ୍କୁ ସୁରକ୍ଷା ଦେବା ଭାରତୀୟ ପୋଲିସର ପ୍ରମୁଖ କାର୍ଯ୍ୟ। ସେମାନେ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରିବା ସକାଶେ ପ୍ରଶିକ୍ଷିତ ହେବା ଦରକାର। ହେଲେ ସେମାନଙ୍କୁ ଏକ ଭିନ୍ନ ରାସ୍ତା ଦେଖାଇବାର ପ୍ରୟାସ ଆରମ୍ଭ ହେଲାଣି। ନିକଟରେ ହାଇଦ୍ରାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ୭୩ତମ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କ ପାସିଂ ଆଉଟ୍ ପରେଡ୍‌ରେ ଉଦ୍‌ବୋଧନ ଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଦେଇଥିବା ମନ୍ତବ୍ୟ ଆଲୋଚନାର ବିଷୟ ପାଲଟିଛି। ସେ ପୋଲିସ ଅଫିସରମାନଙ୍କୁ ପରାମର୍ଶ ଦେଲାବେଳେ ସିଭିଲ୍ ସୋସାଇଟି ବା ଭଦ୍ର ସମାଜକୁ ଅତି ନ୍ୟୂନ କରି ଦେଖାଇଛନ୍ତି। ଦେଶ ପାଇଁ ଏହି ସମାଜ କିଭଳି ବାସ୍ତବ ବିପଦ ଭାବେ ଉଭା ହୋଇଛି, ଡୋଭାଲ ତାହା ନୂତନ ଭାବେ ନିଯୁକ୍ତ ପୋଲିସ ଅଫିସରମାନଙ୍କୁ କହିଛନ୍ତି। ଗୋଟିଏପଟେ ସେ ରାଷ୍ଟ୍ରର ସୁରକ୍ଷା କଥା କହୁଥିବା ବେଳେ ଅନ୍ୟପଟେ ଦେଶ ଭିତରେ ଥିବା ସଭ୍ୟ ସମାଜକୁ ସନ୍ଦେହ ଚକ୍ଷୁରେ ଦେଖୁଥିବାରୁ ତାହା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କଲାଭଳି ମନେହେଉଛି। ଏନ୍‌ଏସ୍‌ଏ ଭଳି ପଦବୀରେ ଅବସ୍ଥାପିତ ବ୍ୟକ୍ତି ଯୁବ ପୋଲିସ ଅଫିସରଙ୍କୁ ନିଜ କାର୍ଯ୍ୟରେ ଦକ୍ଷତା ପ୍ରମାଣ କରିବା ଦିଗରେ ଉତ୍ସାହିତ କରିବା ଉଚିତ। ଭାରତରେ ଅନେକ ଥର ପୋଲିସ ସଂସ୍କାର ବିଷୟରେ ଆଲୋଚନା କରାଯିବା ସମୟରେ କେବଳ ଆଧୁନିକ ଅସ୍ତ୍ରଶସ୍ତ୍ର, ଗାଡ଼ି ଏବଂ ପୋଲିସ କର୍ମଚାରୀଙ୍କ ଆନୁଷଙ୍ଗିକ ସୁବିଧାସୁଯୋଗକୁ ଗୁରୁତ୍ୱ ଦିଆଯାଉଛି। ଏଗୁଡ଼ିକ ନିଶ୍ଚିତ ଭାବେ ବିରାଟ ସମସ୍ୟା। କିନ୍ତୁ ତା'ଠାରୁ କାହିଁ ଅଧିକ ବଡ଼ ସମସ୍ୟା ହେଉଛି ପୋଲିସ ଅଫିସର ଓ କର୍ମଚାରୀଙ୍କ ସାମାଜିକ ଆଭିମୁଖ୍ୟ।

ଡୋଭାଲଙ୍କ ମନ୍ତବ୍ୟକୁ ତର୍ଜମା କରାଗଲେ ସେ ପୋଲିସ ଅଧିକାରୀମାନଙ୍କୁ ଅନ୍ଧ ଦେଶଭକ୍ତି ଆଡ଼କୁ ନେଇଯାଉଥିବା ଭଳି ମନେହେଉଛି। ସେ କହିଛନ୍ତି ଯେ, ପୋଲିସ ହେଉଛି କେବଳ ଭାରତ ପାଇଁ ଓ ଭାରତ ହେଉଛି ପୋଲିସର। ଅନ୍ୟସବୁ ପରିଚୟ ଭାରତୀୟତା ଭିତରେ ବୁଡ଼ିଯାଉଛି। ଦେଖିବାକୁ ଗଲେ ପୋଲିସ ଏକ ବ୍ୟବସ୍ଥା, ଯାହା ଆଇନଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରେ। ଏହାଦ୍ୱାରା ବିଶୃଙ୍ଖଳିତ ଲୋକଙ୍କୁ ଏକ ବ୍ୟବସ୍ଥିତ ସଭ୍ୟ ସମାଜ ମିଳିଥାଏ। ଏବେ ସେହି ବ୍ୟବସ୍ଥିତ ସଭ୍ୟସମାଜଠାରୁ ବିପଦ ସୃଷ୍ଟି ହେଉଛି ବୋଲି ଡୋଭାଲ କହୁଛନ୍ତି। ବୁଝିବା ଦରକାର ଯେ ସଭ୍ୟ ସମାଜ କେବଳ କେତେକ ସାମାଜିକ କର୍ମୀ, ବେସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଭିତରେ ସୀମିତ ନୁହେଁ। ଏହାର ସଂଜ୍ଞା ବ୍ୟାପକ। ପ୍ରତ୍ୟେକ ଶିକ୍ଷିତ ସଚେତନ ନାଗରିକ ସଭ୍ୟ ସମାଜର ସଦସ୍ୟ। ଶିକ୍ଷକ, ଡାକ୍ତର, ଇଞ୍ଜିନିୟର, ଓକିଲଙ୍କ ସମେତ ଗଣମାଧ୍ୟମ ଏବଂ ବ୍ୟବସାୟିକ ଓ ଅଣବ୍ୟବସାୟିକ ସଂସ୍ଥାଗୁଡ଼ିକ ସିଭିଲ ସୋସାଇଟିର ଅଂଶ ହୋଇଥିବାରୁ ବଞ୍ଚି ରହିପାରୁଛନ୍ତି। ସମ୍ପୂର୍ଣ୍ଣ ଅରାଜକତା ମୁଣ୍ଡ ଟେକିଲେ ପ୍ରଥମେ ଶିକ୍ଷିତ ନାଗରିକର ସ୍ୱାଧୀନତା ସହିତ ଜୀବନ ମଧ୍ୟ ବିପଦରେ ପଡ଼ିଥାଏ। ସେହି ସ୍ଥିତି ସୃଷ୍ଟି କରାଇ ନ ଦେବା ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୋଲିସ ଏବଂ କଚେରିର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଆଧୁନିକ ସମାଜର ମୌଳିକ ପ୍ରତୀକ। ଯେଉଁ ସମାଜରେ ପୋଲିସ ଓ ନ୍ୟାୟ ବ୍ୟବସ୍ଥା କାର୍ଯ୍ୟ ନ କରେ ସେଠାରେ ଅରାଜକତା ସୃଷ୍ଟି ହୁଏ। ସେଥିପାଇଁ ପୋଲିସର ନିରପେକ୍ଷତା ଓ ପୀଡ଼ିତଙ୍କ ପ୍ରତି ସହାନୁଭୂତି ରହିବା ନିତାନ୍ତ ଆବଶ୍ୟକ। ପୋଲିସ ଯଦି ଦେଶପ୍ରେମ ନାମରେ ବାଛବିଚାର ଆରମ୍ଭ କରେ ଏବଂ ନିଜର କର୍ତ୍ତବ୍ୟ ଦ୍ୱାରା ଅରାଜକତାକୁ ମୁଣ୍ଡ ଟେକିବାକୁ ଦିଏ, ତେବେ ସଭ୍ୟସମାଜ ପ୍ରତି ଘୋର ବିପଦ ଘନେଇ ଆସିବ।

୫୨ ବର୍ଷ ତଳେ ପୋଲିସ ଏକାଡେମୀରେ ପ୍ରଶିକ୍ଷଣ ନେଇଥିବା ଡୋଭାଲଙ୍କ ଭଳି ଜଣେ ବରିଷ୍ଠ ପଦାଧିକାରୀ ପୋଲିସ ଅଫିସରମାନଙ୍କୁ ଏହିଭଳି ଭାବେ ଉପଦେଶ ଦେବା ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି କେତେ ଚିନ୍ତିତ ଅଛନ୍ତି ବୁଝାପଡ଼ିଯାଉଛି। ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଆଇନକୁ କିଣି ନେବାରେ କିପରି ସଫଳ ହୋଇଛନ୍ତି ତାହା କିଛି ବର୍ଷ ହେବ ଦେଖାଯାଉଛି । ଭାରତର ସାଧାରଣ ନାଗରିକଙ୍କ ମନରେ ପୋଲିସ ପାଇଁ ସମର୍ଥନ ପରିବର୍ତ୍ତେ ଭୟ ଓ ଘୃଣା ରହିଛି। ଏ ଦେଶରେ ଆଜି ମଧ୍ୟ ପୋଲିସର ଔପନିବେଶିକ ମାନସିକତା ସବୁ କାର୍ଯ୍ୟରେ ଦେଖାଯାଉଛି। ନାମରେ ଭାରତୀୟ ପୋଲିସ, କିନ୍ତୁ କାମରେ ଏହି ବଳ ସାଧାରଣ ଲୋକଙ୍କୁ ଦମନ ସହିତ ହଇରାଣ କରିଥାଏ। ବିଶେଷକରି ଗରିବ ଓ ଅସହାୟ ପୀଡ଼ିତଙ୍କ ପ୍ରତି ପୋଲିସ କଦାପି ତତ୍ପରତା ଦେଖାଉନାହିଁ।

ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ଉତ୍ତରପ୍ରଦେଶକୁ ନିଆଯାଇପାରେ। ସେଠାରେ ଦଳିତ ମହିଳାଙ୍କ ଉପରେ ଅତ୍ୟାଚାରଠାରୁ ଆରମ୍ଭକରି ସେହି ରାଜ୍ୟର ଲଖିମ୍‌ପୁର ଖେରି ଅଞ୍ଚଳରେ ବିକ୍ଷୋଭକାରୀ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ଦିଆଯିବା ପରେ ମଧ୍ୟ କାହାରିକୁ ଦୀର୍ଘକାଳ ଯାଏ ଗିରଫ କରା ନ ଯିବା ଘଟଣା ପୋଲିସର ମୂକଦର୍ଶକ ଭୂମିକାକୁ ସମସ୍ତେ ଦେଖିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଶାସକ ଦଳର ନେତାମାନେ ପୋଲିସକୁ ଦଳୀୟ ସ୍ୱାର୍ଥରେ ବ୍ୟବହାର କରିଚାଲିଛନ୍ତି। ଯେଉଁମାନେ ସାଧାରଣରେ ପୋଲିସର କାର୍ଯ୍ୟକୁ ନିନ୍ଦା କରୁଛନ୍ତି ସେମାନେ ଅତ୍ୟାଚାରର ଶିକାର ହେଉଛନ୍ତି। ତେବେ ବାକ୍ ସ୍ୱାଧୀନତା ବଜାୟ ରଖିବା ସହିତ ଅତ୍ୟାଚାରିତ ବର୍ଗଙ୍କ ଉତ୍ଥାନ ପାଇଁ ଯେଉଁ ଭଦ୍ର ସମାଜ ଉଦ୍ୟମ କରିଚାଲିଛନ୍ତି, ତା'ର ସଦସ୍ୟମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ କରାଯାଉଛି। ତେବେ ଯେତେବେଳେ ସିଭିଲ ସୋସାଇଟିର ପଲା ଭାରି ପଡୁଛି, ସେତେବେଳେ ସରକାର ଅଡୁଆରେ ପଡ଼ିଯାଉଛନ୍ତି। ଏହାଦ୍ୱାରା ଶାସକ ବର୍ଗ ଅନେକାଂଶରେ ନିନ୍ଦିତ ହେଉଥିବାରୁ ଭଦ୍ର ସମାଜ ଦେଶ ପାଇଁ ବିପଦ ବୋଲି ଡୋଭାଲ ପୋଲିସ ମହଲରେ ଧାରଣା ସୃଷ୍ଟି କରୁଛନ୍ତି।

ଆଜିର ସ୍ଥିତି ଦେଖିଲେ ପୋଲିସ ଅନାବଶ୍ୟକ ସ୍ଥଳେ ବଳ ପ୍ରୟୋଗ କଲେ ତାହା ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଦରକାର ଥିଲା ବୋଲି କୁହାଯାଉଛି। କିନ୍ତୁ ଭଦ୍ର ସମାଜ ସରକାରୀ ବ୍ୟବସ୍ଥାରେ ଦେଖାଦେଉଥିବା ତ୍ରୁଟିକୁ ଦର୍ଶାଇଲେ ତାହାକୁ ଶତ୍ରୁ ଭାବେ ବିବେଚନା କରାଯାଉଛି। ସିଭିଲ୍ ସୋସାଇଟି ଦେଶର ସ୍ୱାର୍ଥରେ ବ୍ୟାଘାତ ସୃଷ୍ଟି କରୁଛନ୍ତି ବୋଲି କୁହାଯାଇ ମନ୍ତ୍ରଣା ଦିଆଯାଉଥିବାରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଅଧିକ ବିପଦ ଦେଖାଦେଉଛି। ଯେତେବେଳେ ବ୍ୟବସ୍ଥା ଓ ପୋଲିସ ଦେଶର ନାଗରିକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବ, ସେତେବେଳେ ବାସ୍ତବ ଶତ୍ରୁଙ୍କ ପ୍ରତି ଅନ୍ଧ ହୋଇଯିବ।

# ଗଣତନ୍ତ୍ରର ଗରିମା ବଢ଼ିଛି



ଅନିଲ କୁମାର ବିଶ୍ୱାଳ

ଝାଡ଼ଖଣ୍ଡ ରାଜ୍ୟ ସରିକେଲା ଜିଲାର ଛୁଟନି ଦେବୀ। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ତାଙ୍କୁ ଫୋନ୍‌ରେ ଯେତେବେଳେ କୁହାଗଲା ଯେ, ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ଦିଆଯିବ ; ସେତେବେଳେ ପଦ୍ମଶ୍ରୀ ପୁରସ୍କାର କ'ଣ ବୋଲି ବୁଝିପାରି ନ ଥିଲେ ଛୁଟନି ଦେବୀ। ତାଙ୍କୁ କିଛି ଘଣ୍ଟା ପରେ ପୁଣି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ଆଉ ଥରେ ଫୋନ୍ ଆସିଲା ଓ ସେତେବେଳେ ଜଣେ ସରକାରୀ ଅଧିକାରୀ ତାଙ୍କ ଘରକୁ ଯାଇ ବୁଝାଇ ସାରିଥିଲେ ଯେ ପଦ୍ମଶ୍ରୀ ସମ୍ମାନ ହେଉଛି ଦେଶର ଚତୁର୍ଥ ବଡ଼ ନାଗରିକ ସମ୍ମାନ, ଯେଉଁଥିରେ ସେ ସମ୍ମାନିତ ହେବେ। ୧୯୯୫ରେ ଛୁଟନି ଦେବୀଙ୍କ ଦେହରେ ଡାହାଣୀ ଲାଗିଛି ବୋଲି କହି ତାନ୍ତ୍ରିକ ତାଙ୍କୁ ଜବରଦସ୍ତି ମଳ ଓ ମୂତ୍ର ପିଆଇ ଦେଇଥିଲା। ସେବେଠାରୁ ସେ ସେହି କୁସଂସ୍କାର ବିଷୟରେ ଲୋକମାନଙ୍କୁ ସଚେତନ କରାଇ ଆସୁଛନ୍ତି। ଏଥର ପଦ୍ମ ପୁରସ୍କାରରେ କିଛି ଏମିତି ପ୍ରତିଭାଙ୍କୁ ଦେଶ ସମ୍ମାନ ଦେଇଛି, ଯେଉଁମାନେ ନା କେବେ ପଦ୍ମ ପୁରସ୍କାର କ'ଣ ଜାଣିଥିଲେ ନା ଶୁଣିଥିଲେ। ଆଉ ଜଣେ ହେଉଛନ୍ତି ପଶ୍ଚିମବଙ୍ଗର କାମାଲି ସୋରେନ୍। ତାଙ୍କୁ ଯେତେବେଳେ ପଦ୍ମ ପୁରସ୍କାର ପାଇଁ ଫୋନ୍ ଆସିଥିଲା, ସେ କହିଥିଲେ– ଦିଲ୍ଲୀ ଯିବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ କି ଏତେ ବଡ଼ ସମ୍ମାନ ପାଇବା ପାଇଁ ସେ ନିଜକୁ ଯୋଗ୍ୟ ଭାବୁନାହାନ୍ତି। ଏଭଳି ପ୍ରତିଭାମାନଙ୍କୁ ସମ୍ମାନ ଦେଇ ଦେଶର ଗଣତନ୍ତ୍ରର ଗରିମା ବଢ଼ିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ଭଳି ମଳିମୁଣ୍ଡିଆ ଲୋକଙ୍କୁ ଦେଶର ସର୍ବୋଚ୍ଚ କ୍ଷମତାଶାଳୀ ପଦରେ ପଦାସୀନ ବ୍ୟକ୍ତି ଯେତେବେଳେ ରାଇସିନା ହିଲ୍‌ରେ ନମସ୍କାର କରୁଥିଲେ, ସାରା ବିଶ୍ୱକୁ ଆମେ ଆମ ଗଣତନ୍ତ୍ରର ମହାନତା ଉପରେ ବାର୍ତ୍ତା ଦେଉଥିଲେ।

ଅଯୋଧ୍ୟାରେ ରହୁଥିବା ମହମ୍ମଦ ଶରିଫ୍‌ଙ୍କୁ ଏଥର ପଦ୍ମଶ୍ରୀ ମିଳିଛି। ୮୩ ବୟସର ଶରିଫ୍ ପେସାରେ ଜଣେ ସାଇକେଲ ମେକାନିକ୍। ସେ ବର୍ତ୍ତମାନ ସୁଦ୍ଧା ୨୫ ହଜାରରୁ ଅଧିକ ଅଜଣା ଲୋକଙ୍କର ଶବ ସତ୍କାର କରିସାରିଛନ୍ତି। ମହାରାଷ୍ଟ୍ରର ଅହମଦନଗରର ଏକ ଛୋଟ ଗାଁର କୃଷକ ହେଉଛନ୍ତି ରାହିବାଇ ସୋମା। ରାହିବାଇ ଦେଶୀ ବିହନର କେବଳ ସଂରକ୍ଷଣ କରୁନାହାନ୍ତି ବଂର ଏହାକୁ ଏକ ଲକ୍ଷ୍ୟ ଭାବରେ ନେଇ ଅନେକଙ୍କୁ ପ୍ରୋତ୍ସାହିତ ବି କରୁଛନ୍ତି। ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲଙ୍କୁ ବି ପଦ୍ମଶ୍ରୀ ମିଳିଛି। ତାଙ୍କର ବାପା ଘୋଡ଼ାଗାଡ଼ି ଚଲାଇ ଘର ଚଳାଉଥିଲେ ଓ ମା' ଅନ୍ୟ ଘରେ ବାସନ ମାଜୁଥିଲେ। ମେଘାଳୟର ଜନଜାତି ବର୍ଗର ମହିଳା ଟ୍ରିନିଟ ସାଇଓ, ଯିଏ ନିଜେ ହଳଦୀ ଚାଷ କରିବା ସହିତ ଅନେକ ଜନଜାତି ପରିବାରଙ୍କୁ ରୋଜଗାର ଦେଇପାରିଛନ୍ତି। କର୍ନାଟକର ତୁଳସୀ ଗୌଡ଼ା ବିନା ପାରିଶ୍ରମିକରେ ଜଙ୍ଗଲରେ ଗଛ ଲଗାଇ ଚାଲିଥିଲେ। ପରେ କର୍ନାଟକ ସରକାର ତାଙ୍କୁ କିଛି ପାରିଶ୍ରମିକ ଦେଲେ। ନିଜ ୫୦ ବର୍ଷର ସାଧନାରେ ସେ ପ୍ରାୟ ୧ ଲକ୍ଷ ଗଛ ଲଗାଇଛନ୍ତି। ତାଙ୍କ ପାଖକୁ ଅନେକ ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଆସନ୍ତି ; କାରଣ ଏବେ ସୁଦ୍ଧା ତୁଳସୀ ଲଗାଇଥିବା କୌଣସି ଗଛ ମରିନାହିଁ।

ଆଉ ଜଣେ ଏପରି ବ୍ୟକ୍ତିତ୍ୱ ହେଉଛନ୍ତି ହରେକଳା ହଜବା। ମାଙ୍ଗାଲୋରରେ ଛୋଟିଆ ଦୋକାନଟିରେ ଫଳ ବିକୁଥିବା ହଜବା ନିଜ ଉଦ୍ୟମରେ ଏକ ସ୍କୁଲ କରିଛନ୍ତି, ଯେଉଁଥିରେ ୧୭୫ ଛାତ୍ରୀଛାତ୍ର ମାଗଣାରେ ପାଠ ପଢୁଛନ୍ତି। ସେହିପରି ଆମ ଓଡ଼ିଶାର ପୂର୍ଣ୍ଣମାସୀ ଜାନୀ କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିନାହାନ୍ତି। ସରଳ ଓ ନିରାଡ଼ମ୍ବର ଜୀବନଶୈଳୀ ଆଦରି ନେଇଥିବା ପୂର୍ଣ୍ଣମାସୀ ୪୦ ବର୍ଷ ହେଲାଣି କୁଇ ଭାଷାରେ ଆଧ୍ୟାତ୍ମିକ ବାଣୀ ପ୍ରଚାର କରିଆସୁଛନ୍ତି। ଅନେକ ଜିଜ୍ଞାସୁଙ୍କର ଅନେକ ଅସମାହିତ ପ୍ରଶ୍ନକୁ ଆଧ୍ୟାତ୍ମିକ ଚେତନାରେ ସରଳ ଭାବରେ ସେ ବୁଝାଇ ପାରୁଛନ୍ତି। ସେହିପରି ନନ୍ଦ ସାରଙ୍କ ଅବଦାନ ଅତୁଳନୀୟ। ଶହେ ବର୍ଷ ବୟସ ପାର କରିସାରିଥିବା ନନ୍ଦ ସାର ବିନା ପାରିଶ୍ରମିକରେ ଗ୍ରାମାଞ୍ଚଳରେ ପିଲାମାନଙ୍କୁ ଅନେକ ବର୍ଷ ହେଲାଣି ପାଠ ପଢ଼ାଇ ଆସୁଛନ୍ତି। ସେହିପରି ମଂଜାମା ଜୋଗାଥୀ ହେଉଛନ୍ତି ଜଣେ ଟ୍ରାନ୍ସଜେଣ୍ଡର, ଯିଏକି କର୍ନାଟକରେ ଟ୍ରାନ୍ସଜେଣ୍ଡର ସମୁଦାୟଙ୍କର କଲ୍ୟାଣ ପାଇଁ ଅନେକ କିଛି କରିଛନ୍ତି। ବିଶେଷ ଭାବରେ କର୍ନାଟକର ଲୋକନାଟକୁ ପୁନର୍ଜୀବିତ କରିବା ସହିତ ଟ୍ରାନ୍ସଜେଣ୍ଡଙ୍କୁ ସମ୍ମାନର ସହିତ ବଞ୍ଚିବା ପାଇଁ ରାହା ଦେଖାଇଛନ୍ତି।

ଏହି ମହାନ୍ ସାଧକମାନେ ନା କୌଣସି ସେଲିବ୍ରିଟି ନା ସେମାନଙ୍କୁ ସାରା ଦେଶରେ ଲୋକ ଚିହ୍ନିଥିଲେ। ଏମାନଙ୍କର ଟ୍ୱିଟର କି ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟ ନାହିଁ କି ସେମାନଙ୍କର ସାମାଜିକ ଗଣମାଧ୍ୟମରେ କୌଣସି ଅନୁଗାମୀ ବି ନାହାନ୍ତି। ସେମାନେ କେବେ ବି କୌଣସି ଖବରକାଗଜର ପ୍ରଥମ ପୃଷ୍ଠାର ଖବର ହୋଇନଥିଲେ। ସେମାନଙ୍କର କାମକୁ ନେଇ କେବେ କୌଣସି ଟେଲିଭିଜନରେ କାର୍ଯ୍ୟକ୍ରମ ହୁଏ ନାହିଁ କି ସେମାନଙ୍କର ସାକ୍ଷାତ୍‌କାରକୁ କେହି ଦେଖାନ୍ତି ନାହିଁ। ସେମାନଙ୍କର କୌଣସି ଏନ୍‌ଜିଓ ନାହିଁ। ସେମାନେ ରାଷ୍ଟ୍ରପତିଙ୍କ ପାଖରୁ ପୁରସ୍କାର ପାଇଲା ବେଳେ ନା ପିନ୍ଧିଥିଲେ କୌଣସି ଡିଜାଇନର ବନାଇଥିବା ସୁଟ ବୁଟ କି ଲହଙ୍ଗା ନା ପାଦରେ ଥିଲା ଦାମୀ ଜୋତା। ଏମାନଙ୍କୁ ଜଣା ନଥିଲା ଫଟୋ ପୋଜର ଅଭିଜ୍ଞତା। ଭିଡିଓରେ ଯାହା ଦେଖିବାକୁ ମିଳୁଛି ମହାମହିମ ରାଷ୍ଟ୍ରପତି ପ୍ରାୟ ଅନେକଙ୍କୁ କ୍ୟାମେରା ଆଡ଼କୁ ଅନେଇବା ପାଇଁ ହାତରେ ଇଙ୍ଗିତ କରୁଛନ୍ତି। ଦେଶର କୋଣ ଅନୁକୋଣରୁ ଏଭଳି ସମର୍ପିତ ସାମାଜିକ ସାଧକମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ସମ୍ମାନ ଦେବା ନିଶ୍ଚୟ ଦେଶର ସାଧାରଣ ଲୋକଙ୍କ ପାଇଁ ପ୍ରେରଣା ସୃଷ୍ଟି କରୁଛି। ଦେଶ ବଦଳିବ ଯେତେବେଳେ, ଏହିଭଳି ଲୋକମାନଙ୍କୁ ଦେଶ ସମ୍ମାନ ଦେବ। ଦେଶର ମା'ବାପାମାନେ ସେମାନଙ୍କର ପିଲାମାନଙ୍କୁ ଯେବେ ନନ୍ଦ ସାର, ହଜବା, ପୂର୍ଣ୍ଣମାସୀଙ୍କ ଭଳି ଲୋକଙ୍କୁ ଆଦର୍ଶ ବୋଲି ଦେଖାଇବେ ସେତେବେଳେ ଭାରତ ସୁନା ହୋଇଯିବ।

ଭାରତରତ୍ନ ପରେ ଦେଶର ପ୍ରମୁଖ ବେସାମରିକ ସମ୍ମାନ ହେଉଛି ପଦ୍ମ ସମ୍ମାନ। ନିୟମ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଗଠିତ ମନୋନୟନ କମିଟିରେ କ୍ୟାବିନେଟ୍ ସଚିବ, ଗୃହ ସଚିବ, ରାଷ୍ଟ୍ରପତିଙ୍କ ସଚିବ ଏବଂ ଦେଶର ୫ ଜଣ ବିଶିଷ୍ଟ ବ୍ୟକ୍ତି ରହିବେ। ସେମାନେ ଚୟନ କରି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବିତ ନାମଗୁଡିକ ପଠାଇବେ। ଆମ ଦେଶର ଦୁର୍ଭାଗ୍ୟ ଯେ, ୧୯୬୦ ଦଶକରୁ ଏହି ପୁରସ୍କାର ପାଇବାର ମାପଦଣ୍ଡ ରାଜନୈତିକ ନେତାମାନଙ୍କର ବ୍ୟକ୍ତିଗତ ଇଚ୍ଛାରେ ନିର୍ଭର କଲା। କେଉଁ ଓକିଲ ରାଜନେତାଙ୍କୁ ମୋକଦ୍ଦମାରେ ରକ୍ଷା କରିଦେଲେ, କେଉଁ ଲେଖକ ତାଙ୍କ ବହିରେ ପ୍ରଧାନମନ୍ତ୍ରୀଙ୍କର ପ୍ରଶଂସା କଲେ ସେମାନଙ୍କୁ ପଦ୍ମ ପୁରସ୍କାର ମିଳିଯାଉଥିଲା। ରାଜେନ୍ଦ୍ର ପ୍ରସାଦ ତାଙ୍କର ସେବା କରୁଥିବା ନର୍ସ, ରାଜୀବ ଗାନ୍ଧୀ ତାଙ୍କୁ ପାଠ ପଢ଼ାଇଥିବା ଡୁନ ସ୍କୁଲର ଅଧ୍ୟକ୍ଷଙ୍କୁ ପଦ୍ମ ପୁରସ୍କାର ଦେଇଥିଲେ। ନନ୍ଦ ପୃଷ୍ଟିଙ୍କ ଭଳି ଶିକ୍ଷକଙ୍କୁ ପଚାରେ କିଏ ? ଧୀରେ ଧୀରେ ଏହି ପୁରସ୍କାରରେ ଭାରତୀୟ କଳା ସଂସ୍କୃତି ଅପେକ୍ଷା ବଲିଉଡ୍‌ର ପ୍ରଭାବ ବୃଦ୍ଧି ପାଇଲା। ସନତ ସିଂ ଛଟୱାଲ, ଯାହାଙ୍କ ନାଁରେ ଆମେରିକା ଓ ଭାରତରେ ଠକେଇ ମାମଲା ଥିଲା ତାଙ୍କୁ ବି ପଦ୍ମ ପୁରସ୍କାର ମିଳିଥିଲା। ସେହିପରି ଭାରତରତ୍ନ ପୁରସ୍କାରକୁ ନେଇ ମଧ୍ୟ ଅନେକ ବିବାଦ ରହିଛି। ଇନ୍ଦିରା ଗାନ୍ଧୀ ଓ ନେହେରୁ ନିଜେ ପ୍ରଧାନମନ୍ତ୍ରୀ ଥିବା ବେଳେ ସେମାନେ ଭାରତରତ୍ନ ପୁରସ୍କାର ପାଇଛନ୍ତି। ବାବା ସାହେବ ଆମ୍ବେଡକର, ସର୍ଦ୍ଦାର ପଟେଲ ଭାରତରତ୍ନ ପାଇବାର ବହୁ ଆଗରୁ ଇନ୍ଦିରା ଗାନ୍ଧୀଙ୍କୁ ଭାରତରତ୍ନରେ ସମ୍ମାନିତ କରାଯାଇଥିଲା।

୨୦୨୦-୨୧ ବର୍ଷ ପାଇଁ ୭ ଜଣଙ୍କୁ ପଦ୍ମ ବିଭୂଷଣ, ୧୬ଙ୍କୁ ପଦ୍ମ ଭୂଷଣ ଏବଂ ୧୨୨ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ଦିଆଯାଇଛି। ସେମାନଙ୍କ ଭିତରୁ ୨୯ ଜଣ ମହିଳା ପଦ୍ମ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏଥର ପୁରସ୍କାର ତାଲିକାରେ ସ୍ଥାନ ପାଇଥିବା ଅନେକ ପ୍ରତିଭା ଏମିତି ଅଛନ୍ତି, ଯେଉଁମାନେ ନା ଆଗରୁ କେବେ କୌଣସି ବଡ଼ ପୁରସ୍କାର ପାଇଥିଲେ ନା ସେମାନଙ୍କୁ କୌଣସି ଅନ୍ୟ ଅନୁଷ୍ଠାନ ସ୍ୱୀକୃତି ଦେଇଥିଲେ। ସେମାନେ କେବେ ପୁରସ୍କାର ପାଇବା ଆଶାରେ ଏହି ସେବା କାମ କରୁନଥିଲେ। ଏହି ପ୍ରତିଭାମାନଙ୍କୁ ଦେଶ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରି ସାଧାରଣ ମଣିଷର ଅସାଧାରଣ କାର୍ଯ୍ୟକୁ ସମ୍ମାନିତ କରିଛି। ଏହି ପୁରସ୍କୃତ ମହାମନୀଷୀମାନଙ୍କ ମଧ୍ୟରୁ କିଛି ଜଣ ଯେତେବେଳେ ରାଷ୍ଟ୍ରପତି ମହଲର ନାଲି ମଖମଲି ଗାଲିଚା ଉପରେ ଖାଲି ପାଦରେ ଚାଲିକି ଯାଇ ସମ୍ମାନ ଆଣିଲେ, ଏହା ଦର୍ଶାଉଥିଲା ଯେ କେତେ ସରଳ ସେମାନଙ୍କର ଜୀବନଶୈଳୀ, କେତେ ନିଷ୍କପଟ ଥିଲା ସେମାନଙ୍କର ସାଧନା। ଯେଉଁ ପାରମ୍ପରିକ ଧାରା ଚାଲିଆସିଥିଲା ଯେ ବଲିଉଡ୍ କ୍ରିକେଟ ଖେଳାଳି ଏବଂ ରାଜନେତାମାନେ ହିଁ ଦେଶରେ ପଦ୍ମ ପୁରସ୍କାର ପାଇବେ ସେହି ଧାରା ଭାଙ୍ଗୁଛି। ଯେତେବେଳେ ଭାରତର ରାଷ୍ଟ୍ରପତିଙ୍କୁ ନନ୍ଦ ସାର ଓ ମଂଜାମା ଜୋଗାଥୀ ହାତ ଟେକି ଆର୍ଶୀବାଦ ଦେଉଥିଲେ, ସେତେବେଳେ ଭାରତୀୟ ଗଣତନ୍ତ୍ରର ମହତ୍ତ୍ୱ ସାରା ବିଶ୍ୱ ଅନୁଭବ କରିଥିବ। ଆମକୁ ଗଣତନ୍ତ୍ର ଶିଖାଇଛନ୍ତି ବୋଲି ମନେ ମନେ ଗର୍ବ କରୁଥିବା ବ୍ରିଟେନ୍‌ରେ ଯେତେବେଳେ ନାଇଟ୍‌ହୁଡ ପୁରସ୍କାର ଦିଆଯାଏ, ସେତେବେଳେ ପୁରସ୍କାର ନେଉଥିବା ଲୋକଙ୍କୁ ରାଣୀଙ୍କ ଆଗରେ ଆଣ୍ଠେଇ ସମ୍ମାନ ଗ୍ରହଣ କରିବାକୁ ପଡ଼େ।

ଗଣମାଧ୍ୟମରେ ସବୁବେଳେ ସେଲିବ୍ରିଟିମାନେ କ'ଣ କଲେ ତାହାକୁ ନେଇ ଚର୍ଚ୍ଚା। ଉଦାହରଣ ସ୍ୱରୂପ ସୋନୁ ସୁଦ। କରୋନା ସମୟରେ ଅନେକ ସାମାଜିକ ସଙ୍ଗଠନ ଦିନ ରାତି ଏକ କରି ଲୋକଙ୍କ ପାଖରେ ଅମ୍ଳଜାନଠାରୁ ଆରମ୍ଭ କରି ଔଷଧ ପହଞ୍ଚାଉଥିଲେ। କିନ୍ତୁ ଗଣମାଧ୍ୟମରେ କେବଳ ଚର୍ଚ୍ଚାରେ ରହିଲେ ସୋନୁ ସୁଦ। ଏବେ ତାଙ୍କ ଉପରେ ଆୟକର ଚଢ଼ାଉ କଲାଣି। ଏବେ କିଛି ଦିନ ତଳେ ଶାହାରୁଖ ଖାନ୍‌ଙ୍କ ପୁଅଙ୍କର ଡ୍ରଗ୍ସ ଖାଇବା ଘଟଣା ସବୁଦିନ ପ୍ରାଇମ ଟାଇମରେ ଟିଭି ଚ୍ୟାନେଲରେ ଆସୁଥିଲା। କ'ଣ ଭାରତରେ ଯେଉଁମାନେ ନିଃସ୍ୱାର୍ଥପର ଭାବରେ ଅନ୍ୟର କଲ୍ୟାଣ ପାଇଁ କାମ କରିଚାଲିଛନ୍ତି, ସେମାନେ ସେଲିବ୍ରିଟ ହୋଇ ନ ଥିବାରୁ, ବଡ଼ ପରିବାରରେ ଜନ୍ମ ନେଇ ନ ଥିବାରୁ ସେମାନଙ୍କ ବିଷୟରେ କେବେ ଆଲୋଚନା ହେବ ନାହିଁ? ଏବେ ସେହି ଧାରାକୁ ବଦଳାଇବାର ସମୟ ଆସିଛି। ସମାଜର ତଳସ୍ତରରେ ମାନବ ଜାତିର କଲ୍ୟାଣ ପାଇଁ ଅହରହ ତିଳ ତିଳ ଜଳୁଥିବା ମେହନତି ମଣିଷମାନଙ୍କୁ ଏବେ ରୋଲ ମଡେଲ ଭାବରେ ଗ୍ରହଣ କରିବାକୁ ହେବ।

**ହରିରାଜପୁର, ପୁରୀ**
**ମୋ: ୮୨୪୯୮୬୮୯୬୧**

# ମୁଠାଏ ମାଟି



ଦ୍ୱିତୀ ଚନ୍ଦ୍ର ସାହୁ

ନୂଆ ଘରସବୁ ସଜଡ଼ାସଜଡ଼ି ପରେ ମନ ବଳିଲା ଏଣିକି ବଗିଚା କରିବା। ସହରରେ ଘର କରିଲାବେଳେ ସ୍ଥାନ ପ୍ରତି ସମସ୍ତେ ସଚେତନ। ପ୍ରାୟ ସମସ୍ତଙ୍କର ନିଶା ଅମୂଲମୂଲ ଦରରେ କିଣାଯାଇଥିବା ଜାଗା ଯେମିତି ବରବାଦ ହେବନି। ସେଥିପାଇଁ ଇଞ୍ଜିନିୟରଙ୍କ ନିକଟରେ ନିଜେ ବସି ଘରର ପ୍ଲାନିଂ କରାଇଥାନ୍ତି। ଅଧିକାଂଶ ଲୋକଙ୍କ ଦି' ମହଲା ଘର ତୋଳା ହୁଏ। ଗୋଟିକରେ ମାଲିକ, ଆର ଗୋଟିକ ଭଡ଼ା। ଋଣ ଭରଣା ପାଇଁ ଇଏ ଏକ ଯୋଜନା। ସେମିତିରେ ସାମ୍ନାରେ ଯଦିଓ କିଛି ସ୍ଥାନ ଛଡ଼ାଯାଇଥାଏ, କିନ୍ତୁ ସେସବୁ ପୂର୍ବରୁ ସିମେଣ୍ଟ କଂକ୍ରିଟ ହୋଇଥାଏ। ଯାନବାହନ ପାର୍କିଂ ଓ ଭୂତଳ ଜଳ ସଂରକ୍ଷଣ କୃତ୍ରିମ କୁଣ୍ଡ ପାଇଁ ସେଠାରେ ସୁବନ୍ଦୋବସ୍ତ ହୋଇଥାଏ। ଏମିତିରେ ଘରେ ବଗିଚା କରାଯିବ କୋଉଠି ? ଯଦି ହେବ ଘରର ଅଗଣା, ନ ହେଲେ ପ୍ରଶସ୍ତ ଛାତ। ଅଧିକାଂଶ ସହରୀ ଲୋକ ଛାତ ବଗିଚା ପାଇଁ ଆଗ୍ରହୀ। ଛାତ ବଗିଚା ପାଇଁ ମନ ବଳିଲା କ୍ଷଣି ଦୋକାନକୁ ଯାଇ କୁଣ୍ଡ କିଣା ହୋଇ ଆସିଲା। ଫୁଲ ଗଛ ମିଳିଯିବ ନର୍ସରୀରେ। କିଂତୁ ଗଛ ଲଗେଇବା ପାଇଁ ମାଟି ଓ ଖତ ଦରକାର। ଖତ ବି କିଣିଲେ ଆଜିକାଲି ମିଳିଯାଉଛି। କିନ୍ତୁ ମାଟି ମିଳିବ କୋଉଠୁ ? କୁଣ୍ଡ ପାଇଁ ମାଟି ଉଦ୍ଦେଶ୍ୟରେ ସ୍କୁଟି ଓ ଅଖା ଧରି ସହରରେ ପଇଁତରା ମରାଗଲା। ସହର ଉପକଣ୍ଠରେ ଗୋଟେ ଘରର ମୂଳଦୁଆ ପାଇଁ ଖୋଳାଯାଉଥିଲା ମାଟି। ସେଠାରେ ଗାଡି ରଖି ମାଟି ମୁଠାଏ ନେବାକୁ ଆଗ୍ରହ ପ୍ରକାଶ କରୁକରୁ ସେଠାରେ ଉପସ୍ଥିତ ଘର ମାଲିକ ମନା କଲା। କହିଲା– 'ଆଜ୍ଞା ! ଡେଲି ଡେଲି ଏମିତି ଅଖା ଧରି ଲୋକ ସବୁ ଚାଲି ଆସୁଛନ୍ତି। ମାଟିସବୁ ଏମିତି ଦେଇଦେଲେ ମୁଁ ଫେରେ ଫାଉଣ୍ଡେସନ ପରେ ଖାଲକୁ ପୋତିବି କେମିତି ?' ଏହାର ଉତ୍ତର ନ ଥିଲା।

ହତାଶା ଭିତରେ ଗାଡ଼ି ଘର ଅଭିମୁଖେ ଘୁରେଇଲି। ଏତିକିବେଳେ ଶ୍ରୀମା'ଙ୍କ ଗୋଟେ ଧାଡ଼ି ମନେପଡ଼ିଗଲା। ସେ କହିଥିଲେ, ଦିନ ଆସିବ ମୁଠାଏ ସୁନା ଅପେକ୍ଷା ମୁଠାଏ ମାଟିର ମୂଲ ଢେରଗୁଣରେ ଅଧିକ ହେବ। ବାସ୍ତବରେ ସତକଥା। ଏବେ ମାଟିର ଦର କଷି ହେବନି। ସହରସାରା କଂକ୍ରିଟ ଜଙ୍ଗଲ। ମାଟି ଦେଖିବାକୁ ମିଳୁନି। ଚାରିଆଡେ କଂକ୍ରିଟ ଚଟାଣ। ଘରର ଅଗଣାଠାରୁ ରାସ୍ତା ଘାଟ ସବୁଠି ମାଟି ଉପରେ ସ୍ଥାୟୀ ଆସ୍ତରଣ। ବର୍ଷାପାଣି ଗଡ଼ିଗଡ଼ି ନାଳ ନଦୀ ହୋଇ ସମୁଦ୍ରକୁ ଚାଲିଯାଉଛି। ମାଟି ଭିତରକୁ ପାଣି ଭେଦି ପାରୁନି। ଏଣେ ନୂଆ ଘର ତିଆରି କରିବା ପୂର୍ବରୁ ଲୋଡ଼ା ନଳକୂଅ। ପ୍ରଥମେ ଗାଡ଼ି ଆସି ଗଭୀର ନଳକୂପ ଖୋଳିବ। ପରେ ଘର ତୋଳା ଆରମ୍ଭ ହେବ। ଏଇମିତି ଅନେକ କାରଣରୁ ମାଟି ତଳର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଗାଁଗହଳିରେ ଖରାଦିନେ ଯେତେ ମାରି ମାରି ହାଲିଆ ହୋଇଗଲେ ବି ଟୋପାଏ ପାଣି ଦେଇପାରୁନି ନଳକୂପ। ଗାଁରୁ ସହର ସବୁଠି ପାଣି ପାଇଁ ହାହାକାର। ଗାଁଲୋକେ ମୁନ୍ଦାଏ ପାଣି ପାଇଁ ଦୀର୍ଘ କିଲୋମିଟର ଚାଲି ଚାଲି ପାଣି ବୋହି ଆଣୁଥିବାର ଦୃଶ୍ୟ ସାଧାରଣ ହୋଇଗଲାଣି। ଏସବୁ ପ୍ରତି ଚିନ୍ତା କାହାର ନାହିଁ। ଅଥଚ ଘର ତୋଳିଲାବେଳେ ଚାଖଣ୍ଡେ କି ହାତେ ଜମି ପାଇଁ ପଡ଼ୋଶୀ ମଧ୍ୟରେ ଗଣ୍ଡଗୋଳ, ହାତାହାତି। ପରିବାର ଭିତରେ ବି ସେଇ ସମସ୍ୟା। ଭାଗବଣ୍ଟା ବେଳେ ଗାଁଗହଳିରେ ଜମିକୁ ନେଇ କେତେ ସମସ୍ୟା। ସହରରେ ଜଣେ ଅପାର ଆନନ୍ଦରେ ଜମି କିଣିଥିବ। ଘର କରିବାକୁ ଗଲାବେଳେ ଆଉ କିଏ ଘର ତୋଳି ସାରିଥିବ। ସେଇ ଜମିକୁ ଏକାଧିକ ଲୋକଙ୍କୁ ଚଞ୍ଚକତା କରି ବିକ୍ରି କରିଦେଇଥିବ ବିଲ୍‌ଡର। ତା'ପରେ ତା'ର ଠିକଣା ଖୋଜିବା କଷ୍ଟକର।

ମାଟି ଉପରେ ମାଲିକାନା ନେଇ ହଜାରେ ସମସ୍ୟା। ମାଟି ଉପରେ ନିର୍ଦ୍ଧାରିତ ଅଙ୍କାବଙ୍କା କଳ୍ପିତ ଅନେକ ରେଖା ଯେମିତି ପାଲଟିଛି ଭାଗ୍ୟରେଖା। ମାନଚିତ୍ରର ଏଇ ସୀମାରେଖାକୁ ନେଇ ସବୁଠି ଦ୍ୱନ୍ଦ୍ୱ। ଦେଶ-ଦେଶ ଭିତରେ ଯୁଦ୍ଧ ପରିସ୍ଥିତି। ରାଜ୍ୟ-ରାଜ୍ୟ ଭିତରେ ଆଇନ ଶୃଙ୍ଖଳା ପରିସ୍ଥିତି। ଜିଲା-ଜିଲା ଭିତରେ ବିବାଦ। ଗାଁ ଗାଁ ଭିତରେ ହଣାକଟା। ଏବେ ଖାଲି ମାଟି ଉପରେ ମଣିଷର ଲୋଲୁପ ଦୃଷ୍ଟି ନାହିଁ, ମାଟି ତଳେ ଥିବା ଖଣିଜ ସଂପଦ ଉପରେ ଲୋଭିଲା ନଜର। ମାଟି ଭିତର ଅମୂଲ୍ୟ ସଂପଦ ପାଇଁ ଜୋରଜବରଦସ୍ତି ଅନଧିକାର ପ୍ରବେଶକୁ ନେଇ ବିବାଦ ଓ କୋର୍ଟ କଚେରି। ଭାରତର ସୀମାରେଖା ଉପରେ ପଡ଼ୋଶୀଙ୍କ ଆକ୍ରମଣ। ଓଡ଼ିଶାର ସୀମାରେଖା ଉପରେ ସେମିତି ଆନ୍ଧ୍ର, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡଖଣ୍ଡର ଆଖି। ମୁଠାଏ ମାଟିକୁ ନେଇ ସବୁଠି ବିପ୍ଳବ। ଷାଠିଏ ସତୁରି ଦଶକରେ ବୈଷୟିକ ସାଧନ ସେମିତି କିଛି ନଥିଲା। ଗାଁରେ ଘର ତୋଳିବା ହେଉ କି ବିଲ ତିଆରି ଲାଗି ଲୋଡ଼ା ପଡୁଥିଲା କେବଳ ମଣିଷବଳ। ମାଟି ଖୋଳି ପଥର ତାଡି ଘର, କୂଅ, ବିଲ, ରାସ୍ତାଘାଟ ତିଆରି ହେଉଥିଲା। ଘର ତିଆରି ପାଇଁ ଗାଁଠାରୁ ଦୂର ଅନାବାଦୀ ମାଟି ଢେପରୁ ମାଟି ଖୋଳି ଜନ୍ଦାପିମ୍ପୁଡି ଭଳି ପରିବାରର ସଦସ୍ୟମାନେ ବୋହି ଆଣି ମାଟିକାନ୍ଥ ତିଆରି ହେଉଥିଲା। ମାଣବସା ଗୁରୁବାର ଲାଗି ପାହାଡ ତଳ ମାଟି ଖାଦାନରୁ ଚିହ୍ନିତ ରଙ୍ଗମାଟି ଅଣାଯାଉଥିଲା ଘର ଲିପିବା ପାଇଁ। ଗଛ ଲଗାଇବାକୁ କୁଣ୍ଡର ଆବଶ୍ୟକତା ପଡୁ ନଥିଲା। ଘର ପଛପଟ ପ୍ରଶସ୍ତ ବାଡ଼। ସେଠି ଫୁଲ ଫଳ ପନିପରିବାର ସମ୍ଭାର। ଔଷଧୀୟ ବୃକ୍ଷରାଜିରେ ପୂରି ଉଠୁଥିଲା ବାଡ଼। ଝିଟିମାଟିର ବାଡ଼ରେ ଯଦିଓ ପାଚେରି ଉଠୁଥିଲା, କିନ୍ତୁ ବାଡ଼କୁ ନ ମାନି ଗଛଲତା ପରସ୍ପର ଭିତରେ ପ୍ରୀତି ବାଣ୍ଟୁଥିଲେ। ଏବେ ହାତରେ ଧନ ବଳ ଅଛି ତ ମାଟି ଉପରେ ହୁକୁମତ କରିପାରିବେ। ଗାଁର ପରିସ୍ଥିତି ସଙ୍ଗିନ। ମୁଠାଏ ଟଙ୍କାକୁ ଫୋପାଡି ଜୀବନଜୀବିକା କିଣା ହୋଇପାରୁଛି। ବର୍ଷ ବର୍ଷ ଧରି ରହିଥିବା ଭିଟାମାଟି ଉପରେ ବି ଥିବା ନିଜର ମାଲିକାନା ଚାଲିଯାଉଛି ବାଏଁ ବାଏଁ ଶିଳ୍ପପତିଙ୍କ ନିକଟକୁ। ସବୁ ସୁବିଧା ନାଆରେ ଅଜଣା ଜାଗାରେ ଚିଡ଼ିଆଖାନାର ଭ୍ରମ ଭିତରେ ପୁନର୍ବାସ କଲୋନୀରେ ମଣିଷ ରହିବାକୁ ବାଧ୍ୟ। ସେଠି ମାଟି ମୁଠାଏ ସ୍ୱପ୍ନ। ମାଟିର ମୋହରେ ମନ ବିଷଣ୍ଣ। ସହର କାୟା ମେଲୁଛି। ଗାଁପାଖକୁ ଭେଦିଗଲା ସହରର ସର୍ବଗିଳା ଅଜଗର। ଅକ୍ଟୋପସ ପରି ବିଲ୍‌ଡରଙ୍କ ଘେରରେ ଗାଁର ସବୁଜ ଜମି। ସହରରେ ଲୋକଙ୍କ ପାଇଁ ମାଟି ନାହିଁ। ଅଛି ତ କୋଉ ସହରତଳିର ଅସ୍ଥାୟୀ କୁଡ଼ିଆ ଭିତରେ ଜୀବନ। ଏମିତି ଗୋଳେଇଘାଣ୍ଟି ହେଉଥିବା ମନ ସହ ଘରକୁ ଫେରିଲି। ଘର ଲୋକଙ୍କ ହାତକୁ ଖାଲି ଅଖା ବଢ଼େଇ ଦେଇ କହିଲି– 'ମାଟି ପାଇଁ ପାଖ ଗାଁକୁ ଯିବାକୁ ହେବ।' ଏମିତି କଥା ଶୁଣିବାକୁ କେହି ଆଦୌ ପ୍ରସ୍ତୁତ ନଥିଲେ। ଚେହେରାରୁ ଲାଗୁଥିଲା ସେମାନଙ୍କ ହୃଦୟର ପାହାଡ଼ରୁ ମାଟି ଅତଡ଼ା ଖସି ଛାତ ବଗିଚା କରିବାର ଆଗ୍ରହକୁ ରାସ୍ତାରୋକୋ କରିଦେଉଥିଲା।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଲିଙ୍ଗଗତ ସମାନତା ଆଣିବା ତଥା କନ୍ୟା ସନ୍ତାନଙ୍କ ଜନ୍ମ ଓ ଜୀବନ ସୁରକ୍ଷା ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ହାତକୁ ନିଆଯାଉଥିଲେ ବି ପୁଣେର ଜଣେ ଡାକ୍ତରଙ୍କ ନିଆରା ପ୍ରୟାସ ପ୍ରେରଣାଦାୟକ। ପୁଣେସ୍ଥିତ ମେଡିକେୟାର ହସ୍ପିଟାଲର ଡା. ଗଣେଶ ରାଖି କନ୍ୟା ସନ୍ତାନଙ୍କ ଜନ୍ମ ମାଗଣାରେ କରାଉଛନ୍ତି। ଲିଙ୍ଗଗତ ସମାନତା ଆଣିବା ଲକ୍ଷ୍ୟରେ ମୁଲ୍‌ଗି ବଚାଓ ଅଭିଯାନ (କନ୍ୟାସନ୍ତାନ ବଞ୍ଚାଅ ଅଭିଯାନ) ଆରମ୍ଭ କରିଥିଲେ। ଏହି ଅଭିଯାନରେ ଏବେସୁଦ୍ଧା ୨,୦୦୦ କନ୍ୟାସନ୍ତାନଙ୍କ ଜନ୍ମ ମାଗଣାରେ କରିସାରିଲେଣି। ଏ ବାବଦରେ ଖର୍ଚ୍ଚ ବହନ କରିବା କଷ୍ଟକର ହେଉଥିଲେ ମଧ୍ୟ ଲକ୍ଷ୍ୟପଥରୁ ହଟିବେ ନାହିଁ ବୋଲି କହୁନ୍ତି ଡା. ଗଣେଶ। ୯ ବର୍ଷ ହେବ ତାଙ୍କର ଉକ୍ତ ପ୍ରୟାସ ଅନେକ ଡାକ୍ତରଙ୍କୁ ପ୍ରେରଣା ଯୋଗାଇଛି। ଫଳରେ ସେମାନେ ମଧ୍ୟ ଡା. ରାଖିଙ୍କ ପନ୍ଥା ଆପଣାଇଛନ୍ତି। ଏହାଦ୍ୱାରା ଭ୍ରୁଣହତ୍ୟା ଓ ଲିଙ୍ଗଗତ ଅସମାନତା ବିରୋଧୀ ସଂଗ୍ରାମରେ ତାଙ୍କୁ ବହୁ ସଫଳତା ମିଳିପାରିଛି। ଡା. ରାଖିଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ତାଙ୍କ ପିତା ଷ୍ଟେସନରେ କୁଲି କାର୍ଯ୍ୟ କରୁଥିଲେ। ଗଣେଶ ପଢ଼ା ସହ ତାଙ୍କୁ ସହଯୋଗ ମଧ୍ୟ କରନ୍ତି। ଏମିତି ଏକ ସ୍ଥିତିକୁ ସାମ୍ନା କରି ସେ ଶିକ୍ଷାଲାଭ କରି ଡାକ୍ତରୀ ପାସ୍ କରିବା ପରେ ସ୍ଥାନୀୟ ଅଞ୍ଚଳର ପୁଅ-ଝିଅଙ୍କ ଅନୁପାତ ଅସମାନତାକୁ ଲକ୍ଷ୍ୟ କରିଥିଲେ। ପରେ ଏହାକୁ ଦୂର କରିବାର ପ୍ରୟାସ ଆରମ୍ଭ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ନଭେମ୍ବର ୧୯୯୬

- ରୁଷିଆର ଉତ୍ତରାଞ୍ଚଳରେ 'ଆନ୍ତୋନୋଭ ଏ.ଏନ୍.୨' ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୩ ଯାତ୍ରୀଙ୍କ ମୃତ୍ୟୁ।
- ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ମରୁଡ଼ି ପ୍ରପୀଡ଼ିତ ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଜିଲା ପାଇଁ ୫୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଦିଆଯିବା ନେଇ ଘୋଷଣା କରିଛନ୍ତି।

## ଚିରନ୍ତନୀ

ହେଲେ ହେଁ ପ୍ରାଚୀନତମ ତବ ସତ୍ୟ ହେଉ ପଛେ ଜୀର୍ଣ୍ଣ
ଆଣିଛି ସେ ଭୂମିକମ୍ପ ଧରଣୀକୁ କରିଛି ବିଦୀର୍ଣ୍ଣ
ଭାରତ ଗଗନପରେ ଶୁଭେ ସେହି ଅନାହତ ଧ୍ୱନି
ଶ୍ମଶାନର ଶବ କାନେ ଫୁଙ୍କିଦେଇ ମୃତ୍ୟୁ ସଞ୍ଜୀବନୀ।
–(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 7 | | 9 | 3 |
| | | | | 6 | 9 | | | |
| | 3 | | 4 | | | 5 | | |
| | 1 | 2 | | | | | | |
| | | | | 5 | 4 | 6 | | |
| 7 | | | | | | | | 8 |
| 5 | | 4 | 7 | | | | | |
| 8 | | | | | | | | 4 |
| | 6 | | | | 3 | | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 2 | 6 | 9 | 8 | 3 | 7 | 4 |
| 7 | 6 | 9 | 4 | 1 | 3 | 8 | 2 | 5 |
| 8 | 4 | 3 | 2 | 7 | 5 | 1 | 6 | 9 |
| 4 | 2 | 1 | 8 | 3 | 6 | 5 | 9 | 7 |
| 6 | 8 | 5 | 7 | 2 | 9 | 4 | 3 | 1 |
| 3 | 9 | 7 | 5 | 4 | 1 | 6 | 8 | 2 |
| 5 | 7 | 6 | 1 | 8 | 2 | 9 | 4 | 3 |
| 9 | 1 | 4 | 3 | 6 | 7 | 2 | 5 | 8 |
| 2 | 3 | 8 | 9 | 5 | 4 | 7 | 1 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପାଠ୍ୟ ଖସଡ଼ା ପ୍ରସ୍ତୁତ ହେଉ

ମହାଶୟ,

ଚାଟଶାଳୀରେ ଆମକୁ ଭୟ, ଭକ୍ତି, ନମ୍ରତା, ଶିଷ୍ଟାଚାର ଓ ସଂସ୍କାର ସମ୍ବନ୍ଧୀୟ ଶିକ୍ଷା ମିଳୁଥିଲା। ମାତ୍ର ଆଜିକାର ଡିଜିଟାଲ ଦୁନିଆରେ ଆମେ ଅନ୍ୟ ନୂଆ ବିଷୟରେ ଜାଣିବାକୁ ପାଉଛୁ। ତେଣୁ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କୁ ଅନୁରୋଧ ସେମାନେ ଚାଟଶାଳୀର ନୀତିଶିକ୍ଷା ଓ ଏବେକାର ଡିଜିଟାଲ ବିଷୟକୁ ମିଶାଇ ଏମିତି ଏକ ପାଠ୍ୟ ଖସଡ଼ା ପ୍ରସ୍ତୁତ କରନ୍ତୁ ; ଯଦ୍ଦ୍ୱାରା ପିଲାମାନେ ଏହାକୁ ପଢ଼ି ଶିଖି ଭଲବାଟକୁ ଆସିବା ସହିତ ସୁ-ନାଗରିକ ହୋଇପାରିବେ।

**– ଚକ୍ରଧର ରାଉତ, ପହୁଁଆଁଗଡ଼ା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭାରତରେ ୭୪,୪୫୦ କୋଟି ନିବେଶ କରିବ ସଫ୍ଟ ବ୍ୟାଙ୍କ

ଜାପାନର ସଫ୍ଟ ବ୍ୟାଙ୍କ ଗ୍ରୁପ କର୍ପୋରେଶନ ଆସନ୍ତା ବର୍ଷ ଭାରତରେ ପ୍ରାୟ ୩୭,୨୨୫ କୋଟିରୁ ୭୪,୪୫୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। ସଫ୍ଟ ବ୍ୟାଙ୍କ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସର ସିଇଓ ରାଜୀବ ମିଶ୍ର କହିଛନ୍ତି, ଭାରତ ବଜାରରେ ନିବେଶର ସୁଯୋଗ ଆଧାରରେ ନିବେଶ ରାଶି ନିର୍ଭର କରିବ। ଆକର୍ଷଣୀୟ ଭାଲ୍ୟୁଏଶନର ସୁଯୋଗ ମିଳିଲେ ଭାରତରେ ୭୪,୪୫୦ କୋଟି ଟଙ୍କା ନିବେଶ କରାଯିବ। ଅଦ୍ୟାବଧି ଭାରତରେ ଯେଉଁ ନିବେଶ ହୋଇଛି ସେଥିରୁ କମ୍ପାନୀକୁ ନିରାଶାର ସାମ୍ନା କରିବାକୁ ପଡ଼ିନାହିଁ।

**ସଂକ୍ଷେପରେ**

## ପେଟ୍ରୋଲ, ଡିଜେଲ ଦର ଅପରିବର୍ତ୍ତିତ

**ନୂଆଦିଲ୍ଲୀ,୧୪।୧୧:** ନିକଟରେ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଟଙ୍କା ଏବଂ ଡିଜେଲ ଉପରୁ ୧୦ ଟଙ୍କାର ଉତ୍ପାଦ ଟିକସ ହ୍ରାସ କରିଛନ୍ତି। ଏହା ପରେ ରାଜ୍ୟ ସରକାରଗୁଡିକ ମଧ କିଛି ପରିମାଣରେ ଭାଟ୍ ହ୍ରାସ କରିଛନ୍ତି। ଏହି ଘଟଣା ପରଠାରୁ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ଅପରିବର୍ତ୍ତିତ ରହିଛି। ପୂର୍ବରୁ ଲଗାତାର ତେଲ ଦର ବୃଦ୍ଧି ଯୋଗୁ ଖାଉଟି ଅତିଷ୍ଠ ହୋଇପଡ଼ିଥିଲେ। ବର୍ତ୍ତମାନ ଦର ବୃଦ୍ଧି ହୋଇ ନ ଥିବାରୁ ଗତ କିଛିଦିନ ହେବ ଖାଉଟିଙ୍କୁ ଆଶ୍ୱସ୍ତି ମିଳିଛି। ଲଗାତାର ପ୍ରାୟ ୧୦ ଦିନ ହେବ ତେଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ରବିବାର ମଧ ତେଲ ଦରରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ରାଜ୍ୟ ସ୍ତରରେ ଭାଟ୍ ଲାଗୁ ହେବା ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ରହୁଛି। ଗତ ମାସରେ ଅଶୋଧିତ ତେଲ ଦର ୩ ମାସର ରେକର୍ଡ ସ୍ତର ୮୫ ଡଲାର ଛୁଇଁଥିଲା। ଏହା ବର୍ତ୍ତମାନ ବ୍ୟାରେଲ ପିଛା ୮୨ ଡଲାର ରହିଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ବଜାରରେ ଦର ସ୍ଥିର ରହିଥିବାରୁ ଏହାର ପ୍ରଭାବ ଘରୋଇ ବଜାର ଉପରେ ପଡୁନାହିଁ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

## ମୋବାଇଲରେ ଦୈନିକ ୪.୮ ଘଣ୍ଟା ବିତାଉଛନ୍ତି ଭାରତୀୟ

**ନୂଆଦିଲ୍ଲୀ,୧୪।୧୧:** ସ୍ମାର୍ଟଫୋନରେ ସବୁଠାରୁ ଅଧିକ ସମୟ ବିତାଉଥିବା କ୍ଷେତ୍ରରେ ଭାରତର ସ୍ଥାନ ୪ର୍ଥରେ ରହିଛି। ମୋବାଇଲ ଆପ୍ ଆନାଲିଷ୍ଟ କମ୍ପାନୀ ଏପ୍ ଏନି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଦୈନିକ ୫.୫ ଘଣ୍ଟା ସମୟ ସହ ତାଲିକାରେ ଇଣ୍ଡୋନେସିଆ ପ୍ରଥମ ସ୍ଥାନରେ ରହିଛି। ୫.୪ ଘଣ୍ଟା ସହ ବ୍ରାଜିଲ ୨ୟ, ୫ ଘଣ୍ଟା ସହ ଦକ୍ଷିଣ କୋରିଆ ତୃତୀୟ, ୪.୮ ଘଣ୍ଟା ସହ ଭାରତ ଚତୁର୍ଥ ଏବଂ ମେକ୍ସିକୋ ୫ମ ସ୍ଥାନରେ ରହିଛି। ସେହିଭଳି ଷଷ୍ଠରେ ଜାପାନ, ସପ୍ତମରେ କାନାଡା, ଅଷ୍ଟମରେ ରୁଷିଆ, ନବମରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଦଶମରେ ତୁର୍କୀ ରହିଛି।

# ଅଭିବୃଦ୍ଧି ୨ ଅଙ୍କ ଛୁଇଁପାରେ




**କୋଲକାତା,୧୪।୧୧**

ଚଳିତ ଆର୍ଥିକ ବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୨ ଅଙ୍କ ଛୁଇଁପାରେ। ଆସନ୍ତା ଆର୍ଥିକ ବର୍ଷରେ ଏହା ୫.୭%ରୁ ୬ % ରହିପାରେ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କେ.ଭି.ସୁବ୍ରମଣ୍ୟନ ରବିବାର କହିଛନ୍ତି। ମୁଦ୍ରାସ୍ଫୀତି 'ଭି' ଆକୃତିର ଅଭିବୃଦ୍ଧିକୁ ପ୍ରଭାବିତ କରିପାରିବ ନାହିଁ। ଦେଶର ଅଭିବୃଦ୍ଧି ୮.୭% ଏବଂ ୯.୪% ମଧ୍ୟରେ ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏବଂ ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ଆକଳନ କରିଛନ୍ତି।

କେନ୍ଦ୍ର ସରକାର ବର୍ତ୍ତମାନ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପକୁ ଲୋକମାନେ ଉପଲବ୍ଧ କରିନାହାନ୍ତି। ଏପରିକି ୧୯୯୧ରେ ଗ୍ରହଣ କରାଯାଇଥିବା ଆର୍ଥିକ ସଂସ୍କାର ସମ୍ପର୍କରେ ୯୯% ଲୋକ ବୁଝିବାକୁ ସକ୍ଷମ ହୋଇନାହାନ୍ତି। ସରକାର ହାତକୁ ନେଉଥିବା ସଂସ୍କାର ଯୋଗୁ ବଜାରକୁ ସୁଫଳ ମିଳିଛି। ଏଭଳି ଧାରା ଆଗାମୀ ଦିନରେ ମଧ ଜାରି ରହିବ। ସେ ପୁଣି କହିଛନ୍ତି, ଦେଶ ମଧ୍ୟରେ ୪.୫% ମୁଦ୍ରାସ୍ଫୀତି ରହିଛି। ଭାରତ ତୁଳନାରେ ବିଶ୍ୱ ସ୍ତରରେ ମୁଦ୍ରାସ୍ଫୀତି ଅଧିକ ରହିଛି। ବିଶ୍ୱ ବଜାର ଚାହିଦାଭିତ୍ତିକ ନୀତି ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଳେ ଭାରତ ଯୋଗାଣ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଛି।

ଯୋଗାଣ ବୃଦ୍ଧିକୁ ନଜରରେ ନ ରଖି କେବଳ ଚାହିଦା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କଲେ ମୁଦ୍ରାସ୍ଫୀତି ଭଳି ସମସ୍ୟା ଉପୁଜିବ। ଉଲ୍ଲେଖଯୋଗ୍ୟ, କରୋନା ମହାମାରୀ ଯୋଗୁ ଘରୋଇ ବଜାରର ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇ ରହିଥିଲା। ଏହା ଯୋଗୁ ଦେଶର ଜିଡିପି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଜିଡିପି -୭.୩% ଖସିଥିଲା। ଭାରତର ଜଡିପି ଯେଉଁ ଭଳି ହାରରେ କ୍ଷତିଗ୍ରସ୍ତ ହୋଇଛି ବିଶ୍ୱର ଅନ୍ୟ ପ୍ରାନ୍ତଗୁଡ଼ିକରେ ପ୍ରାୟ ସେଭଳି ସ୍ଥିତି ଦେଖିବାକୁ ମିଳିନାହିଁ। ତେବେ କରୋନାର ଦ୍ୱିତୀୟ ଲହରରେ ମଧ ଅର୍ଥ ବ୍ୟବସ୍ଥା କିଛିଟା କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଚଳିତ ବର୍ଷ ବଜାର ସ୍ୱାଭାବିକ ସ୍ଥିତିକୁ ଫେରିବା ଆରମ୍ଭ କରିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ଅଭିବୃଦ୍ଧି ଉନ୍ନତ ରହିବ ବୋଲି ଅଧିକାଂଶ ଏଜେନ୍ସି ଆକଳନ କରିଛନ୍ତି।

### ଜିଡିପିକୁ ନେଇ ସିଇଏ ଆଶାବାଦୀ

# ପ୍ରଥମ ଓଡ଼ିଶା ସିଏଫ୍‌ପି ସମ୍ମିଳନୀ



**ଭୁବନେଶ୍ୱର,୧୪।୧୧**

ଓଡ଼ିଶାର ସମସ୍ତ ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନର (ସିଏଫ୍‌ପି) ସମୂହଙ୍କ ପ୍ରଥମ ଓଡ଼ିଶା ସିଏଫ୍‌ପି ସାର୍ଟିଫିକାଣ୍ଟ ସମ୍ମିଳନୀ ଶନିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସମସ୍ତ ସିଏଫ୍‌ପି ସାର୍ଟିଫିକାଣ୍ଟମାନେ ଯୋଗ ଦେଇ ଓଡ଼ିଶାବାସୀଙ୍କୁ ଆର୍ଥିକ ସାକ୍ଷର କରିବା ଏବଂ ସର୍ବୋତ୍କୃଷ୍ଟ ଆର୍ଥିକ ଯୋଜନା ସେବା ପ୍ରଦାନ କରିବାକୁ ସଂକଳ୍ପ ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲାର ସିଏଫ୍‌ପି ନଳିନୀକାନ୍ତ ଧର ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଆର୍ଥିକ ଯୋଜନାକାରୀ ଗ୍ରାହକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ କହିଥିଲେ। ସେହିଭଳି ଏସ୍ଏମ୍ ଫାଇନାନ୍ସିଆଲ ସର୍ଭିସେସ୍ ଭୁବନେଶ୍ୱରର ସିଏଫ୍‌ପି ମୌସୁମୀ ମିତ୍ର ଉପସ୍ଥିତ ସିଏଫ୍‌ପିମାନଙ୍କୁ ବିଭିନ୍ନ ଆହ୍ୱାନର ସାମ୍ନା କରି ଅନ୍ତର୍ଜାତୀୟ ସ୍ତରର ଆର୍ଥିକ ସେବା ସବୁକୁ ରାଜ୍ୟର ନିବେଶକମାନଙ୍କୁ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ନିବେଶକଙ୍କୁ ସର୍ବଶ୍ରେଷ୍ଠ ଆର୍ଥିକ ପରାମର୍ଶ ଦେବାକୁ ସୁନ୍ଦରମ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀର ଜୋନାଲ ହେଡ୍ ସଲିଳ କୁମାର ପଲାଇ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ରୁପ କୁମାର ପ୍ରଧାନ, ସିଏଫ୍‌ପି, ସିଡ୍ଲ୍ୟୁଏମ୍, ଧନଞ୍ଜୟ ଖୁଣ୍ଟିଆ, ସିଏଫ୍‌ପି, ସିଏଆଇଏମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଶିଶୁଦିବସ




**ଭୁବନେଶ୍ୱର,୧୪।୧୧**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଶିଶୁ ଦିବସ ଅବସରରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ଅବସରରେ ସ୍ଥାନୀୟ ସତ୍ୟନଗର ସ୍ଥିତ ଅରୁନ୍ଧତୀର ଫ୍ଲାଗଶିପ ଶୋ'ରୁମ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅରୁନ୍ଧତୀର ସମସ୍ତ ଶାଖାରେ ବିଦ୍ୟାଳୟସ୍ତରର ପିଲାମାନଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ବିଜେତାମାନଙ୍କୁ ଅରୁନ୍ଧତୀ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ଟ୍ରଫି ଏବଂ ଆକର୍ଷଣୀୟ ଉପହାର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରୁ କୁନି ପ୍ରତିଭାମାନଙ୍କୁ ଉଚିତ୍ ପ୍ଲାଟ୍‌ଫର୍ମ ଯୋଗାଇ ଦିଆଯିବ। ଯାହା ମାଧ୍ୟମରେ ସେମାନେ ନିଜ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ। ଏହି କାର୍ଯ୍ୟକ୍ରମକୁ ଫେସ୍‌ବୁକ୍ ଲାଇଭ ମାଧ୍ୟମରେ ସମସ୍ତଙ୍କ ପାଇଁ ଉପଲବ୍ଧର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଆଗାମୀ ବିବାହ ଋତୁରେ ଅରୁନ୍ଧତୀ ପକ୍ଷରୁ ଆକର୍ଷଣୀୟ ଅଫର ଓ ସୁବିଧା ପ୍ରତି କାରବାର ଉପରେ ପ୍ରଦାନ କରାଯିବ ବୋଲି ଶୋ'ରୁମ ପକ୍ଷରୁ ସୂଚନା ଦିଆଯାଇଛି।

### ବିବାହ ଋତୁରେ ଆକର୍ଷଣୀୟ ଅଫର ଘୋଷଣା

## ୩୪ କୋଟିର ଜିଏସ୍‌ଟି ଠକେଇ ଠାବ

**କୋଲକାତା,୧୪।୧୧:** ଜିଏସ୍‌ଟି ଅଧିକାରୀମାନେ ୩୪ କୋଟିର ଇନ୍‌ପୁଟ୍ ଟାକ୍ସ କ୍ରେଡିଟ ଠକେଇ ଠାବ କରିବାକୁ ସକ୍ଷମ ହୋଇଛନ୍ତି। ଏହି ଠକେଇରେ ୭ ଫାର୍ମ ଜଡ଼ିତ ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର କୁହାଯାଇଛି। ଜାଲ୍ ଜିଏସ୍‌ଟି ଇନ୍‌ଭଏସ ଦ୍ୱାରା ଇନ୍‌ପୁଟ ଟାକ୍ସ କ୍ରେଡିଟ୍‌ର ଲାଭ ଉଠାଇବାକୁ ଏହି ସଂସ୍ଥାଗୁଡିକ କାରସାଦି କରିଥିଲେ। ସରକାରଙ୍କୁ ଜିଏସ୍‌ଟି ନ ଦେଇ ସଂସ୍ଥାଗୁଡିକ ଟିକସ ଠକେଇରେ ସମ୍ପୃକ୍ତ ରହିଥିଲେ। ସିଜିଏସ୍‌ଟି ଟାକ୍ସ କମିଶନରେଟ ନୂଆଦିଲ୍ଲୀର ଅଧିକାରୀମାନେ ଏଭଳି ଠକେଇକୁ ସାମ୍ନାକୁ ଆଣିବାକୁ ସକ୍ଷମ ହୋଇଛନ୍ତି। ୨୨୦ କୋଟି ଟଙ୍କାର ଜାଲ୍ ଇନ୍‌ଭଏସ ପ୍ରସ୍ତୁତ କରି ସଂସ୍ଥାଗୁଡିକ ୩୪ କୋଟି ଟଙ୍କା ଟିକସ ଫାଙ୍କିବାକୁ ବସିଥିବା ବେଳେ ଧରା ପଡିଯାଇଛନ୍ତି। ରିଷଭ ଜୈନ ନାମକ ବ୍ୟକ୍ତି ଏହି ର‍୍ୟାକେଟ୍‌ର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ର‍୍ୟାକେଟ୍‌କୁ ଚଳାଇବା ଲାଗି ବିଭିନ୍ନ ଜାଲ୍ କମ୍ପାନୀ ମଧ ଗଠନ କରାଯାଇଥିଲା।

## 'ଇ-ନୋମିନେଶନ' ସେବା ଆରମ୍ଭ

**ଭୁବନେଶ୍ୱର,୧୪।୧୧**

କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ 'ଇ-ନୋମିନେସନ' ନାମରେ ଏକ ଅମୃତ ସେବାର ଶୁଭାରମ୍ଭ କରାଯାଇଛି। ଏହା ଏକ ମୂଲ୍ୟ ଯୁକ୍ତ ଅନଲାଇନ ସେବା, ଏହା ଦ୍ୱାରା ସଦସ୍ୟମାନଙ୍କର ଦାବିପତ୍ରଗୁଡିକର ତ୍ୱରିତ ସମାଧାନ ହୋଇପାରିବ। ଏହି ସେବା ମାଧ୍ୟମରେ ଏହାର ସଦସ୍ୟମାନେ ସ୍ୱାଧୀନ ଭାବେ ଇପିଏଫ ପୋର୍ଟାଲରେ ନିଜର ମନୋନୟନ ପତ୍ର (ଫର୍ମ-୨) ଦାଖଲ କରି ଭବିଷ୍ୟନିଧି ପାଣ୍ଠିର ଦାୟାଦକୁ ବାଛିପାରିବେ। ଏହି ଅନଲାଇନ ସେବା ପାଇଁ ହିତାଧିକାରୀମାନଙ୍କର ୟୁଏନ ସହିତ ତାଙ୍କର ଆଧାର, ଫୋନ ନମ୍ବର, ଫଟୋ ଏବଂ ଠିକଣା ପୂର୍ବରୁ ସଂଲଗ୍ନକୃତ ହୋଇଥିବା ଆବଶ୍ୟକ। ଇପିଏଫ ପୋର୍ଟାଲରେ ୟୁଏନ ଏବଂ ପାସୱାର୍ଡ ପ୍ରଦାନ କରି ଏକ ବା ଏକାଧିକ ମନୋନୀତ ପରିବାର ସଦସ୍ୟଙ୍କର ଫଟୋ ଏବଂ ଆବଶ୍ୟକୀୟ ବିବରଣୀ ଅପଲୋଡ କରିବାକୁ ହେବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଭବିଷ୍ୟନିଧି ସଦସ୍ୟ ଫର୍ମ-୨ରେ ମନୋନୟନ ପତ୍ର ନିଯୁକ୍ତିଦାତାଙ୍କ ମାଧ୍ୟମରେ ନିକଟସ୍ଥ ଭବିଷ୍ୟନିଧି କାର୍ଯ୍ୟାଳୟରେ ଦାଖଲ କରୁଥିଲେ। ମୃତ୍ୟୁକାଳୀନ ଭବିଷ୍ୟନିଧି ପାଣ୍ଠି ସାମାଧାନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଅଟେ। ଏହି ଅନଲାଇନ ସେବା ଦ୍ୱାରା ଏହାର ସଦସ୍ୟମାନେ ଘରେ ବସି ସ୍ୱାଧୀନ ଭାବେ ନିଜର ମନୋନୟନ ପତ୍ର ଦାଖଲ କରିପାରିବେ ବୋଲି ଭବିଷ୍ୟନିଧି କର୍ମଚାରୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।

**ଫୁର୍‌ସତ୍**

## ମହିଳାଙ୍କ ଦ୍ୱୀପ କିହ୍‌ନୁ

**ଟଲିନ୍:** ପୃଥିବୀରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ଜନସଂଖ୍ୟାର ପ୍ରାୟ ୯୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା। ଇଷ୍ଟୋନିଆ ଦେଶରେ କିହ୍‌ନୁ ନାମକ ଏକ ଦ୍ୱୀପ ରହିଛି। ଏହି ଦ୍ୱୀପରେ ମାତ୍ର ୩୦୦ ଲୋକ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା। ସୂଚନା ଅନୁଯାୟୀ, କିହ୍‌ନୁ ଦ୍ୱୀପରେ ରହୁଥିବା ପୁରୁଷମାନେ ଇଷ୍ଟୋନିଆରେ କାମ କରିବାକୁ ଯାଆନ୍ତି। ତେଣୁ, ଦ୍ୱୀପରେ କେବଳ ମହିଳାମାନେ ରହିଥାନ୍ତି। ଏହି ସମଗ୍ର ଦ୍ୱୀପର ଦାୟିତ୍ୱ ମହିଳାମାନଙ୍କ



କାନ୍ଧରେ ଥାଏ। ମହିଳାମାନେ ନୃତ୍ୟ, ଗୀତ ଗାଇ ଟଙ୍କା ରୋଜଗାର କରନ୍ତି। କୁହାଯାଏ, ପୂର୍ବରୁ କେବଳ ଅପରାଧୀ ତଥା ଦେଶାନ୍ତର ଦଣ୍ଡର ସମ୍ମୁଖୀନ ହେଉଥିବା ଲୋକମାନେ ଏହି ଦ୍ୱୀପରେ ରହୁଥିଲେ। ପରେ ଦ୍ୱୀପଟି ପ୍ରାୟ ୫୦ ବର୍ଷ ଧରି ସୋଭିଏଟ୍ ୟୁନିଅନ ଦ୍ୱାରା ଦଖଲ କରାଯାଇଥିଲା। ପରେ ସେଠାରେ ମହିଳାଙ୍କ ପ୍ରାଧାନ୍ୟ ବଢ଼ିଥିଲା।

# ଥଣ୍ଡା ରଖିବ ସିଲ୍କ

**ନୂଆଦିଲ୍ଲୀ:** ଖରାଦିନେ ଟିକିଏ ଥଣ୍ଡା ପବନ ପାଇବା ପାଇଁ ଲୋକେ କୁଲର ଏସି ଆଦି ବ୍ୟବହାର କରିଥା'ନ୍ତି। ମାତ୍ର ବୈଜ୍ଞାନିକମାନେ ଏବେ ଏଭଳି ଏକ କପଡ଼ା ତିଆରି କରିଛନ୍ତି, ଯାହାକୁ ପିନ୍ଧିଲେ ଆପେ ଆପେ ଶରୀରକୁ ଥଣ୍ଡା ପବନ ମିଳିବ। ଏଭଳି ସ୍ୱତନ୍ତ୍ର ଧରଣର ସିଲ୍କ କପଡ଼ା ତିଆରି କରିଛନ୍ତି ଜାପାନ ଓ ଚାଇନାର ବୈଜ୍ଞାନିକମାନେ। ଶରୀରକୁ ଥଣ୍ଡା ରଖି ପାରୁଥିବା ଭଳି ଏକ ବିଶେଷ ପ୍ରକାରର ସିଲ୍କ କପଡ଼ାକୁ ଜାପାନର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ବୈଜ୍ଞାନିକ ଓ ଚାଇନାର ନାନଜିଙ୍ଗ ୟୁନିଭର୍ସିଟିର ବୈଜ୍ଞାନିକମାନେ ମିଳିତଭାବେ ତିଆରି କରିଛନ୍ତି। ଗରମ ଦିନେ ବାହାରକୁ ଯିବା ସମୟରେ ଏହି କପଡ଼ା ସହାୟକ ହୋଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ରିସର୍ଚ୍ଚ ଅନୁସାରେ ଏହି କପଡ଼ା ସୂର୍ଯ୍ୟକିରଣକୁ ଖୁବ୍ କମ୍ ପରିମାଣରେ ଅବଶୋଷିତ




କରିବ, ତେଣୁ ତାହା ଶରୀରକୁ ଅଧିକ ଥଣ୍ଡା ପବନ ପ୍ରଦାନ କରିପାରିବ। ଏହି କପଡ଼ାକୁ ବୈଜ୍ଞାନିକମାନେ ପରୀକ୍ଷା କରି ଦେଖି ସାରିଛନ୍ତି। ତେଣୁ ବିଶ୍ୱରେ ପ୍ରଥମ ଥର ପାଇଁ ଏଭଳି ଏକ ସିଲ୍କ କପଡ଼ା ତିଆରି ହୋଇଛି ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ରିସର୍ଚ୍ଚରେ କୁହାଯାଇଛି ଯେ, ଏହି କପଡ଼ାରେ ଆଲୁମିନିୟମ୍ ଅକସାଇଡ୍‌ର ନାନୋପାର୍ଟିକଲ ମିଶାଯାଇଛି। ତେଣୁ ଏହା ଇନ୍‌ଫ୍ରାରେଡ୍, ଭିଜିବୁଲ ଏବଂ ଅଲଟ୍ରାଭାଓଲେଟ୍ କିରଣକୁ ଶରୀରଠାରୁ ଦୂରେଇ ରଖିଥାଏ। ୪୦ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ୩୨ ଡିଗ୍ରୀ ଭଳି ଅନୁଭବ ହେବ।

# ପୋଷାକ ପାହାଡ଼

**ସାଣ୍ଟିଆଗୋ:** ଚିଲି ଦେଶ ଏହାର ସୁନ୍ଦର ପାହାଡ଼ ପାଇଁ ଜଣାଶୁଣା। ଏହି ଦେଶରେ ୨୦ ହଜାର ଫୁଟରୁ ଅଧିକ ଉଚ୍ଚର ୨୦ଟି ପାହାଡ଼ ରହିଛି। ମାତ୍ର ଚିଲିର ଆଟାକାମା ମରୁଭୂମିରେ ଏକ ପାହାଡ଼ ରହିଛି, ଯାହା ପୋଷାକ ଏବଂ ଜୋତାର। ଏହି ପାହାଡ଼ରେ ସ୍ୱେଟରଠାରୁ ଆରମ୍ଭ କରି ସ୍କାଇ ବୁଟ ପର୍ଯ୍ୟନ୍ତ ଅଳିଆ ଆବର୍ଜନାରେ ଗଦା ହୋଇଥାଏ। ଏଠାରେ ପକାଯାଇଥିବା ପୋଷାକର ପାହାଡ଼ ପ୍ରତିବର୍ଷ ଅତି କମ୍‌ରେ ୩୯ ହଜାର ଟନ ବୃଦ୍ଧି ପାଉଛି। ଦ୍ରୁତ ଗତିରେ ବଢୁଥିବା ଫ୍ୟାଶନ ଇଣ୍ଡଷ୍ଟ୍ରି ଯୋଗୁ ପ୍ରଦୂଷଣ ମଧ ବୃଦ୍ଧି ପାଉଛି। ଏହି ପୋଷାକଗୁଡ଼ିକୁ ଖାଲିସ୍ଥାନରେ ଗଦାଇ ଦିଆଯିବା ପରେ ସେଗୁଡ଼ିକ ପରିବେଶ ପ୍ରତି କ୍ଷତି ପହଞ୍ଚାଇଥାନ୍ତି। ଏହାର ରାସାୟନିକ ପଦାର୍ଥ ବାୟୁ ଏବଂ ଭୂତଳ ଜଳରେ ପହଞ୍ଚି ଏହାକୁ ଅପରିଷ୍କାର କରିଥାଏ। ଚିଲିରେ ଦୀର୍ଘଦିନରୁ ବିକ୍ରି



ହୋଇ ନ ଥିବା ପୋଷାକ ପାଇଁ ଏକ ହବ ହୋଇଆସୁଛି। ଏହି ପୋଷାକ ଚାଇନା ଏବଂ ବାଂଲାଦେଶରେ ତିଆରି କରାଯାଇଥାଏ। ପ୍ରତିବର୍ଷ ପ୍ରାୟ ୩୯୦୦୦ ଟନ କପଡା ଉତ୍ତର ଚିଲିର ଅଲ୍ଟୋ ହୋସ୍ପିସିଓ ଅଞ୍ଚଳର ଇକ୍ୱିକ ବନ୍ଦରକୁ ପଠାଯାଏ, ଯେଉଁଠାରେ ଏହି ପୋଷାକକୁ ବ୍ୟବସାୟୀମାନେ କିଣିଥାନ୍ତି। କିଛି ଲୋକ ସେମାନଙ୍କ ପରିବାର ପାଇଁ ପୋଷାକ ନେବାକୁ ଏଠାକୁ ଆସିଥାନ୍ତି।

CLASSIFIED DISPLAY
TARIFF MORE SPACE • SAME PRICE GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ରାଜକୁମାରଙ୍କ ଜୀବନସାଥୀ ହେବେ ପତ୍ରଲେଖା

**ମୁମ୍ବାଇ:** ବିବାହ କରିବାକୁ ଯାଉଛନ୍ତି ବଲିଉଡ୍ ଅଭିନେତା ରାଜକୁମାର ରାଓ। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପତ୍ରଲେଖାଙ୍କ ପ୍ରେମରେ ପଡ଼ିଥିବା ରାଜକୁମାର ଶେଷରେ ତାଙ୍କୁ ହିଁ ଜୀବନସାଥୀ କରିବାକୁ ଚାହୁଁଛନ୍ତି। ଏହା ପୂର୍ବରୁ ଉଭୟଙ୍କ ନିର୍ବନ୍ଧ ଫଟୋ ଭାଇରାଲ ହୋଇଛି। ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଫଟୋ ଓ ଭିଡିଓରେ ରାଜକୁମାର ମୁଦି ଧରି ଆଣ୍ଠୁ ମାଡ଼ି ବସି ପତ୍ରଲେଖାଙ୍କୁ ବିବାହ ଲାଗି ପ୍ରପୋଜ କରୁଥିବା ଦେଖାଯାଇଛି। ପରେ ପତ୍ରଲେଖା ମଧ ଏକ ମୁଦି ଧରି ରାଜକୁମାରଙ୍କୁ ପ୍ରପୋଜ କରିଥିଲେ। ପରସ୍ପରକୁ ମୁଦି ପିନ୍ଧାଇବା ପରେ ଉଭୟେ ରୋମାଣ୍ଟିକ୍ ଗୀତରେ ଡ୍ୟାନ୍ସ କରିଥିଲେ। ରାଜକୁମାର-ପତ୍ରଲେଖାଙ୍କ ନିର୍ବନ୍ଧ ସମାରୋହରେ କେବଳ ପରିବାର, ନିକଟ ସମ୍ପର୍କୀୟ ଓ କେତେଜଣ ବଲିଉଡ୍ କଳାକାର ଯୋଗଦେଇଥିଲେ। ଅଭିନେତ୍ରୀ ହୁମା କୁରେସି, ସାକିବ ସଲିମ ଏବଂ ଫରାହ ଖାନ ମଧ ଏହି ଉତ୍ସବରେ ସାମିଲ ହୋଇଥିଲେ। ୨୦୧୪ରେ 'ସିଟିଲାଇଟ୍ସ'ରେ ଉଭୟେ ସ୍କ୍ରିନ୍ ଶେୟାର କରିଥିଲେ। ଉଭୟଙ୍କ ପ୍ରେମ ସମ୍ପର୍କ ବାବଦରେ ପୂର୍ବରୁ ପତ୍ରଲେଖା କହିଥିଲେ, ଫିଲ୍ମ 'ଲଭ୍ ସେକ୍ସ ଔର ଧୋକା' ଦେଖିବା ପରେ ରାଜକୁମାରଙ୍କୁ ମଧ ସେ ସେହିଭଳି ବ୍ୟକ୍ତି ହୋଇଥିବା ଭାବିଥିଲେ। କିନ୍ତୁ ତାଙ୍କ ମିଶିବା ପରେ ଏହି ଭୁଲଧାରଣା ତାଙ୍କର ଦୂର ହୋଇଯାଇଥିଲା ବୋଲି ପତ୍ରଲେଖା କହିଥିଲେ।

## ମାଗଣା ୱାଇଫାଇର ସହର

**ମେକ୍ସିକୋସିଟି:** ଆଜିର ସମୟରେ ଇଣ୍ଟାନେଟ୍ ଜୀବନର ଏକ ବଡ଼ ଅଂଶ ପାଲଟିଯାଇଛି। ସବୁଠି ଇଣ୍ଟରନେଟ ସମସ୍ତ କାର୍ଯ୍ୟକୁ ସହଜ କରିଥାଏ। ଏଭଳି ପରିସ୍ଥିତିରେ ଯଦି ଲୋକମାନେ ମାଗଣା ୱାଇ-ଫାଇ ପାଆନ୍ତି ତେବେ ନିଶ୍ଚିତ ମନ ଆନନ୍ଦରେ ପୂରି ଉଠିବ। ଦୁନିଆରେ ଏପରି ଏକ ସହର ଅଛି, ଯେଉଁଠି ଲୋକଙ୍କୁ ମାଗଣା ୱାଇ-ଫାଇ ସେବା ମିଳୁଛି। ମେକ୍ସିକୋ ସିଟି ହେଉଛି ଏହାର ଏକ ଉଦାହରଣ, ଯେଉଁଠାରେ ମାଗଣା ୱାଇଫାଇ ହଟସ୍ପଟ ସୁବିଧା ଉପଲବ୍ଧ। କେବଳ ଏତିକି ନୁହେଁ, ମାଗଣା ୱାଇ-ଫାଇ ଦୃଷ୍ଟିରୁ ଏହି ସହର ବିଶ୍ୱରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ସର୍ବାଧିକ ମାଗଣା ୱାଇ-ଫାଇ ହଟ୍‌ସ୍ପଟ୍ ଥିବାରୁ ନିକଟରେ ଏହି ସହରର ନାମ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। କରୋନା ମହାମାରୀ ଏବଂ ଲକ୍‌ଡାଉନ୍ ସମୟରେ ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଯାଇଥିଲା, ତେଣୁ ସହରରେ ହଟସ୍ପଟ୍ ବୃଦ୍ଧି କରାଯାଇଥିଲା। ଯାହା ଦ୍ୱାରା ଛାତ୍ରୀଛାତ୍ର ଅନ୍‌ଲାଇନରେ ସୁବିଧାରେ ପାଠ ପଢ଼ିପାରିଥିଲେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ



୰ଫକୀର ମୋହନ ସାହୁ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଦିଆନପାଟଣା (ମଠସାହି) ବନମାଳୀପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ : ୦୨.୦୨.୧୯୪୭ | ତିରୋଧାନ : ୨୭.୧୧.୨୦୨୦
ବଡ ଏକାଦଶୀ ଗରୁଡ ଦ୍ୱାଦଶୀ
ଆପଣ ଆମ୍ଭମାନଙ୍କୁ ଛାଡି ଚାଲିଯିବା ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ୍ଭମାନଙ୍କ ମନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ଆପଣଙ୍କ ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ। ଆମର ଚଲାପଥର ପାଥେୟ। ଆପଣ ଥିଲେ ଆମ ପାଇଁ ଆଦର୍ଶ, ଆପଣଙ୍କ ତ୍ୟାଗ, ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ଧର୍ମପତ୍ନି, ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୮୧୯

୩୧ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ନଟବର ଦେବତା
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୧ ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି, ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ପରିବାରବର୍ଗ, ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ ଓମ୍ ଟେକ୍ସଟାଇଲ, ମାଳତୀ ନିବାସ
ଧ-୭୦୩୭୦



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ






## Beyond Mobilityର ଟେକ୍‌ନୋଲୋଜି ତାହାର ହୃଦୟରେ ଅଛି

ଭବିଷ୍ୟତର ହାଇପରକନେକ୍‌ଟେଡ୍ ଅଟୋମୋବାଇଲଗୁଡ଼ିକରେ ଯେ କେବଳ ଅତ୍ୟାଧୁନିକ ଟେକ୍‌ନୋଲୋଜି ରହିବ ତାହା ନୁହେଁ ବରଂ ଅନ୍ତର୍ନିହିତ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଗୁଣାତ୍ମକ ସମୟ ଯୋଗ କରି ଆପଣ ଜୀବନକୁ ବହୁ ସମୃଦ୍ଧ କରିବ । ଭବିଷ୍ୟତର ଆମର ଦୃଷ୍ଟିକୋଣରେ, ଏହି ସବୁ ଏକ ଉନ୍ନତ ମାଲିକାନା ଅଭିଜ୍ଞତା ପାଇଁ ତୁମର ଜୀବନଶୈଳୀ ପସନ୍ଦକୁ ଏକତ୍ର କରିବ ।



## ସସ୍‌ଟେନେବିଲିଟ ଭବିଷ୍ୟତର ଚାବିକାଠି

ଏ ଦୁନିଆରେ ଆମେ ଏକା ନୁହେଁ । ମାନବିକତା ପାଇଁ ଅଗ୍ରଗତି ସସ୍‌ଟେନେବିଲିଟି ଉପରେ ନିର୍ଭର କରେ । ଆମେ କିପରି ଆମର ଉତ୍ସଗୁଡ଼ିକ ବ୍ୟବହାର କରିବୁ ତାହା ଆମ ଭବିଷ୍ୟତର ତାଲିକା । ତେଣୁ ଆମର ଅନୁକୂଳ ଦୃଷ୍ଟିକୋଣ ଅନୁସାରେ ଆମେ ବିଶ୍ୱକୁ ଏକ ଉନ୍ନତ ସ୍ଥାନରେ ରଖିବାରେ ଆମର ଭୂମିକା ଗ୍ରହଣ କରିବାକୁ ଆମେ ସଙ୍କଳ୍ପବଦ୍ଧ । ଆମେ ସମସ୍ତଙ୍କ ପାଇଁ ସସ୍‌ଟେନେବୁଲ୍ ସଲ୍ୟୁସନ୍ ସୃଷ୍ଟି କରିବାକୁ ପ୍ରତିଜ୍ଞାବଦ୍ଧ ।







## ସ୍ୱଚ୍ଛ ଏନର୍ଜୀ ଆମକୁ ନୂତନ ଲକ୍ଷ୍ୟସ୍ଥଳକୁ ଗତି କରାଏ

ସ୍ୱଚ୍ଛ ଗତିଶୀଳତାକୁ କଳ୍ପନା କରନ୍ତୁ ଯାହାକି କୌଣସି ଛାପ ଛାଡ଼ି ଯାଇ ନଥାଏ ତଥାପି ଭବିଷ୍ୟତ ପିଢୀ ପାଇଁ ପ୍ଲାନେଟ୍‌କୁ ପୁନଃ ସ୍ଥାପନ କରିବା ପାଇଁ ଅଧିକ ମାଇଲ୍ ଯିବାକୁ ପଡ଼ିଯାଏ । ଭାବନ୍ତୁ ଭବିଷ୍ୟତ ଯାହା ସମସ୍ତଙ୍କ ପାଇଁ ଉନ୍ନତି କରିବା ଏବଂ ସମୃଦ୍ଧ ହେବା ପାଇଁ ନିରାପଦ ଅଟେ । ଗତିଶୀଳତା ସଲ୍ୟୁସନ୍ ସୃଷ୍ଟି କରିବା ପାଇଁ ଆମେ କୌଣସି କାମ ବାକି ରଖି ନାହି ଯାହା ଏହି ପରିବେଶ ଭିତରେ ରହିଛି । Hyundai ପାଇଁ, ଏହା ହେଉଛି Beyond Mobility ଯିବାର ପ୍ରକୃତ ମହତ୍ତ୍ୱ ।



## ଇନୋଭେସନ୍‌ସ୍ ଚୟନର ଏକ ନୂତନ ଯୁଗ ପସନ୍ଦ କରେ

ବିଶ୍ୱର ଏକ ଅଗ୍ରଣୀ ଅଟୋମେକର ଠାରୁ ଆରମ୍ଭ କରି ସବୁଠାରୁ ଅଭିନବ ସଂଯୋଜିତ ମୋବିଲିଟି ସଲ୍ୟୁସନ୍ ପ୍ରଦାନକାରୀ ପର୍ଯ୍ୟନ୍ତ, ଆମେ Beyond Mobilityକୁ ପସନ୍ଦ କରୁଛୁ । ଆମେ ଏକ ଅଭିନବ ଇକୋସିଷ୍ଟମ୍ ଆଡ଼କୁ ବିକାଶ କରୁଛୁ ଯାହା ସଂପୃକ୍ତ ଟେକ୍‌ନୋଲୋଜି, ଟ୍ରାନ୍‌ସମିଶନ୍‌ର ଚୟନ, କନ୍‌ଭିନିଏନ୍‌ସ୍ ଟୁ ଓନ୍ ଏବଂ ଜୀବନଶୈଳୀ ସଦସ୍ୟତା ଅଫର୍ କରିଥାଏ ।

**Hyundai is in progress to achieve carbon neutrality by 2045.**

**Hyundai Beyond Mobility ଆରମ୍ଭ କରିଛି**

blueLink

89% Renewable energy usage at plant*

100% Waste water recycling at plant*

Hyundai Mobility Membership

Hyundai Cl!ckto Buy

"Beyond Mobility" Scan to know more

HYUNDAI

*Terms & Conditions apply. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

INNOCEAN-034/21 ORI

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୫/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, November 15/2021 | ପୃଷ୍ଠା-୧



## ସିଡ୍‌ନୀ ଥଣ୍ଡର ଦଳକୁ ଜିତାଇଲେ ମନ୍ଧାନା

ଓମେନ୍ସ ବିଗ୍ ବାଶ୍ ଲିଗ୍‌ରେ ଭାରତର ସ୍ମୃତି ମନ୍ଧାନା ଆକର୍ଷଣୀୟ ବ୍ୟାଟିଂ କରି ତାଙ୍କ ସିଡ୍‌ନୀ ଥଣ୍ଡର ଦଳକୁ ଜିତାଇଛନ୍ତି।

୦୮

୦୬

## ବିଗ୍‌ବସ୍‌କୁ ଫେରିବେନି ରାକେଶ

ସ୍ୱାସ୍ଥ୍ୟଗତ କାରଣରୁ ଅଭିନେତା ରାକେଶ ବାପତ ରିଅଲିଟି ଶୋ' ବିଗ୍‌ବସ୍-୧୫ ଛାଡ଼ିଛନ୍ତି।



# ଅଷ୍ଟ୍ରେଲିଆ ନୂଆ ଚାମ୍ପିୟନ

ଦୁବାଇ, ୧୪।୧୧

ଟି୨୦ କ୍ରିକେଟ ବିଶ୍ୱକପରେ ନୂଆ ଚାମ୍ପିୟନ ହୋଇଛି ଅଷ୍ଟ୍ରେଲିଆ। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ନ୍ୟୁଜିଲାଣ୍ଡକୁ ୮ ଉଇକେଟରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୭୨ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୮.୫ ଓଭରରେ ୨ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରି ନେଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ୨୦୦୭ ଓ ୨୦୧୨ରେ

**ଟି୨୦ ବିଶ୍ୱକପ ଫାଇନାଲ**

ସେମିଫାଇନାଲରୁ ବିଦାୟ ନେଇଥିଲା। ମାତ୍ର ଏଥର ଦଳ ପ୍ରଥମଥରପାଇଁ ଟାଇଟଲର ସ୍ୱାଦ ଚାଖିଛି। ଅନ୍ୟ ପକ୍ଷରେ ୨୦୦୭ ଓ ୨୦୧୬ରେ ସେମିଫାଇନାଲରୁ ବିଦାୟ ନେଇଥିବା ନ୍ୟୁଜିଲାଣ୍ଡ ଏଥର ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି।

୧୭୩ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ମାତ୍ର ୧୫ ରନରେ ଅଧିନାୟକ ଆରୋନ ଫିଞ୍ଚ୍(୫ ରନ)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଏହା ଦଳର ବିଜୟରେ ବିଶେଷ ଫରକ ପକାଇ ନ ଥିଲା। ଡେଭିଡ ୱାର୍ନର ଓ ମିଚେଲ ମାର୍ଶ ଦ୍ୱିତୀୟ ଉଇକେଟରେ ୫୯



ମ୍ୟାଚ୍ ବିଜୟୀ ଇନିଂସ ଅବସରରେ ଅଷ୍ଟ୍ରେଲିଆର ମିଚେଲ ମାର୍ଶ।

ବଲ୍‌ରୁ ୯୨ ରନର ଭାଗୀଦାରି ଗଢ଼ି ଦଳର ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ଦଳୀୟ ସ୍କୋର ୧୨.୨ ଓଭରରେ ୧୦୭ରେ ପହଞ୍ଚିଥିବାବେଳେ ୱାର୍ନର ବ୍ୟକ୍ତିଗତ ୫୩ (୩୮ ବଲ, ୪ ଚୌକା, ୩ ଛକା) ରନ କରି ବ୍ରେଷ୍ଟ ☞ପୃଷ୍ଠା-୬

# ଖର୍ଚ୍ଚ ହେଉଛି, ଦୁର୍ଘଟଣା କମୁନି

## ପୂର୍ବ ବର୍ଷ ତୁଳନାରେ ୨୦.୩୪% ବଢ଼ିଛି

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିବା ଲାଗି ବିଭିନ୍ନ ସମୟରେ ସରକାର ନୂଆ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ ଦୁର୍ଘଟଣା ବଢ଼ୁଥିବାରୁ ସେଗୁଡ଼ିକ କିଛି କାମ ଦେଉନାହିଁ। ସରକାର ପ୍ରସ୍ତୁତ କରୁଥିବା ଯୋଜନାଗୁଡ଼ିକ କେବଳ କାଗଜ କଲମରେ ସୀମିତ ରହିଯାଉଛି। ଏଥିପାଇଁ ଗୃହ, ସ୍ୱାସ୍ଥ୍ୟ ଏବଂ ପରିବହନ ବିଭାଗ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିଲେ ମଧ ମୂଳ ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ଏପରି କି ଏଥିପାଇଁ ମୋଟ କେତେ ଟଙ୍କା ଏହି ୩ ବିଭାଗ ଖର୍ଚ୍ଚ କରୁଛନ୍ତି, ତା'ର ମଧ ଠିକ୍ ହିସାବ ସରକାରଙ୍କ ପାଖରେ ରହୁ ନ ଥିବା ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୯ ଅଗଷ୍ଟରେ ଦେଶରେ ନୂତନ ମୋଟର ଯାନ ଆଇନ ଲାଗୁ ହେବାର ୪ ମାସ ଅର୍ଥାତ୍ ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବରରେ ୨୦ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଥିଲା। କାରଣ ଏହି ସମୟରେ ଲୋକମାନେ ଜରିମାନା ଆଦାୟକୁ ଦେଖି ଡରି ଯାଇଥିଲେ। ହେଲେ ଏହା ପରଠାରୁ ରାଜ୍ୟରେ ପୂର୍ବାପେକ୍ଷା ଦୁର୍ଘଟଣା ବଢ଼ିବାରେ ଲାଗିଛି।



ତଥ୍ୟ ଅନୁଯାୟୀ ୨୦୨୦ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୨,୭୫୮ ଥିଲା। ୨୦୨୧ରେ ଏହି ସମୟ ମଧ୍ୟରେ ଏହା ୩,୩୧୯ରେ ପହଞ୍ଚିଛି। ଅର୍ଥାତ୍ ଗତବର୍ଷ ଅପେକ୍ଷା ଏବର୍ଷ ସମାନ ସମୟରେ ୫୬୧ ଅଧିକ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଯାହା ୨୦୨୦ ତୁଳନାରେ ୨୦.୩୪% ଅଧିକ। କେନ୍ଦୁଝରର ଜିଲାରେ ଗତବର୍ଷ ଦୁର୍ଘଟଣାରେ ୨୦୭ଜଣ ଆଖିବୁଜିଥିବା ବେଳେ ଏବର୍ଷ ସେଠାରେ ସଂଖ୍ୟା ବଢି ୨୨୧ରେ ପହଞ୍ଚିଛି। ସେହିପରି ଗଞ୍ଜାମ, ମୟୂରଭଞ୍ଜ ଏବଂ ଯାଜପୁର ଜିଲାରେ ମଧ ଗତବର୍ଷ ଅପେକ୍ଷା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ସମାନଭାବେ ପ୍ରତ୍ୟେକ ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢିଥିବା ଲକ୍ଷ୍ୟ କରାଯାଇଛି। ଏତେସବୁ ସତ୍ତ୍ୱେ ସରକାର ପାଳନ କରୁଥିବା ସଡ଼କ ସୁରକ୍ଷା ଅଭିଯାନ ବିଫଳ ବୋଲି ବିଭାଗୀୟ ଅଧିକାରୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

- ବିନା ହେଲ୍‌ମେଟରେ ଯାଇଛି ୪୨ ଏବଂ ଦ୍ରୁତ ଗତିରେ ୭୦% ମୃତ୍ୟୁ
- କାମ ଦେଉନି ସଡ଼କ ସୁରକ୍ଷା ଲକ୍ଷ୍ୟ

ସୂଚନା ମୁତାବକ, ସରକାରଙ୍କ ପାଖରେ ରାଜ୍ୟରେ ଯେତିକି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ରହିବା କଥା ସେହି ପରିମାଣରେ ନାହାନ୍ତି। ଯେଉଁଥିଲାଗି ଭୁବନେଶ୍ୱର ଏବଂ କଟକକୁ ଛାଡ଼ିଦେଲେ ଆଉ କେଉଁଠି ନୂଆ ମୋଟର ଯାନ ଆଇନକୁ ଠିକ୍‌ରେ ପାଳନ କରାଯାଉନାହିଁ। କେବଳ ରାଜଧାନୀ ଭିତରେ ହେଲ୍‌ମେଟ୍ ଚେକିଂ ଆଦି କରି ସରକାର ଚୁପ୍ ବସୁଛନ୍ତି। ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇ ୪୨ପ୍ରତିଶତ ଲୋକଙ୍କ ଜୀବନ ଯାଉଛି। ଆଇଏସ୍ଆଇ ଲୋଗୋଯୁକ୍ତ ହେଲ୍‌ମେଟ୍ ମଧ ଲୋକମାନେ ବ୍ୟବହାର କରୁନାହାନ୍ତି। ଅନ୍ୟ ଜିଲାରେ ଲାଗୁ ☞ପୃଷ୍ଠା-୬

# ୧୯ ଯାଏ ଲଘୁଚାପ ବର୍ଷା

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ଲଘୁଚାପ ପ୍ରଭାବରେ ରାଜ୍ୟରେ ୧୯ ତାରିଖ ଯାଏ ବର୍ଷା ସମ୍ଭାବନା ରହିଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ରବିବାର ଏହି ଲଘୁଚାପ ସାମାନ୍ୟ ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରି କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସକ୍ରିୟ ରହିଛି। ଏହାସହିତ ଜଡ଼ିତ ଘୂର୍ଣ୍ଣିବଳୟ ୫.୮ କି.ମି. ପର୍ଯ୍ୟନ୍ତ ବ୍ୟାପିଛି। ଆସନ୍ତା ୨୪ ଘଣ୍ଟାରେ ଏହା ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରିବ ଏବଂ ଉତ୍ତର ଆଣ୍ଡାମାନ ସାଗର ଏବଂ ଦକ୍ଷିଣ-ପୂର୍ବ ଆଣ୍ଡାମାନ ସାଗରରେ ପହଞ୍ଚିଲା ବେଳକୁ ଏକ ସ୍ପଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ୧୭ ତାରିଖବେଳକୁ ଏହା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅତିକ୍ରମ କରି ଯେତେବେଳେ ପଶ୍ଚିମ-କେନ୍ଦ୍ର ବଙ୍ଗୋପସାଗରରେ ପହଞ୍ଚିବ, ସେତେବେଳେ ଏହା ଅବପାତର ରୂପ ନେବ। ୧୮ ତାରିଖରେ ଏହା ଆନ୍ଧ୍ର ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଥିବାବେଳେ ପ୍ରଭାବରେ ୧୭ ଓ ୧୮ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବର୍ତ୍ତମାନ ଉତ୍ତର ଓଡ଼ିଶାର କିଛି ଜିଲାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଛି। ୧୭ରେ ଗଞ୍ଜାମ ଓ ଗଜପତି, ୧୮ରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ☞ପୃଷ୍ଠା-୬

# ୨ବଙ୍ଗାଳି, ଗୋବିନ୍ଦଙ୍କ ୬ ମୋବାଇଲକୁ ନେଇ ଚର୍ଚ୍ଚା

ଭବାନୀପାଟଣା,୧୪।୧୧(ସ୍ୱ.ପ୍ର.)

## ମମିତା ମେହେର ହତ୍ୟା ଘଟଣା

ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏହି ଘଟଣାରେ ୨ ବଙ୍ଗାଳି ବ୍ୟକ୍ତି ଓ ଗୋବିନ୍ଦଙ୍କ ୬ଟି ମୋବାଇଲ ଥିବା ଜଣାପଡ଼ିଛି। ସିଆରପିସିର ଦଫା ୧୬୪ରେ ମାଜିଷ୍ଟ୍ରେଟଙ୍କ ନିକଟରେ ୧୦ ଜଣଙ୍କ ବୟାନ ରେକର୍ଡ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ୨ଜଣ ବଙ୍ଗାଳି ଯୁବକ ରହିଥିବା ସୂଚନା ମିଳିଛି। ତେବେ କିଏ ଏହି ୨ ବଙ୍ଗାଳି ଯୁବକ ଓ ମମିତା ମେହେର ହତ୍ୟା ଘଟଣାରେ ଏମାନଙ୍କ ସମ୍ପର୍କ କ'ଣ ତାହା ଏବେ ବି ସ୍ପଷ୍ଟ ହୋଇନାହିଁ। ସେମାନଙ୍କଠାରୁ ପୋଲିସ କ'ଣ



ତଥ୍ୟ ପାଇଛି ତାହା ମଧ ଜଣାପଡ଼ି ନାହିଁ। ସେହିପରି ୧୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ୧୬୧ରେ ବୟାନ କରାଯାଇଛି ବୋଲି ଶନିବାର ପ୍ରେସ୍‌ମିଟ୍‌ରେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ସୂଚନା ଦେଇଥିଲେ। କଲେଜ ହଷ୍ଟେଲର ରୁମ୍ ନମ୍ବର ୨୦ରୁ ପୋଲିସ ଅଧିକ କିଛି ପ୍ରମାଣ ପାଇଛି, ସେନେଇ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଅଭିଯୁକ୍ତ ଗୋବିନ୍ଦ ସାହୁ ୬ଟି ମୋବାଇଲ ବ୍ୟବହାର କରୁଥିଲେ ବୋଲି ଜଣାପଡ଼ିଛି। ସେଥିରେ ପଡ଼ିଥିବା ସମସ୍ତ ସିମ୍ ଅନ୍ୟମାନଙ୍କ ନାମରେ ରହିଥିବା ଜଣାପଡ଼ିଛି। ଗ୍ରାମର କିଛି ଲୋକ ଏବଂ ସ୍କୁଲ୍ କର୍ମଚାରୀଙ୍କ ନାମରେ ଥିବା ସିମ୍‌କୁ ଗୋବିନ୍ଦ ବ୍ୟବହାର କରୁଥିଲେ ବୋଲି ଜଣାପଡ଼ିଛି। ଯେଉଁମାନଙ୍କ ନାମରେ ସିମ୍ ରହିଛି ସେମାନଙ୍କୁ ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

# ସିବିଆଇ, ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ, ୧୪।୧୧

## ଅଧାଦେଶ ଆଣିଲା କେନ୍ଦ୍ର

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟଙ୍କ କାର୍ଯ୍ୟକାଳ ଏଣିକି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। କାର୍ଯ୍ୟକାଳ ବୃଦ୍ଧି ନିମନ୍ତେ ଆଇନରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ରବିବାର ଅଧାଦେଶ ଆଣିଛନ୍ତି। ବର୍ତ୍ତମାନର ଆଇନ ଅନୁଯାୟୀ ସିବିଆଇ ଏବଂ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୨ ବର୍ଷ ରହିଛି। ୨ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ଚୟନ କମିଟିର ଅନୁମୋଦନ କ୍ରମେ ଥରକେ ବର୍ଷେ ଲେଖାଏଁ କାର୍ଯ୍ୟକାଳ ବଢ଼ାଯାଇପାରିବ। ପାର୍ଲାମେଣ୍ଟ ଅଧିବେଶନ ଚାଲି ନ ଥିବାରୁ ଏବଂ ବର୍ତ୍ତମାନ ସ୍ଥିତିରେ ତୁରନ୍ତ ପଦକ୍ଷେପ ଆବଶ୍ୟକ ପଡୁଥିବା ଅନୁଭବ କରି ରାଷ୍ଟ୍ରପତି ଅଧାଦେଶକୁ ମଞ୍ଜୁରୀ ପ୍ରଦାନ କରିଥିବା ନିର୍ଦ୍ଦେଶନାମାରେ କୁହାଯାଇଛି। ଆଗାମୀ ଶୀତ ଅଧିବେଶନରେ ଅଧାଦେଶ ସ୍ଥାନରେ ନୂଆ ଆଇନ ଗୃହୀତ ହେବା ନେଇ ସରକାର ଆଶାବାଦୀ ରହିଛି। ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ପରିବର୍ତ୍ତନ ☞ପୃଷ୍ଠା-୬

# ୧୬ରୁ ନୂଆ ଢାଞ୍ଚାରେ ସିବିଏସ୍‌ଇ ପରୀକ୍ଷା

ନୂଆଦିଲ୍ଲୀ, ୧୪।୧୧(ଆଇଏଏନ୍‌ଏସ୍)

ଆସନ୍ତା ୧୬ ତାରିଖରୁ ସିବିଏସ୍‌ଇ ଦ୍ୱାଦଶ ଏବଂ ୧୭ରୁ ଦଶମ ଶ୍ରେଣୀ ପ୍ରଥମ ଅବଧି (ଫାଷ୍ଟ ଟର୍ମ) ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ନୂଆ ଢାଞ୍ଚାରେ ହେବାକୁ ଥିବା ଏହି ପରୀକ୍ଷାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଭାଗନେବେ। ଦ୍ୱିତୀୟ ଅବଧି ପରୀକ୍ଷା ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲରେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି। ସିବିଏସ୍‌ଇ ସୂଚନା ଅନୁଯାୟୀ ଏଥର ପିଲାମାନଙ୍କୁ ପ୍ରଶ୍ନପତ୍ର ପଢ଼ିବା ପାଇଁ ୧୫ ମିନିଟ ପରିବର୍ତ୍ତେ ୨୦ ମିନିଟ ସମୟ ଦିଆଯିବ। ଫାଷ୍ଟ ଟର୍ମରେ କେବଳ ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନ ଆସିବ ଓ ଏହାର ସମାଧାନ ପାଇଁ ୯୦ ମିନିଟ ସମୟ ଦିଆଯିବ। ପ୍ରତି ପ୍ରଶ୍ନ ପାଇଁ ୪ଟି ବିକଳ୍ପ ମଧ୍ୟରୁ ପିଲା ଠିକ୍ ଉତ୍ତର ବାଛି ସେଥିରେ ଗୋଲ ବୁଲାଇବେ। ପ୍ରତ୍ୟେକ ଉତ୍ତର ପତ୍ର ସ୍କାନ୍ ହେବ, ତେଣୁ କୌଣସି ପ୍ରଶ୍ନକୁ ନ ଛାଡ଼ିବାକୁ କୁହାଯାଇଛି। ପିଲା ଉତ୍ତର ଦେବାକୁ ଚାହୁଁ ନ ଥିଲେ ମଧ ଯେକୌଣସି ବିକଳ୍ପରେ ଗୋଲ ବୁଲାଇବାକୁ ହେବ। ଦଶମ ପିଲାଙ୍କ ପାଇଁ ଇଣ୍ଟରନାଲ ଆସେସ୍‌ମେଣ୍ଟ ନମ୍ବରକୁ ୧୦-୧୦ ଦୁଇଭାଗରେ ବିଭକ୍ତ ☞ପୃଷ୍ଠା-୬

# ଆଜିଠୁ ଖୋଲିବ ଷଷ୍ଠ, ସପ୍ତମ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ରାଜ୍ୟରେ ସୋମବାରଠାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଏହି ଦୁଇ ଶ୍ରେଣୀର ପିଲାମାନେ ଏବେ ଶ୍ରେଣୀ ଗୃହରେ ବସି ପାଠ ପଢ଼ିବେ। ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କ୍ଲାସ୍ ହେବ। କିନ୍ତୁ ଏହି ସମୟ ମଧ୍ୟରେ ତିନିଘଣ୍ଟା ପାଠପଢ଼ା ହେବ। ଛାତ୍ରୀଛାତ୍ର ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ପାଠ ପଢ଼ିପାରିବେ। କିନ୍ତୁ ଏଥିପାଇଁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କଠାରୁ ପରାମର୍ଶ ଆଣିବାକୁ ପଡ଼ିବ। କାହାକୁ ଅଫ୍‌ଲାଇନ୍ ପଢ଼ିବା ପାଇଁ ବାଧ କରାଯିବ ନାହିଁ। ଯେଉଁମାନେ ଅଫ୍‌ଲାଇନ୍‌ରେ ପାଠ ପଢ଼ିବେ, ସେମାନଙ୍କ ପାଇଁ ଉପସ୍ଥାନ ମଧ ବାଧତାମୂଳକ ନୁହେଁ। ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଏହା ଲାଗୁ ହେବ। ତେବେ କରୋନା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରି ସ୍କୁଲ ଖୋଲିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ସେପଟେ ସ୍କୁଲ ଖୋଲିବା ସହିତ ଏହି ପିଲାଙ୍କ ପାଇଁ ହଷ୍ଟେଲ ମଧ ଖୋଲିବ। ହଷ୍ଟେଲରେ ଯେପରି ପିଲାମାନେ ଏକତ୍ର ହୋଇ ନ ଖାଇବେ ଓ ଶୌଚାଳୟକୁ ବାରମ୍ବାର ସାନିଟାଇଜ୍ କରିବା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ଏସ୍‌ଟି ଆଣ୍ଡ ଏସ୍‌ସି, ଏସ୍ଏସ୍‌ଇପିଡି ବିଭାଗ ଏବଂ ଘରୋଇ ସ୍କୁଲଗୁଡ଼ିକ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଅତିରିକ୍ତ ଗାଇଡ୍‌ଲାଇନ ଜାରି କରିପାରିବେ ବୋଲି ପୂର୍ବରୁ ଗଣଶିକ୍ଷା ବିଭାଗ କହିଥିଲା। ଗତ ଅକ୍ଟୋବର ୧୫ରେ ବିଭାଗ ପକ୍ଷରୁ ଜାରି ଗାଇଡ଼ଲାଇନ୍‌କୁ ସବୁ ବିଦ୍ୟାଳୟ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଗାଇଡ୍‌ଲାଇନ୍‌କୁ ମଧ ପାଳନ କରିବା ପାଇଁ ଗଣଶିକ୍ଷା ବିଭାଗ କହିଛି।

ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ଯୋଗୁ ପାଖାପାଖି ଦୁଇବର୍ଷ ଧରି ସ୍କୁଲ ବନ୍ଦ ରହିଥିଲା। ଅନ୍‌ଲାଇନ୍ କ୍ଲାସ୍ ବ୍ୟବସ୍ଥା ହୋଇଥିଲେ ମଧ ସ୍ମାର୍ଟ ଫୋନ୍‌ର ଅଭାବ ଓ ନେଟ୍‌ୱର୍କ ନ ଥିବା ଯୋଗୁ ସବୁ ପିଲା ଏହାର ସୁଯୋଗ ପାଇ ପାରୁ ନ ଥିଲେ। ତେବେ କରୋନା ସ୍ଥିତିରେ ସୁଧାର ଆସିବା ପରେ ପର୍ଯ୍ୟାୟକ୍ରମେ ରାଜ୍ୟ ସରକାର ସ୍କୁଲ ଖୋଲିବା ଆରମ୍ଭ କରିଛନ୍ତି। ପ୍ରଥମେ ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲା ଯାଇଥିଲା। ଅକ୍ଟୋବର ୨୧ରୁ ଏକାଦଶ ଏବଂ ୨୫ରୁ ଅଷ୍ଟମ ଶ୍ରେଣୀ ଖୋଲିଥିଲା।

# ପ୍ରଥମରେ ୟୁପି, ୫ମରେ ଓଡ଼ିଶା

ନୂଆଦିଲ୍ଲୀ, ୧୪।୧୧(ପି.ଟି.)



## ପିଲାଙ୍କ ବିରୋଧରେ ସାଇବର ଅପରାଧ ୪୦୦% ବଢ଼ିଛି

ଭାରତରେ ୨୦୨୦ରେ ପିଲାମାନଙ୍କ ପ୍ରତି ସାଇବର ଅପରାଧ ପୂର୍ବ ବର୍ଷ ତୁଳନାରେ ୪୦୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି)ର ସଦ୍ୟତମ ତଥ୍ୟରୁ ଏହା ଜଣାପଡ଼ିଛି। ଅଧିକାଂଶ କ୍ଷେତ୍ରରେ ପିଲା ଯୌନ କାର୍ଯ୍ୟରେ ଲିପ୍ତ ଥିବାର ଚିତ୍ରଣ କରାଯାଇ ପ୍ରକାଶିତ କିମ୍ବା ପ୍ରସାରିତ କରାଯାଉଛି। ଏହି ସାଇବର ଅପରାଧରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ପଞ୍ଚମରେ ରହିଛି। ୨୦୨୦ରେ ଉତ୍ତରପ୍ରଦେଶରେ ପିଲାଙ୍କ ପ୍ରତି ୧୭୦ଟି ସାଇବର ଅପରାଧ ଘଟଣା ଘଟିଥିବାବେଳେ କର୍ଣ୍ଣାଟକରେ ୧୪୪, ମହାରାଷ୍ଟ୍ରରେ ୧୩୭, କେରଳରେ ୧୦୭ ଏବଂ ଓଡ଼ିଶାରେ ୭୧ଟି ଘଟଣା ଘଟିଛି। ମୋଟ ୮୪୨ ଅନ୍‌ଲାଇନ ଅପରାଧ ମାମଲା ମଧ୍ୟରୁ ୭୩୮ଟି ପିଲାଙ୍କ ଯୌନ କାର୍ଯ୍ୟ ଚିତ୍ରଣ ସମ୍ପର୍କିତ ବିଷୟବସ୍ତୁର ପ୍ରସାରଣ କିମ୍ବା ପ୍ରକାଶନ ରହିଛି। ପିଲାଙ୍କ ବିରୋଧରେ ସାଇବର ଅପରାଧ ଦ୍ରୁତ ବୃଦ୍ଧି ପାଉଥିବା ଏନ୍‌ସିଆର୍‌ବି ତଥ୍ୟରୁ ସ୍ପଷ୍ଟ ହୋଇଛି। ୨୦୧୯ରେ ପିଲାଙ୍କ ବିରୋଧରେ ୧୬୪ଟି ସାଇବର ଅପରାଧ ରହିଥିବାବେଳେ ୨୦୧୮ରେ ୧୭ ଏବଂ ୨୦୧୭ରେ ୭୯ଟି ମାମଲା ଘଟିଥିଲା।

ମହାମାରୀ ଜନିତ ଲକ୍‌ଡାଉନ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବାରୁ ପିଲାମାନେ ଶିକ୍ଷା ଏବଂ ଯୋଗାଯୋଗ ଉଦ୍ଦେଶ୍ୟରେ ଇଣ୍ଟରନେଟ୍‌କୁ ଅଧିକ ସମୟ ବ୍ୟବହାର କରିଥିଲେ। ଇଣ୍ଟରନେଟ ମାଧମରେ ସେମାନେ ଅନ୍‌ଲାଇନ ଯୌନ ଶୋଷଣ, ଯୌନ ନିର୍ଯାତନା, ଅଶ୍ଳୀଳ ଚିତ୍ର, ଅନ୍‌ଲାଇନ ନିର୍ଯାତନା, ସାଇବର ଠକେଇ ଆଦି ଦ୍ୱାରା ପ୍ରଭାବିତ ହେଉଥିବା କ୍ରାଏ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁ'ର ପୂଜା ମାର୍ୱାହା କହିଛନ୍ତି। ୟୁନିସେଫ୍ ରିପୋର୍ଟ ଅନୁଯାୟୀ ଦକ୍ଷିଣ ଏସିଆର ୧୩ ପ୍ରତିଶତ ପିଲା ଓ ୨୫ ବର୍ଷରୁ କମ୍ ଯୁବଗୋଷ୍ଠୀ ଘରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସ୍ୱଳ୍ପ-ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ୧୪ ପ୍ରତିଶତ ସ୍କୁଲ ପିଲାଙ୍କୁ ଇଣ୍ଟରନେଟ ବ୍ୟବହାର ସୁବିଧା ମିଳୁଛି। ତେବେ ଭାରତରେ କେତେ ପିଲା ଏହାକୁ ଶିକ୍ଷା ଓ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ତାହା ଜଣାପଡ଼ିନାହିଁ। ମାର୍ୱାହାଙ୍କ ମତରେ ସ୍କୁଲ ବନ୍ଦ ସହ ଲକ୍‌ଡାଉନ କଟକଣା ଯୋଗୁ ପିଲା ଘରେ ରହି ସାମାଜିକ ମିଳାମିଶାର ସୁଯୋଗ ପାଇଲେ ନାହିଁ। ଏହା ସେମାନଙ୍କ ମାନସିକ ସାମାଜିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କଲା, ଯାହା ନିଃସଙ୍ଗତା ଓ ବିଶୃଙ୍ଖଳିତ ବ୍ୟବହାର ମାନସିକତା ସୃଷ୍ଟି କଲା। ଇଣ୍ଟରନେଟରେ ସେମାନେ ଆପତ୍ତିଜନକ ବିଷୟ ଦେଖିବା ସହ ଖରାପ ରାସ୍ତାରେ ଯିବାକୁ ପ୍ରଭାବିତ ହେଲେ। ପିଲାମାନଙ୍କ ଡିଜିଟାଲ ଅଧିକାରକୁ ନେଇ ଇଣ୍ଟରନେଟ ଗଭର୍ନାନ୍ସ ପଲିସି ଫୋରମ୍ ଓ ଶିଶୁ ସୁରକ୍ଷା ମଧ୍ୟରେ ସମନ୍ୱୟ ଆବଶ୍ୟକ। ଏଥିରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମାର୍ୱାହା କହିଛନ୍ତି।



ମୁମ୍ବାଇ: ମୁଦ୍ରାସ୍ଫୀତି, ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଗ୍ୟାସ ସିଲିଣ୍ଡରରେ ନିଆଁ: ୫ ଘର ଜଳିଗଲା**

ଉତ୍ତର ଦିଲ୍ଲୀର ଏକ ବସ୍ତିରେ ରବିବାର ସକାଳେ ଏଲ୍‌ପିଜି ସିଲିଣ୍ଡରରେ ନିଆଁ ଲାଗି ବିସ୍ଫୋରଣ ହେବାରୁ ୧୭ ଜଣ ଆହତ ହୋଇଛନ୍ତି। ଆଜାଦପୁରର ଲାଲ୍‌ବାଗ ଅଞ୍ଚଳରେ ହୋଇଥିବା ଏହି ବିସ୍ଫୋରଣ ୫ଟି ଘର କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଆହତ ଜଣେ ବ୍ୟକ୍ତିଙ୍କୁ ଆର୍‌ଏମ୍‌ଏଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନଙ୍କୁ ବିଜେଆର୍‌ଏମ୍‌ରେ ଚିକିତ୍ସା କରାଯାଉଛି।



## ସଂକ୍ଷେପରେ

### ମଣିପୁର ଅମ୍ବୁସ: ଉଗ୍ରପନ୍ଥୀଙ୍କୁ ଧରିବା ପାଇଁ କୋମ୍ବିଂ ଜୋରଦାର

**ନୂଆଦିଲ୍ଲୀ, ୧୪।୧୧:** ମଣିପୁରରେ ଆସାମ ରାଇଫଲ୍‌ସ ଗାଡ଼ି ଉପରେ ଉଗ୍ରପନ୍ଥୀଙ୍କ ଅତର୍କିତ ଆକ୍ରମଣରେ କଲୋନେଲ ବିପ୍ଳବ ତ୍ରିପାଠୀ ଓ ଅନ୍ୟ ୪ ଯବାନ ଶହୀଦ ହେବା ସହ କଲୋନେଲଙ୍କ ସ୍ତ୍ରୀ ଓ ପିଲା ପ୍ରାଣ ହରାଇବାର ଦିନକ ପରେ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଉଗ୍ରପନ୍ଥୀଙ୍କୁ ଧରିବା ପାଇଁ ସେଖେନ୍ ଗ୍ରାମ ଚାରିପଟେ ରହିଥିବା ଜଙ୍ଗଲରେ ଆସାମ ରାଇଫଲ୍ସ ଏବଂ ରାଜ୍ୟ ପୋଲିସ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ ଜାରି ରହିଛି। ଆକ୍ରମଣ ପାଇଁ ଦୁଇଟି ଉଗ୍ରପନ୍ଥୀ ସଂଗଠନ ପିପୁଲ୍ସ ଲିବରେଶନ ଆର୍ମି ଏବଂ ମଣିପୁର ନାଗା ପିପୁଲ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଛନ୍ତି। ଏଭଳି ଆତଙ୍କବାଦୀ କାର୍ଯ୍ୟକୁ ବରଦାସ୍ତ କରାଯିବନି ବୋଲି ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ କହିଛନ୍ତି। ଏହା ଯୋଜନାବଦ୍ଧ ଆକ୍ରମଣ ଥିଲା। ଅପରାଧୀଙ୍କୁ ଗିରଫ କରିବା ସହ ଦଣ୍ଡ ଦେବା ପାଇଁ ସେ ଗୃହ ବିଭାଗ ଓ ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି।

### ମଇଁଷି କ୍ଷୀର ନ ଦେବାରୁ ଥାନାର ଦ୍ୱାରସ୍ଥ

**ଭୋପାଳ, ୧୪।୧୧:** ମଧ୍ୟପ୍ରଦେଶ ଭିନ୍ଦ ଜିଲାରେ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ବାବୁଲାଲ ଜାଟଭ(୪୫) ନାମକ ଜଣେ ଚାଷୀଙ୍କ ମଇଁଷି କିଛି ଦିନ ହେଲା କ୍ଷୀର ଦେଉ ନ ଥିବାରୁ ଶନିବାର ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। କେହି ତାଙ୍କ ମଇଁଷିକୁ ଗୁଣିଗାରେଡି କରିଦେଇଥିବା ସେ ପୋଲିସକୁ ଅଭିଯୋଗ କରିଥିଲେ। ଏତଲା ଦେବାର ୪ ଘଣ୍ଟା ପରେ ସେ ଥାନାକୁ ତାଙ୍କ ମଇଁଷି ଧରି ପହଞ୍ଚି ପୁଣି ପୋଲିସକୁ ସହାୟତା ମାଗିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଡିଏସ୍‌ପି ଅରବିନ୍ଦ ଶାହା କହିଛନ୍ତି, ମଇଁଷିକୁ ଜଣେ ଭେଟେରିନାରୀ ଡାକ୍ତରଙ୍କୁ ଦେଖାଇବାକୁ ସମ୍ପୃକ୍ତ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତର ଦେଖିବା ପରେ ବାବୁଲାଲ ମଇଁଷି ଧରି ଘରକୁ ଯାଇଥିଲେ। ରବିବାର ସକାଳେ ମଇଁଷି କ୍ଷୀର ଦେଇଥିବା ବାବୁଲାଲ ଥାନାରେ ଆସି କହିଥିଲେ ବୋଲି ଡିଏସ୍‌ପି ପ୍ରକାଶ କରିଛନ୍ତି।

### ୟୁଏଲ୍‌ଏଫ୍‌ଏରେ ଯୋଗଦେବେ ନିଖୋଜ ୫ ମହିଳା

**ଗୁଆହାଟୀ, ୧୪।୧୧:** ଗତ ସପ୍ତାହଠାରୁ ଘରୁ ନିଖୋଜ ଥିବା ଆସାମର ତିନସୁକିଆ, ଧେମାଜି ଏବଂ ଲଖିମପୁର ଜିଲାର ୫ ମହିଳା ନିଷିଦ୍ଧ ସଙ୍ଗଠନ ୟୁନାଇଟେଡ ଲିବରେଶନ ଫ୍ରଣ୍ଟ ଅଫ୍ ଆସୋମ୍-ଇଣ୍ଡିପେଣ୍ଡେଣ୍ଟ(ୟୁଏଲ୍‌ଏଫ୍‌ଏ-୧)ରେ ଯୋଗ ଦେବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ପୂର୍ବରୁ ଜାତୀୟ କିକ୍‌ବକ୍ସିଂ ବୈଠକରେ ଯୋଗ ଦେଇଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ ଏ ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ପାଇପାରିନାହିଁ। ତେବେ ଶୁକ୍ରବାର ୫ ମହିଳାଙ୍କ ଏକ ଭିଡିଓ ସୋସିଆଲ ମିଡିଆରୁ ମିଳିଛି। ସେମାନେ ଏକ ଜଙ୍ଗଲ ମଧ୍ୟରେ ଅତିକ୍ରମ କରୁଥିବା ଏଥିରେ ଦେଖାଯାଇଛି। ସେମାନେ ମ୍ୟାନ୍‌ମାର ଅଭିମୁଖେ ଯାଇ ୟୁଏଲ୍‌ଏଫ୍‌ଏ-୧ କ୍ୟାମ୍ପରେ ଯୋଗଦେବାର ଆଶଙ୍କା କରାଯାଇଛି। ସମ୍ପୃକ୍ତ ମହିଳାମାନେ ଉକ୍ତ ସଙ୍ଗଠନରେ ଯୋଗଦେଇଛନ୍ତି କି ନା ସେନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ଏଡିଜିପି ହିରେନ୍ ନାଥ କହିଛନ୍ତି।

# ରୁଷିଆ ସହ ଯୁଦ୍ଧ ସ୍ଥିତିରେ ୟୁରୋପ

ଲଣ୍ଡନ/ୱାରସ/ମିନସ୍କ, ୧୪।୧୧



ପୂର୍ବ ୟୁରୋପର ଭୂସୀମା ଆବଦ୍ଧାଞ୍ଚଳ ଦେଶ ବେଲାରୁସ ଏବଂ କେନ୍ଦ୍ରୀୟ ୟୁରୋପ ଦେଶ ପୋଲାଣ୍ଡ ମଧ୍ୟରେ ଶରଣାର୍ଥୀ ସମସ୍ୟା ଯୋଗୁ ଉପୁଜିଥିବା ସୀମା ବିବାଦ ବଢ଼ିବାରେ ଲାଗିଛି। ଏଥିଯୋଗୁ ସମଗ୍ର ୟୁରୋପ ଅଶାନ୍ତ ରହିଛି। ପ୍ରାୟ ୬ଟି ଦେଶର ସେନା

### ବ୍ରିଟେନ ସେନା ମୁଖ୍ୟଙ୍କ ଚେତାବନୀ



ସାମ୍ନାସାମ୍ନି ସ୍ଥିତିରେ ଅଛନ୍ତି। ବେଲାରୁସ୍ ସେନାକୁ ରୁଷିଆ ସମର୍ଥନ କରୁଥିବାବେଳେ ପୋଲାଣ୍ଡ ସପକ୍ଷରେ ବାହାରିଛନ୍ତି ବ୍ରିଟେନ, ଆମେରିକା ଏବଂ ଜର୍ମାନୀ ସଶସ୍ତ୍ରବଳ। ବେଲାରୁସ୍ ପ୍ରବାସୀ ସମସ୍ୟା ମଧ୍ୟରେ ରୁଷିଆର ଅଯଥା ହସ୍ତକ୍ଷେପ ଯୁଦ୍ଧକୁ ଡାକୁଛି ବୋଲି ବ୍ରିଟେନ ସେନା ମୁଖ୍ୟ ଜେନେରାଲ ନିକ୍ କାର୍ଟର ଚେତାବନୀ ଦେଇଛନ୍ତି। ଖୁବଶୀଘ୍ର ରୁଷିଆ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଯୁଦ୍ଧ ଭୂମିକୁ ଓହ୍ଲାଇପାରନ୍ତି ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି।

ନିକ୍ କହିଛନ୍ତି, ୧୦-୧୫ ବର୍ଷ ତଳେ ଦେଶଗୁଡ଼ିକ ମଧ୍ୟରେ ଯେପରି ପ୍ରତିଦ୍ୱନ୍ଦ୍ୱିତା ଥିଲା ତାହା ଏବେ ଢେର୍ ବଢ଼ିଯାଇଛି। ଶୀତଳ ଯୁଦ୍ଧ ଶେଷ ହେବାର ପ୍ରାୟ ୩୦ ବର୍ଷ ପରେ ରୁଷିଆ ସାମରିକ ବଳ ଯୋଗେ ମହତ୍ତ୍ୱାକାଂକ୍ଷା ପୂରଣ ଆଶା ସମଗ୍ର ମହାଦ୍ୱୀପ ପାଇଁ ବିପଦ ହୋଇ ଉଭାହୋଇଛି। ଶୀତଳ ଯୁଦ୍ଧବେଳେ ସକ୍ରିୟ ଥିବା କୂଟନୈତିକ ନୀତି ମଧ୍ୟ ଆଉ କାର୍ଯ୍ୟକ୍ଷମ ନାହିଁ। ୧୯୭୮ରେ ତାଙ୍କ ମିଲିଟାରୀ କ୍ୟାରିୟର ଆରମ୍ଭବେଳେ ସୋଭିଏଟ୍ ୟୁନିୟନ ଏବଂ ପାଶ୍ଚାତ୍ୟ ଭାବରେ ବିଶ୍ୱ ଦୁଇ ଭାଗ ରହିଥିଲା। ହେଲେ ଏବେ ବିଭିନ୍ନ ଦେଶର ପୃଥକ୍ ଏଜେଣ୍ଡା ଏବଂ ବିସ୍ତାରବାଦୀ ନୀତି ବିପଦକୁ ଡାକୁଛି ବୋଲି ସେ ଚେତାଇଛନ୍ତି।

### 'ତୁରନ୍ତ ପଦକ୍ଷେପ ନେଉ ନାଟୋ'



ମାଟ୍ୟୁସ୍‌ଜ ମୋରାୱିଏକି

ବେଲାରୁସ୍ ସୀମା ପଟୁ ଶରଣାର୍ଥୀ ସମସ୍ୟା ଦୂର କରିବା ପାଇଁ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ) ତୁରନ୍ତ ପଦକ୍ଷେପ ନେଉ ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ମାଟ୍ୟୁସ୍‌ଜ ମୋରାୱିଏକି କହିଛନ୍ତି। ପୋଲାଣ୍ଡ ସମେତ ଲିଥୁଆନିଆ ଏବଂ ଲାଟ୍‌ଭିଆ ମଧ୍ୟ ନାଟୋ ଚୁକ୍ତି ଅନୁସାରେ ଅନୁଚ୍ଛେଦ ୪ ଅଧୀନରେ ପରାମର୍ଶ ମାଗିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ନାଟୋ ରାଷ୍ଟ୍ରଗୁଡ଼ିକ ଦେଶର ଅଖଣ୍ଡତା, ସ୍ୱାଧୀନତା କିମ୍ବା ସୁରକ୍ଷା ପ୍ରତି ବିପଦ ଆସିଲେ ଅନୁଚ୍ଛେଦ ୪ ଅନୁସାରେ ସେମାନେ ସହଯୋଗ ମାଗିପାରିବେ। କେବଳ ଚିନ୍ତା ପ୍ରକାଶ କଲେ ହେବ ନାହିଁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାର ବେଳ ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ କହିଛନ୍ତି।

### ବେଲାରୁସ୍-ପୋଲାଣ୍ଡ ସୀମା ଅଶାନ୍ତ

ବେଲାରୁସ୍‌ରୁ ହଜାର ହଜାର ସଂଖ୍ୟାରେ ଶରଣାର୍ଥୀ ପୋଲାଣ୍ଡ ସୀମା ଦେଇ ପଶ୍ଚିମ ୟୁରୋପରେ ପ୍ରବେଶ କରିବାକୁ ଠୁଳ ହୋଇଛନ୍ତି। ପୋଲାଣ୍ଡ ସେନା ସେମାନଙ୍କୁ ସୀମା ନିକଟରେ ଅଟକାଇ ରଖିଛି। ଫଳରେ ପ୍ରବଳ ଥଣ୍ଡାରେ ବିନା ଖାଦ୍ୟ ପାନୀୟରେ ଶରଣାର୍ଥୀମାନେ ସେଠାରେ ପଡ଼ି ରହିଛନ୍ତି। ସୀମାପାର ହେବା ପାଇଁ ଅନେକେ ସୈନିକଙ୍କ ସହ ମୁହାଁମୁହିଁ ମଧ୍ୟ ହେଉଛନ୍ତି। ସେପଟେ ବେଲାରୁସ୍ ସେମାନଙ୍କୁ ପୋଲାଣ୍ଡ ସେନା ବିରୋଧରେ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏଥିରେ ବେଲାରୁସ୍‌କୁ ସମର୍ଥନ କରି ରୁଷିଆ ଏହାର ପରମାଣୁ ଅସ୍ତ୍ର ସମ୍ପନ୍ନ ଯୁଦ୍ଧ ବିମାନ ସୀମା ନିକଟକୁ ପଠାଇବା ସହ ବେଲାରୁସ୍ ସହ ଯୁଦ୍ଧାଭ୍ୟାସ ଚଳାଇଛି। ଏଥିସହ ବେଲାରୁସ୍ ରୁଷିଆକୁ ମୋବାଇଲ ପରମାଣୁ ମିଶାଇଲ ସିଷ୍ଟମ ମାଗିଛି। ୫୦୦ କିଲୋମିଟର ରେଞ୍ଜର ଏହି ମିଶାଇଲକୁ ପଶ୍ଚିମ ଓ ଦକ୍ଷିଣ ସୀମାରେ ମୁତୟନ କରାଯିବ ବୋଲି ବେଲାରୁସ୍ ରାଷ୍ଟ୍ରପତି ଆଲେକଜାଣ୍ଡର ଲୁକାଶେଙ୍କୋ କହିଛନ୍ତି। ତେବେ ରୁଷିଆ ପକ୍ଷରୁ ଏହି ମିଶାଇଲ ପ୍ରଦାନ ଦିଗରେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

### ବିବାଦର କାରଣ

➡୨୦୨୦ ଅଗଷ୍ଟ ନିର୍ବାଚନ ପରେ ଆଲେକଜାଣ୍ଡର ଲୁକାଶେଙ୍କୋ ଷଷ୍ଠ ଥର ପାଇଁ ବେଲାରୁସ୍ ରାଷ୍ଟ୍ରପତି ହୋଇଥିଲେ। କିନ୍ତୁ ବିରୋଧୀ ଦଳ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଏହି ଫଳାଫଳକୁ ଖାରଜ କରିଦେଇଥିଲେ। ଏହାକୁ ନେଇ ବେଲାରୁସରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏଥିରେ ୩୫ହଜାରରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରାଯିବା ସହ ପୋଲିସ ମାଡ଼ରେ ଅନେକ ଆହତ ହୋଇଥିଲେ। ପ୍ରତିବାଦରେ ଲୁକାଶେଙ୍କୋ ସରକାରଙ୍କ ଉପରେ ୟୁରୋପୀୟ ସଂଘ ଏବଂ ଆମେରିକା କଟକଣା ଲଗାଇଥିଲା।

➡ଗତ ମେ'ରେ ଏହି ବିବାଦ ବଢ଼ିଥିଲା। ଗ୍ରୀସରୁ ଲିଥୁଆନିଆକୁ ଯାଉଥିବା ଏକ ବିମାନକୁ ମିନସ୍କରେ ଅବତରଣ କରି ବେଲାରୁସ୍ ସରକାର ବିରୋଧୀ ଖବରଦାତା ରାମନ୍ ପ୍ରତାଭସିଚଙ୍କୁ ଗିରଫ କରିଥିଲା। ପରେ ବ୍ରିଟେନ ଏହାକୁ ଡକାୟତି ଆଖ୍ୟାଦେଇ ବେଲାରୁସ୍‌କୁ ବିମାନ ଚଳାଚଳ ଉପରେ କଟକଣା ଲଗାଇବା ସହ ପେଟ୍ରୋଲିୟମ ଉତ୍ପାଦ ଭଳି ଅନେକ ଜରୁରୀ ରପ୍ତାନି ବନ୍ଦ କରାଇଦେଇଥିଲା।



ଆଲେକଜାଣ୍ଡର ଲୁକାଶେଙ୍କୋ

➡ପ୍ରତିଶୋଧପରାୟଣ ହୋଇ ବେଲାରୁସ୍ ତୁର୍କୀ, ଇରାକ, ସିରିଆ, ୟେମେନ ଭଳି ଅଶାନ୍ତ ଦେଶଗୁଡ଼ିକରୁ ଶରଣାର୍ଥୀଙ୍କୁ ବିମାନ ଯୋଗେ ପରିବହନ କରି ସୀମାରେ ଛାଡ଼ି ଦେଇଛି। ଫଳରେ ଶରଣାର୍ଥୀମାନେ ସୀମା ପାର ଲାଗି ପୋଲାଣ୍ଡ, ଲିଥୁଆନିଆ, ଲାଟ୍‌ଭିଆ ଆଦି ଦେଶକୁ ପଳାୟନ ପାଇଁ ଚେଷ୍ଟା କରୁଛନ୍ତି।

➡ବେଲାରୁସ୍ ଶରଣାର୍ଥୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରି ହାଇବ୍ରିଡ୍ ଯୁଦ୍ଧ ଆରମ୍ଭ କରିଥିବା ୟୁରୋପୀୟ ସଂଘ ଅଭିଯୋଗ କରିଛି। କଟକଣାର ପ୍ରତିଶୋଧ ନେବାକୁ ବେଲାରୁସ୍ ଏପରି କରୁଥିବାବେଳେ ରୁଷିଆ ସହଯୋଗ କରୁଛି। ତେବେ ଶରଣାର୍ଥୀ ସମସ୍ୟାରେ କୌଣସି ହସ୍ତକ୍ଷେପ କରୁ ନ ଥିବା ରୁଷିଆ ସଫେଇ ଦେଇଛି।



ବେଲାରୁସ-ପୋଲାଣ୍ଡ ସୀମାରେ ଶରଣାର୍ଥୀ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଛନ୍ତି।

## ପରିବାରର ୪ ଜଣଙ୍କୁ ଫାଶୀ ଦେଲେ ମାଓବାଦୀ

ଗୟା, ୧୪।୧୧

ବିହାରର ଗୟା ଜିଲା ଅନ୍ତର୍ଗତ ଡୁମାରିଆ ଅଞ୍ଚଳରେ ଥିବା ମାନୁୱାର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ମାଓବାଦୀମାନେ ବର୍ବର କାଣ୍ଡ ଘଟାଇଛନ୍ତି। ସେମାନେ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ଫାଶୀରେ ଝୁଲାଇ ଦେବା ସହ ସେମାନଙ୍କ ୨ଟି ଘରକୁ ଡିନାମାଇଟରେ ଉଡ଼ାଇ ଦେଇଛନ୍ତି। ଡୁମାରିଆ ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ପୂର୍ବରୁ ପୋଲିସର ମାଓବାଦୀ ନିରୋଧୀ ଅଭିଯାନର ଜବାବ

### ଡିନାମାଇଟରେ ଘର ଉଡ଼ାଇଦେଲେ

ଦେବାକୁ ଯାଇ ବେଆଇନ ସିପିଆଇ-ମାଓବାଦୀ ସଂଗଠନ ଏଭଳି ବୀଭତ୍ସ କାଣ୍ଡ ଘଟାଇଥିବା କୁହାଯାଉଛି। ଗତ ମାର୍ଚ୍ଚ ୧୬ରେ ପୋଲିସ ଏନ୍‌କାଉଣ୍ଟରରେ ଉକ୍ତ ସ୍ଥାନରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। ଏହି ଅଭିଯାନ ଏକ ଷଡ଼ଯନ୍ତ୍ର ଥିଲା ବୋଲି ମାଓବାଦୀ ସଂଗଠନ ପକ୍ଷରୁ କୁହାଯାଇଥିଲା। ସେମାନଙ୍କ କମ୍ରେଡ୍‌ମାନଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ସରଜୁ ସିଂ ଭୋକ୍ତାଙ୍କ ଘରକୁ ଡିନାମାଇଟ୍‌ରେ ଉଡ଼ାଇ ଦିଆଯିବା ସହ ତାଙ୍କର ପୁଅ ସତ୍ୟେନ୍ଦ୍ର ସିଂ, ମହେନ୍ଦ୍ର ସିଂ ଓ ବୋହୂ ମନୋରମା ଦେବୀ ଓ ସୁନୀତା ସିଂଙ୍କୁ ହତ୍ୟା କରାଯାଇଛି। ୨୦ରୁ ୨୫ ଜଣ ମାଓବାଦୀ ସେମାନଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଘରକୁ ଉଡ଼ାଇ ଦେବା ପରେ ସେମାନେ ସ୍ଲୋଗାନ ଦେବା ସହ ପ୍ରଚାର ପତ୍ର ଛାଡ଼ିଯାଇଥିଲେ। କମ୍ରେଡ୍ ଅମରେଶ, ସୀତା, ଶିବ ପୂଜନ ଏବଂ ଉଦୟଙ୍କ ହତ୍ୟାର ପ୍ରତିଶୋଧ ନିଆଗଲା ବୋଲି ସେଥିରେ ଉଲ୍ଲେଖ ରହିଛି।



ମଙ୍ଗଳବାର ଉଦ୍‌ଘାଟିତ ହେବାକୁ ଥିବା ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ବାୟୁସେନାର ସୁଖୋଇ-୩୦ ଯୁଦ୍ଧବିମାନର ପରୀକ୍ଷାମୂଳକ ଅବତରଣ।

## ଶିଳ୍ପାଙ୍କ ନାଁରେ ଠକେଇ ଅଭିଯୋଗ



ମୁମ୍ବାଇ, ୧୪।୧୧

ମୁମ୍ବାଇର ଜଣେ ବ୍ୟବସାୟୀ ନିତିନ ବରାଇ ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ, ସ୍ୱାମୀ ରାଜ୍ କୁନ୍ଦ୍ରା ଏବଂ ଅନ୍ୟ କେତେଜଣଙ୍କ ନାଁରେ ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗ ଆଣିଛନ୍ତି। ଏ ନେଇ ବାନ୍ଦ୍ରା ଥାନାରେ ଏକ ମାମଲା ରୁଜୁ ହୋଇଛି। ୨୦୧୪ ଜୁଲାଇରେ ଏସ୍‌ଏଫ୍‌ଏଲ ଫିଟ୍‌ନେସ୍ କମ୍ପାନୀ ନିର୍ଦ୍ଦେଶକ କାଶିଫ୍ ଖାନଙ୍କ ସମେତ ଶିଳ୍ପା ଏବଂ କୁନ୍ଦ୍ରା ତାଙ୍କୁ ଲାଭ ଆଶା ଦେଖାଇ ଉକ୍ତ ଏଣ୍ଟରପ୍ରାଇଜ୍‌ରେ ୧.୫୧ କୋଟି ଟଙ୍କା ନିବେଶ କରିବାକୁ କହିଥିଲେ। ବଦଳରେ ପୁଣେ ନିକଟ ହଡ଼ପସର ଏବଂ କୋରେଗାଁଓଠାରେ ଉକ୍ତ ଫିଟ୍‌ନେସ କମ୍ପାନୀର ଏକ ଶାଖା ସହ ଏକ ଜିମ୍ ଏବଂ ସ୍ପା ସେଣ୍ଟର ଖୋଲିବା ପାଇଁ ସହାୟତା ନିମନ୍ତେ ଆଶ୍ୱାସନା ଦେଇଥିଲେ। ହେଲେ ତାହା ହୋଇ ନ ଥିବା ଏବଂ ନିତିନ ତାଙ୍କ ଟଙ୍କା ମଧ୍ୟ ଫେରି ପାଇ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ମାଗିବାରୁ ତାଙ୍କୁ ଧମକ ମିଳୁଥିବା ମଧ୍ୟ କହିଛନ୍ତି।

## ପ୍ରତିରକ୍ଷା ମନ୍ତ୍ରଣାଳୟ କଳା ତାଲିକାରେ ୬ କମ୍ପାନୀ

ନୂଆଦିଲ୍ଲୀ, ୧୪।୧୧

ପ୍ରତିରକ୍ଷା ମନ୍ତ୍ରଣାଳୟ ୬ଟି କମ୍ପାନୀକୁ କଳା ତାଲିକାଭୁକ୍ତ କରିଛି। ଉକ୍ତ କମ୍ପାନୀଗୁଡ଼ିକ ସହ ପ୍ରତିରକ୍ଷା ସମ୍ପର୍କିତ କୌଣସି ସରଞ୍ଜାମ କ୍ରୟ ପାଇଁ ଚୁକ୍ତିନାମା କରାଯିବ ନାହିଁ। ବାଦ୍ ପଡ଼ିଥିବା କମ୍ପାନୀଗୁଡ଼ିକ ହେଲେ ସିଙ୍ଗାପୁର ଟେକ୍‌ନୋଲୋଜିଜ୍ କାଇନେଟିକ୍ସ ଲିଃ(ଏସ୍‌ଟିକେ), ଇସ୍ରାଏଲ୍ ମିଲିଟାରୀ ଇଣ୍ଡଷ୍ଟ୍ରିଜ୍ ଲିଃ (ଆଇଏମ୍‌ଆଇ), ଟିଏସ୍ କିସନ ଆଣ୍ଡ କୋ ପ୍ରା.ଲିଃ ନୂଆଦିଲ୍ଲୀ, ଆର୍‌କେ ମେଶିନ୍ ଟୁଲ୍ସ ଲିଃ ଲୁଧିଆନା, ରେଇନମେଟାଲ ଏୟାର ଡିଫେନ୍ସ (ଆର୍‌ଏଡି) ଜୁରିଚ୍ ଏବଂ କର୍ପୋରେଶନ ଡିଫେନ୍ସ ରୁଷିଆ। ତେବେ ଉକ୍ତ ତାଲିକାରେ ଅଗୁସ୍ତା ୱେଷ୍ଟଲାଣ୍ଡ ଓ ଏହାର ମୂଳ କମ୍ପାନୀ ଲିଓନାର୍ଡୋ (ପୂର୍ବ ନାମ ଫିନମେକାନିକା)କୁ ରଖାଯାଇନାହିଁ। ୨୦୧୪ରେ ସରକାର ଲିଓନାର୍ଡୋକୁ ସମସ୍ତ ଭବିଷ୍ୟତ ସାମରିକ ଚୁକ୍ତିନାମାରୁ ବାଦ୍ ଦେଇଥିଲେ।

ଏହା ବ୍ୟତୀତ ୧୩ କମ୍ପାନୀ ସହ ବ୍ୟବସାୟକୁ ସ୍ଥଗିତ ରଖାଯାଇଛି। ସେହି କମ୍ପାନୀ ମଧ୍ୟରେ ଅଛନ୍ତି

### ୧୩ କମ୍ପାନୀ ସହ ବ୍ୟବସାୟ ସ୍ଥଗିତ

ଟୁନିସିଆର ଆଇଡିଏସ୍, ମରିସସ୍‌ର ଇନ୍‌ପୋଟେକ୍ ଡିଜାଇନ ସିଷ୍ଟମ୍, ମୋହାଲିର ଆଇଡିଏସ୍ ଇନ୍‌ଫୋଟେକ୍ ଲିଃ, ଚଣ୍ଡିଗଡ଼ର ଏରୋମାଟ୍ରିକ୍ସ ଇନ୍‌ଫୋ ସଲ୍ୟୁଶନ ପ୍ରା.ଲିଃ, ଶାନ୍‌କ୍ସ ଓସନିୟରିଂ ଇଣ୍ଟର ସ୍ୱାଇରୋ ଇଣ୍ଡିଆ ପ୍ରା.ଲିଃ, ଇଣ୍ଟର ସ୍ୱାଇରୋ ଇଣ୍ଡିଆ ପ୍ରା.ଲିଃ, ଏକ୍ସପର୍ଟସ୍ ସିଷ୍ଟମ୍ସ, ୟୁନିଟେକ୍ ଏଣ୍ଟରପ୍ରାଇଜେସ୍, କେଲଭିନ୍ ଇଞ୍ଜିନିୟରିଂ, ଆଟଲାସ୍ ଗ୍ରୁପ୍ ଅଫ୍ କମ୍ପାନିଜ୍, ଅଫସେଟ୍ ଇଣ୍ଡିଆ ସଲ୍ୟୁଶନ୍ସ ପ୍ରା.ଲିଃ ଓ ଏହାର ଗ୍ରୁପ୍ କମ୍ପାନୀ, ପିଲାଟସ୍ ଏୟାରକ୍ରାଫ୍ଟ ଲିଃ, ସୁଇଜରଲାଣ୍ଡ ଏବଂ ଭେକ୍ଟ୍ରା ଆଡ୍‌ଭାନ୍ସଡ ଇଞ୍ଜିନିୟରିଂ ପ୍ରା. ଲିଃ। ସେହିପରି ରୋଲ୍ସ ରଏସ ଓ ଏହାର ସହଯୋଗୀ କମ୍ପାନୀ ଏବଂ ଚେକ୍ ରିପବ୍ଲିକ୍‌ର ଟାଟ୍ରା ଟ୍ରକ୍ସରୁ ଉପକରଣ କିଣା ଉପରେ କଟକଣା ଲାଗୁ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ଭାରତକୁ ମିଳିଲା ଏସ୍-୪୦୦

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ରୁଷିଆ ଭାରତକୁ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଯୋଗାଣ ଆରମ୍ଭ କରିଛି। ଯୋଜନା ଅନୁଯାୟୀ ଯୋଗାଣ ଆରମ୍ଭ ହୋଇଥିବା ରୁଷିଆର ସାମରିକ-ବୈଷୟିକ ସହଯୋଗ ସଂଘୀୟ ସେବାର ନିର୍ଦ୍ଦେଶକ ଡିମିଟ୍ରି ଶୁଗାଏଭ୍ କହିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ମସ୍କୋରୁ ଏସ୍-୪୦୦ ଏୟାର ଡିଫେନ୍ସ ମିସାଇଲ ସିଷ୍ଟମ୍‌ର ୫ଟି ୟୁନିଟ କିଣିବା ଲାଗି ନୂଆଦିଲ୍ଲୀ ୨୦୧୮ ଅକ୍ଟୋବରରେ ୫ ବିଲିୟନ ଡଲାର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ୨୦୧୯ରେ ଭାରତ ରୁଷିଆକୁ ପ୍ରଥମ



କିସ୍ତିରେ ୮୦୦ ନିୟୁତ ଡଲାର ପୈଠ କରିଥିଲା। ଏସ୍-୪୦୦ ହେଉଛି ରୁଷିଆର ସବୁଠୁ ଅତ୍ୟାଧୁନିକ ଦୀର୍ଘ ଲକ୍ଷ୍ୟଭେଦ କ୍ଷମତା ଥିବା ସ୍ଥଳଭାଗରୁ ଆକାଶ ମିସାଇଲ ଡିଫେନ୍ସ ସିଷ୍ଟମ। ଏହି ସିଷ୍ଟମ କିଣିଥିବା ତୁର୍କୀ ଉପରେ ଆମେରିକା କଟକଣା ଲଗାଇଥିବାରୁ ଭାରତ ଉପରେ ଅନୁରୂପ ପଦକ୍ଷେପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

## ନ୍ୟାୟ ବ୍ୟବସ୍ଥା ସ୍ୱାଧୀନତାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ତଳ କୋର୍ଟ ଓ ଜିଲା ଅଦାଲତଗୁଡ଼ିକର କାର୍ଯ୍ୟ ଜରିଆରେ ଲକ୍ଷ ଲକ୍ଷ ଲୋକ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମନୋଭାବ ସମ୍ପର୍କରେ ଅବଗତ ହୋଇଥାନ୍ତି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ.ଭି. ରମନା କହିଛନ୍ତି। ତେଣୁ ସବୁ ସ୍ତରରେ ନ୍ୟାୟ ବ୍ୟବସ୍ଥାର ସ୍ୱାଧୀନତା ଓ ସାଧୁତାର ସଂରକ୍ଷଣ, ସୁରକ୍ଷା ଓ ପ୍ରସାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି। କଲ୍ୟାଣକାରୀ ରାଷ୍ଟ୍ର କଥା ଚିନ୍ତା କଲାବେଳେ ଭାରତୀୟ ନ୍ୟାୟ ବ୍ୟବସ୍ଥା



ସିଜେଆଇ ଏନ.ଭି. ରମନା

ସବୁବେଳେ ଆଗରେ ରହିଥାଏ। ଦେଶର ସାମ୍ବିଧାନିକ ଅଦାଲତଗୁଡ଼ିକର ନିଷ୍ପତ୍ତି ସାମାଜିକ ଗଣତନ୍ତ୍ରକୁ ବଜାୟ ରଖିଛି। ଲିଗାଲ ଆୱାରନେସ୍ ଆଣ୍ଡ ଆଉଟ୍‌ରିଚ୍ କ୍ୟାମ୍ପେନ୍‌ର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଜଷ୍ଟିସ ରମନା କହିଥିଲେ, କଲ୍ୟାଣକାରୀ ରାଷ୍ଟ୍ରର ଅଂଶବିଶେଷ ହେବା ସତ୍ତ୍ୱେ ବିଭିନ୍ନ ଯୋଜନାର ସୁଫଳ ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ମର୍ଯ୍ୟାଦାଜନକ ଜୀବନ ବଞ୍ଚିବାର ଅଭିଳାଷ ଅନେକ ସମୟରେ ଦାରିଦ୍ର୍ୟ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ତୃଣମୂଳ ସ୍ତରକୁ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରା ନ ଗଲେ ସୁସ୍ଥ ନ୍ୟାୟ ବ୍ୟବସ୍ଥାର କଳ୍ପନା କରାଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି।

ପ୍ରଥମ ଥର ପାଇଁ ସିଧାସଳଖ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ସମ୍ବିଧାନ ଆମ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରିଛି ତାକୁ ମିଳିତ ଭାବେ ଅତ୍ୟନ୍ତ ସଙ୍କୋଚତା ଓ ପ୍ରତିବଦ୍ଧତାର ସହ ନିର୍ବାହ କରିବାକୁ ହେବ। ନ୍ୟାୟପାଳିକା ଉପରେ ଜନସାଧାରଣଙ୍କ ଆସ୍ଥା ରହିଛି ଓ ଏହାକୁ ସେମାନେ ଶେଷ ଆଶା ଭାବେ ଧରିନେଇଥାନ୍ତି। ତେଣୁ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ସାମ୍ବିଧାନିକ ଯୋଜନା ପ୍ରତି ଅତ୍ୟନ୍ତ ସଚେତନ ରହିବାକୁ ହେବ ବୋଲି ସିଜେଆଇ କହିଛନ୍ତି।

### ତ୍ରିପୁରା ହିଂସା: ୨ ମହିଳା ଖବରଦାତା ଅଟକ

ଗୁଆହାଟୀ, ୧୪।୧୧

ତ୍ରିପୁରା ହିଂସାକୁ ନେଇ ବିବାଦୀୟ ଖବର ପ୍ରକାଶ କରିଥିବା ଦିଲ୍ଲୀର ଦୁଇଜଣ ମହିଳା ଖବରଦାତାଙ୍କୁ ଅଟକ ରଖାଯାଇଛି। ସେମାନେ ଧର୍ମ ଆଧାରରେ ବିଭିନ୍ନ ସଂଗଠନ ମଧ୍ୟରେ ଶତ୍ରୁତା ବଢ଼ାଇବା ସହ ଅପରାଧ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ସମୃଦ୍ଧି ସକୁନିଆ ଏବଂ ସ୍ୱର୍ଣ୍ଣ ଝା ନାମକ ଏହି ଖବରଦାତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତ୍ରିପୁରାର ଗୋମତି ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଆସାମ କରିମଗଞ୍ଜର ନିଲମବଜାର ଥାନାରେ ଅଟକ ରଖାଯାଇଛି।

## ସଂକ୍ଷେପରେ

### ନନ୍ଦନକାନନ: ବଜ୍ରକାପ୍ତା, ମାଣ୍ଡାରିନ ବତକ ମୃତ

**ବାରଙ୍ଗ,୧୪।୧୧(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀଉଦ୍ୟାନର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ରହୁଥିବା ଅଣ୍ଡିରା ବଜ୍ରକାପ୍ତାର ରବିବାର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୫ରେ ପହଞ୍ଚିଛି। ତନ୍ମଧ୍ୟରୁ ୧୦ ଅଣ୍ଡିରା ଓ ୧୫ମାଈ ବଜ୍ରକାପ୍ତା ରହିଛନ୍ତି। ପ୍ରକାଶ ଯେ, ନନ୍ଦନକାନନକୁ ପ୍ରଥମେ ୧୯୭୧ ରେ ଏକ ମାଈ ବଜ୍ରକାପ୍ତା ଏବଂ ୧୯୭୩ରେ ଏକ ଅଣ୍ଡିରା ବଜ୍ରକାପ୍ତା ଅଣାଯାଇ ବଂଶ ବୃଦ୍ଧିର ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୦୭ ଅକ୍ଟୋବରରେ ଏକ ଶାବକ ଜନ୍ମ ନେଇଥିଲା। ଏହା ପରେ ନନ୍ଦନକାନନରେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରର ପରିକଳ୍ପନା କରାଯାଇଥିଲା। ୨୦୦୮ ସୁଦ୍ଧା ବଜ୍ରାକାପ୍ତା ସଂଖ୍ୟା ବୃଦ୍ଧି ପାଇ ୧୪ରେ ପହଞ୍ଚିଥିଲା। କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମୁତାବକ ୨୦୦୯ରେ ନନ୍ଦନକାନନରେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ଅନ୍ୟପଟେ ପାଦଚଲା ବିହଙ୍ଗ ସରଣୀରେ ରହୁଥିବା ଏକ ମାଈ ମାଣ୍ଡାରିନ ବତକର ମୃତ୍ୟୁ ଘଟିଛି।

### ଦୁର୍ଦ୍ଧାନ୍ତ ବାପି କଟକ ସ୍ଥାନାନ୍ତର ଏନ୍‌କାଉଣ୍ଟର ଘଟଣା

**ଭଦ୍ରକ ଅଫିସ,୧୪।୧୧:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚଢ଼େଇଆଠାରେ ଶନିବାର ଅପରାହ୍ନରେ ଦୁର୍ଦ୍ଧାନ୍ତ ଅପରାଧୀ ବାପି ପାଣି ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଶନିବାର ବିଳମ୍ବିତ ରାତିରେ ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବାପିଙ୍କ ସହ ଗିରଫ ହୋଇଥିବା ସହଯୋଗୀ ଓମ୍‌ପ୍ରକାଶ ମଲ୍ଲିକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଓମ୍‌ପ୍ରକାଶଙ୍କୁ କୋର୍ଟ ଚାଲାଣ ପୂର୍ବରୁ ଜେରା କରାଯାଇଥିଲା। ଜେରା ସମୟରେ ଗ୍ୟାଙ୍ଗରେ କେଉଁମାନେ ସମ୍ପୃକ୍ତ ସେ ସୁରାକ୍ ଦେଇଛନ୍ତି। କେଉଁଠି କେଉଁଠି ତାଙ୍କ ଗ୍ୟାଙ୍ଗ ଦ୍ୱାରା ରାହାଜାନି, ଡକାୟତି କରାଯାଇଛି ସେ ସମ୍ପର୍କରେ ସମସ୍ତ ତଥ୍ୟ ଜାଣିବାକୁ ମିଳିଛି।

# ରାଜନଗର ଡିଏଫ୍‌ଓ-ଜେଡ୍‌ଏସ୍‌ଆଇ ମୁହାଁମୁହିଁ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ପକ୍ଷରୁ ଗତ ଗୁରୁବାର ସ୍ଥାନୀୟ ଏକ ମାଛ ଗଦିରେ ଚଢ଼ାଉ କରାଯାଇ ଦୁଇଟି ଶାଙ୍କୁଚ ମାଛ ଜବତ କରାଯାଇଥିଲା। ଏଥିସହିତ ସମ୍ପୃକ୍ତ ମାଛଗଦି ମାଲିକ ଶଙ୍ଖାଳି ଚରଣ ମାଝୀ ଓ ପୁଅ ସୁଶାନ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋଲକାତା ଚାଲାଣ ପାଇଁ ରଖାଯାଇଥିବା ଏହି ଦୁଇଟି ଶାଙ୍କୁଚ ହିମାନତୁରା ଏସ୍‌ପି ପ୍ରଜାତିର ଓ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ସିଡ୍ୟୁଲ-୧ ପ୍ରାଣୀ ବୋଲି ଗଣମାଧ୍ୟମରେ ମତାମତ ଭିତ୍ତିକ ଖବର ପ୍ରକାଶିତ ହୋଇଥିଲା। ଏହାକୁ ନେଇ ଏବେ ରାଜନଗର ବନଖଣ୍ଡ ଓ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍‌ଏସ୍‌ଆଇ) ମୁହାଁମୁହିଁ ହୋଇଛି। ଜବତ ଦୁଇ ଶାଙ୍କୁଚ ପ୍ରଜାତି ଠିକ୍ ନୁହେଁ ବୋଲି ଜେଡ୍‌ଏସ୍‌ଆଇର ସାଇଣ୍ଟିଷ୍ଟ ଇନ୍‌ଚାର୍ଜ ଡ. ଅନିଲ କୁମାର ମହାପାତ୍ର ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ତଥ୍ୟ ରଖିବା ସହ ଗିରଫଦାରିକୁ ବେଆଇନ ବୋଲି ଦର୍ଶାଇଛନ୍ତି। ସେ ଗୋଟିଏ ଶାଙ୍କୁଚକୁ ୟୁରୋଜିମ୍‌ନସ୍ ପଲିଲେପିସ (Urogymnus polylepis) ଏବଂ ଅନ୍ୟଟିକୁ ପ୍ରାଷ୍ଟିନାକସ ଅଟର (Prastinachus ater) କହିବା ସହିତ ଉଭୟ ଶାଙ୍କୁଚକୁ ଅଣସଂରକ୍ଷିତ ମାଛ ବୋଲି କହିଛନ୍ତି। ଅନିଲଙ୍କ ଏହି ପୋଷ୍ଟ ପରେ ଜେଡ୍‌ଏସ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ରା ମଧ୍ୟ ତାଙ୍କୁ ସମର୍ଥନ କରି ମାଛ ବ୍ୟବସାୟୀଙ୍କୁ ନିର୍ଦ୍ଦୋଷ ବୋଲି ମତ ରଖିଛନ୍ତି। ସେହିଭଳି ଜେଡ୍‌ଏସ୍‌ଆଇର ଶାଙ୍କୁଚ ଓ ସାର୍କ ବିଶେଷଜ୍ଞ ଡ. କେ. କେ. ବିନିସ ମଧ୍ୟ ଜବତ ଦୁଇ ଶାଙ୍କୁଚ ମାଛକୁ ବନ୍ୟପ୍ରାଣୀ ସିଡ୍ୟୁଲ ଲିଷ୍ଟରେ ନ ଥିବା କଥା ସ୍ପଷ୍ଟ କରିଛନ୍ତି। ଏହାପରେ ଏଇ ଘଟଣାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଥିବାବେଳେ ରାଜନଗର ବନ ଖଣ୍ଡର କାର୍ଯ୍ୟଧାରାକୁ ନେଇ ତୀବ୍ର ପ୍ରତିକ୍ରିୟା ପାଇଛି। ଜେଡ୍‌ଏସ୍‌ଆଇ ହେଉଛି ଭାରତରେ ପ୍ରାଣୀମାନଙ୍କର ପ୍ରଜାତି ନିରୂପଣ କରିବା ପାଇଁ ଏକମାତ୍ର ଅଧିକୃତ ସଂସ୍ଥା। ତେଣୁ ରାଜନଗର ବନଖଣ୍ଡ ଶାଙ୍କୁଚର ଅଣସଂରକ୍ଷିତ ପ୍ରଜାତିକୁ ସିଡ୍ୟୁଲ-୧ ବୋଲି ଭୁଲ୍‌ରେ ଚିହ୍ନଟ କରିବା ଯୋଗୁ ଯେଉଁ ଦୁଇଜଣଙ୍କୁ ଗିରଫ କରିଥିଲା ସେମାନଙ୍କୁ ଅବିଳମ୍ବେ ମୁକ୍ତ କରିବା ପାଇଁ ସବୁଠି ଦାବି ହେଉଛି।

ଏନେଇ ରାଜନଗର ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ଡା. ଯଜ୍ଞଦତ୍ତ ପତି କହିଛନ୍ତି, ଜବତ ଶାଙ୍କୁଚ ଦୁଇଟି ହିମାନତୁରା ଫ୍ଲୁଭିଆଟିଲିସ (Himantura fluviatilis) ପ୍ରଜାତିର ଏବଂ ଆମେ ଠିକ୍ ଚିହ୍ନଟ କରିଛୁ। ଫେସ୍‌ବୁକ୍‌ରେ ଏଭଳି ଭୁଲ୍ ତଥ୍ୟ ଦେଇଥିବାରୁ ମୁଁ ଏନେଇ ଜେଡ୍‌ଏସ୍‌ଆଇର ନିର୍ଦ୍ଦେଶିକା ମାଡାମଙ୍କୁ ଅଭିଯୋଗ କରିଛି। କିନ୍ତୁ ଜେଡ୍‌ଏସ୍‌ଆଇର ସାଇଣ୍ଟିଷ୍ଟ ଇନ୍‌ଚାର୍ଜ ଡ. ମହାପାତ୍ର କହିଛନ୍ତି, ପ୍ରଥମ କଥା ହେଉଛି ହିମାନତୁରା ଫ୍ଲୁଭିଆଟିଲିସ ପ୍ରଜାତିର ଆଜିକା ତାରିଖରେ ସ୍ଥିତି ହିଁ ନାହିଁ। ଦ୍ୱିତୀୟରେ ଡିଏଫ୍‌ଓ ଜଣେ ସ୍ପେସିସ ବିଶେଷଜ୍ଞ ନୁହନ୍ତି। ପ୍ରଜାତିକୁ ଚିହ୍ନଟ କରିବା ପାଇଁ ବନ ବିଭାଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିଥାନ୍ତା। ବୋଧ ହୁଏ ତାହା କରି ନାହିଁ। କୋର୍ଟ ଯେତେବେଳେ ସ୍ପେସିସ୍ ରିପୋର୍ଟ ମାଗିବେ ସେତେବେଳେ ଏହି ମାମଲା ଖାରଜ ହୋଇଯିବ। ସେଥିପାଇଁ ନିରୀହ ମାଛ ବ୍ୟବସାୟୀଙ୍କୁ ତୁରନ୍ତ ମୁକ୍ତି କରିବା ଆବଶ୍ୟକ ବୋଲି ଅନିଲ କହିଛନ୍ତି।

ସୂଚନାଯୋଗ୍ୟ, ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଧାରା ୫୩ ଅନୁଯାୟୀ ଭୁଲ୍‌ରେ ଗିରଫ କରିଥିବା ପ୍ରମାଣିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ୬ ମାସ ଯାଏ ଜେଲ ଦଣ୍ଡର ପ୍ରାବଧାନ ରହିଛି।

### ଶାଙ୍କୁଚ ଶିକାର ପାଇଁ ୨ ଗିରଫକୁ ନେଇ ବିବାଦ

- ଜବତ ଶାଙ୍କୁଚ ସଂରକ୍ଷଣ ବର୍ଗର ନୁହେଁ, ଅଣ ସଂରକ୍ଷିତ ମାଛ ପ୍ରଜାତି
- ଗିରଫଦାରିକୁ ବେଆଇନ କହିଲେ ଜେଡ୍‌ଏସ୍‌ଆଇ ବିଶେଷଜ୍ଞ
- ଭୁଲ୍ ପ୍ରମାଣିତ ହେଲେ ୬ ମାସର ଜେଲ୍ ଦଣ୍ଡ ରହିଛି





ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ସନ୍‌ସାଇନ ହସ୍ପିଟାଲ ଓ ଏସ୍‌ପ୍ଲାନେଡ୍ ମଲ୍ ପକ୍ଷରୁ ସଚେତନତା ବାର୍ତ୍ତା ନେଇ ରବିବାର ଭୁବନେଶ୍ୱରରେ ଆୟୋଜିତ ୱାକାଥନ।

## ଭାଉଜଙ୍କୁ ହତ୍ୟା କଲେ ଦିଅର

**ବାରିପଦା ଅଫିସ,୧୪।୧୧**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ତୁଳସୀଚଉରା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଭାଉଜଙ୍କୁ ପିଟି ହତ୍ୟା ଅଭିଯୋଗରେ ପୋଲିସ ଦିଅର ରବୀନ୍ଦ୍ର ସିଂଙ୍କୁ ଗିରଫ କରିଛି। ମୃତା ମହିଳା ହେଲେ ଗୀତା ସିଂ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୯୬୫/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଗିରଫ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ରବୀନ୍ଦ୍ର ଘରକୁ ଫେରିବା ପରେ କୌଣସି କାରଣକୁ ନେଇ ଗୀତାଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରବୀନ୍ଦ୍ର ତାଙ୍କୁ ଆକ୍ରମଣ କରିବାରୁ ଗୀତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପ୍ରଘଟ ହେବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

## 'ବିରଳ ମାଛ ଧରିଲେ ଖବର ଦିଅ'

**ରାଜନଗର, ୧୪।୧୧(ଡି.ଏନ.ଏ.)**

### ଶ୍ୱାସରୁଦ୍ଧ ହୋଇ ୨ ଶାଙ୍କୁଚଙ୍କ ମୃତ୍ୟୁ ଘଟଣା

ରାଜନଗର ବ୍ଲକ ଗର୍ଜନପୁର ରାସ୍ତାରେ ଥିବା ମାଛ ଗଦିରୁ ୨ଟି ଶାଙ୍କୁଚ ଜବତ ହେବା ପରେ ବାପ ପୁଅ ଜେଲ ଯାଇଛନ୍ତି। ଗତ ୧୨ ତାରିଖରେ ଗଦିରୁ ତଫସିଲ-୧ ଭୁକ୍ତ ଶ୍ରେଣୀର ହିମାନଟୁରାଏସପି ଶାଙ୍କୁଚ ଗୋଟିଏ ଜବତ ହୋଇଥିବାବେଳେ ଅନ୍ୟ ଏକ ପ୍ରଜାତିର ଶାଙ୍କୁଚ ଜବତ ହୋଇଥିଲା। ଦୁଇଟି ଜବତ ମୃତ ଶାଙ୍କୁଚଙ୍କ ବ୍ୟବଚ୍ଛେଦ କରାଯାଇଥିଲା। ଦୁଇ ଶାଙ୍କୁଚ ଶ୍ୱାସରୁଦ୍ଧ ହୋଇ ମରିଥିବା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା ଦେବୀ ପ୍ରସାଦ କୁଣ୍ଡ କହିଛନ୍ତି। ମାଛ ଧରିବାକୁ ବସାଯାଇଥିବା ଜାଲରେ ଶାଙ୍କୁଚ ପଡ଼ିବା ପରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ବିରଳ ପ୍ରଜାତିର ଶାଙ୍କୁଚ ଜବତ ପରେ ମତ୍ସ୍ୟଜୀବୀମାନଙ୍କୁ ରାଜନଗର ବନ ବିଭାଗ ପକ୍ଷରୁ ସଚେତନ କରାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ନଦୀ, ସମୁଦ୍ର ଯେକୌଣସି ସ୍ଥାନରେ ମାଛ ଧରିବାବେଳେ ତଫସିଲ-୧ ଶ୍ରେଣୀ ଭୁକ୍ତ ପ୍ରଜାତିର କୌଣସି ମାଛ କିମ୍ବା ଶାଙ୍କୁଚ ଜାଲରେ ପଡିଲେ ଜୀବିତ ଥିଲେ ସେମାନଙ୍କୁ ଛାଡି ଦିଅନ୍ତୁ, ଯଦି ଜାଲରେ ପଡି ମୃତ୍ୟୁବରଣ କରି ସାରିଥାନ୍ତି ବନ ବିଭାଗକୁ ଖବର ଦିଅ। ଏହି ଶ୍ରେଣୀର ସାମୁଦ୍ରିକ ଜୀବ ନ ଧରିବାକୁ, ରାଜ୍ୟ କିମ୍ବା ବାହାରକୁ ଚାଲାଣ ନ କରିବାକୁ ମତ୍ସ୍ୟଜୀବୀମାନଙ୍କୁ ରାଜନଗର ଡିଏଫ୍‌ଓ ଯଜ୍ଞଦତ୍ତ ପତି ଅନୁରୋଧ କରିଛନ୍ତି। ନଭେମ୍ବର ୧ରୁ ମେ ୩୧ ତାରିଖ ଯାଏ ବିରଳ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ଋତୁ ଚାଲିଛି। ସେମାନେ ଯେପରି ନିରାପଦରେ ଆସି ପ୍ରଜନନ ପ୍ରକ୍ରିୟା ସହ ଗଣ ଅଣ୍ଡାଦାନରେ ସାମିଲ ହେବେ ସେ ନେଇ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି ବୋଲି ସେ କହିଛନ୍ତି।

# ଶିଶୁଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଭରିବା ଆମର ଲକ୍ଷ୍ୟ: ମନ୍ତ୍ରୀ


ଭର୍ଚୁଆଲରେ ଯୋଗଦେଇଥିବା ମନ୍ତ୍ରୀ ଟୁକୁନି ସାହୁ ଓ ଅନ୍ୟମାନେ।

- ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଦିବସ
- ଅଙ୍ଗନୱାଡ଼ି ଶିଶୁଙ୍କୁ ଜୋତା, ମୋଜା, ସ୍ୱେଟର ବଣ୍ଟନ

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରବିବାର ଭର୍ଚୁଆଲରେ ରାଜ୍ୟସ୍ତରୀୟ ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ପ୍ରତ୍ୟେକ ଶିଶୁ ଆମ ପାଇଁ ଅମୂଲ୍ୟ। ସେମାନଙ୍କ ଶୈଶବର ପୂର୍ଣ୍ଣ ବିକାଶ ପାଇଁ ଆବଶ୍ୟକ ଉପଯୁକ୍ତ ପୋଷଣ, ଗୁଣାତ୍ମକ ଶିକ୍ଷା, ଶାରୀରିକ, ମାନସିକ ତଥା ମେଧା ଶକ୍ତିର ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏକ ସୁସ୍ଥ, ସୁନ୍ଦର ଏବଂ ସ୍ୱଚ୍ଛ ପରିବେଶରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ କରି ସେମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଭରି ଦେବା ଆମର ଲକ୍ଷ୍ୟ ବୋଲି ମନ୍ତ୍ରୀ ସାହୁ କହିଥିଲେ।

କାର୍ଯ୍ୟକ୍ରମରେ ସବୁ ଜିଲାରୁ ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ, ଅଙ୍ଗନୱାଡ଼ି ସୁପରଭାଇଜର, କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଅଙ୍ଗନୱାଡ଼ି ଶିଶୁମାନେ ସାମିଲ ହୋଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଅଧ୍ୟକ୍ଷତା କରି ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ପୋଷଣ କାର୍ଯ୍ୟକ୍ରମ ସମ୍ପର୍କରେ କ୍ଷେତ୍ର କର୍ମଚାରୀଙ୍କୁ ଅଧିକ ତାଲିମ୍ ପ୍ରଦାନ କରାଯିବ ବୋଲି କହିବା ସହ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ସଶକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ନିତ୍ୟାନନ୍ଦ ବାରିକ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା'ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଶିଶୁ ସପ୍ତାହ ପାଳନ ଅବସରରେ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ନେଇ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଶାସନ ସଚିବ ରେଗା ଗୀତା ରାଣୀ ପଟ୍ଟନାୟକ ସୂଚନା ଦେଇଥିଲେ। ୟୁନିସେଫ୍‌ର ନ୍ୟୁଟ୍ରିଶନ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଶିଶୁମାନଙ୍କ ପାଇଁ ଉପଯୁକ୍ତ ପୋଷଣର ଗୁରୁତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ୟୁନିସେଫ୍‌ର ରାଜ୍ୟ ପରାମର୍ଶଦାତା ମଧୁମିତା ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ବରିଷ୍ଠ ପରାମର୍ଶଦାତା ସୋନାଲି ସିହ୍ନା ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁଙ୍କ ପାଇଁ ଏକ ହଳ ଜୋତା, ମୋଜା, ସ୍ୱେଟର, ଖେଳଣା ସହ ଟେବୁଲ୍, ଚେୟାର ଆଦି ବଣ୍ଟନ କରାଯାଇଛି। 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା'ରେ ୩ ରୁ ୬ ବର୍ଷର ୧୭ ଲକ୍ଷ ୪୨ ହଜାର ଶିଶୁ ଏପରି ଉପକୃତ ହେବେ।

# ଶିମିଳିପାଳ ପାଦଦେଶରେ ୧୧ ହାତୀ

**ବିଶୋଇ, ୧୪।୧୧ (ଡି.ଏନ. ଏ)**

ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶରେ ଥିବା ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନି ପଞ୍ଚାୟତରେ ରବିବାର ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହି ହାତୀପଲକୁ ଘଉଡାଇବା ନିମନ୍ତେ ବନବିଭାଗକୁ ନାକେଦମ ହେବାକୁ ପଡିଥିବାବେଳେ ସନ୍ଧ୍ୟା ସୁଦ୍ଧା ହାତୀ ଘଉଡା ଶେଷ ହୋଇପାରିନି। ହାତୀ ଉପଦ୍ରବ ଯୋଗୁ ଏବେ ପଞ୍ଚାୟତର ୧୭ ଗ୍ରାମର ଲୋକେ ଆତଙ୍କିତ ହୋଇଛନ୍ତି। ସୂଚନାଥାଉକି, ଗତ ଶନିବାର ରାତିରେ ଧାନ ଖାଇବା ନିମନ୍ତେ ୧୧ ହାତୀପଲ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରୁ ବାହାରି ଜୁଡ଼ିଆ ଗ୍ରାମ ଦେଇ ରବିବାର ସକାଳେ ଜାମିରଡିହା ଗ୍ରାମରେ ପହଞ୍ଚିଥିଲେ। ୫୦ନଂ ରାଜ୍ୟରାଜପଥ ପାର ହୋଇ ଏହି ହାତୀପଲ ଶିମିଳିପାଳ ଜଙ୍ଗଲ ମଧ୍ୟକୁ ଯିବାପାଇଁ ଚେଷ୍ଟା କରୁଥିବା ବେଳେ ଜନଗହଳି ଦେଖି ଉକ୍ତ ହାତୀପଲ ସ୍ଥାନୀୟ ଲୁହାବାଳିଆ ଗ୍ରାମ ସନ୍ନିକଟ ଏକ ଜଙ୍ଗଲରେ ଆଶ୍ରୟ ନେଇଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ନିମନ୍ତେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ, ମଣଦା ବନାଞ୍ଚଳ ସହିତ ବିଶୋଇ ପୋଲିସ ସେଠାରେ ପହଞ୍ଚି ଘଉଡାଇବା ପାଇଁ ଉଭୟ ପକ୍ଷରୁ ପ୍ରୟାସ ଜାରି ରଖିଛି।

### ଆତଙ୍କିତ ଅବସ୍ଥାରେ ୧୭ ଗାଁ ଲୋକେ





# ଜଳଉତ୍ସରେ ପ୍ରଦୂଷଣ ବଢୁଛି

■ କାର୍ତ୍ତିକ ପୂର୍ଣ୍ଣିମାକୁ ଜଳଉତ୍ସ ଦିବସ ରୂପେ ପାଳନ ପାଇଁ ଆହ୍ବାନ
■ ଜଳ ଶକ୍ତି ଅଭିଯାନ କାଗଜକଲମରେ ସୀମିତ

କେନ୍ଦ୍ରାପଡ଼ା ଅଫିସ,୧୪।୧୧

ରାଜ୍ୟର ୨୩ ଜିଲାରେ ୫୫ଟି ଜଳ ଉତ୍ସ ପ୍ରଦୂଷିତ । ତାହା ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ଉପଯୋଗୀ ନୁହେଁ । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପକ୍ଷରୁ ଜଳଉତ୍ସ ବିଶୋଧନ ପାଇଁ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏନେଇ ଚେତିଛନ୍ତି। ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ସମ୍ପୃକ୍ତ ୨୩ ଜିଲାର ଜିଲାପାଳଙ୍କୁ ଆସନ୍ତା ୧୫ ତାରିଖ ମଧ୍ୟରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉପରୋକ୍ତ ୨୩ ଜିଲା ମଧ୍ୟରେ କେନ୍ଦ୍ରାପଡ଼ା ଅଛି । ନିକଟରେ ଗରଦପୁର ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ଦ୍ରୁତଗତିରେ ହ୍ରାସ ପାଇଥିବା ନେଇ ରାଜ୍ୟ ଭୂତଳ ଜଳ ବିଶେଷଜ୍ଞ ସୂଚନା ଦେଇଥିଲେ। ଓଡ଼ିଶାର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ କେନ୍ଦ୍ର ସରକାର ଚିହ୍ନଟ କରି ୨୦୧୯ରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନ ଏବେ କାଗଜପତ୍ରରେ ସୀମିତ ରହିଛି । ଜଳଉତ୍ସ ପ୍ରଦୂଷଣ ରୋକିବା ପାଇଁ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାକୁ ରାଜ୍ୟ ସରକାର ଜଳଉତ୍ସ ସଂରକ୍ଷଣ ଦିବସ ଭାବେ ଘୋଷଣା କରନ୍ତୁ ବୋଲି ଜିଲା ଜନ ସୁରକ୍ଷା ମଞ୍ଚ ଦାବି କରିଛି। ଏହାକୁ ଜିଲାର ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି ।

ଏ ସମ୍ପର୍କରେ ମଞ୍ଚର ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଜଳ ହିଁ ଜୀବନ। ଏହାର ସୁରକ୍ଷା ଆବଶ୍ୟକ। ହିନ୍ଦୁ ସଂସ୍କୃତିରେ ସାଧାରଣ ଚଳଣିଠାରୁ ପୂଜା ପାର୍ବଣରେ ଜଳର ଗୁରୁତ୍ୱ ଅଧିକ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଜଳ ଉତ୍ସର ପରିସମାପ୍ତି ଘଟାଉଛି । ପୂର୍ବରୁ ଥିବା ଜଳ ପଥ ଓ ଉତ୍ସକୁ ପୋତା ଯାଇ ଏବେ ଗୃହ ନିର୍ମାଣ ହେଉଛି । ସେହିପରି ପୂଜା ପାର୍ବଣରେ ମୂର୍ତ୍ତି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଜଳ ଉତ୍ସକୁ ପ୍ରଦୂଷିତ କରୁଛି । ଏହାବ୍ୟତୀତ ଅତ୍ୟାଧୁନିକ ଜୀବନ ଯାପନ ପାଇଁ ଦ୍ରୁତ ଶିଳ୍ପାୟନ ଯୋଗୁ ବର୍ଜ୍ୟବସ୍ତୁ ଜଳଉତ୍ସକୁ ନଷ୍ଟ କରୁଛି । ସହରରେ ଥିବା ୨୪ଟି ବଡ଼ ପୋଖରୀ ମଧ୍ୟରୁ ପ୍ରାୟ ୧୮ଟି ଏବେ ପୋତି ଦିଆଯାଇଛି । ଆଗାମୀ କାର୍ତ୍ତିକ ପୂର୍ଣ୍ଣିମାରେ ବହୁ ପ୍ରଚଳିତ ଡଙ୍ଗାଭସା କାର୍ଯ୍ୟକ୍ରମ ପାଇଁ ଜଳଉତ୍ସ ଦେଖିବାକୁ ମିଳୁନାହିଁ । ଜଳଉତ୍ସର ସଂରକ୍ଷଣ ପାଇଁ ଆସନ୍ତା କାର୍ତ୍ତିକ ପୂର୍ଣ୍ଣମୀକୁ ଜଳଉତ୍ସ ଦିବସ ଭାବେ ପାଳନ କଲେ ସଚେତନତା ବୃଦ୍ଧି ପାଇବ । ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଏହି ଜିଲାରେ କୌଣସି ଖଣି ଅଥବା ଶିଳ୍ପ ନାହିଁ । ତେବେ ଜିଲାର ୭ ନଦୀ ଓ ୨୭ ଶାଖା ନାଳରେ ଏବେ ପ୍ରଦୂଷିତ ଜଳ ପ୍ରବାହିତ ହେଉଛି । ଏପରି କି ଏହି ଜଳ ସାମୁଦ୍ରିକ ଜୀବ ଉପରେ ପ୍ରଭାବ ପକାଇଛି। ପଡ଼ୋଶୀ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାର ଶିଳ୍ପ ଅନୁଷ୍ଠାନ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦେଉନାହାନ୍ତି। ଶିଳ୍ପ ବର୍ଜ୍ୟ ସାମଗ୍ରୀକୁ ନଦୀ ଜଳକୁ ଛାଡୁଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ି ଚାଷ ଉପାନ୍ତ ଅଞ୍ଚଳରେ କୁଟୀର ଶିଳ୍ପ ପାଲଟିଛି। ଚିଙ୍ଗୁଡ଼ି ଘେରିରୁ ନିର୍ଗତ ବର୍ଜ୍ୟ ରାସାୟନିକ ସାମଗ୍ରୀ ନାଳ, କେନାଲ ଓ ନଦୀ ମାଧ୍ୟମରେ ଛଡ଼ାଯିବା ଫଳରେ ସମୁଦ୍ରାଞ୍ଚଳ ପ୍ରଦୂଷିତ ହେଉଛି। ପୂଜା ପାର୍ବଣ ସମୟରେ ଏକ ସ୍ୱତନ୍ତ୍ର ପୋଖରୀରେ ମୂର୍ତ୍ତି ଓ ପୂଜା ସାମଗ୍ରୀକୁ ପକାଯାଉ । ସେହିପରି ମୂର୍ତ୍ତି ଗଠନରେ ରାସାୟନିକ ଦ୍ରବ୍ୟ ବଦଳରେ ପରିବେଶ ଅନୁକୂଳ ଉପାଦାନ ବ୍ୟବହାର ହେଉ ବୋଲି ସେ ମତ ଦେଇଛନ୍ତି । ସାମାଜିକ କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ଜଳଉତ୍ସ ସଂରକ୍ଷଣ ଜରୁରୀ। ଏଥିପାଇଁ ଜିଲାର ଜଳ ସଙ୍କଟ ଦୂର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି । ଏଥିରେ ପୁରୁଣା ଜଳଉତ୍ସର ପୁନରୁଦ୍ଧାର, ଭୂଗର୍ଭକୁ ବର୍ଷା ଓ ଉଦ୍‌ବୃତ୍ତ ଜଳ ପ୍ରେରଣ ସହିତ ବ୍ୟାପକ ଭାବେ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନ କେନ୍ଦ୍ରାପଡ଼ା ଜିଲାରେ କେବଳ କାଗଜପତ୍ରରେ ସୀମିତ ହୋଇଛି। ଅଭିଯାନର ଉଦ୍‌ଘାଟନ ପରେ ଏନେଇ ସଚେତନତା ସୃଷ୍ଟି ହୋଇପାରିନାହିଁ। ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ଜଳଉତ୍ସଗୁଡିକ ନଷ୍ଟ ହୋଇଛି ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣା କହିଛନ୍ତି, ଜଳଉତ୍ସ ପ୍ରଦୂଷଣ ମୁକ୍ତ ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛନ୍ତି । ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହ ବିଭିନ୍ନ ଯୋଜନାରେ ବନୀକରଣ ଓ ପୋଖରୀର ପୁନରୁଦ୍ଧାର କରାଯାଉଛି।

## ସଂକ୍ଷେପରେ

### ନଦୀରେ ଭାସି ବୃଦ୍ଧ ମୃତ

ତିର୍ତ୍ତୋଲ,୧୪।୧୧(ଡି.ଏନ୍.ଏ.): ନଦୀରେ ଭାସିଯିବାରୁ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିର୍ତ୍ତୋଲ ଥାନା ଅଧୀନ ସଅଁରା ଗ୍ରାମର ପ୍ରହ୍ଲାଦ ରାଉତ (୯୦)। ସେ ଗାଁ ନିକଟରେ ପ୍ରବାହିତ ହଁସୁଆ ସଫେଇ ନଦୀକୁ ମଧ୍ୟାହ୍ନ ସମୟରେ ଶୌଚ ହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ଭାସିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ତିର୍ତ୍ତୋଲ ଏବଂ ଜଗତ୍‌ସିଂହପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ପ୍ରହ୍ଲାଦଙ୍କ ମୃତଦେହ ଠାବ କରାଯାଇଥିଲା।

### ଶିଶୁ ଉଦ୍ୟାନ ଉଦ୍‌ଘାଟିତ

ବାଲିକୁଦା,୧୪।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତରେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଳ ସମ୍ପଦ ଓ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇଥିଲେ। ଅତିଥିଭାବେ ଜିଲା ପରିଷଦ ସଦସ୍ୟ ବବିତା ସ୍ୱାଇଁ, ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ସରପଞ୍ଚ ତନୁଲତା ସେଠୀ, ସମିତିସଭ୍ୟ ଅନ୍ତର୍ଯ୍ୟାମୀ ଚଣ୍ଡ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ମାନସ ପଟ୍ଟନାୟକ, ସରପଞ୍ଚ ନିରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ଆଇନଜୀବୀ ପ୍ରକାଶ ପ୍ରଧାନପ୍ରମୁଖ ଯୋଗଦେଇଥିଲେ। ପରେ ଅତିଥିମାନେ ଓଷକଣା ବଜାରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସକୁ ଶୁଭାରମ୍ଭ କରିବା ସହ ବିଜେଡି କାର୍ଯ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ ।

### ରାଜକନିକାରେ ଶିଶୁ ମହୋତ୍ସବ

ରାଜକନିକା,୧୪।୧୧(ଡି.ଏନ.ଏ.): ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜକନିକାଠାରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଆର୍‌ସିସି କୈଳାସ ଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ପ୍ରେମାନନ୍ଦ ବେହେରା ଓ ମୁଖ୍ୟବକ୍ତା କଣ୍ଡିଆ ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ଯୋଗଦେଇଥିଲେ। ଦେଶ ଗଠନରେ ପିଲାମାନେ ଆଗେଇ ଆସିବାକୁ ଅତିଥିମାନେ ଆହ୍ବାନ ଦେଇଥିଲେ। ସେହିପରି ସଭାରେ ବ୍ଲକ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ ଓ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଓଚିନ୍ଦା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷକଙ୍କ ପରଲୋକ

ବାଲିକୁଦା,୧୪।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଂସ୍କୃତ ଶିକ୍ଷକ ପଣ୍ଡିତ ବୃନ୍ଦାବନ ମିଶ୍ର (୮୩)ଙ୍କ ରବିବାର ପରଲୋକ ଘଟିଛି । ଗତ କିଛିଦିନ ତଳେ ମସ୍ତିଷ୍କରେ ଆଘାତ ଲାଗିବାରୁ ସେ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ନିମନ୍ତେ ପରିବାର ଲୋକେ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଗାଁ ମଶାଣିରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ମାଛଗାଁ ବଜାର କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖାଗ୍ନି ଦେଇଥିଲେ । ବୃନ୍ଦାବନଙ୍କ ମୃତ୍ୟୁରେ ସରପଞ୍ଚ ପର୍ଶୁରାମ ସେଠୀ, କୃତୀ ଶିକ୍ଷକ ଅରୁଣ କୁମାର ମହାନ୍ତି, ପୂର୍ବତନ ଜିଲାପରିଷଦ ସଭ୍ୟ ଶୁଭେନ୍ଦୁ ଦାଶ, ନରେନ୍ଦ୍ର ସ୍ୱାଇଁ, ଭୋଳାନାଥ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଘରୋଇ ବୈଦ୍ୟଙ୍କ ବିୟୋଗ

ଡେରାବିଶ,୧୪।୧୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଞ୍ଚଳର ଜଣାଶୁଣା ଘରୋଇ ବୈଦ୍ୟ ଜଗନ୍ନାଥ ଦାଶ(୮୪)ଙ୍କ ଶନିବାର ବିଳମ୍ବିତ ରାତିରେ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର(୨)ଗାଁରେ ପରଲୋକ ହୋଇଯାଇଛି। ନନ୍ଦ ବୈଦ୍ୟ ଭାବେ କେବଳ ବ୍ଲକ ନୁହେଁ ସଂଲଗ୍ନ ମାହାଙ୍ଗା ଓ ବଡଚଣା ବ୍ଲକ ଅଞ୍ଚଳରେ ଘରେଘରେ ସେ ପରିଚିତ ଥିଲେ। ଦୀର୍ଘଦିନ ହେବ ପକ୍ଷାଘାତରେ ଆକ୍ରାନ୍ତ ହୋଇ ନନ୍ଦ ବୈଦ୍ୟ ନିଜ ଘରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରସିଦ୍ଧ ଓଲକଣା ମେଳଣର ଜଗନ୍ନାଥ ଜଣେ ମୁରବୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ମେଳଣ ପଡିଆରେ ଥିବା ଭଗବାନ ବିଦୁର ଓ ଉଦ୍ଧବଙ୍କର ପରମ ଭକ୍ତ ଥିଲେ। ତାଙ୍କ ବିୟୋଗରେ ମେଳଣ ସମନ୍ୱୟ କମିଟିର ସଭାପତି ମହନ୍ତ ଡ. ନାମାନନ୍ଦ ଦାସ, ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ବଟ୍ଟକୃଷ୍ଣ ସାମଲ, ପୂର୍ବତନ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ଶୈଳେନ୍ଦ୍ର କୁମାର ଜେନା ଓ ରାଜକିଶୋର ମଲ୍ଲ, ମକରଚନ୍ଦ୍ର ପ୍ରଧାନ ଓ ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂହ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବହୁରୂପୀ ଏଣ୍ଡୁଅ ଚୋରା ଚାଲାଣ

ମହାକାଳପଡ଼ା,୧୪।୧୧ (ଡି.ଏନ୍.ଏ.)

**୩୦ ଇଞ୍ଚ ଲମ୍ବ, ୩୦୦ ଗ୍ରାମରୁ ଅଧିକ ଏଣ୍ଡୁଅର ବିଦେଶରେ ଚାହିଦା ରହିଛି**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳ ଜଙ୍ଗଲରେ ବିରଳ ପ୍ରଜାତିର ବହୁରୂପୀ ବା ସାତରଙ୍ଗୀ ଏଣ୍ଡୁଅ ବିଭିନ୍ନ ଗଛ ଲତାରେ ଚାଲୁଥିବା ଦେଖିବାକୁ ମିଳୁଛନ୍ତି। ଏମାନଙ୍କୁ ଚୋରାରେ ବ୍ୟବସାୟୀମାନେ ଧରି ବିଦେଶକୁ ଚାଲାଣ କରୁଛନ୍ତି। ଏହି ପ୍ରଜାତିର ଏଣ୍ଡୁଅ ଗଛରେ ଯିବାବେଳେ ଶତ୍ରୁ କିମ୍ବା ଖାଦ୍ୟ ଦେଖିଲେ ନିଜ ଶରୀରକୁ ଗଛପତ୍ର ରଙ୍ଗ ସହ ମିଶାଇ ଦେଇ ଆକ୍ରମଣ କରିବାକୁ ପଛାଇ ନ ଥାଏ। ଏହି ଏଣ୍ଡୁଅ ନିଜ ଶରୀରରେ ବିଭିନ୍ନ ରଙ୍ଗ ବଦଳେଇବାର ଅନେକ ବୈଜ୍ଞାନିକ କାରଣ ରହିଛି। ଏମାନଙ୍କ ଶରୀରରେ ବହୁ ମାତ୍ରାରେ ରାସାୟନିକ ପଦାର୍ଥ କ୍ରିୟାଶୀଳ ହୋଇ ନିର୍ଗତ ହୋଇଥାଏ। ଫଳରେ ସାତ ପ୍ରକାର ରଙ୍ଗ ବଦଳୁଥିବା ଦେଖିବାକୁ ମିଳେ। ଜଙ୍ଗଲରେ ସାଧାରଣତଃ ଏହି ଏଣ୍ଡୁଅଗୁଡ଼ିକ ସ୍ୱଳ୍ପ ପରିମାଣରେ ଦେଖାଯାଆନ୍ତି। ଏହି ଏଣ୍ଡୁଅ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁ ସରଂକ୍ଷଣ ଆଇନ ୧୯୭୨ ଅନୁସାରେ ତଫସିଲ ଦୁଇରେ ଉଲ୍ଲେଖ କରାଯାଇଛି। ଏହା ସାଧାରଣତଃ ସମୁଦ୍ର ଉପକୂଳବର୍ତ୍ତୀ ଜଙ୍ଗଲରେ ଅଧିକ ପରିମାଣରେ ଦେଖିବାକୁ ମିଳନ୍ତି। ବ୍ଲକ ଅଧୀନ ଉପକୂଳ ବଟିଘର ପଞ୍ଚାୟତ କଜଳପାତିଆ ଗାଁ ନିକଟ ଜଙ୍ଗଲରେ ବହୁ ପରିମାଣରେ ଏହି ଏଣ୍ଡୁଅ ଦେଖାଯା'ନ୍ତି। ଏହାକୁ କେତେଜଣ ଅସାଧୁ ବ୍ୟବସାୟୀ ଜଙ୍ଗଲରୁ ଧରି ୩୦ ଇଞ୍ଚ ଲମ୍ବ ଓ ୩୦୦ ଗ୍ରାମ ଓଜନରୁ ଅଧିକ ବହୁରୂପୀ ଏଣ୍ଡୁଅକୁ ଚଢା ଦରରେ କଲିକତା ଦେଇ ଜାତୀୟ ଓ ଅନ୍ତର୍ଜାତୀୟ ବଜାରକୁ ଚାଲାଣ କରିଥାନ୍ତି। ଏହାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ଲକ୍ଷାଧିକ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି ବୋଲି କୁହାଯାଇଛି। ଏହି ଏଣ୍ଡୁଅଙ୍କ ପାଖରେ ଔଷଧୀୟ ଗୁଣ ଥିବା କୁହାଯାଇଛି। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମହାଲିକଙ୍କୁ ପଚାରିବାରେ, ଏହି ବିରଳ ପ୍ରଜାତିର ବହୁରୂପୀ ଏଣ୍ଡୁଅମାନେ ଖାଦ୍ୟ ସଂଗ୍ରହ କରିବା ସମୟରେ ରଙ୍ଗ ବଦଳେଇଥାନ୍ତି। ତେବେ ଏହା ଶରୀରରେ ରାସାୟନିକ ଜିନେଟିକ୍ କ୍ୟାରେକ୍ଟର ଯୋଗୁ ରଙ୍ଗ ବଦଳେଇବାରେ ସାହାଯ୍ୟ କରେ। ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନ ସଚେତନତା ଆବଶ୍ୟକତା ରହିଛି। ଏହି ବହୁରୂପୀ ଏଣ୍ଡୁଅ ପ୍ରାକୃତିକ ପରିବେଶ ଅନୁକୂଳରେ ବଂଶ ବିସ୍ତାର କରିଥା'ନ୍ତି ବୋଲି ସେ କହିଛନ୍ତି।


ବିରଳ ପ୍ରଜାତିର ବହୁରୂପୀ ଏଣ୍ଡୁଅ।

# ପ୍ରତିଭା ପରିସ୍ଫୁଟନ ପାଇଁ ପରିବେଶ ଆବଶ୍ୟକ


ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୧୪।୧୧

କରୋନା ସଂକ୍ରମଣ ଶିକ୍ଷା କ୍ଷେତ୍ରରେ କିଛି ବାଧକ ଆଣିଛି। ଶିଶୁଙ୍କ ପ୍ରତିଭା ପରିସ୍ଫୁଟନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ପଡ଼ିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅତିଥିମାନେ ରବିବାର ପ୍ରକାଶ କରିଛନ୍ତି। ସହରର ଟାଉନହଲଠାରେ ରବିବାର ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଡିଇଓ ସଞ୍ଜୀବ କୁମାର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଶିଶୁଙ୍କ ପ୍ରତିଭା ବିକଶିତ କ୍ଷେତ୍ରରେ ଶିକ୍ଷା ଭିତ୍ତିଭୂମି, ଶିକ୍ଷକ, ମାତାପିତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର, ପୁରସ୍କାର ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ରାମହରି ସିୟାଲ, ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷା ଭିତ୍ତିଭୂମିରେ କାର୍ଯ୍ୟକାରୀ ଯୋଜନା ସମ୍ପର୍କରେ ମତ ରଖିଥିଲେ। ସେହିପରି ଶିକ୍ଷକ ଓ ମାତାପିତାଙ୍କ ଶିଶୁ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ କରି ପ୍ରତିଭା ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଜିଲାର କୃତୀ ଶିଶୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସମଗ୍ର ଶିକ୍ଷାର ସହ ସଂଯୋଜିକା କିରଣତୃଷ୍ଣା ପରିଡ଼ା, ସିଆର୍‌ସିସି ଅନନ୍ତ କୁମାର ପରିଡ଼ା, ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ରଙ୍କ ଓ ଶିକ୍ଷା ବିଭାଗର କର୍ମଚାରୀମାନେ ମହୋତ୍ସବକୁ ପରିଚାଳନା କରିଥିଲେ।

# ପାଠ ଭରଣା କରିବାକୁ ଶିକ୍ଷକଙ୍କୁ ପରାମର୍ଶ

ଜଗତ୍‌ସିଂହପୁର ଅଫିସ, ୧୪।୧୧

କୋଭିଡ୍-୧୯ କାରଣରୁ ୨ ବର୍ଷ ହେଲା ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏବେଠାରୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଶେଷ ଦାୟିତ୍ୱର ସହ ଶିକ୍ଷାଦାନ କଲେ ପିଲାମାନଙ୍କ କ୍ଷତି ଭରଣା କରାଯାଇପାରିବ। ରବିବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୧ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ପାରୁଲ ପଟାୱରୀ ଏହି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଜିଲାପାଳ ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ୨ ପର୍ଯ୍ୟାୟରେ ଆକାଂକ୍ଷିତ ବିଦ୍ୟାଳୟରେ ରୂପାନ୍ତରଣ କରାଯିବ ବୋଲି ସୂଚନା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ମହାନ୍ତି ଯୋଗଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜୀବନ ପ୍ରସାଦ ସାହୁ ସ୍ୱାଗତ ଭାଷଣ, ସମଗ୍ର ଶିକ୍ଷା ବିଭାଗର ସିନିୟର ଟେକ୍‌ନିକାଲ କନ୍‌ସଲଟାଣ୍ଟ ଶୁଭେନ୍ଦୁ କୁମାର ବରାଳ ଅତିଥି ପରିଚୟ ଦେଇଥିଲେ। ୭ମ ଇନ୍‌ସ୍ପାୟାର ରାଷ୍ଟ୍ରୀୟ ଉତ୍ସବରେ ଭାରତର ୬୦ ଶ୍ରେଷ୍ଠ ପ୍ରକଳ୍ପ ମଧ୍ୟରେ ଆଳିପିଙ୍ଗଳ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ଭୋଳଙ୍କ ପ୍ରକଳ୍ପ ସ୍ଥାନ ପାଇଥିବାରୁ ତାଙ୍କୁ ଏବଂ ମାର୍ଗଦର୍ଶନ କରିଥିବା ଶିକ୍ଷକ ପଦରଜ ଉମାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୂର୍ବତନ ପ୍ରଧାନ ଶିକ୍ଷକ ଶରତ କୁମାର ବାରିକ ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଜିଲାପାଳ ଓ ଅନ୍ୟମାନେ।

# ଉଜୁଡ଼ିବାକୁ ବସିଛି ପାଚିଲା ଧାନ

ପଟ୍ଟାମୁଣ୍ଡାଇ/ଆଳି, ୧୪।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ପାଚିଲା ଧାନ କ୍ଷେତକୁ ଉଜାଡି ଦେବା ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶତାଧିକ ହେକ୍ଟର ଜମିରେ ଚାଷ ହୋଇଥିବା ଧାନ ଫସଲ ହୋଇଥିଲା। ଚଳିତବର୍ଷ ଖରିଫ ଋତୁ ଆରମ୍ଭରେ ଅନାବୃଷ୍ଟି କାରଣରୁ ଗଜା ମରୁଡି ଓ ଫସଲହାନୀ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଅଣ ଜଳସେଚିତ ଚାଷ ଜମିରେ ରୁଆପୋତା କରିବା ପାଇଁ ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ପାଣି ପମ୍ପ ଓ ଅନ୍ୟ ବ୍ୟବସ୍ଥାରେ ଜମିକୁ ପାଣି ମଡାଇ ଫସଲ କରିଥିଲେ। ପରେ ଲଗାଣ ବର୍ଷା ଚାଷ ଜମି ବୁଡି ରହିବାରୁ ଧାନ ତଳିଗୁଡିକ ଅଧିକାଂଶ ଚାଷ ଜମିରେ ନଷ୍ଟ ହୋଇଯାଇଥିଲା। ଚାଷୀମାନେ ଧାରକରଜ କରି ପୁଣି ତଳି ପକାଇ ନଷ୍ଟ ହୋଇଥିବା ଚାଷ ଜମିରେ ଆଉ ଥରେ ରୁଆ କାର୍ଯ୍ୟ କରିଥିଲେ। ଚାଷ ସମୟ ଗଡି ଯାଉଥିବାରୁ ପଛରେ ଫସଲ ରୁଆପୋତା କାରଣରୁ ଚାଷ ଜମିରେ ଅଧିକ ପରିମାଣରେ ସାର ଓ ଔଷଧ ପ୍ରୟୋଗ କରିବାକୁ ଚାଷୀମାନେ ବାଧ ହୋଇଥିଲେ। ଫଳରେ ଚାଷୀମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିଥିଲା। କିନ୍ତୁ ଅଦିନିଆ ବର୍ଷାରେ ପାଚିଲା ଧାନ ବିଲରେ ବର୍ଷା ପାଣି ଜମି ରହିଛି। ଅନ୍ୟପକ୍ଷରେ ପାଣି ପାଗ ବିଭାଗ ଆଉ ଏକ ଲଘୁଚାପ ସୃଷ୍ଟି ହେଉଥିବା ସୂଚନା ଦେବା ପରେ ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇର ଧାନ ଅମାର କୁହାଯାଉଥିବା ଉଡିକଣ ଭେଡା ସମେତ ତାତନା, ମଠସାହ, ବେଲତଳ, ମାଟିଆ, ନରସିଂହପୁର, ଡିଆପଡା, ବଡମୁଲବସନ୍ତ, ନୀଳକଣ୍ଠପୁର, ଛେଦରା, ଗୁଣୁପୁର ଆଦି ଚାଷ ଜମିରେ ଫସଲହାନୀ ଆଶଙ୍କା ଦେଖା ଦେଇଛି। ପଟ୍ଟାମୁଣ୍ଡାଇର ଧୋୟାଅଞ୍ଚଳରେ ଥିବା ଚାଷ ଜମିରେ ମଧ ଅଦିନିଆ ବର୍ଷା ପାଣି ଜମି ରହି ବ୍ୟାପକ ବିରି ଓ ଧାନ ଫସଲ ନଷ୍ଟ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ସେହିପରି ଆଳି ଅଞ୍ଚଳରେ ବର୍ଷା ଯୋଗୁ ଶତାଧିକ ଏକର ଚାଷଜମିର ଧାନ ଫସଲ ନଷ୍ଟ ହୋଇଯାଇଛି। ଆଉ ଦିନ କେତେଟା ପରେ ଚାଷୀମାନେ ଧାନ ଅମଳ କରିଥାନ୍ତେ। ଚଳିତବର୍ଷ ଆରମ୍ଭରୁ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ପରେ ବନ୍ୟାର ପ୍ରକୋପ, ବନ୍ୟା କମିବା ପରେ ଚାଷୀମାନେ ନିଜ ଫସଲକୁ ରକ୍ଷା କରିବାକୁ ଲାଗି ପଡ଼ିଥିଲେ। କ୍ଷେତରେ ଧାନ ଫସଲ ଦେଖି ଚାଷୀମାନେ ମନରେ ଖୁସି ବ୍ୟକ୍ତ କରିଥିଲେ। ଲଘୁଚାପ ଜନିତ ବର୍ଷା ସେମାନଙ୍କ ଖୁସିକୁ ବର୍ଷା ଜଳରେ ଭସେଇ ନେଇଛି। ତେଣୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷକୁ ମୁଖ୍ୟ ବେଉସା କରି ଚଳୁଥିବା ଚାଷୀମାନେ କିପରି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ମ୍ରିୟମାଣ। ସେବା ସମବାୟ ସମିତି ଓ ବିଭିନ୍ନ ସଂସ୍ଥାରୁ ଋଣ ଆଣି ସେମାନେ ଚାଷ କରିଥିଲେ। ଫସଲ ଅମଳ ପରେ ଏହାକୁ ବିକ୍ରି କରି ଋଣ ଶୁଝି ଥାନ୍ତେ। ଏବେ କୃଷି ବୀମାର ଯେଉଁ ନିୟମ ହୋଇଛି, ତାହା ବି ଚାଷୀମାନଙ୍କୁ ବଞ୍ଚେଇ ପାରିବ ନାହିଁ। ଅବସ୍ଥା ଏପରି ହୋଇଛି ଯେ ସରକାର ଏ ବିଷୟରେ ଧ୍ୟାନ ନ ଦେଲେ କିଛି ଚାଷୀଙ୍କ ଦୁର୍ଦ୍ଦଶା ବଢିଯିବ। ଆଳିର ଭେଡା, ଲୁଣି ଭେଡା ଓ ଧୋୟାଞ୍ଚଳର ଫସଲ ପାଚି ଆସୁଥିବା ବେଳେ ଏହି ବର୍ଷା ଚାଷ ଜମିରେ ରହି ସବୁ ବିଗାଡି ଦେଇଛି। ବ୍ଲକର ୩୪ ପଞ୍ଚାୟତର ଶତାଧିକ ଏକର ଚାଷ ଜମିରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏ ନେଇ ବାଟିପଡା ଅଞ୍ଚଳର ଚାଷୀ ଅର୍ଜୁନ ବେହୁରା, ମୁରଲୀ ସ୍ୱାଇଁ, ଲକ୍ଷ୍ମଣ ସାହୁ, ନରହରି ବେହେରା, ବିନ ମୁଦୁଲି, ଅଲେଖ ସ୍ୱାଇଁ, ଖଗେଶ୍ୱର ମୁଦୁଲି, ସୁନାକର ସେଠୀ, ପ୍ରଫୁଲ୍ଲ ସେଠୀ ପ୍ରମୁଖ କୁହନ୍ତି, ସେମାନେ ଚାଷ ଉପରେ ନିର୍ଭର କରିଥାନ୍ତି। ସରକାରୀ ଓ ବେସରକାରୀ ସ୍ତରରୁ ଋଣରେ ଟଙ୍କା ନେଇ ଚାଷରେ ଲଗାଇଛନ୍ତି। ଚାଷ ଜମି ଲଘୁଚାପ ବର୍ଷା ଯୋଗୁ ବୁଡି ରହିବାରୁ ଅମଳ ହେବା ଅସମ୍ଭବ। ଅମଳ ନ ହୋଇପାରିଲେ କିପରି ପରିବାର ଚଳାଇବେ ଓ ଋଣ ଶୁଝିବେ ତାହା ଚିନ୍ତାର କାରଣ ପାଲଟିଛି। ତେଣୁ ପ୍ରଶାସନିକ ଅଧିକାରୀ ଘଟଣାକୁ ଅନୁଧ୍ୟାନ କରି ସେମାନଙ୍କର ଋଣ ଛାଡ଼ କରିବାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।


ଆଳି ଅଞ୍ଚଳ ଜମିରେ ବୁଡି ରହିଥିବା ଧାନ ଗଛକୁ ଚାଷୀମାନେ ଦେଖାଉଛନ୍ତି।

## 'ହାରିବା ହିଁ ଜିତିବାର ଚାବିକାଠି'

ଆଳି,୧୪।୧୧(ଡି.ଏନ.ଏ.)

ହାରିବା ହିଁ ଜିତିବାର ରାସ୍ତା ତିଆରି କରେ। ଯିଏ ଜୀବନରେ ହାରିନାହିଁ, ଜିତିବାର ଆନନ୍ଦକୁ ସେ ଉପଭୋଗ କରିପାରେ ନାହିଁ। ତେଣୁ ପ୍ରତିଯୋଗିତାରେ ହାରିଯାଇଥିବା ଛାତ୍ରୀଛାତ୍ର ଭାଙ୍ଗି ନ ପଡ଼ି ଜିତିବାର ଝୁଙ୍କକୁ ବଜାୟ ରଖିବା ଉଚିତ ବୋଲି ଆଳି ମଣ୍ଡଳ ଶିଶୁ ମହୋତ୍ସବ 'ସୁରଭି-୨୦୨୧'ରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏରଡଙ୍ଗ ପଞ୍ଚାୟତ କୁସୁମି ଜନକଲ୍ୟାଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଳି ବିଆରସିସି ତଥା ଅତିରିକ୍ତ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଆଳି ବ୍ଲକ ଅନ୍ତର୍ଗତ ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଳି କଲେଜର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଶିକ୍ଷାବିତ୍ ବ୍ରଜକିଶୋର ଦାଶ ମୁଖ୍ୟବକ୍ତା, ପୂର୍ବତନ ଅତିରିକ୍ତ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମଲ୍ଲ, ପ୍ରଦୀପ୍ତ କୁମାର ରଥ,ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର,ଏରଡଙ୍ଗ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସମିତି ସଭ୍ୟ ସୁନୀଲ ଚନ୍ଦ୍ର ଦାସ, କଥିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁବାସ କୁମାର ସାହୁ, ଆଳି ପଞ୍ଚାୟତ ସମିତି ଉପାଧକ୍ଷ ଦୀପକ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ର ପୁରସ୍କାର ପ୍ରଦାନ କରିଥିଲେ।

## ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ବିରିଡି,୧୪।୧୧(ଡି.ଏନ୍.ଏ.)

ବିରିଡି ବ୍ଲକ କଂଗ୍ରେସ ପକ୍ଷରୁ ହାଜିପୁରସ୍ଥିତ ପ୍ରମିଳା ମଣ୍ଡପଠାରେ ରବିବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ଦୀପକ କୁମାର ପଶାୟତ ସଭାପତିତ୍ୱ



କରିଥିଲେ। ଏହି ଅବସରରେ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ କିପରି ୱାର୍ଡଠାରୁ ଆରମ୍ଭକରି ପଞ୍ଚାୟତ ଓ ବ୍ଲକ ଦଖଲ କରିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତ୍ୟେକ କର୍ମୀ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ୍ କରିବାକୁ ବୈଠକରେ ଶପଥ ନେଇଥିଲେ। ଏଥିରେ ଅନ୍ୟ ନେତୃମଣ୍ଡଳୀଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଲିଙ୍ଗରାଜ ମଲ୍ଲ, ନାରୀ ନେତ୍ରୀ ପ୍ରତିମା ମଲ୍ଲିକ, ଅଶୋକ କୁମାର ସିଂହ, ସରପଞ୍ଚ ଅଶୋକ କୁମାର ଜେନା, ଯୁବ ନେତା ପ୍ରିୟବ୍ରତ ମିଶ୍ର, ପ୍ରଫୁଲ୍ଲ କୁମାର ଜେନାମଣି, ମନୋରମା ବାରିକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ନିରଞ୍ଜନ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଡା. ଦିବାକର ନାଥଶର୍ମାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

ଆଳି,୧୪।୧୧(ଡି.ଏନ.ଏ.)

ଆଳିର ପୂର୍ବତନ ବିଧାୟକ ସୁନାମଧନ୍ୟ ଡା. ସ୍ୱର୍ଗତ ଦିବାକର ନାଥଶର୍ମାଙ୍କ ଜନ୍ମ ଶତବାର୍ଷିକୀ ବ୍ଲକ ଅନ୍ତର୍ଗତ ନିଆଳ ହାଟ ନିକଟରେ ରବିବାର ପାଳନ କରାଯାଇଛି। ଆୟୋଜିତ ସମାରୋହରେ ସାମାଜିକ କର୍ମୀ ନୀଳାଦ୍ରି ଭୂଷଣ ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଅଂଶୁମାନ ମହାନ୍ତି, ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଯୋଗ ଦେଇ ଦିବାକରଙ୍କ ତ୍ୟାଗ ଓ ସେବା ସବୁବେଳେ ଆଳି ଅଞ୍ଚଳ ଲୋକଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସେ ଚାକିରିକୁ ଅଣଦେଖା କରି ଅଞ୍ଚଳର ଲୋକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେ ସମସ୍ତଙ୍କର ନମସ୍ୟ। ଏହି ଅବସରରେ ସ୍ୱର୍ଗତ ଶର୍ମାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଡାକ୍ତର ଦିବାକର ନାଥଶର୍ମା ସ୍ମୃତି ସଂସଦର ସମ୍ପାଦକ କାହ୍ନୁଚରଣ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପଣ୍ଡିତ ମହେଶ୍ୱର ନନ୍ଦ ଅତିଥି ପରିଚୟ ଓ ପର୍ଶୁରାମ ରାଉତରାୟ ଧନ୍ୟବାଦ ଦେଇଥିଲେ। ଶର୍ମାଙ୍କ ପୁତ୍ର ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଶତବାର୍ଷିକୀ ପାଳନ ପାଇଁ ଉଦ୍ୟୋକ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ।

**କୁଅରୁ ପାଣି କାଢ଼ିବାକୁ ନେଇ ଗଣ୍ଡଗୋଳ**

କାଳିଆପାଣି,(ଡି.ଏନ.ଏ.): କାଳିଆପାଣି ହନୁମାନ ବଜାର ହଟିଂରେ କୂଅରୁ ପାଣି କାଢ଼ିବାକୁ ନେଇ ଦୁଇ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ କାଳିଆପାଣି ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ କୂଅରୁ ପାଣି କାଢ଼ିବାକୁ ଏକ ବାଲଟି ରଖାଯାଇଥିଲା। ହେଲେ ତାହାକୁ କେହି ଭାଙ୍ଗି ଦେଇଥିଲେ। ଏହାପରେ ହଟିଂର ଲଳିତା ପୂର୍ତ୍ତି ଓ ଚମ୍ପା ମୁର୍ମୁ ପାଣି ପାଇଁ ଯାଇଥିଲେ। ବାଲଟି ଭଙ୍ଗା ଥିବାରୁ ପାଣି କାଢ଼ିବାକୁ ନେଇ ୨ ମହିଳା ମାରପିଟ ହୋଇଥିଲେ। ତେବେ ଥାନା ପକ୍ଷରୁ ଏହାକୁ ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ଉଭୟ ରାଜି ହୋଇ ନ ଥିଲେ। ଶେଷରେ ବାଧ୍ୟହୋଇ ପୋଲିସ ମାମଲା ରୁଜୁ କରିଛି ବୋଲି ଥାନାଧିକାରୀ ରାମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ୟାଙ୍କରରୁ ଡିଜେଲ ଚୋରି ବେଳେ ୨ ଗିରଫ

**ଧର୍ମଶାଳା,୧୪।୧୧(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ଶ୍ରୀରାମପୁର ଟୋଲଗେଟ ନିକଟରେ ଟ୍ୟାଙ୍କରରୁ ଚୋରାରେ ଡିଜେଲ ନେଉଥିବା ସମୟରେ ପୋଲିସ ଡ୍ରାଇଭର ସମେତ ୨ଜଣଙ୍କୁ ଗିରଫ କରିଛି। ଶନିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଟୋଲ୍ ଗେଟ ନିକଟରେ ଥିବା ଏକ କ୍ୟାବିନରେ ୨ ବ୍ୟକ୍ତି ଡିଜେଲ କାଢୁଥିଲେ। ଏହାଦେଖି ପୋଲିସ ପଚରା ଉଚରା କରିଥିଲା। ସେମାନେ ଚୋରରେ ଟ୍ୟାଙ୍କରରୁ ଡିଜେଲ କାଢୁଥିବା ପୋଲିସ ନିକଟରେ ସ୍ୱୀକାର କରିବା ପରେ ପୋଲିସ ଏକ ଡ୍ରମରେ ଭର୍ତ୍ତି ୨୦ ଲିଟର ଡିଜେଲ ସହ ଓଡି-୩୩ଡବ୍ଲ୍ୟୁ-୭୫୦୫ ନଂ. ଟ୍ୟାଙ୍କରକୁ ଜବତ କରିଥିଲା। ଚୋରି ଘଟଣାରେ ସମ୍ପୃକ୍ତ ଟ୍ୟାଙ୍କର ଡ୍ରାଇଭର ନୟାଗଡ ଜିଲା ଶରଣକୁଳ ଥାନା ବଡ଼ପାଟ ଗ୍ରାମର କୁବେର ସାହୁ ଓ ଏହି ଥାନା କ୍ଷେତ୍ରପାଳ ଗ୍ରାମର ବଳରାମ ସାହୁଙ୍କୁ ଗିରଫ କରିଥିଲା। ନଂ.୫୫୧/୨୧ରେ ଏକ ମାମଲା ରୁଜୁ କରାଯାଇ ରବିବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଚୋରି ସାମଗ୍ରୀ ଉଦ୍ଧାର: ମହିଳା ଗିରଫ

**କଳିଙ୍ଗନଗର,୧୪।୧୧(ଡି.ଏନ.ଏ.):** ସିଙ୍ଗାଡ଼ିଆ ନିକଟସ୍ଥ ସ୍ପ୍ରିଙ୍ଗ୍ ଭିଲ୍ଲା ଆପାର୍ଟମେଣ୍ଟରେ ରହୁଥିବା ଜଣେ ଟାଟା କମ୍ପାନୀ କର୍ମଚାରୀଙ୍କ ଘରୁ ଚୋରି ଅଭିଯୋଗରେ ଦାନଗଦି ଫାଣ୍ଡି ପୋଲିସ ଜଣେ ମହିଳା ଆୟାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ରଥିପୁର ଗାଁର ମନୋରଞ୍ଜନ ମାର୍ଥାଙ୍କ ସ୍ତ୍ରୀ ସୁମିତ୍ରା ମାର୍ଥା। ଏନେଇ ଏକ ମାମଲା ନଂ.୩୬୧/୨୧ ରୁଜୁ ହୋଇଛି। ଉକ୍ତ ଆପାର୍ଟମେଣ୍ଟରେ ଟାଟା କର୍ମଚାରୀ ସ୍ମିତା ମୁଖାର୍ଜୀ, ତାଙ୍କ ସ୍ୱାମୀ ସିସାମ ଭଟାଚାର୍ଯ୍ୟ ଓ ଏକ ଛୋଟଝିଅ ରୁହନ୍ତି। ସୁମିତ୍ରା ତାଙ୍କ ଘରେ ଆୟା ଭାବେ କାମ କରୁଥିଲେ। ୧୧ ତାରିଖ ସକାଳେ ସ୍ମିତା ଡ୍ୟୁଟି ଯିବା ପରେ ସୁମିତ୍ରା ଘରେ ଥିବା ଏକ ଲାପଟପ୍, ମନିପର୍ସ, ଏଟିଏମ କାର୍ଡ, ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଦି ନେଇ ପଳାଇଥିଲେ। ସ୍ମିତା ଘରକୁ ଫେରିବା ପରେ ଏକଥା ଜାଣିବାକୁ ପାଇଥିଲେ। ସେ ୧୩ ତାରିଖରେ ଦାନଗଦି ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଅଜୟ ସାହୁ ଖାନତଲାସ କରି ଚୋରି ସାମଗ୍ରୀକୁ ଆପାର୍ଟମେଣ୍ଟ ତଳୁ ଉଦ୍ଧାର କରିବା ସହ ସୁମିତ୍ରାଙ୍କୁ ଗିରଫ କରିଥିଲେ।

### ଧର୍ମଶାଳା ଭାଜପାର ମିଶ୍ରଣ ପର୍ବ

**ରସୁଲପୁର,୧୪।୧୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଯାବରା ପଞ୍ଚାୟତରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳରେ ସାମିଲ କର୍ମୀଙ୍କୁ ସ୍ୱାଗତ କରିଥିଲେ। କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରା ଉପରେ ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଛନ୍ତି ବୋଲି ଦଳରେ ଯୋଗଦେଇଥିବା ସମିତିସଭ୍ୟା ରେବତୀ ସ୍ୱାଇଁ ମତ ରଖିଛନ୍ତି। ବରିଷ୍ଠ ସଂଗଠକ ଚନ୍ଦ୍ରମଣି ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାରାୟଣ ଜେନା, ବିଶ୍ୱନାଥ ପଣ୍ଡା, ବନମାଳୀ ରାଉତ, ପୂର୍ଣ୍ଣଚନ୍ଦ୍ର ତରାଇ, ଭରତ ବେହେରା, ମଧୁସ୍ମିତା ବେହେରା, ବିବେକ ଗନ୍ତାୟତ, ଲିକୁନ ବାରିକ, ମନୋଜ ରାଉଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ବିରୋଧରେ ସ୍ୱର ଉଠାଇଥିଲେ। ଦଳରେ ସାମିଲ ନେତା ଓ କର୍ମୀଙ୍କ ମଧ୍ୟରେ ସମିତିସଭ୍ୟା ସ୍ୱାଇଁଙ୍କ ସମେତ ୱାର୍ଡସଭ୍ୟ ଶ୍ୟାମସୁନ୍ଦର ସେଠୀ, ବରିଷ୍ଠ ସଂଗଠକ ସାନନ୍ଦ ସ୍ୱାଇଁ, କୁଶଧ୍ୱଜ ସ୍ୱାଇଁ, ଚନ୍ଦନ ମଲିକ, ରମେଶ ମଲିକ, କାର୍ତ୍ତିକ ଜେନା, ନଣ୍ଡା ଜେନା ପ୍ରମୁଖ ରହିଛନ୍ତି। ଦଳର ପ୍ରମୁଖ ସଂଗଠକ ଉତ୍ତମ ପାଲ, ଅକ୍ଷୟ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଗଡ଼ଗଡ଼ି ନାଳରେ ନିର୍ମାଣ ହେବ ସ୍ଲୁଇସ୍ ଗେଟ୍

**ବିଞ୍ଝାରପୁର,୧୪।୧୧(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ଦେଇ ଯାଇଥିବା ଗଡ଼ଗଡ଼ି ନାଳରେ ନିର୍ମାଣ ହେବ ସ୍ଲୁଇସ୍ ଗେଟ୍। ଏନେଇ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅକ୍ଷୟ ଦାସ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜରି ପଞ୍ଚାୟତର ଖଡୁଆ ବଗିଚାଠାରେ ପହଞ୍ଚି ସ୍ଥାନ ନିରୂପଣ କରିଛନ୍ତି। ଏହି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଇଛି। ସ୍ଲୁଇସ୍ ଗେଟ୍ ହେଲେ ଅଞ୍ଚଳର ଶହଶହ ଚାଷୀ ଉପକୃତ ହେବେ ବୋଲି ବିଧାୟିକା କହିଛନ୍ତି। ସ୍ଥାନ ନିରୂପଣ ସମୟରେ ନନ୍ଦକିଶୋର ସାମଲ, ଉମେଶ ଚନ୍ଦ୍ର ଦାସ, ଅମର ମଲ୍ଲିକ, କଲ୍ୟାଣ କୁମାର ଦାସ, ପ୍ରମୋଦ ସାମଲ, ସୁବ୍ରତ ସାମଲ, ଦିଲୀପ କୁମାର ସାହୁ ଓ ରମାକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା, ବ୍ଲକ ସୀମାନ୍ତରେ ବିକାଶ ଅପହଞ୍ଚ

**ଯାଜପୁର ଅଫିସ,୧୪।୧୧**

ପ୍ରଶାସନିକ ଅବହେଳା କାରଣରୁ ଓଡ଼ିଶାର ଜିଲା ଓ ବ୍ଲକଗୁଡ଼ିକର ସୀମାନ୍ତ ଅଞ୍ଚଳକୁ ବିକାଶ ପହଞ୍ଚି ପାରିନାହିଁ। ବିଶେଷକରି ଗମନାଗମନ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ସୁଦୃଢ଼ ରାସ୍ତା ଓ ପୋଲ ନିର୍ମାଣ ହୋଇ ପାରି ନ ଥିବାରୁ ସରକାରଙ୍କ ଅନେକ ଲୋକହିତକର ଯୋଜନାର ସୁଫଳ ପାଇବାରୁ ସମ୍ପୃକ୍ତ ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କେତେକ ଅଞ୍ଚଳରେ ଲୋକଙ୍କ ମନରେ ସ୍ୱତନ୍ତ୍ର ଜିଲା ଗଠନ କରିବାକୁ ଦାବି ମଧ୍ୟ ହେଉଛି। ଏହିକ୍ରମରେ ଯାଜପୁର ଜିଲାର ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବଡ଼ଚଣା, ବରୀ, ଧର୍ମଶାଳା, ସୁକିନ୍ଦା, ଦାନଗଦି, କୋରେଇ ଓ ଦଶରଥପୁର ବ୍ଲକ ଅଞ୍ଚଳରେ ୧୨ଟି ଆନ୍ତଃଜିଲା ଏବଂ ୮ଟି ଆନ୍ତଃ ବ୍ଲକ ସୀମାନ୍ତକୁ ସଂଯୋଗ କରୁ ନ ଥିବା ରାସ୍ତା ଚିହ୍ନଟ ହୋଇଛି। ଏଥିରେ ମୋଟ ୬୩ କି.ମି. ସୁଦୃଢ଼ ରାସ୍ତା ନିର୍ମାଣ କରିବାକୁ ଆନୁମାନିକ ଭାବେ ୭୩.୭୭ କୋଟି ଟଙ୍କା ଅଟକଳ କରାଯାଇଛି। ଏହି ରାସ୍ତା ସବୁ ନିର୍ମାଣ କରାଗଲେ ସାଧାରଣ ଲୋକ ବିଶେଷ ଉପକୃତ ହେବେ।

ଯାଜପୁର ଜିଲାରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଏବଂ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ରହିଛି। ଯାଜପୁର ଡିଭିଜନ-୧ରେ ୯ଟି ସଂଯୋଗ ହେଉ ନ ଥିବା ଆନ୍ତଃଜିଲା ରାସ୍ତା ରହିଛି। ସେଥିମଧ୍ୟରେ କୋରେଇ ବ୍ଲକର ଗୋଦରାପାଳଠାରୁ କେନ୍ଦୁଝର ଜିଲାର ତରୁହାଁ ୧ କି.ମି. ରାସ୍ତା ପାଇଁ ୫୦ ଲକ୍ଷ ଟଙ୍କା, ଓସ୍ତପାଳଠାରୁ ଖଜୁରିପଡ଼ା ୧ କି.ମି. ପାଇଁ ୫୦ ଲକ୍ଷ ଓ ଗୋଦରାପାଳଠାରୁ ପଦନା ୨ କି.ମି. ପାଇଁ ୧ କୋଟି, ମଥୁରାପୁର ବ୍ରିଜ୍‌ଠାରୁ କେନ୍ଦୁଝର ଜିଲା ଡିମିରିଆ ୧

**୨୦ ରାସ୍ତା ଚିହ୍ନଟ, ୭୩.୭୭ କୋଟି ଅଟକଳ**



କି.ମି. ରାସ୍ତାକୁ ୭୫ ଲକ୍ଷ, ପତ୍ରକଣାଠାରୁ ସାଇଁପାଳ ୩ କି.ମି. ରାସ୍ତାକୁ ୨.୨୫ କୋଟି ଓ ଗୋଦରାପାଳଠାରୁ ତରୁଆଁ ୨.୫ କି.ମି. ରାସ୍ତାକୁ ୧ କୋଟି ୮୭ ଲକ୍ଷ ୫୦ ହଜାର, ସୁକିନ୍ଦା ବ୍ଲକର ଦେଓଗାଁଠାରୁ କେନ୍ଦୁଝର ଜିଲା ଘସିପୁରା ବ୍ଲକର ବାଙ୍ଗରକୋଟା ୨.୫ କି.ମି. ପାଇଁ ୧.୨୫ କୋଟି ଟଙ୍କା, ଦଶରଥପୁର ବ୍ଲକ କଲ୍ୟାଣ(ଏନଏଚ-୨୦)ଠାରୁ ଭଦ୍ରକ ଜିଲା ଇଚ୍ଛାପୁର ପର୍ଯ୍ୟନ୍ତ ୬.୩୨ କି.ମି. ପାଇଁ ୫.୭ କୋଟି ଟଙ୍କା ଏବଂ ଆରଆଣ୍ଡବି ରାସ୍ତାଠାରୁ ଉଚ୍ଛବାଲି ୨.୪୯ କି.ମି. ରାସ୍ତା ପାଇଁ ୧ କୋଟି ୮୬ ଲକ୍ଷ ୭୫ ହଜାର ଟଙ୍କା ଅଟକଳ ହୋଇଛି। ସେହିପରି ଜାରକା ଡିଭିଜନ ପକ୍ଷରୁ ଧର୍ମଶାଳା ବ୍ଲକର ତରୁଅଙ୍ଗାଠାରୁ ଢେଙ୍କାନାଳ ଜିଲା ନେଥେକା ୧.୫ କି.ମି. ରାସ୍ତାକୁ ୭୦ ଲକ୍ଷ, ତେନ୍ତୋଲଠାରୁ ନିହଲପ୍ରସାଦ ୨.୫ କି.ମି. ରାସ୍ତା ପାଇଁ ୧.୩ କୋଟି ଓ ବଡ଼ଚଣା ବ୍ଲକ କଲକଲାଠାରୁ ଖଙ୍କିରା ୩ କି.ମି. ରାସ୍ତାକୁ ୧.୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହାବାଦ୍ ଜିଲା ମଧ୍ୟରେ ଗୋଟିଏ ବ୍ଲକରୁ ଅନ୍ୟବ୍ଲକ ସୀମାନ୍ତକୁ ମଧ୍ୟ ଏଯାଏ ରାସ୍ତା ସଂଯୋଗ ନହେବା ବିଡ଼ମ୍ବନା ବୋଲି କୁହାଯାଉଛି। ଏଥିରେ ଦାନଗଦି ଓ ସୁକିନ୍ଦା ବ୍ଲକର ଡୁବୁରୀଠାରୁ ପାଟପୁର ରାସ୍ତା ଓ ଡୁବୁରୀ-ମଣ୍ଡପଡା, କୋରେଇ ଓ ରସୁଲପୁର ବ୍ଲକ ଭିକିପୁରଠାରୁ ପହଙ୍ଗା ରାସ୍ତା, କୋରେଇ ଓ ଦାନଗଦି ବ୍ଲକର ଏନଏଚ-୨୧୫ଠାରୁ ଗହିରାପୁଚୁଲି ରାସ୍ତା, କୋରେଇ ଓ ସୁକିନ୍ଦା ବ୍ଲକର ଜୋକଡିଆଠାରୁ ନେଳିବାଡି, ବରୀ ବ୍ଲକର ଏରଡ଼ାଠାରୁ ବୋଦୁଅ, ଦଶରଥପୁର ବ୍ଲକର ଅରେଇ-ଗୁହାଳିଠାରୁ ବଡ଼ସିଂଘରା ଏବଂ ବଡ଼ଚଣା ବ୍ଲକର ମଙ୍ଗରାଜପୁରଠାରୁ ପୋବଳ ଗ୍ରାମକୁ ରାସ୍ତା ସଂଯୋଗ ହୋଇପାରିନାହିଁ।

## ଆଜିଠୁ ଖୋଲିବ ଆଦର୍ଶ ବିଦ୍ୟାଳୟ, ଯିବାକୁ ରାସ୍ତା ନାହିଁ

**ବିଞ୍ଝାରପୁର,୧୪।୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଉତ୍ତରକୁଳ ପଞ୍ଚାୟତ ଆଦର୍ଶବିଦ୍ୟାଳୟକୁରାସ୍ତା ନିର୍ମାଣ ହୋଇନି। ଫଳରେ ରବିବାର ଅଭିଭାବକ-ଶିକ୍ଷକଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବରୁ ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଅଭିଭାବକଙ୍କୁ ବୁଝାଶୁଝା କରିବାସହ ବିଦ୍ୟାଳୟଠାରୁ ମୁଖ୍ୟ ରାସ୍ତାକୁ ସରକାରୀ ଜମି ଲାଗିଛି। ଉକ୍ତ ଜମିରେ ସ୍ଥାୟୀ ରାସ୍ତା ହେବ ବୋଲି କହିଥିଲେ। ତେବେ ସୋମବାର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପାଖକୁ ଯାଇ କିଭଳି ଶୀଘ୍ର ରାସ୍ତା ହେବ ସେନେଇ ଆଲୋଚନା କରିଛନ୍ତି। ସେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାସହ ବିଧାୟିକାଙ୍କ ପାଖକୁ ଯିବାକୁ ୯ ଅଭିଭାବକଙ୍କୁ ମନୋନୀତ କରିଛନ୍ତି।

ସୋମବାର ରାଜ୍ୟର ସମସ୍ତ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିବ। ଏନେଇ ସରକାର ଘୋଷଣା କରିଥିବା ବେଳେ ଉତ୍ତରକୁଳ ଆଦର୍ଶ ବିଦ୍ୟାଳୟରେ ପାଠପଢ଼ାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ୨ବର୍ଷ ପୂର୍ବେ ବିଦ୍ୟାଳୟ ନିର୍ମାଣ ସରିଥିବା ବେଳେ ଏପର୍ଯ୍ୟନ୍ତ ବିଦ୍ୟାଳୟକୁ ଯିବାପାଇଁ ରାସ୍ତା ହୋଇନି। ବିଦ୍ୟାଳୟ ଯିବାକୁ ହେଲେ ଗୋଟିଏ ପଟେ ଆଣ୍ଠୁଏ ପାଣି, ଅନ୍ୟପଟରେ



ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ହୋହଲ୍ଲା କରୁଛନ୍ତି।

**ରାସ୍ତା ନ ହେବା ଯାଏ ପିଲାଙ୍କୁ ଛାଡ଼ିବାକୁ ଅଭିଭାବକ ଅମଙ୍ଗ**

ଗଲେ ଜଣେ ଲୋକଙ୍କ ପାଚେରି ଟପି ଯିବାକୁ ପଡୁଛି। ଆଉଏକ ସରକାରୀ ଜମି ବିଦ୍ୟାଳୟକୁ ଲାଗିଥିବା ବେଳେ ସେ ରାସ୍ତାରେ ପାଣି କାଦୁଅ ଓ ଘାସ ବଣ ରହିଛି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ଓ ପାନୀୟଜଳର ବ୍ୟବସ୍ଥା କରାଯାଇ ନାହିଁ। ଏଠାରେ ଷଷ୍ଠ ଶ୍ରେଣୀରେ ୬୯ ଓ ସପ୍ତମ ଶ୍ରେଣୀରେ ୫୯ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅଧ୍ୟକ୍ଷଙ୍କୁ ମିସାଇ ମୋଟ ୪ ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ଯାହାକି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଯଥେଷ୍ଟ ହେବନି ବୋଲି ବିଦ୍ୟାଳୟ ତରଫରୁ ଡକାଯାଇଥିବା ଅଭିଭାବକ-ଶିକ୍ଷକ ବୈଠକରେ ଅଭିଭାବକ କହିଛନ୍ତି। ଏପରିକି ରାସ୍ତା ନ ହେଲା ପର୍ଯ୍ୟନ୍ତ କେତେଜଣ ଅଭିଭାବକ ତାଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏହାକୁ ନେଇ ଆଲୋଚନା ଜୋର ଧରିଛି।

## ମୋ ବଡ଼ଚଣା ପକ୍ଷରୁ ମିନି ମାରାଥନ



ମିନି ମାରାଥନକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଚଣ୍ଡିଖୋଲ,୧୪।୧୧(ଡି.ଏନ.ଏ.)**

ମୋ ବଡ଼ଚଣା ପକ୍ଷରୁ ଶିଶୁ ଦିବସରେ ରବିବାର ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୋ ବଡ଼ଚଣା ସଭାନେତ୍ରୀ ମନୋରମା ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ପତକା ହଲାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଚଣ୍ଡିଖୋଲଠାରୁ ବଡ଼ଚଣା ପର୍ଯ୍ୟନ୍ତ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ସଭାପତି ନୀଳମଣି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରମାକାନ୍ତ ପ୍ରଧାନ, ଚିନ୍ମୟ ରାଉତ୍, ଜଗବନ୍ଧୁ ସେଠୀ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଯୋଗ ଦେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶିଶୁଙ୍କୁ ଅବହେଳା କରିବା ଉଚିତ ନୁହେଁ

**ଚଣ୍ଡିଖୋଲ,୧୪।୧୧(ଡି.ଏନ.ଏ.)**

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଶିଶୁଙ୍କୁ ଭଲ ପାଉଥିଲେ। ଯେଉଁଥି ପାଇଁ ତାଙ୍କ ଜନ୍ମଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି। ସେଥିପାଇଁ ସେମାନଙ୍କୁ ଅବହେଳା କରିବା ଉଚିତ୍ ନୁହେଁ ବୋଲି ଶିକ୍ଷାବିତ୍ ବିନାୟକ ନାୟକ କହିଛନ୍ତି। ନିଖିଳ ଉତ୍କଳ ଶିଶୁମେଳା ସମିତିର ୪୨ତମ ବାର୍ଷିକ ଉତ୍ସବ ରବିବାର ଚଣ୍ଡିଖୋଲସ୍ଥିତ ଶିଶୁ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରିୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ ନାୟକ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କହିଥିଲେ। ଉଦ୍‌ଘାଟକ ଭାବେ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଦାସ ଯୋଗ ଦେଇଥିଲେ। ସମିତି ଉପସଭାପତି ଅଧ୍ୟାପକ ଅରୁଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ଶରତ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ବୀଣାପାଣୀ କଳାପୀଠର ଛାତ୍ରୀ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଧର୍ମଶାଳା ପ୍ରାକ୍ତନ ଥାନାଧିକାରୀ ସରୋଜ ସାହୁ, ବାଲିଚନ୍ଦ୍ରପୁର ଥାନାଧିକାରୀ ବିଜୟିନୀ ମଲ୍ଲ, ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ, ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ଅବିନେଶ୍ୱର ଶତପଥୀ ଓ ଅଙ୍ଗନୱାଡି କର୍ମୀ ରୀନାରାଣୀ ପତିଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ମାଟ୍ରିକ୍ ପରୀକ୍ଷାରେ ଧର୍ମଶାଳା ଶିକ୍ଷା ମଣ୍ଡଳରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିଭୁ ପ୍ରସାଦ ତ୍ରିପାଠୀ ଓ ବଡ଼ଚଣା ଶିକ୍ଷା ମଣ୍ଡଳରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶ୍ରଦ୍ଧା ସାମଲଙ୍କୁ ନଗଦ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିଶୁମେଳା ସମିତି ଦ୍ୱାରା ଅନଲାଇନ୍ ଯୋଗେ ଅନୁଷ୍ଠିତ ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବକୁ ବିପିନ ଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ସାମନ୍ତରାୟ ଓ ରମାକାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## କାଳିଆପାଣି ପଞ୍ଚାୟତ ଚାମ୍ପିୟନ

**କାଳିଆପାଣି,୧୪।୧୧(ଡି.ଏନ.ଏ.)**

ସୌରିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ଓଏମ୍‌ସି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଖଣି ଅଞ୍ଚଳରେ ଥିବା ୧୦ ପଞ୍ଚାୟତର ଫୁଟବଲ ଟିମକୁ ନେଇ ଏହି ଟୁର୍ନାମେଣ୍ଟ ତିନି ଦିନ ଧରି ଚାଲିଥିଲା। ଫାଇନାଲ ମ୍ୟାଚ୍‌ରେ ରାଂସୋଳ ପଞ୍ଚାୟତ ଫୁଟ୍‌ବଲ ଟିମକୁ ୧-୦ ଗୋଲରେ ହରାଇ କାଳିଆପାଣି ପଞ୍ଚାୟତ ଫୁଟବଲ ଟିମ୍ ଚାମ୍ପିୟନ ହୋଇଛି। ଚିରିଗୁଣିଆ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଅଞ୍ଚଳର ଯୁବକ ରାଜ୍ୟ ଓ ଜାତୀୟସ୍ତରରେ ଖେଳି ସୁକିନ୍ଦାର ଟେକ ରଖିବେ ବୋଲି ପ୍ରକାଶ କରିଥିଲେ। ଖଣି ନିଗମ ଆଞ୍ଚଳିକ ପରିଚାଳକ ଇଂ. ପ୍ରସନ୍ନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ବିକାଶ ପାଇଁ ନିଗମ ଚେଷ୍ଟିତ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଖଣି ନିଗମ ବରିଷ୍ଠ ପରିଚଳକ ଇଂ. ବୈଷ୍ଣବ ଚରଣ ମଲ୍ଲିକ, ପ୍ରଶାସନିକ ଅଧିକାରୀ ଲୋକମାନ୍ୟ ଦରସୁକା, ଆଶ୍ରିତ ଖାଖା ଖଣି ପରିଚାଳକ ନିଗମାନନ୍ଦ ସେଠୀ, ନିରାପତ୍ତା ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖଣି ନିଗମ ଆର୍ଥିକ ସହାୟତାରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ମହିଳାପୁରୁଷଙ୍କ ମଧ୍ୟରେ ତୀରନ୍ଦାଜୀ ପ୍ରତିଯୋଗିତା ସହ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ପକ୍ଷରୁ ପ୍ରଭାତ ପ୍ରଧାନ, ରବିନାରାୟଣ କର, ଏସ୍‌କେ ନିହାଲୁ ଉଦ୍ଦିନ, ପ୍ରତାପ ପାତ୍ର, ଆଶିଷ ଜେନା ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

**ଓଏମ୍‌ସି ଆନ୍ତଃ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟ୍**





ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# କଚ୍ଛପ ଗତିରେ ଚାଲିଛି ରାଜପଥ ନିର୍ମାଣ

**ଧର୍ମଶାଳା,୧୪।୧୧(ଡି.ଏନ.ଏ.)**

ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ୧୬ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ ଏହି କାର୍ଯ୍ୟ କରୁଥିବା ଠିକାସଂସ୍ଥା ମନ୍ଥର ଗତିରେ କାମ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରାଜପଥର ଧର୍ମଶାଳା ବ୍ଲକ ଜାରକାଠାରେ ଏକ ଫ୍ଲାଇ ଓଭର ସାଙ୍ଗକୁ ବାଇପାସ୍ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି। ଦେଢ଼ ବର୍ଷ ହେଲା ଜାରକା ଛକରେ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ଏହା ଅଦ୍ୟାବଧି ଶେଷ ହୋଇ ପାରିନାହିଁ। ଫଳରେ ଜାରକା ଛକର ଉଭୟ ପାର୍ଶ୍ୱରେ ଥିବା ବାଇପାସ ରାସ୍ତାରେ ବ୍ୟାପକ ଗାଡ଼ି



ବାଇପାସ୍ ରାସ୍ତାରେ ଭିଡ଼ ଜମିଛି।

ଚଳାଚଳ କରୁଥିବାରୁ ତାହା ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଏଠାରେ ଏହି ୧ କିମି ବାଇପାସ ରାସ୍ତା ଅତିକ୍ରମ କରିବାକୁ ଗାଡ଼ିଗୁଡିକୁ ୩୦ମିନିଟରୁ ଊର୍ଦ୍ଧ୍ୱ ଲାଗୁଛି। ତେଣେ ବାଇପାସ୍ ରାସ୍ତା କଡ଼ରେ ଡ୍ରେନ କାର୍ଯ୍ୟ ଅଧାପନ୍ତରିଆ ଥିବାରୁ ରାସ୍ତା ସଂକୁଚିତ ହୋଇ ଗାଡ଼ି ଚଳାଚଳରେ ବାଧା ଉପୁଜୁଛି। ସେହିପରି ଡ୍ରେନ୍‌ଗୁଡିକ ଆବଶ୍ୟକତାଠାରୁ ଅଧିକ ଉଚ୍ଚ କରିବା ଫଳରେ ଦୋକାନୀ ନିଜର ବ୍ୟବସାୟ ହରାଇବାକୁ ବସିଛନ୍ତି।

- ତେଜୁଛି ଜନଅସନ୍ତୋଷ
- ଜିଲାପାଳ ଦୃଷ୍ଟିଦେବାକୁ ଦାବି

ଅନ୍ୟପଟେ ଏଠାକାର ଜନପ୍ରତିନିଧି ଓ ତହସିଲ ପ୍ରଶାସନ ସହ ଠିକା ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁ କାମ ବିଳମ୍ବ ହେଉଥିଲେ ବି କେହି ପ୍ରତିବାଦ କରୁ ନ ଥିବା ଅଭିଯୋଗ ହୋଇଛି। ଠିକା ସଂସ୍ଥା ପ୍ରତି କୌଣସି ଲଗାମ ନ ଥିବା ଯୋଗୁ ଉକ୍ତ ସଂସ୍ଥା ନିଜ ମନମାନିରେ କାମ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ପ୍ରତ୍ୟେକ ଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଫଳରେ ରାସ୍ତା ଉପରେ ଘଣ୍ଟାଘଣ୍ଟା ଧରି ଗାଡ଼ିଗୁଡ଼ିକ ଠିଆ ହୋଇରହୁଛି। ତେବେ ଜାତୀୟ ରାଜପଥର କାର୍ଯ୍ୟ ଯଦି ଏଭଳି ଚାଲିଛି ତେବେ ରାଜ୍ୟରେ ଗ୍ରାମ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ କିଭଳି ଚାଲିଥିବା ତାହା ଏଥିରୁ ସହଜରେ ଅନୁମେୟ। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ଠିକା ସଂସ୍ଥାକୁ ପ୍ରଶାସନ ପକ୍ଷରୁ ଦାଗିଦ କରା ନ ଗଲେ ଏହି କାର୍ଯ୍ୟ ସମାପ୍ତ ହେବାକୁ ଆହୁରି ୧ ବର୍ଷ ଲାଗିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଏ ଦିଗରେ ଯାଜପୁର ଜିଲାପାଳ ଦୃଷ୍ଟି ଦେବାକୁ ଧର୍ମଶାଳା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଜିଲାପାଳ ଦୃଷ୍ଟି ନ ଦେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସମ୍ପୃକ୍ତ ଠିକା ସଂସ୍ଥାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

### ଧର୍ମଶାଳା କପ୍ ଫୁଟ୍‌ବଲ: ସେମିରେ କେନ୍ଦ୍ରାପଡ଼ା

**ଧର୍ମଶାଳା,୧୪।୧୧(ଡି.ଏନ.ଏ.)**

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ନିକଟସ୍ଥ ବାଣୀପୀଠ ଖେଳପଡ଼ିଆରେ ୭ମ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ କେନ୍ଦ୍ରାପଡ଼ା ଆଥଲେଟିକ ଆସୋସିଏଶନ ଖୋର୍ଦ୍ଧାର ବ୍ଲୁ ଡାଇମଣ୍ଡ କ୍ଲବକୁ ୨/୦ ଗୋଲରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କେନ୍ଦ୍ରାପଡ଼ା ଆଥଲେଟିକ ଆସୋସିଏଶନର ନିର୍ମଳ ମୁର୍ମୁ ପ୍ରଥମ ଓ ସେକ୍ ରାଜା ଦ୍ୱିତୀୟ ଗୋଲ ଦେଇଥିଲେ। ଖେଳକୁ ଅବିନାଶ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସୁଶାନ୍ତ ମିଶ୍ର ଓ ସୁମନ ଦାସ ଲାଇନରେ ସହାୟତା କରିଥିଲେ। କ୍ରୀଡ଼ାବିତ ଅଶୋକ କୁମାର ନନ୍ଦ ଓ ସଂଗଠକ ସୁଦୀପ୍ତ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସୋମବାର ଦ୍ୱିତୀୟ କ୍ୱାଟରଫାଇନାଲ ଖେଳ ପଶ୍ଚିମବଙ୍ଗର ଖଡ଼ଗପୁର ଏକାଦଶ ଓ କଟକର ଅଲଟିମେଟ ଚାମ୍ପିୟନ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଏକାଡେମୀ ସଭାପତି ଆଲୋକ କୁମାର କର ଓ ସମ୍ପାଦକ ଆୟସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।

### ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା,୧୪।୧୧(ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ମଧୁସୁଦନପୁର ପଞ୍ଚାୟତର ବହୁ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡି ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ଧର୍ମଶାଳା ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତିଙ୍କ ଉପସ୍ଥିତିରେ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଧାୟକ ବଳବନ୍ତରାୟ ଯୋଗେଇ ବିଜେଡିରେ ସାମିଲ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ରବୀନ୍ଦ୍ର ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ସନ୍ତୋଷ ମଲ୍ଲିକ, ଆନନ୍ଦ ବାରିକ୍ ଏବଂ ସୁଦର୍ଶନ ରଣା ପ୍ରମୁଖଙ୍କ ସହଯୋଗରେ ଉପରୋକ୍ତ କର୍ମୀ ସାମିଲ ହୋଇଛନ୍ତି।

### ନେହେରୁ ଜୟନ୍ତୀ ପାଳିତ

**ଧର୍ମଶାଳା,୧୪।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଜୟନ୍ତୀ ଜାରକାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଭାରତ ସ୍ୱାଧୀନତାରେ ନେହେରୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଲଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ନେହେରୁଙ୍କ ଜନ୍ମଜୟନ୍ତୀଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଜନଜାଗରଣ ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଜନଜାଗରଣ ଅଭିଯାନ ମାଧ୍ୟମରେ ମହିଳା, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟରୁ ବ୍ୟାପକ ଭାବେ ସଭ୍ୟଭୁକ୍ତ କରାଯିବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଉପରେ ଲୋକଙ୍କୁ ସଚେତନ କରାଯିବ। ଏହିକ୍ରମରେ ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ୭ ଦିନ ବ୍ୟାପି ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଏହି ଜନଜାଗରଣ ଅଭିଯାନ କରାଯିବ ବୋଲି ବ୍ଲକ ସଭାପତି ପଣ୍ଡା ସୂଚନା ଦେଇଛନ୍ତି। କଂଗ୍ରେସ ନେତା ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ, ନକୁଳ ଜେନା, ନିଳମଣୀ ସ୍ୱାଇଁ, ବାବାଜି ରାଉତ, ସାଗର ପାଳ, ଛବୀନ୍ଦ୍ର ଜେନା, ଦେବାଶିଷ ପରିଡ଼ା, ବାବୁ ଖାଁ ଓ କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଗ୍ରୋସେରି ଦୋକାନରୁ ଲୁଟ୍

**ସିଂହପୁର,୧୪।୧୧(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଧୀନ ସିଂହପୁର ବଜାରର ଅଞ୍ଜନ ମିଶ୍ରଙ୍କ ଗ୍ରୋସେରି ଦୋକାନରୁ ଶନିବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତ ଦୋକାନ ପଛପଟ ସ୍କାଏଲାଇଟ ଭାଙ୍ଗି ପଶିବା ପରେ ପ୍ରଥମେ ଦୋକାନରେ ଲାଗିଥିବା ସିସି ଫୁଟେଜର ହାର୍ଡ ଡିସ୍କ ଭାଙ୍ଗିଥିଲେ। ଏହାପରେ ଦୋକାନରେ ଥିବା ନଗଦ ୧୫ ହଜାର ଟଙ୍କା ଓ ବହୁ ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ବଜାରରେ ଚୋରି ହେବା ପରେ ବ୍ୟବସାୟୀ ଭୟଭୀତ ହୋଇ ପଡ଼ିଛନ୍ତି। ତେଣୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବ୍ୟବସାୟୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଜାତୀୟ ପ୍ରେସ୍ ଦିବସରେ ପ୍ରଶାନ୍ତ ପଟ୍ଟନାୟକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ):** ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୧ ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ରାଜ୍ୟର ୨୭ଜଣ ବରିଷ୍ଠ ଖବରଦାତାଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହ ୬ ଜଣ ବରିଷ୍ଠ ଖବରଦାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ପାଇଁ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ସ୍ଥିର କରିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଜାରି କରାଯାଇଥିବା କୋଭିଡ଼ ନିୟମାବଳୀକୁ ପାଳନ କରାଯାଇ କାର୍ଯ୍ୟକ୍ରମମାନ ଏହି ଉତ୍ସବରେ ପାଳନ କରାଯିବ। ଆସନ୍ତା ୧୬ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫରମେସନ ବ୍ୟୁରୋ (ପିଆଇବି), ରିଜିଓନାଲ ଆଉଟ୍‌ରିଚ୍ ବ୍ୟୁରୋ (ଆରଓବି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯିବ।



# 'ମୋ ସ୍କୁଲ' କାର୍ଯ୍ୟକ୍ରମକୁ ୪ ବର୍ଷ ପୂରିଲା

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

ଶିଶୁ ଦିବସରେ 'ମୋ ସ୍କୁଲ' କାର୍ଯ୍ୟକ୍ରମ ୪ ବର୍ଷ ପୂରଣ କରିଛି। ଏହି ଅବସରରେ ଏକ କଫି ଟେବୁଲ୍ ବୁକ୍ ଓ ପୁରାତନ ଛାତ୍ରୀଛାତ୍ରଙ୍କ ଉପରେ ପର୍ଯ୍ୟବସିତ 'ବ୍ୟାକ୍ ଟୁ ସ୍କୁଲ' ନାମକ ସ୍ୱତନ୍ତ୍ର ପୁସ୍ତିକାକୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଛନ୍ତି। 'ମୋ ସ୍କୁଲ' ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ମୋ ସ୍କୁଲ କାର୍ଯ୍ୟକ୍ରମ ଆଜି ଯେଉଁ ସ୍ତରରେ ପହଞ୍ଚିଛି ତାହାର ସମସ୍ତ ଶ୍ରେୟ ପୁରାତନ ଛାତ୍ରୀଛାତ୍ରଙ୍କର। ସେମାନଙ୍କ ପାଇଁ ବିଦ୍ୟାଳୟ ରୂପ ପରିବର୍ତ୍ତନ ହେଉଛି। ଆଗାମୀ ଦିନରେ ମୋ ସ୍କୁଲ କାର୍ଯ୍ୟକ୍ରମ ସମସ୍ତ ବିଦ୍ୟାଳୟରେ ପହଞ୍ଚିବ। ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ସରକାରୀ ସ୍କୁଲଗୁଡ଼ିକ ଯେପରି ବିଶ୍ୱସ୍ତରୀୟ ହୋଇପାରିବ ସେ ଦିଗରେ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ଅପହୃତ ସ୍ୱାମୀଙ୍କୁ ଜଙ୍ଗଲରେ ଖୋଜୁଛନ୍ତି ସ୍ତ୍ରୀ

## ମାଓବାଦୀଙ୍କ ଦ୍ୱାରା କନିଷ୍ଠ ଯନ୍ତ୍ରୀ ଅପହରଣ

**ମାଲକାନଗିରି,୧୪।୧୧ (ଡି.ଏନ୍.ଏ.)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ କରିନେଇଛନ୍ତି। ତାଙ୍କୁ ଉଦ୍ଧାର କରିବାରେ ପୋଲିସ ପ୍ରଶାସନ ଫେଲ୍ ମାରିବା ପରେ ସ୍ୱାମୀଙ୍କୁ ମାଓବାଦୀଙ୍କ କବଳରୁ ମୁକୁଳାଇବା ପାଇଁ ଜଙ୍ଗଲ ଅଭିମୁଖେ ସାଙ୍ଗରେ ଛୋଟ ପୁଅକୁ ଧରି ବାହାରିଛନ୍ତି ସ୍ତ୍ରୀ । ଖବରରୁ ଜଣାପଡିଛି ବିଜାପୁର ଜିଲାର ମନକେଲି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା କାର୍ଯ୍ୟ ତଦାରଖ ଲାଗି କନିଷ୍ଠ ଯନ୍ତ୍ରୀ ଅଜୟ ରୋଶନ ଲାକ୍ରାଙ୍କ ସହ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଲକ୍ଷ୍ମଣ ପିତାଗିରି ଯାଇଥିଲେ। ସେହି ଅଞ୍ଚଳରୁ ମାଓବାଦୀମାନେ ଏହି ଦୁଇ କର୍ମଚାରୀଙ୍କୁ ଗୁରୁବାର ଅପହରଣ କରି ନେଇଥିଲେ। ପରବର୍ତ୍ତୀ ସମୟରେ ଏକ ପ୍ରଜାକୋର୍ଟ କରି ଲକ୍ଷ୍ମଣଙ୍କୁ ମାଓବାଦୀମାନେ ଛାଡି ଦେଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଲାକ୍ରାଙ୍କୁ ଛାଡି ନ ଥିଲେ। ଦୁଇଦିନ ବିତି ଯାଇଥିଲେ ମଧ୍ୟ ଏ ଦିଗରେ କେବଳ ରାସ୍ତା ବିଭାଗ କର୍ମଚାରୀମାନେ ତତ୍ପରତା ଦେଖାଉଥିବା ବେଳେ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ କୌଣସି ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି କନିଷ୍ଠ ଯନ୍ତ୍ରୀଙ୍କ ସ୍ତ୍ରୀ ଅର୍ପିତା ଲାକ୍ରା ତାଙ୍କ ତିନିବର୍ଷର ଶିଶୁକୁ କୋଳରେ ଧରି ସ୍ୱାମୀଙ୍କ ସନ୍ଧାନରେ ଜଙ୍ଗଲ ଅଭିମୁଖେ ବାହାରିଛନ୍ତି। ମାଓବାଦୀଙ୍କ ନିକଟରେ ସ୍ୱାମୀଙ୍କ ସିନ୍ଦୂର ଭିକ୍ଷା କରି ତାଙ୍କୁ ମୁକୁଳାଇ ଆଣିବାକୁ ସେ ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଜଣେ ସିଆର୍‌ପିଏଫ୍ ଯବାନ ରାକେଶ ସିଂ ମନହରଙ୍କୁ ଏବଂ ସୁକୁମା ଜିଲାପାଳ ଏଲ.ଏକ୍ସ ପଲ୍ ମେନନଙ୍କୁ ମଧ୍ୟ ମାଓବାଦୀମାନେ ଅପହରଣ କରିନେଇଥିଲେ। ସେତେବେଳେ ଜିଲା ପ୍ରଶାସନ ସହ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ଉଭୟଙ୍କୁ ମୁକୁଳାଇବା ପାଇଁ ପ୍ରୟାସ କରିଥିଲେ। ବର୍ତ୍ତମାନ କନିଷ୍ଠ ଯନ୍ତ୍ରୀଙ୍କ ପରି ଜଣେ କର୍ମଚାରୀଙ୍କ ଅପହରଣ ହୋଇଥିବାରୁ ଏହାକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।



# ବିଗ୍‌ବସ୍‌କୁ ଫେରିବେନି ରାକେଶ

ମୁମ୍ବାଇ: ବିଗ୍‌ବସ୍-୧୫ରୁ ଦେଢ଼ ସପ୍ତାହ ମଧ୍ୟରେ ଏକାଧିକ ପ୍ରତିଯୋଗୀ ବାହାର ହୋଇଛନ୍ତି। ବିଗ୍‌ବସ୍ ଘରୁ ଅଭିନେତା ରାକେଶ ବାପତ ମଧ୍ୟ ବିଦାୟ ନେଇଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ରାକେଶ ଆଉ ଶୋ'କୁ ଫେରିବେନି ବୋଲି ଜଣାପଡ଼ିଛି। କିଛିଦିନ ତଳେ ସେ ୱାଇଲ୍ଡ କାର୍ଡ ଭାବେ ଏଣ୍ଟ୍ରି ନେଇଥିଲେ। ଅନ୍ୟତମ ପ୍ରତିଯୋଗୀ ସମିତା ସେଟ୍ଟୀଙ୍କୁ ସେ ପ୍ରେମ କରୁଥିବାରୁ ଉଭୟଙ୍କ ରୋମାନ୍ସ ଶୋ'ରେ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଥିଲା। ହେଲେ ଓଲଟା ହୋଇଛି। ରାକେଶଙ୍କୁ ଅବେଳରେ ବାହାରିଯିବାକୁ ପଡ଼ିଛି। କୁହାଯାଉଛି ରାକେଶଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ପରୀକ୍ଷା ପରେ ତାଙ୍କ ପେଟରେ ଷ୍ଟୋନ ହୋଇଥିବା ଜଣାପଡ଼ିଥିଲା। ଏବେ ତାଙ୍କର ଚିକିତ୍ସା ଜାରି ରହିଛି। ଡାକ୍ତରମାନେ ତାଙ୍କୁ ଆରାମ କରିବାକୁ ପରାମର୍ଶ ଦେଇଛନ୍ତି। ଏଣୁ ଶୋ'ରୁ ବାହାରିଯିବା ଏକମାତ୍ର ରାସ୍ତା ରହିଥିଲା। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସମିତା ମଧ୍ୟ ଶୋ'ରୁ ବାହାରିଥିବା ରିପୋର୍ଟ ପ୍ରକାଶ ପାଇଛି। ତେବେ ସମିତା ପୁଣି ବିଗ୍‌ବସ୍‌କୁ ଫେରିପାରନ୍ତି। ଅନ୍ୟପକ୍ଷରେ ସମିତା ଏବଂ ରାଜୀବଙ୍କ ସହିତ ଝଗଡ଼ାବେଳେ ଅଫସାନା ଖାନ୍ ଛୁରିରେ ନିଜକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ଶୋ'ରୁ ବାହାର କରିଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

### ଖର୍ଚ୍ଚ ହେଉଛି...

କରିବା ଲାଗି ଆବଶ୍ୟକ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନାହାନ୍ତି। ବାରମ୍ବାର ସଡ଼କ ଦୁର୍ଘଟଣା ନେଇ ଜିଲାପାଳ ଏବଂ ଏସ୍‌ପିମାନଙ୍କ ସହ ବୈଠକ କରିଦେଇ ଆଲୋଚନାରେ ସବୁକିଛି ବନ୍ଦ ହୋଇଯାଉଛି। ଆର୍‌ଟିଓ ଅଫିସ୍‌ଗୁଡିକରେ ଜଣେ ଟ୍ରାଫିକ ଇନ୍ସପେକ୍ଟର(ଟିଆଇ) ଏବଂ ତାଙ୍କ ସହ ୩ରୁ ୪ ଜଣ କନଷ୍ଟେବଲ ରହୁଛନ୍ତି। ଏତେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଆର୍‌ଟିଓ ପକ୍ଷରୁ ମଧ କାମ କରିବା ସହଜ ନୁହେଁ ବୋଲି ବିଭାଗୀୟ ଅଧିକାରୀ ମତ ଦେଉଛନ୍ତି। ସେହିପରି ଦ୍ରୁତ ଗାଡ଼ି ଚାଳନା ଯୋଗୁ ୭୦ ପ୍ରତିଶତ ଲୋକଙ୍କ ଦୁର୍ଘଟଣାରେ ଜୀବନ ଯାଉଛି। ଦ୍ରୁତ ଗାଡି ଚାଳନା ଉପରେ ଅଙ୍କୁଶ ଲଗାଇବା ପାଇଁ ସରକାରଙ୍କ ଯାହା ବ୍ୟବସ୍ଥା ରହିଛି ତାହା ସମୁଦ୍ରକୁ ଶଙ୍ଖେ। ୩୦ ଜିଲା ଲାଗି ମାତ୍ର ୩୫ଟି ଇଣ୍ଟରସେପ୍ଟର୍ ଗାଡି ଦ୍ରୁତ ଗାଡି ଚାଳନା ଉପରେ ଅଙ୍କୁଶ ଲଗାଇବା ପାଇଁ ରହିଛି। ଏହାଦ୍ୱାରା ଦ୍ରୁତ ଗାଡି ଚାଳନାକୁ ସରକାର କିଭଳି ରୋକିପାରିବେ। ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ୪୮ ଘଣ୍ଟା (ଗୋଲ୍‌ଡେନ ଆୱାର୍) ଭିତରେ ଠିକ୍ ଚିକିତ୍ସା ମିଳିପାରିଲେ ସେଠାରେ ଜୀବନ ବଞ୍ଚିଯିବାର ଆଶା ରହିଥାଏ। ହେଲେ ରାଜ୍ୟରେ ଆବଶ୍ୟକ ଟ୍ରମା କେୟାର ସେଣ୍ଟର ସରକାର କରିବାରେ ଫେଲ୍ ହୋଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ୨୭ଟି ଟ୍ରମା କେୟାର ସେଣ୍ଟରକୁ ଉନ୍ନତ କରିବା ଲାଗି ୨୦୧୮ ଜୁନ୍ ୧୦ରେ ଚିଠି ନଂ. ୨୬୩୦୧ରେ ଉଲ୍ଲେଖ କରାଯାଇଥିଲା। ଏଥିଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ବଜେଟ୍ ମଧ କରାଯାଇଥିଲା। ଉକ୍ତ ୨୭ ଟ୍ରମା କେୟାର ସେଣ୍ଟର ୩ ବର୍ଷ ମଧ୍ୟରେ ପିପିପି ମୋଡ୍‌ରେ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ସମୟସୀମା ପାର ହୋଇସାରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ମାତ୍ର ୯ଟି ଟ୍ରମା କେୟାର ସେଣ୍ଟର ରାଜ୍ୟରେ କାର୍ଯ୍ୟକାରୀ କରିପାରିଛନ୍ତି। ଏନେଇ ଅତିରିକ୍ତ ଡିଏମ୍‌ଇଟି ଉମାକାନ୍ତ ଶତପଥୀ କହିଛନ୍ତି, ରାଜ୍ୟର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର ରହିଛି। ହେଲେ ସେଗୁଡିକୁ ଉନ୍ନତଧରଣର କରିବା ଲାଗି ପ୍ରକ୍ରିୟା ଚାଲିଛି। ଅଧିକ ଆଲୋଚନା ପରବର୍ତ୍ତୀ ସମୟରେ କରିବେ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟରେ ପ୍ରତିବର୍ଷ ଅଧିକରୁ ଅଧିକ ବ୍ଲାକ୍‌ସ୍ପଟ୍ ଚିହ୍ନଟ ହେବାରେ ଲାଗିଛି। ୨୦୧୬ରୁ ୨୦୧୯ ମଧ୍ୟରେ ରାଜ୍ୟରେ ମୋଟ୍ ୧,୩୪୩ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ ହୋଇଛି। ୨୦୧୬ରେ ୨୮୬, ୨୦୧୭ରେ ୪୩୫, ୨୦୧୮ରେ ୨୭୫ ଏବଂ ୨୦୧୯ରେ ୩୪୭ଟି ବ୍ଲାକ୍‌ସ୍ପଟ୍ ରାଜ୍ୟରେ ଚିହ୍ନଟ ହୋଇଛି। ୨୦୨୦ ଏବଂ ୨୦୨୧ ମଧ୍ୟରେ କେତୋଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ ହୋଇଛି ସେ ତଥ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ପାଖରେ ପହଞ୍ଚିପାରି ନାହିଁ। ୫୦୦ ମିଟର ମଧ୍ୟରେ ଯଦି ୩ବର୍ଷରେ ୫ ଦୁର୍ଘଟଣା କିମ୍ବା ୧୦ ଦୁର୍ଘଟଣାଜନିତ ମୃତ୍ୟୁ ଘଟିବ ତେବେ ଉକ୍ତ ସ୍ଥାନକୁ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ କରାଯାଇଥାଏ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ବ୍ଲାକ୍‌ସ୍ପଟ୍ ଚିହ୍ନଟ ହେଉଥିବା ସ୍ଥାନରେ ଆଗକୁ ଯେପରି ଦୁର୍ଘଟଣା ନ ଘଟିବ ତା'ର ବ୍ୟବସ୍ଥା ଲାଗି ଯେଉଁ ଅର୍ଥ ଖର୍ଚ୍ଚ କରାଯାଉଛି ତାହା କେତେ ସେନେଇ ସରକାରଙ୍କ ନିକଟରେ କିଛି ତଥ୍ୟ ରହୁନାହିଁ। ବିଭିନ୍ନ ରାଜ୍ୟରେ ବଢୁଥିବା ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାକୁ ଦେଖି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସୁପ୍ରିମକୋର୍ଟ ଏକ କମିଟି ଗଠନ କରି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ଘଟୁଥିବା ରାଜ୍ୟ ଉପରେ ନଜର ରଖିଲେ। ଏହାପରେ ଓଡ଼ିଶା ସରକାର ଉକ୍ତ କମିଟିକୁ ଦେଖାଇବା ଲାଗି କାଗଜପତ୍ର ଏବଂ ଖବର ପ୍ରସାରଣ କ୍ଷେତ୍ରରେ ଯେତିକି ଗୁରୁତ୍ୱ ଦେଲେ, ସେହି ଅନୁଯାୟୀ ଏହାକୁ କମାଇବା ଦିଗରେ ବାସ୍ତବିକ କ୍ଷେତ୍ରରେ କାମ କଲେନାହିଁ। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ବର୍ଷକୁ ୨୦ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏବଂ ଗୃହ ବିଭାଗ ପକ୍ଷରୁ ମଧ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଓଡ଼ିଶାକୁ ମିଶାଇ ଦେଶର ୧୪ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୮୫ପ୍ରତିଶତ ରହିଛି। ଏହି ରାଜ୍ୟଗୁଡିକ ଲାଗି କେନ୍ଦ୍ର ସରକାର ୬ ବର୍ଷକୁ ୭,୨୭୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଥିବାବେଳେ ଓଡ଼ିଶାକୁ କେବଳ ୩୨୩କୋଟି ମିଳିବ। ଏହି ଅର୍ଥ ରାଶି ଖୁବ୍‌ଶୀଘ୍ର କେନ୍ଦ୍ର ସରକାର ପ୍ରଦାନ କରିବେ ବୋଲି ଜଣାପଡିଛି।

### ୧୯ ଯାଏ ଲଘୁଚାପ...

ଓ ମାଲକାନଗିରି ଜିଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ରୁ ୧୮ ତାରିଖ ଯାଏ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ୧୭ ତାରିଖ ପରଠାରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ପବନର ବେଗ ୪୫ରୁ ୫୫ କି.ମି. ରହିବ। ତେଣୁ ମତ୍ସଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ସେପଟେ ରବିବାର ପାରାଦୀପରେ ସର୍ବାଧିକ ୩୯ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୩୪, ଚନ୍ଦବାଲିରେ ୨୦, ସୁନ୍ଦରଗଡ଼ରେ ୯, ସମ୍ବଲପୁରରେ ୬ ମିମି ବର୍ଷା ହୋଇଛି। ଏହାଛଡ଼ା କଟକ, ଭୁବନେଶ୍ୱର, ବାରିପଦା, କେନ୍ଦୁଝର, କୋରାପୁଟ, ଦାରିଙ୍ଗବାଡ଼ି, ରାୟଗଡ଼ାରେ ମଧ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ସିବିଆଇ, ଇଡି ମୁଖ୍ୟଙ୍କ...

ପାଇଁ ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ, ୧୯୪୬ରେ ସଂଶୋଧନ କରାଯାଇଛି। ଜନସ୍ୱାର୍ଥ ଦୃଷ୍ଟିରୁ ଏହି ଆଇନର ଧାରା ୪ଏ'ର ଉପଧାରା ୧ ଅନୁଯାୟୀ କମିଟିର ସୁପାରିସକ୍ରମେ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଧାର୍ଯ୍ୟ ହୋଇଛି। ଆବଶ୍ୟକ ପଡ଼ିଲେ ଏହି କାର୍ଯ୍ୟକାଳକୁ ୧ ବର୍ଷ ବଢ଼ାଯାଇ ପାରିବ। ତେବେ ପ୍ରାରମ୍ଭିକ ନିଯୁକ୍ତିରେ ଉଲ୍ଲେଖ ସମୟ ସମେତ ମୋଟ ୫ ବର୍ଷ ପୂରଣ କରିବା ପରେ କାର୍ଯ୍ୟକାଳ ଆଉ ବଢ଼ାଯିବ ନାହିଁ। ସେହିପରି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଆଇନ, ୨୦୦୩ରେ ଅନୁରୂପ ସଂଶୋଧନ କରାଯାଇ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ବଢ଼ାଇବାର ବ୍ୟବସ୍ଥା କରାଯାଇଛି। ଏବେ ଆଇଆର୍‌ଏସ୍ ଅଫିସର ସଞ୍ଜୟ କେ ମିଶ୍ରା ଇଡି ମୁଖ୍ୟ ରହିଥିବାବେଳେ ଆଇପିଏସ୍ ଅଫିସର ସୁବୋଧ ଜୟସ୍ୱାଲ ସିବିଆଇ ନିର୍ଦ୍ଦେଶକ ରହିଛନ୍ତି।

### ୧୬ରୁ ନୂଆ ଢାଞ୍ଚାରେ...

କରାଯାଇଥିଲା ବେଳେ ଦ୍ୱାଦଶ ପିଲାଙ୍କ ପାଇଁ ୨ ପର୍ଯ୍ୟାୟରେ ୧୫ ନମ୍ବର ଲେଖାଏ ଆସେସ୍‌ମେଣ୍ଟ ପରୀକ୍ଷା ହେବ। କୋଭିଡ୍ କଟକଣା ଯୋଗୁ କୌଣସି ପରୀକ୍ଷା କେନ୍ଦ୍ରରେ ୩୫୦ରୁ ଅଧିକ ପିଲା ପରୀକ୍ଷା ଦେବେନାହିଁ ଏବଂ ପିଲାଙ୍କ ମଧ୍ୟରେ ୬ ଫୁଟ ବ୍ୟବଧାନ ରକ୍ଷା କରାଯିବ। ପରୀକ୍ଷାର୍ଥୀ ଓ ପରୀକ୍ଷକ ଉଭୟ ମାସ୍କ ପିନ୍ଧିବେ। ନଭେମ୍ବର ୧୬/୧୭ରୁ କମ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ଡିସେମ୍ବର ୧ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ପରୀକ୍ଷା ହେବ।

### ଅଷ୍ଟ୍ରେଲିଆ ନୂଆ...

ବୋଲ୍ଟଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ମାର୍ଶ ଓ ଗ୍ଲେନ ମ୍ୟାକ୍ସୱେଲ ଅସମାପ୍ତ ତୃତୀୟ ଉଇକେଟରେ ୩୯ ବଲ୍‌ରୁ ୬୬ ରନର ପାର୍ଟନରଶିପ୍ ଗଢ଼ି ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ମାର୍ଶ। ସେ ୫୦ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୭୭ ଓ ମ୍ୟାକ୍ସୱେଲ ୧୮ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୨୮ ରନରେ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୨ଟି ଉଇକେଟ ନେଇଥିଲେ। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୨୮ ରନ ଯୋଗ ହେବାପରେ ନ୍ୟୁଜିଲାଣ୍ଡ ଓପନର ଡାରିଲ ମିଚେଲଙ୍କ ଉଇକେଟ ହରାଇଥିଲା। ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍ ଅଷ୍ଟ୍ରେଲିଆକୁ ପ୍ରଥମ ସଫଳତା ଦେଇଥିଲେ। ପ୍ରଥମ ୧୦ ଓଭରରେ ନ୍ୟୁଜିଲାଣ୍ଡ ୧ ଉଇକେଟ ହରାଇ ମାତ୍ର ୫୭ ରନ କରି ପାରିଥିଲା। ଅନ୍ୟତମ ଓପନର ମାର୍ଟିନ ଗୁପଟିଲ ମଧ୍ୟ ଅଧିକ ସମୟ ତିଷ୍ଠି ନ ପାରି ୩୫ ବଲ୍‌ରୁ ୩ ଚୌକା ସହାୟତାରେ ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। କେନ୍ ୱିଲିୟମସନ କିନ୍ତୁ ଖେଳିଥିଲେ ଅଧିନାୟକ ଇନିଂସ। ସେ ୪୮ ବଲ୍‌ରୁ ୧୦ ଚୌକା ଓ ୩ ଛକା ସହାୟତାରେ ୮୫ ରନ ସଂଗ୍ରହ କରି ନ୍ୟୁଜିଲାଣ୍ଡକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କୁ ଲଙ୍ଗଅଫ୍‌ରେ ଷ୍ଟିଭ୍ ସ୍ମିଥଙ୍କ ହାତରେ କ୍ୟାଚ କରାଇ ହାଜେଲଉଡ୍ ଅଷ୍ଟ୍ରେଲିଆକୁ ବଡ଼ ସଫଳତା ଦେଇଥିଲେ। ଗ୍ଲେନ ଫିଲିପ୍ସ ୧୭ ବଲ୍‌ରୁ ୧୮(୧ ଚୌକା, ୧ ଛକା) ରନ କରି ଆଉଟ ହୋଇଥିବାବେଳେ ଜେମ୍ସ ନିଶାମ ୭ ବଲ୍‌ରୁ ୧୩(୧ ଛକା) ଓ ଟିମ୍ ସିଫର୍ଟ ୬ ବଲ୍‌ରୁ ୮ ରନରେ ଅପରାଜିତ ରହି ଦଳର ରନ ସଂଖ୍ୟାକୁ ୧୭୨ରେ ପହଞ୍ଚାଇଥିଲେ। ଦ୍ୱିତୀୟଭାଗ ୧୦ ଓଭରରେ ନ୍ୟୁଜିଲାଣ୍ଡ ୩ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ସବୁଠାରୁ ସଫଳ ବୋଲରଭାବେ ହାଜେଲଉଡ୍ ୩ଟି ଉଇକେଟ ନେଇଥିଲେ। ସ୍ପିନର ଆଡାମ ଜାମ୍ପାଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ। ସେ ୪ ଓଭରରେ ୧୫.୦୦ ହାରରେ ୬୦ ରନ ବ୍ୟୟ କରିଥିଲେ। ଟି୨୦ ବିଶ୍ୱକପ ଫାଇନାଲରେ କୌଣସି ବୋଲର ଏତେ ରନ ଦେବା ଏହା ପ୍ରଥମ। ପୂର୍ବରୁ ୨୦୧୨ରେ କଲମ୍ବୋଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ୫୪ ରନ ବ୍ୟୟ କରି ଏହି ଅଲୋଡ଼ା ରେକର୍ଡର ଅଧିକାରୀ ଥିଲେ।

# ପରିବାର ଅଦାଲତ କ୍ୟାଲେଣ୍ଡରରେ ସ୍ଥାନ ପାଇବ ୧୨ ଚିତ୍ର

**କଟକ ଅଫିସ,୧୪।୧୧**

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପରିବାର ଅଦାଲତରେ ରବିବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତି ଜିଲା ପରିବାର ଅଦାଲତରେ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବାର ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମାଜରେ ଯୌଥ ପରିବାରର ସୁବିଧା ଓ ଭାଗ ଭାଗ ହେଉଥିବା ପରିବାରର ଅସୁବିଧା ସମ୍ପର୍କୀତ ବିଷୟକୁ ନେଇ ପ୍ରତିଯୋଗୀମାନେ ଚିତ୍ରାଙ୍କନ କରିଥିଲେ। ପ୍ରତି ଜିଲା ପରିବାର ଅଦାଲତରେ ୩ଟି ଲେଖାଏ ଚିତ୍ରକୁ ଯୋଗ୍ୟ ବିବେଚିତ କରାଯାଇଥିଲା। ସେଥିମଧ୍ୟରୁ ଯୋଗ୍ୟ ବିବେଚିତ ୧୨ ଚିତ୍ରକୁ ୨୦୨୨ ପରିବାର ଅଦାଲତଙ୍କ କ୍ୟାଲେଣ୍ଡରରେ ସ୍ଥାନ ପାଇବ ବୋଲି ହାଇକୋର୍ଟ ପକ୍ଷରୁ ସୂଚନା ମିଳିଛି।


**Government of Odisha**

**e-Procurement Notice**

**INVITATION FOR BIDS (IFB)**

**Bid Identification No. C.C.E. Dkl. (R&B) 08/2021-22**

**Email Id: sedklpwd@gmail.com**

**Letter No. 2008** **Dt.10.11.2021**

No. B-614: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in Double Cover System to be received in ONLINE MODE from eligible contractors for construction of Building works as detailed below:

1. Name of the work : Building works
2. No. of works : 02 (Two) Nos.
3. Estimated Cost : Rs.5,31,72,645/- to Rs.5,44,93,904/- (as given in column No. 03 of table)
4. Cost of Tender Paper : Rs.10,000.00
5. Class of Contractor : 'A' & 'Special' (as given in column No. 06 of table)
6. Period of Completion of work : 09 (Nine) Calendar months (as given in column No. 07 of table)
7. Date and time of availability of bid document in the website : From Dt.16.11.2021 to 5.30 P.M. of Dt.30.11.2021
8. Date of opening of Bid : Dt.01.12.2021 at 11.30 hours

The bidders have to participate in ONLINE bidding only. Further details can be seen from the e-Procurement portal: **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0010/2122**

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR**

**No. B-603** **e-Procurement Notice**

**BID IDENTIFICATION No. SE/R&B/SBP/20/2021-22**

**E-mail: exeengsbp@rediffmail.com, Phone/Fax: 0663-2548013**

**No. 6985** **Dated: 08.11.2021**

1. The **Superintending Engineer, Sambalpur (R&B) Division No.-I, Sambalpur** on behalf of Governor of Odisha, invites **Percentage Rate** bids in **Single Cover System in ONLINE MODE** for construction of **Civil/Electrical/P.H. Work** as detailed in the DTCN from the eligible class of contractors.
2. No. of Works : 06 (Six)
3. Tender Cost : Rs.6,000/-, Rs.4,000/- & Rs.600/- (Online)
4. Class of Contractor : "B" & "A" Class Contractor, MV & HT Electrical Contractor & Electrical Contractor/OEM or Specialized Agency
5. Date and time of available in website & receipt of Bids : 16.00 hrs. 23.11.2021 to 17.00 hrs. of 29.11.2021
6. Date of Opening of Tender : 30.11.2021 at 11.30 hrs.
7. The bidders have to participate in ONLINE bidding only. Further details can be seen from the website.
8. Any Corrigendum/Addendum will be displayed in the website **www.tendersodisha.gov.in** only.

**OIPR-34042/11/0047/2122**
**Sd./- Superintending Engineer**
**Sambalpur (R&B) Division No. I**

**GOVERNMENT OF ODISHA** **No. B-607**

**EXECUTIVE ENGINEER, BOUDH (R&B) DIVISION, BOUDH**

**E-mail: eeboudhrb@gmail.com**

**INVITATIONS FOR BIDS (IFB)**

**"e" Procurement Notice**

**Letter No. 3338** **Dtd.09.11.2021**

**Bid Identification No. EE (R&B) - BDH 12/2021-22**

1. Name of the work : 06 (Six) Nos. Road work (Single Cover)
2. Estiamted Cost : 10.70 lakhs to 44.27 lakhs
3. Period of Completion : 1 (One) Calendar month
4. Date & time of availability of Bid documents in the portal : From 15.11.2021, 10.00 A.M. to 24.11.2021, 5.00 P.M.
5. Last date/time for seeking of Tender clarification : 24.11.2021 upto 1.00 P.M.
6. Last date/time for receipt of bids in the portal : Upto 5.00 P.M. of dated 24.11.2021
7. Date & time of opening of Tender/Bid : 25.11.2021 at 11.30 A.M.
8. Name and address of the O.I.T. : Executive Engineer, Boudh (R&B) Division

Further details corrigendum(s) if any issued can be seen from the website **http://tendersorissa.gov.in**.

**Sd./- Executive Engineer**
**Boudh (R&B) Division, Boudh**
**OIPR-34134/11/0008/2122**

**OFFICE OF THE TAHASILDAR, SURADA, DIST.- GANJAM**
Tel.No.: 06819-270130

**ତହସିଲଦାରଙ୍କ କାର୍ଯ୍ୟାଳୟ, ସୋରଡ଼ା, ଜିଲ୍ଲା– ଗଞ୍ଜାମ**
Email ID: tah_surada@yahoo.co.in, tah.surada-od@nic.in

**ବିଜ୍ଞାପନ ସଂଖ୍ୟା 4265/ ସୈରାତ** **ତାରିଖ: 11.11.2021**

**ନିଲାମ ବିଜ୍ଞାପନ**

No.F-215:- ଏତଦ୍ୱାରା ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୋରଡ଼ା ତହସିଲ ଇଲାକାରେ ନିମ୍ନରେ ଦିଆଯାଇଥିବା ୧ ଗୋଟି ବାଲି ସୈରାତ (ଗୋପାଳପୁର ଶାସନ) ଉତ୍ସକୁ ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘମିଆଦୀ) ଲିଜ୍ ପାଇଁ ଜରମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ www.ganjam.nic.inରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ସୋରଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

| ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ୍ | ରକବା (ଏକରରେ) | କିସମ | ସରକାରଙ୍କ ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ (ପ୍ରତି ଘନ ମି.) | M.G.Q. ଅନୁସାରେ ବାର୍ଷିକ ସଉରାତର ପରିମାଣ (ପ୍ରତି ଘନ ମି.) | ଅଗ୍ରୀମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ଗୋପାଳପୁର ଶାସନ ବାଲି ଉତ୍ସ | ଗୋପାଳପୁର ଶାସନ | ୨୬୧ | ୧୫୦୧ | ୧୨.୩୪୪ | ନଦୀ | ୩୫/- | ୧୨୦/- | ୧୫୫/- | ୧୦,୮୦୦ | ୧୬,୭୪,୦୦୦/- | ୮୩,୭୦୦/- |

ଦରଖାସ୍ତ, ରେଜିଷ୍ଟ୍ରୀ/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, ସୋରଡ଼ାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା12.11.2021ରିଖଠାରୁ ତା03.12.2021ରିଖ ଅପରାହ୍ନ 5.30 ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ। ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା04.12.2021ରିଖ 11.00 ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ବୃତାନ୍ତ କରାଯିବ । କୌଣସି କାରଣରୁ ନିଲାମ ନ ହୋଇ ପାରିଲେ, ଦ୍ୱିତୀୟ ତା06.12.2021ରିଖ 11.00 ଘଟିକା ଏବଂ ଦ୍ୱିତୀୟ ତାରିଖରେ ନ ହୋଇପାରିଲେ, ତୃତୀୟ ତା 08.12.2021ରିଖ 11.00 ଘଟିକାରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।
ଉପର ଲିଖିତ ଯେ କୌଣସି ସର୍ତ୍ତକୁ ଯେ କୌଣସି ସମୟରେ ନିମ୍ନ ସ୍ୱାକ୍ଷରକାରୀ ପରିବର୍ତ୍ତନ କରିପାରିବେ ।

**ସ୍ୱା./- ତହସିଲଦାର, ସୋରଡ଼ା**
OIPR-24227/11/0001/2122

**GOVERNMENT OF ODISHA** **No. B-610**

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. II, BERHAMPUR**

**Phone/Fax: 0680-2233996, e-mail: sernb2.ganjam@gmail.com**

**INVITATION FOR BIDS (IFB) [e-Procurement]**

**TENDER CALL NOTICE**

**Bid Identification No. SC (R&B)-GM-II-14/2021-22**

**No. 8492** **Dated: 08.11.2021**

1. The Executive Engineer, Ganjam (R&B) Division No. II, Berhampur on behalf of Governor of Odisha invites **Percentage Rate Bid** in Double Cover System to be received in **ONLINE MODE** only for the work as detailed below.
2. Nature of Work : Building work
3. No. of work : 05 Nos.
4. Tender Cost : Rs.6,000/-
5. Class of Contractor : 'C' Class, & 'B' Class
6. Availability of bid documents in the website : From 17.11.2021, 10.00 A.M. to 30.11.2021, 4.00 P.M.
7. Date of Opening of Bid : 01.12.2021 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.

**(Sd./- T.K. Panigrahi)**
**Superintending Engineer**
**Ganjam (R&B) Division No. II**
**OIPR-34080/11/0002/2122**

**GOVERNMENT OF ODISHA** **No. b-22**

**OFFICE OF THE EXECUTIVE ENGINEER, CUTTACK N.H. DIVISION, CUTTACK**

**Ph. No. 0671-22304101, E-mail ID: nhcuttack@gmail.com**

**INVITATION FOR BIDS (IFB)**

**Letter No. 2033** **Bid Identification No. 02 EE NH Cuttack of 2021-22** **Dtd.11.11.2021**

1. The **Executive Engineer, Cuttack N.H. Division, Cuttack** on behalf of Governor of Odisha invites **Percentage Rate bid in Single Cover System in ONLINE MODE** for the construction of works as detailed in the table, from the class of eligible contractors as mentioned in coloumn-4 (Four) registered with the State Governments and contractors of equivalent Grade/Class registered with Central Government/MES/Railways/CPWD for execution of civil works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the appropriate registering authority of the State Government of Odisha in appropriate class of eligibility before award of the work.
2. The bidders may submit bid for the following work.

| Sl. No. | Name of work | Value of work put to tender (Rs.) | Class of Bidder | Concerned Tender Inviting Authority (TIA) | Security Amount (Rs.)* Online | Cost of Bid document (Non-refundable) (Rs.) Online | Period of Completion in Calendar Months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | CDR to NH. 55 such as Providing BM and SDBC from Km 286/725 to 287/137 Km and Extension of HPC at Km 337/560 and 338/750 Km and repair to Slab Culvert at 339/679 Km for the year 2021-22 | 10,94,093.00 | "D" & "C" | Executive Engineer, N.H. Division, Cuttack | Exempted against declaration | Rs.6,000/- | 2 (Two) Months |

3. The detailed Bid document will be available in the website **www.tendersorissa.gov.in** from 15.11.2021 to 24.11.2021 for online bidding.
4. Corrigendum if required subsequently shall be available in above mentioned website only.
5. The authority reserves the right to cancel any or all bids without assigning any reason.

**OIPR-34047/11/0002/2122** **Sd./- Executive Engineer, N.H. Division, Cuttack**

# ଉପକାରୀ ନିମ୍ବ ଜୁସ୍



**ନି**ମ୍ବର ସ୍ୱାଦ ପିତା। ହେଲେ ଏହି ଗଛର ବଲ୍କଳ ଏବଂ ପତ୍ର ଆମ ଶରୀର ପାଇଁ ବେଶ୍ ଉପକାରୀ। କେତେକ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିବା ସମୟରେ ଏହାକୁ ବ୍ୟବହାର କରାଯାଏ। ନିମ୍ବପତ୍ର କିମ୍ବା ତା'ର ବଲ୍କଳକୁ ଜୁସ୍ କରି ପିଆଯାଏ। ନିମ୍ବ ଜୁସ୍ ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ଏପରି ଜୁସ୍ ପିଇବା ଦ୍ୱାରା ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ। କେବଳ ସେତିକି ନୁହେଁ, ଗ୍ୟାଷ୍ଟ୍ରିକ୍, କୋଷ୍ଠକାଠିନ୍ୟ ଏବଂ ବଦହଜମି, ଏପରି କି ଆଜ୍‌ମା ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ପ୍ରତିଦିନ ସକାଳୁ ଖାଲିପେଟରେ ନିମ୍ବ ଜୁସ୍ ପିଇପାରନ୍ତି। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ନିମ୍ବ ଜୁସ୍ ପିଇବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଆପଣ କୋଲେଷ୍ଟରଲଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ଏହି ଜୁସ୍ ପିଇବା ଦ୍ୱାରା ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ। ଠିକ୍ ଭାବରେ ଭୋକ ହେଉ ନ ଥିଲେ, ତାହାକୁ ନିମ୍ବ ଜୁସ୍ ଦୂର କରିଥାଏ। ଏହି ଜୁସ୍ ଚର୍ମ ପାଇଁ ବେଶ୍ ଉପକାରୀ।

# ଅବସାଦ ଦୂର କରେ ଉତ୍ତମ ଖାଦ୍ୟ



**ଶ**ରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନଯାପନ, ସନ୍ତୁଳିତ ତଥା ସୁଷମ ଖାଦ୍ୟ ଉପରେ ନିର୍ଭର କରୁ। ହେଲେ, ଖାଦ୍ୟପେୟରେ ଅନିୟମିତତା ଯୋଗୁ ଆମେ ଅସମୟରେ କେତେକ ରୋଗ ଦ୍ୱାରା ଆକ୍ରାନ୍ତ ହେଉଛେ। ଗ୍ଲିନିଆସିସ୍ ଗ୍ଲୋବାଲ ହସ୍ପିଟାଲ୍ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍ କିମ୍ବା ନ୍ୟୁଟ୍ରିସନ୍ ନ ଥିବା ଖାଦ୍ୟ ଖାଇଲେ ଆମେ ଅବସାଦର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଅବସାଦର ଶିକାର ହେବା ପରେ କେତେକ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାଆନ୍ତି। ଫଳରେ ସେମାନେ ଅବସାଦ ସହ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେବେ ଅବସାଦଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜଣେ ବ୍ୟକ୍ତି ସନ୍ତୁଳିତ ଖାଦପେୟ ପ୍ରତି ଧ୍ୟାନ ଦେବା ଦରକାର ବୋଲି ଉକ୍ତ ହସ୍‌ପିଟାଲ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା ବ୍ୟକ୍ତି ପ୍ରତିଦିନ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ତା' ସହ ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ମଧ୍ୟ ବେଶ୍ ଉପକାରୀ।

# ପ୍ରାକୃତିକ ଜୀବସାର



ଡା. ଆଶିଷ ବାନାର୍ଜୀ



**ପ୍ର**କୃତି ତାହାର କୋଳରେ ଥିବା ଜୀବଜଗତ ନୀରୋଗ ଜୀବନଯାପନ କରିବା ନିମନ୍ତେ ପୋଷକତତ୍ତ୍ୱ ପରିପୂର୍ଣ୍ଣ ଜୀବସାର, ଖଣିଜସାର ଓ ପ୍ରୋଟିନ୍‌ଯୁକ୍ତ ଆହାର ଓ ଔଷଧ ମହଜୁଦ କରି ରଖିଅଛି। ଯଦ୍ୱାରା ପ୍ରାଣିଜଗତ ଦୀର୍ଘାୟୁ ଲାଭ କରିବା ସହ ସୃଷ୍ଟି ସର୍ଜନାର ପରିପୂର୍ଣ୍ଣତା ହୋଇପାରିବ। ତେଣୁ ପ୍ରାକୃତିକର ବିକଳ୍ପ ନାହିଁ।

ଜୀବସାର ଦୁଇପ୍ରକାର। ଗୋଟିଏ ଚର୍ବିରେ ଘୋଳନଶୀଳ ଓ ଅନ୍ୟଟି ଜଳରେ ଘୋଳନଶୀଳ। ଚର୍ବି ଘୋଳନଶୀଳ ଜୀବସାରଗୁଡ଼ିକ ଏ, ଡି, ଇ, କେ ଏବଂ ଜଳରେ ଘୋଳନଶୀଳ ଭିଟାମିନ୍ 'ବି', ଯାହା ଅଧିକ ହେଲେ ପରିସ୍ରା ଦ୍ୱାରା ବାହାରିଯାଏ। ମାତ୍ର ଚର୍ବିରେ ଘୋଳନଶୀଳ ଜୀବସାର ଅଧିକମାତ୍ରାରେ ହେଲେ ଏହା ହାର୍ଟ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗରେ ଜମି ରହେ।

**ଜୀବସାର 'ଏ' (ରେଟିନଲ୍) :** ଏହା ଦାନ୍ତ, ହାଡ଼, ସୂକ୍ଷ୍ମ କୋଷିକା ଶ୍ଳେଷ୍ମିକାକଳା ଏବଂ ଚର୍ମକୁ ସୁସ୍ଥ ରଖେ। ଚକ୍ଷୁରେ ଥିବା ରେଟିନାରେ ବର୍ଣ୍ଣ କରିବାରେ ସହାୟକ ହୋଇଥାଏ। ଏହା କନ୍ଦମୂଳ, ଗାଜର, କଳିଜା, ସାଲମନ ମାଛ, ଅଣ୍ଡା, ଆମ୍ବ, ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲହୁଣିରୁ ମିଳେ। ଶରୀର ପାଇଁ ୩୦୦ ରୁ ୯୦୦ ମାଇକ୍ରୋଗାମ ଜୈବିକ ଆବଶ୍ୟକ। ଗର୍ଭାବସ୍ଥାରେ ଓ ପିଲା କ୍ଷୀରପାନ କରୁଥିବା ବେଳେ ଏହା ଅତ୍ୟନ୍ତ ପ୍ରୟୋଜନ। ଏହାର ଅଭାବରେ ଅନ୍ଧାରକଣା ରୋଗ ହୋଇଥାଏ।

**ଜୀବସାର 'ସି' :** ଏହାକୁ ଏସ୍ କର୍ବିକ୍ ଏସିଡ୍ କୁହାଯାଏ। ଏହା କୋଷ, ଚର୍ମ, ରକ୍ତବାହିନୀ, ଅସ୍ଥି ଏବଂ ତରୁଣାସ୍ଥି, ଦାନ୍ତ, ଦାନ୍ତମାଡ଼ିକୁ ସୁସ୍ଥ ରଖେ। ଥଣ୍ଡା, ସର୍ଦ୍ଦିରୁ ରକ୍ଷା କରେ। ଏହାର ଅଭାବରେ ସ୍କର୍ବିରୋଗ ଦେଖାଯାଏ। ଏହାର ମୁଖ୍ୟ ଉତ୍ସ– ଅଁଳା, ଖଟାଜାତୀୟ ଫଳ, ଲେମ୍ବୁ, କମଳା, ସେଓ ଇତ୍ୟାଦି।

**ଜୀବସାର–'ଡି' :** ଏହା କ୍ୟାଲ୍‌ସିୟମକୁ ଶୋଷଣ କରେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ହାଡ଼, ମାଂସପେଶୀ ଓ ହୃଦୟକୁ ସୁସ୍ଥ ରଖେ। ସକାଳ କଅଁଳିଆ ସୂର୍ଯ୍ୟକିରଣ ଚର୍ମ ଉପରେ ପଡ଼ିଲେ ସଂଶ୍ଳେଷଣ ପ୍ରକ୍ରିୟା ଦ୍ୱାରା ଶୋଷିତ ହୋଇଥାଏ। ଏହି ଭିଟାମିନ୍‌ର ମୁଖ୍ୟ ଉତ୍ସ ହେଉଛି– କ୍ଷୀର, ସାଲମନ, ମାଛ, କଡ୍‌ଲିଭର ଅଏଲ, ଅଣ୍ଡା, ଛତୁ ଏବଂ ସୋୟାବିନ୍।

ଶରୀର ପାଇଁ ୬୦୦ ରୁ ୮୦୦ ଆଇୟୁ ଦୈନିକ ଆବଶ୍ୟକ।

> "ଜୀବସାର ଦୁଇ ପ୍ରକାର। ଗୋଟିଏ ଚର୍ବିରେ ଘୋଳନଶୀଳ ଓ ଅନ୍ୟଟି ଜଳରେ ଘୋଳନଶୀଳ। ଚର୍ବି ଘୋଳନଶୀଳ ଜୀବସାରଗୁଡ଼ିକ ଏ, ଡି, ଇ, କେ ଏବଂ ଜଳରେ ଘୋଳନଶୀଳ ଭିଟାମିନ୍ 'ବି', ଯାହା ଅଧିକ ହେଲେ ପରିସ୍ରା ଦ୍ୱାରା ବାହାରିଯାଏ। ମାତ୍ର ଚର୍ବିରେ ଘୋଳନଶୀଳ ଜୀବସାର ଅଧିକମାତ୍ରାରେ ହେଲେ ଏହା ହୃତ୍‌ପିଣ୍ଡ (ହାର୍ଟ) ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗରେ ଜମି ରହେ।"



**ଜୀବସାର–'ଇ' :** ଏହା ଆଣ୍ଟି ଅକ୍ସିଡାଣ୍ଟ। ଏହି ଭିଟାମିନ୍ କୋଷକୁ ସୁସ୍ଥ ରଖିବା ସହ ଚର୍ମକୁ କୁଞ୍ଚନରୁ ରକ୍ଷା କରେ। ମାଂସପେଶୀକୁ ସବଳ କରେ। ଦୈନିକ ଆମ ଶରୀର ପାଇଁ ୧୫ ମିଲିଗ୍ରାମ ଭିଟାମିନ୍ 'ଇ' ଆବଶ୍ୟକ। ଏହାର ମୁଖ୍ୟ ଉତ୍ସ– ସୂର୍ଯ୍ୟମୁଖୀ ତେଲ, ଆଲ୍‌ମଣ୍ଡ, ବ୍ଲାକବେରୀ, ଅଲିଭ୍ ତେଲ ଓ ପିଜୁଳିରୁ ମିଳେ।

**ଜୀବସାର 'କେ':** ଏହା ରକ୍ତ ଜମାଟ ବାନ୍ଧିବାରେ ସହାୟକ ହୋଇଥାଏ। ତତ୍ ସଙ୍ଗେ ସଙ୍ଗେ ଅସ୍ଥିକୁ ସୁଦୃଢ଼ କରେ। ଏହାର ମୁଖ୍ୟ ଉତ୍ସ– ସେଓ, ପନିପରିବା, ଦୂର୍ବା ସ୍ୱରସ ଇତ୍ୟାଦି।

**ଜୀବସାର–ବି :** ଏହା ଯକୃତ କାର୍ଯ୍ୟ ତ୍ୱରାନ୍ୱିତ କରି ଭୋକ ବଢ଼ାଏ। ମସ୍ତିଷ୍କର ସ୍ନାୟୁତନ୍ତ୍ରିକା କାର୍ଯ୍ୟ କରିବାରେ ଶକ୍ତି ପ୍ରଦାନ କରେ। ସ୍ୱାସ୍ଥ ବୃଦ୍ଧି କରେ। ରକ୍ତକୋଷିକା ବୃଦ୍ଧି କରେ ଓ ଚର୍ମକୁ ସୁସ୍ଥ ସବଳ ରଖେ।

**ଜୀବସାର 'ବି–୧' :** ଏହି ଭିଟାମିନ୍ ଭୋକ, ସ୍ୱାସ୍ଥ୍ୟ ଓ ଓଜନ ବଢ଼ାଏ। ଏହା ଅଭାବରୁ ବେରିବେରି ରୋଗ ହୁଏ। ଅନ୍ୟପକ୍ଷରେ ଜୀବସାର 'ବି–୨' ରିବୋଫ୍ଲୋବିନର ଅଭାବରେ ଜିହ୍ୱାରେ ଛାଲି ପଡ଼ିବା (ପାଟି ଘା), ଅକାଳ ବାର୍ଦ୍ଧକ୍ୟ, ସୂର୍ଯ୍ୟ ଆଲୋକ ସହି ନ ପାରିବା ଦେଖାଯାଏ। ଜୀବସାର–'ବି–୩' (ନାଇସିନ୍) ଅଭାବରେ ମାନସିକ ବିକାର, ଚର୍ମରେ ଫୋଟକା ପରି ସମସ୍ୟା ଦେଖାଦିଏ। ଜୀବସାର–'ବି–୭' (ବାୟୋଟିନ୍) ଅଭାବରେ ଶରୀର ଯନ୍ତ୍ରଣା ହେବା, କେଶ ଝଡ଼ିବା ସହ ଠିକ୍ ଭାବରେ ବଢ଼ି ନ ଥାଏ।।

**ଜୀବସାର 'ବି–୧୨' (ସାଇନୋକୋବାଲାମାଇନ୍) –** ଏହି ଭିଟାମିନ୍ ଅଭାବରୁ ରକ୍ତ କମିଯାଏ। ଏହି ଜୀବସାରଗୁଡ଼ିକର ମୁଖ୍ୟ ଉତ୍ସ– ଗହମରୁ ପ୍ରସ୍ତୁତ ଅଟା, ଅଣ୍ଡା, ଶରଗ, ବାଦାମ, ଅଖରୋଟ, ନାଲି ଚାଉଳ, ଜୁଆ, ଅଙ୍ଗୁର, ଦୁଧ, ମଟର, ଡାଲି, ଆଳୁ, ମକା, ଚଣା, ନଡିଆ, ପିସ୍ତା, କୋବି, ଦହି, ପାଳଙ୍ଗ ଶାଗ। ଶରୀର ପାଇଁ ଦୈନିକ ଆବଶ୍ୟକ ୦–୨ ମିଲିଗ୍ରା (ଶିଶୁ) ଯୁବକ– ୧.୨ ମିଲିଗ୍ରାମ୍ ଏବଂ ଗର୍ଭାବସ୍ଥାରେ ୧.୪ ମିଲିଗ୍ରାମ୍।

ଏହି ସମସ୍ତ ଜୀବସାର ଆମେ ବାଡିବଗିଚାରୁ ମିଳୁଥିବା ସଜନାଶାଗ, ପନିପରିବା, ଅନ୍ୟାନ୍ୟ ଶାଗ, ବିଭିନ୍ନ ଖାଦ୍ୟ ପଦାର୍ଥ ଓ ବିଭିନ୍ନ ବନୌଷଧିରୁ ମିଳେ। ତେଣୁ ଋତୁ ଅନୁଯାୟୀ ଉପଲବ୍ଧ ସମସ୍ତ ଶାଗ, ପନିପରିବା, ଫଳମୂଳ ଇତ୍ୟାଦି ସେବନ କରିବା ଉଚିତ।

ବର୍ତ୍ତମାନ ବିଷାକ୍ତ ପରିବେଶ ଓ ଜଳବାୟୁ ଏବଂ ବିଷାକ୍ତ କୀଟନାଶକ ଔଷଧର ବହୁଳ ପ୍ରୟୋଗ ଫଳରେ ଖାଦ୍ୟଦ୍ରବ୍ୟର ଗୁଣବତ୍ତା ଲୋପ ପାଉଛି। ରାସାୟନିକ ଔଷଧ ସେବନ ଓ ଅନ୍ୟାନ୍ୟ ଦ୍ରବ୍ୟର ଅତ୍ୟଧିକ ମାତ୍ରାରେ ଖାଦ୍ୟରେ ମିଶ୍ରଣ ଯୋଗୁ ତାହା ଜୀବଜଗତକୁ ରୁଗ୍‌ଣ କରି ଧ୍ୱଂସାଭିମୁଖୀ ପଥକୁ ସୁଗମ କରୁଅଛି। ମାନବ ସମାଜ ଏହି ଜଟିଳ ବ୍ୟାଧିରେ ପୀଡ଼ିତ ହେବାର ଦେଖାଯାଉଅଛି। ଏଥିପାଇଁ ସଚେତନ ହୋଇ ପ୍ରାକୃତିକ ଚିକିତ୍ସା, ଔଷଧ ପ୍ରତି ପ୍ରାଧାନ୍ୟ ଦେବା ଉଚିତ।

–ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ, ମୋ: ୯୮୬୧୩୭୪୩୮୫

# କେମିତି ଜାଣିବେ ଭିଟାମିନ୍ 'ଡି' ଅଭାବ

## ଭିଟାମିନ୍ 'ଡି' ଆମ ଶରୀର ପାଇଁ ନିହାତି ଆବଶ୍ୟକ। ତେବେ ଏପରି ଭିଟାମିନ୍‌ର ଅଭାବ ହେଲେ କେତେକ ଲକ୍ଷଣ ପ୍ରକାଶ ପାଇଥାଏ। ଜାଣନ୍ତୁ ସେ ସମ୍ପର୍କରେ..



**ଅଯଥା ଝାଳ ବୋହିବା :** ବେଶି ପରିଶ୍ରମ କଲେ, ଖରା ଦିନରେ କିମ୍ବା ଗରମ ହେଲେ ଆମ ଦେହରୁ ଝାଳ ବାହାରେ। ଏହାଛଡ଼ା ଜିମ୍ ଗଲେ ଏବଂ ବ୍ୟାୟାମ କଲେ ମଧ୍ୟ ଝାଳ ବାହାରେ। ଯଦି କିଛି କାମ ନ କରି ଆପଣଙ୍କର ଅତ୍ୟଧିକ ଝାଳ ବାହାରୁଛି, ତେବେ ଶରୀରରେ ଭିଟାମିନ୍ 'ଡି' ଅଭାବ ଅଛି। ଏଥିପାଇଁ ଆପଣ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**ଦୁର୍ବଳ ଅନୁଭବ କରିବା :** ଯଦି ଆପଣଙ୍କୁ ଅଧିକାଂଶ ସମୟ ଦୁର୍ବଳ ଲାଗୁଛି, ତେବେ ତାହା ହୁଏତ ଭିଟାମିନ୍ 'ଡି' ଅଭାବର ଲକ୍ଷଣ ହୋଇପାରେ। ବିଶେଷଭାବରେ ବୟସ୍କ ବ୍ୟକ୍ତିମାନଙ୍କଠାରେ ଏପରି ଲକ୍ଷଣ ଅଧିକ ଦେଖାଦେଇଥାଏ।

**ଅସ୍ଥି ଦୁର୍ବଳ ହେବା :** ଆମ ଶରୀରରେ ଭିଟାମିନ୍ 'ଡି' କମିଗଲେ ତାହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ଏହାଦ୍ୱାରା ଅସ୍ଥି ଦୁର୍ବଳ ହୋଇଯାଏ। ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଲେ ତାହା ଅଷ୍ଟିଓପୋରୋସିସ୍ ସମସ୍ୟାର କାରଣ ସାଜିଥାଏ। ତେଣୁ ଏପରି ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

**ଡିପ୍ରେସନ :** ଭିଟାମିନ୍ 'ଡି' ଅଭାବ ହେଲେ ତାହାର ପ୍ରଭାବ ଆପଣଙ୍କର ମାନସିକତା ଉପରେ ପଡ଼ିଥାଏ। ଏପରି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଲେ ତାହା ଡିପ୍ରେସନ (ଅବସାଦ) ପରି ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।



# ସାର୍‌ସ : କିଛି କଥା

**ଫୁ**ସ୍‌ଫୁସ୍‌ରେ ଗୁରୁତର ପ୍ରଦାହକୁ 'ସାର୍‌ସ' କୁହାଯାଏ। ଏହାର ଲକ୍ଷଣ ପ୍ରକାଶ ପାଇବା ପରେ ଅଧିକ ଜ୍ୱର, କାଶ ସହ ମୁଣ୍ଡବିନ୍ଧା ହୁଏ। ବାନ୍ତି ମଧ୍ୟ ଲାଗେ। ଏହା ଏକ ଭୂତାଣୁଜନିତ ନିମୋନିଆ ରୋଗ। ଯେହେତୁ ଏହି ରୋଗ ଜୀବାଣୁ ଦ୍ୱାରା ହୁଏ, ତେଣୁ ଏଥିରୁ ଆରୋଗ୍ୟ ହେବା ପାଇଁ ଲକ୍ଷଣକୁ ଅନୁଧ୍ୟାନ କରି ନିମୋନିଆ ଆଣ୍ଟିବାୟୋଟିକ ଦିଆଯାଇଥାଏ। ସାରସ ରୋଗର ଲକ୍ଷଣ ମଧ୍ୟରେ ରହିଛି– ସାମାନ୍ୟ ଜ୍ୱର, କାଶ, ମୁଣ୍ଡବିନ୍ଧା ଓ ଥଣ୍ଡା। ଚାରି ପାଞ୍ଚ ଦିନ ମଧ୍ୟରେ ଜ୍ୱର ପ୍ରକୋପ ବଢ଼ି ନିମୋନିଆ ଲକ୍ଷଣ ପ୍ରକାଶ ପାଏ। ଏହି ସମୟରେ ଶ୍ୱାସକ୍ରିୟାଜନିତ କଷ୍ଟ ଅନୁଭୂତ ହୋଇଥାଏ। ଖାସ୍ କଥା ହେଲା, ଭୂତାଣୁ ଶରୀରରେ ପ୍ରବେଶ କରିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶପାଏ। 'ସାର୍‌ସ' ଭୂତାଣୁ କାଶ, ଛିଙ୍କ, ନିଃଶ୍ୱାସ ଓ କଫର ସଂକ୍ରମଣ ଦ୍ୱାରା ପ୍ରସାରିତ ହୁଏ। ଉପଯୁକ୍ତ ଏବଂ ଠିକ୍ ସମୟରେ ଚିକିତ୍ସିତ ହେଲେ ଦୁଇ ସପ୍ତାହ ବେଳକୁ ରୋଗୀ ଭଲ ହୋଇଯାଏ। ଶ୍ୱାସକ୍ରିୟାଜନିତ ସମସ୍ୟା ଥିଲେ ରୋଗୀକୁ ଅକ୍ସିଜେନ୍ ଦିଆଯାଏ। ତେଣୁ ଏପରି ରୋଗର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।



# ସ୍ୱାସ୍ଥ୍ୟ ସୂଚନା

- ଡାକ୍ତରଙ୍କ ପରାମର୍ଶ ଅନୁସାରେ କେତେକ ରୋଗର ପ୍ରାଥମିକ ଉପଚାର ପାଇଁ ଘରେ କିଛି ମେଡିସିନ୍ ରଖନ୍ତୁ।
- କିଛି ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର ଔଷଧ ଖାଇବା ସହ ବ୍ୟାୟାମ, ଖାଦ୍ୟପେୟ ପ୍ରତି ନଜର ଦେବାକୁ ପରାମର୍ଶ ଦେଇଥାଆନ୍ତି। ସେପରି ପରାମର୍ଶକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।
- ସକାଳୁ ବିଛଣାରୁ ଉଠିବା ପରେ କିଛି ସମୟ ସେଠାରେ ବସି ହାଲୁକା ଷ୍ଟ୍ରେଚିଂ ଏକ୍ସରସାଇଜ୍ କରନ୍ତୁ। ଏହା ଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାବସ୍ଥାକୁ ଫେରି ଆସିଥାଏ।
- ଯଦି ଜିମ୍ ଯାଉଛନ୍ତି, ତେବେ ଏହି ସମୟରେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡ଼େ। ଏ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- ରାତିରେ ଶୋଇବା ପୂର୍ବରୁ ପାଦ ଦ୍ୱୟକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପିଡ଼ିତ, ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ପୂର୍ବର ସମସ୍ତ ପ୍ରେସ୍‌କ୍ରିପସନ ସାଙ୍ଗରେ ନେଇଯାଆନ୍ତୁ। ହୁଏତ ରୋଗ ସମ୍ପର୍କରେ ଆଲୋଚନା କରିବା ସମୟରେ ସେଗୁଡ଼ିକ କାମରେ ଆସିପାରେ।



# ସୂର୍ଯ୍ୟ ନମସ୍କାର



**ଯୋ**ଗ ହେଉଛି ଏକ ପ୍ରକାର ମାନସିକ ଓ ଶାରୀରିକ ବ୍ୟାୟାମ। ନିୟମିତ ଯୋଗ କରିବା ଦ୍ୱାରା ଶରୀର ଓ ମନ ଫୂର୍ତ୍ତି ରହିଥାଏ। ସୂର୍ଯ୍ୟ ନମସ୍କାର ହେଉଛି ଏକ ପ୍ରକାର ଯୋଗ। ଏଥିରେ ପ୍ରାୟ ୧୨ ପ୍ରକାର ଆସନ କରାଯାଏ। ଯଥା–ପ୍ରଣାମାସନ, ଊର୍ଦ୍ଧ୍ୱ ହସ୍ତାସନ/ ତାଡ଼ାସନ, ଉତ୍ତାନାପାଦାସନ, ଡାହାଣ ପାର୍ଶ୍ୱ ହସ୍ତିନାପାଦାସନ, ଭୁଜଙ୍ଗାସନ, ଅଧଃ ମୁଖ ଶବାସନ, ପୁନଃବାର ଭୁଜଙ୍ଗାସନ, ବାମ ପାର୍ଶ୍ୱ ହସ୍ତିନାପାଦାସନ, ତାଡ଼ାସନ ଏବଂ ଶେଷରେ ପ୍ରଣାମାସନ। ଏହା ଠିଆ ହୋଇ ନମସ୍କାର କରିବା ଆସନ ଭଙ୍ଗୀରୁ ଆରମ୍ଭ ହୋଇ ଶବାସନ ପର୍ଯ୍ୟନ୍ତ ଯାଇଥାଏ। ପୁନଶ୍ଚ ନମସ୍କାର ଭଙ୍ଗୀକୁ ଫେରିଥାଏ।

ସୂର୍ଯ୍ୟ ନମସ୍କାର ପ୍ରାତଃ ସମୟ ସୂର୍ଯ୍ୟ ଉଦୟ ହେବା ସମୟରେ ହିଁ କରିବା ଉଚିତ। ପ୍ରତ୍ୟେକ ଦିନ ପ୍ରାତଃ କିମ୍ବା ସନ୍ଧ୍ୟା ସମୟରେ ଅଧଘଣ୍ଟା ଲେଖାଏଁ ଯୋଗ ଓ ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣା ଓ ମେରୁଦଣ୍ଡ ହାଡ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

**ସଂକ୍ଷେପରେ**

## ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ:** ମାର୍ଟିନ ଗୁପ୍ଟିଲ-କ-ଷ୍ଟୋଇନିସ୍-ବୋ-ଜାମ୍ପା-୨୮, ଡେରିଲ୍ ମିଚେଲ-କ-ୱାଡେ-ବୋ-ହାଜ୍‌ଲେଉଡ-୧୧, କେନ୍ ୱିଲିୟମସନ-କ-ସ୍ମିଥ୍-ବୋ-ହାଜ୍‌ଲେଉଡ-୮୫, ଗ୍ଲେନ୍ ଫିଲିପ୍ସ-କ-ମାକ୍ସୱେଲ-ବୋ-ହାଜ୍‌ଲେଉଡ-୧୮, ଜେମ୍ସ ନିଶାମ୍-ନଟଆଉଟ-୧୩, ଟିମ୍ ସିଫର୍ଟ-ନଟଆଉଟ-୮, ଅତିରିକ୍ତ-୯, ମୋଟ : (୨୦ ଓଭର/୪ ଉଇକେଟ) ୧୭୨। ଉଇକେଟ ପତନ: ୧/୨୮, ୨/୭୬, ୩/୧୪୪, ୪/୧୪୮। **ବୋଲିଂ (ଅଷ୍ଟ୍ରେଲିଆ):** ମିଚେଲ ଷ୍ଟାର୍କ ୪-୦-୬୦-୦, ଜୋସ୍ ହାଜ୍‌ଲେଉଡ ୪-୦-୧୬-୩, ଗ୍ଲେନ୍ ମାକ୍ସୱେଲ ୩-୦-୨୮-୦, ପ୍ୟାଟ୍ କୁମିନ୍ସ ୪-୦-୨୭-୦, ଆଡାମ ଜାମ୍ପା ୪-୦-୨୬-୧, ମିଚେଲ ମାର୍ଶ ୧-୦-୧୧-୦।

**ଅଷ୍ଟ୍ରେଲିଆ ଇନିଂସ:** ଡେଭିଡ୍ ୱାର୍ନର-ବୋ-ବୋଲ୍ଟ-୫୩, ଆରୋନ୍ ଫିଞ୍ଚ-କ-ଡେରିଲ ମିଚେଲ-ବୋ-ବୋଲ୍ଟ-୫, ମିଚେଲ ମାର୍ଶ-ନଟ ଆଉଟ-୭୭, ଗ୍ଲେନ ମାକ୍ସୱେଲ-ନଟଆଉଟ-୨୮, ଅତିରିକ୍ତ-୧୦, ମୋଟ: (୧୮.୫ ଓଭର/୨ଉଇକେଟ)୧୭୩, ଉଇକେଟ ପତନ: ୧/୧୫, ୨/୧୦୭। **ବୋଲିଂ (ନ୍ୟୁଜିଲାଣ୍ଡ):** ଟ୍ରେଣ୍ଟ ବୋଲ୍ଟ ୪-୦-୧୮-୨, ଟିମ୍ ସୌଦ ୩.୫-୦-୪୩-୦, ଆଡାମ ମିଲ୍‌ନେ ୪-୦-୩୦-୦, ଇଶ୍ ସୋଧି ୩-୦-୪୦-୦, ମିଚେଲ ସାଣ୍ଟନର ୩-୦-୨୩-୦, ଜେମ୍ସ ନିଶାମ ୧-୦-୧୫-୦

## ଏନ୍‌ସିଏର ପରବର୍ତ୍ତୀ ମୁଖ୍ୟ ହେବେ ଲକ୍ଷ୍ମଣ

**ନୂଆଦିଲ୍ଲୀ,୧୪।୧୧:** ଭାରତୀୟ ପୂର୍ବତନ ବ୍ୟାଟର ଭି.ଭି.ଏସ. ଲକ୍ଷ୍ମଣ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ପରବର୍ତ୍ତୀ ମୁଖ୍ୟ ହେବା ନିଶ୍ଚିତ ହୋଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ଅଧିକାରୀ ରବିବାର ସୂଚନା ଦେଇଛନ୍ତି। ପୂର୍ବରୁ ଲକ୍ଷ୍ମଣଙ୍କ ଟିମ୍‌ମେଟ ତଥା କିମ୍ବଦନ୍ତୀ ବ୍ୟାଟର ରାହୁଲ ଦ୍ରାବିଡ୍ ଏନ୍‌ସିଏର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତେବେ ସେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରୂପେ ନିଯୁକ୍ତ ହେବା ପରେ ଏନ୍‌ସିଏ ମୁଖ୍ୟ ପଦ ଛାଡିଛନ୍ତି। ମୁଖ୍ୟ କୋଚ୍ ରୂପେ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଟି୨୦ ବିଶ୍ୱକପ୍ ପରେ ଶେଷ ହେବା ପରେ ଦ୍ରାବିଡ୍‌ଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଏନ୍‌ସିଏ ମୁଖ୍ୟ ଭାବେ ଦ୍ରାବିଡ୍‌ଙ୍କଠାରୁ ଲକ୍ଷ୍ମଣ ଦାୟିତ୍ୱ ନେବେ ବୋଲି ବୋର୍ଡର ଅଧିକାରୀ ଜଣକ ନିଜ ନାମ ଗୋପନ ରଖି କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଟିମ୍ ସନରାଇଜର୍ସ ହାଇଦ୍ରାବାଦ୍ ଦଳର ମେଣ୍ଟର ପଦରୁ ଲକ୍ଷ୍ମଣ ଇସ୍ତଫା ଦେଇସାରିଛନ୍ତି। ସେ ମଧ କୌଣସି କମେଣ୍ଟାରୀ ପ୍ୟାନେଲର ସଦସ୍ୟ ଭାବେ କାର୍ଯ୍ୟ କରିବେ ନାହିଁ କିମ୍ବା କୌଣସି ଖବରକାଗଜରେ ସ୍ତମ୍ଭ ଲେଖିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱରୁ ଦୂରେଇ ରହିବା ପାଇଁ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ଡିସେମ୍ବର ୪ରେ କୋଲକାତାରେ ବିସିସିଆଇର ବାର୍ଷିକ ସାଧାରଣ ବୈଠକ ଆୟୋଜନ ହେବ। ଏହି ବୈଠକ ପୂର୍ବରୁ ଲକ୍ଷ୍ମଣଙ୍କ ନିଯୁକ୍ତି କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ଏନ୍‌ସିଏ ମୁଖ୍ୟ ଭାବେ କାର୍ଯ୍ୟ କରିବାକୁ ଲକ୍ଷ୍ମଣଙ୍କୁ ହାଇଦ୍ରାବାଦରୁ ବେଙ୍ଗାଲୁରୁ ସ୍ଥାନାନ୍ତର ହେବାକୁ ପଡିବ। ଏଥିପାଇଁ ସେ ଏହି ପଦରେ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ଓ ବିସିସିଆଇର ପ୍ରସ୍ତାବ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଇଥିଲେ।

## ଗୋକୁଲମ ୩-୧ ଗୋଲରେ ବିଜୟୀ

**ଆକ୍ୱାବା (ଜୋର୍ଡାନ), ୧୪।୧୧ (ପି.ଟି.):** ଭାରତୀୟ କ୍ଲବ ଗୋକୁଲମ କେରଳ ଏଫ୍‌ସି ଚଳିତ ଏଏଫ୍‌ସି ଓମେନ୍ସ କ୍ଲବ ଫୁଟବଲ୍ ଚାମ୍ପିୟନଶିପ୍ ଗ୍ରୁପ୍ ପର୍ଯ୍ୟାୟରେ ସେମାନଙ୍କ ଶେଷ ମ୍ୟାଚରେ ଉଜ୍‌ବେକିସ୍ତାନର ଏଫ୍‌ସି ବୁନ୍ୟୋଦକୋରକୁ ୩-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସତ୍ତ୍ୱେ ଦଳ ପ୍ରତିଯୋଗିତାରୁ ବିଦାୟ ନେଇଛି। କାରଣ ଦଳ ଅମନ ଏସ୍‌ସି ଓ ସର୍ଦ୍ଦାରୀ ସିର୍ଜାନ ବିପକ୍ଷ ଏହାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଛି। ତେବେ ୪ଟି ଦଳକୁ ନେଇ ଏହି ପ୍ରତିଯୋଗିତାରେ ଗୋକୁଲମ ମହିଳା ଦଳ ତୃତୀୟ ସ୍ଥାନ ଅଧିକାର କରିପାରିଛି।

# ଫ୍ରାନ୍ସ, ବେଲ୍‌ଜିୟମର ଯୋଗ୍ୟତା ଅର୍ଜନ

**ଫିଫା ବିଶ୍ୱକପ୍ ୨୦୨୨**

**ପ୍ୟାରିସ୍,୧୪।୧୧**

ମଧ୍ୟପ୍ରାଚ୍ୟ ଦେଶ କାତାରରେ ୨୦୨୨ରେ ଆୟୋଜନ ହେବାକୁ ଥିବା ଫିଫା ବିଶ୍ୱକପ୍ ପାଇଁ ଗତଥର ଚାମ୍ପିୟନ ଫ୍ରାନ୍ସ ଓ ବେଲଜିୟମ ଯୋଗ୍ୟତା ହାସଲ କରିଛନ୍ତି। ବିଶ୍ୱକପ୍ କ୍ୱାଲିଫାୟର୍ସରେ ତାରକା ଷ୍ଟ୍ରାଇକର କିଲିଆନ ଏମ୍‌ବାପ୍ପେଙ୍କ ୪ଟି ଗୋଲ ବଳରେ ଫ୍ରାନ୍ସ ୮-୦ ଗୋଲରେ କାଜାଖସ୍ତାନକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଏମ୍‌ବାପ୍ପେ ୬, ୧୨, ୩୨ ଓ ୮୭ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରିମ ବେଞ୍ଜେମା ୫୫ ଓ ୫୯ ମିନିଟ୍‌ରେ ୨ଟି, ଆଡ୍ରିଏନ ରାବିଓଟ ୭୫ ଓ ଆଣ୍ଟୋଇନ ଗ୍ରିଏଜମ୍ୟାନ ୮୪ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ।

ସେହିପରି ଅନ୍ୟ ଏକ ଯୋଗ୍ୟତାପର୍ଯ୍ୟାୟ ମୁକାବିଲାରେ ବେଲଜିୟମ ୩-୧ ଗୋଲରେ ଇସ୍ତୋନିଆକୁ ହରାଇ ଏହି ସଫଳତା ହାସଲ କରିଛି। ତେବେ ନେଦରଲାଣ୍ଡ୍ସ ଅଳ୍ପକେ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଛି। ନେଦରଲାଣ୍ଡ୍ସ ମୋଣ୍ଟେନେଗ୍ରୋ ବିପକ୍ଷ ମ୍ୟାଚ୍‌ରେ ପ୍ରଥମେ ୨-୦ରେ ଅଗ୍ରଣୀ ଥିଲେ ମଧ ମ୍ୟାଚ୍ ଶେଷ ଆଡକୁ ଦୁଇଟି ଗୋଲ ବରଣ କରି ମ୍ୟାଚ୍ ଡ୍ର ରଖି ବିଜୟରୁ ବଞ୍ଚିତ ହୋଇଛି।

ଗ୍ରୁପ୍ ଡି'ରେ ଫ୍ରାନ୍ସ ୭ ମ୍ୟାଚ୍ ଖେଳି ୪ ବିଜୟ, ୩ ଡ୍ର ସହ ୧୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ସେହିପରି ଗ୍ରୁପ୍ ଇ'ରେ ବେଲଜିୟମ ୭ ମ୍ୟାଚ୍ ଖେଳି ୬ ବିଜୟ ଓ ୧ ଡ୍ର ସହ ୧୯ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଅନ୍ୟପଟେ ଗ୍ରୁପ୍ ଜି'ରେ ନେଦରଲାଣ୍ଡ୍ସ ୯ଟି ମ୍ୟାଚ୍ ଖେଳି ୬ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୨୦ ପଏଣ୍ଟ ପାଇ ଶୀର୍ଷରେ ରହିଥିଲେ ମଧ ବିଶ୍ୱକପ୍ ଯୋଗ୍ୟତା ହାସଲ କରିପାରି ନାହିଁ। ୧୦ଟି ୟୁରୋପିୟାନ ଗ୍ରୁପ୍ ବିଜେତାଙ୍କ ମଧ୍ୟରୁ ଫ୍ରାନ୍ସ, ଜର୍ମାନୀ, ବେଲଜିୟମ ଅନ୍ୟତମ ବିବେଚିତ ହୋଇଛନ୍ତି। ତେବେ ୧୦ଟି ଗ୍ରୁପ୍‌ର ରନର୍ସଅପ ଦଳଗୁଡିକ ପ୍ଲେଅଫ୍‌ରେ ଯୋଗ ଦେବେ। ଗତବର୍ଷ ନ୍ୟାଶନାଲ ଲିଗ୍ ଗ୍ରୁପ୍‌ରେ ବିଜୟୀ ହୋଇଥିବା ଦୁଇଟି ଦଳ ମଧ ଏଥିରେ ଯୋଗ ଦେବେ। ଜୁରିକରେ ନଭେମ୍ବର ୨୬ରେ ଫିଫା ପ୍ଲେଅଫ୍ ଡ୍ର ଘୋଷଣା କରିବ। ମାର୍ଚ୍ଚ ୨୯ରେ ପ୍ଲେଅଫ୍ ଫାଇନାଲ୍ସର ୩ ବିଜେତା ଓ ୧୦ଟି ଗ୍ରୁପ୍ ଚାମ୍ପିୟନ ସମେତ ୧୩ଟି ୟୁରୋପୀୟ ଦଳ କାତାରରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିବେ।

ଯୋଗ୍ୟତା ପର୍ଯ୍ୟାୟରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ ଫିନ୍‌ଲାଣ୍ଡ ଗ୍ରୁପ୍ ଡି'ରେ ୩-୧ ଗୋଲରେ ବୋସ୍ନିଆ ଓ ହେର୍ଜୋଗୋଭିନାକୁ ହରାଇଛି। ସେହିପରି ୱେଲ୍ସ ଗ୍ରୁପ୍ ଇରେ ୫-୧ ଗୋଲରେ ବେଲାରୁଷକୁ ହରାଇଛି। ଗ୍ରୁପ୍ ଜି'ରେ ନରୱେ- ଲାଟଭିଆ ମ୍ୟାଚ୍ ଡ୍ର ରହିଛି। ଗ୍ରୁପ୍ ଜି'ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ତୁର୍କୀ ୬-୦ ଗୋଲରେ ଜିବ୍ରାଲଟାରକୁ ହରାଇଛି।


କାଜାଖସ୍ଥାନ ବିପକ୍ଷରେ ୪ ଗୋଲ ସ୍କୋର କରିଥିବା ଫ୍ରାନ୍ସ ଷ୍ଟ୍ରାଇକର କିଲିଆନ ଏମ୍‌ବାପ୍ପେ।


**STEWART SCHOOL, BHUBANESWAR**
UNIT- VIII, CRP SQUARE, BHUBANESWAR-751012
(Affiliated to Council for the Indian School Certificate Examinations, New Delhi)
Ph. No.- 8480743569 & 8093474811
Email: stewartbbsr@gmail.com, Website: www.stewartschoolbbsr.in
**ADMISSION OPEN**
For Pre-Nursery, Nursery, Preparatory and Std. I to IX for the Academic Session 2022 - 2023
Application Forms may be downloaded from the School website and to be submitted along with a Bank Challan of Rs.500/- at the School Office.
Admission will be done on a "first come first serve" basis.
PRINCIPAL


## ନନ୍ଦକିଶୋରଙ୍କ ସ୍ମୃତିରେ ମହିଳା ଫୁଟବଲ

**ଭୁବନେଶ୍ୱର, ୧୪।୧୧ (କ୍ରୀଡ଼ା ପ୍ରତିନିଧି):** କରୋନା ମହାମାରୀରେ ପ୍ରାଣ ହରାଇଥିବା ରାଜ୍ୟର ପ୍ରତିଷ୍ଠିତ କୋଚ୍ ନନ୍ଦ କିଶୋର ପଟ୍ଟନାୟକଙ୍କ ସ୍ମୃତିରେ ସିଟି କ୍ଲବ ପକ୍ଷରୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସହଯୋଗରେ ଏକ ରାଜ୍ୟସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଏହା ଡିସେମ୍ବର ତୃତୀୟ ସପ୍ତାହରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଜଣେ ଦକ୍ଷ ଏବଂ ଲୋକପ୍ରିୟ କୋଚ୍ ଥିବା ନନ୍ଦକିଶୋର ସିଏନଏନ୍ (ଆଇବିଏନ୍) ରିଲାଏନ୍ସ ରିୟଲ ହିରୋ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ନନ୍ଦକିଶୋରଙ୍କ ଅକାଳ ବିୟୋଗ ଓଡ଼ିଶା କ୍ରୀଡ଼ା ଜଗତରେ ଶୋକରଛାୟା ଖେଳାଇ ଦେଇଥିଲା। ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରଞ୍ଜିତା ମହାନ୍ତି, ଗୀତାଞ୍ଜଳି ଖୁଣ୍ଟିଆ, ସସ୍ମିତା ମଲିକ, ଜବାମଣି ଟୁଡୁଙ୍କ ପରି ବହୁ ଖେଳାଳି ତାଙ୍କଠାରୁ ପ୍ରଶିକ୍ଷଣ ନେଇ ପରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ।

## ସିଡ୍‌ନୀ ଥଣ୍ଡରକୁ ଜିତାଇଲେ ମନ୍ଧାନା

**ମ୍ୟାକ୍‌କେ (ଅଷ୍ଟ୍ରେଲିଆ), ୧୪।୧୧ (ପି.ଟି)**

ଓମେନ୍ସ ବିଗ୍ ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ରେ ଭାରତର ସୀମିତ ଓଭର ଦଳର ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ୩୯ବଲ୍‌ରୁ ୪୫ ରନ ସହାୟତାରେ ଗତଥରର ଚାମ୍ପିୟନ ସିଡ୍‌ନୀ ଥଣ୍ଡର ରବିବାର ୬ ଉଇକେଟରେ ସିଡ୍‌ନୀ ସିକ୍ସରକୁ ପରାସ୍ତ କରିଛି। ଭାରତ ପାଇଁ ଇନିଂସ ଓପନ କରୁଥିବା ମନ୍ଧାନା ୬ ଚୌକା ସହ ତାଙ୍କ ଦଳର ଟପ୍ ସ୍କୋରର ରହିଥିଲେ। କୋରିନେ ହଲ୍(୧୯)ଙ୍କ ସହ ତାଙ୍କର ମ୍ୟାଚ ବିଜୟୀ ପାର୍ଟନରଶିପ୍ ହୋଇଥିଲା। ୧୫ତମ ଓଭରରେ ପେସର ଷ୍ଟେଲା କ୍ୟାମ୍ପବେଲ୍‌ଙ୍କ ଦ୍ୱାରା ଆଉଟ ହୋଇଯିବାରୁ ଷ୍ଟାଇଲିଶ ବ୍ୟାଟର ଅଳ୍ପକେ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସିକ୍ସର୍ସ ଦଳ ପ୍ରଥମ ୬ ଓଭରରେ ଏହାର ଦୁଇ ଓପନରଙ୍କୁ ହରାଇଥିଲା। ଭାରତର ଶେଫାଳୀ ବର୍ମା (୧୪ବଲ୍‌ରୁ ୮)ଙ୍କ ପାଇଁ ରବିବାର ଭଲ ଦିନ ନ ଥିଲା। ଭାରତୀୟ ଟିମ୍‌ମେଟ ଦୀପ୍ତି ସିଧାସଳଖ ଥ୍ରୋ କରି ତାଙ୍କୁ ରନ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ ତାଙ୍କ ଓପନିଂ ପାର୍ଟନର ଏଲିସା ହିଲି ଇଂଲଣ୍ଡ ଦ୍ରୁତ ବୋଲର ଇସି ଓଙ୍ଗ୍‌ଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ। ଅଧିନାୟିକା ଏଲିସି ପେରୀ ୪୦ ବଲ୍‌ରୁ ୪୦ ରନ ସଂଗ୍ରହ କରିଥିଲେ। ନିକୋଲ ବୋଲ୍ଟନ (୧୯) ଓ ଆଞ୍ଜେଲା ରିକ୍ସ (୧୬)ଙ୍କ ଯୋଗଦାନ ସହାୟତାରେ ସିକ୍ସର୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୯୪ ରନ କରିଥିଲେ।

## କ୍ଷମା ମାଗିଲେ ହାସନ ଅଲି

**କରାଚୀ,୧୪।୧୧:** ଚଳିତ ଟି୨୦ ବିଶ୍ୱକପ୍‌ର ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ହାତଛଡ଼ା କରି ବେଶ୍ ସମାଲୋଚିତ ହୋଇଥିବା ପାକିସ୍ତାନ ଦ୍ରୁତ ବୋଲର ହାସନ ଅଲି ଶେଷରେ ଏଥିପାଇଁ କ୍ଷମା ମାଗିଛନ୍ତି। ଗୁରୁବାର ଅନୁଷ୍ଠିତ ମୁକାବିଲାର ୧୯ତମ ଓଭରରେ ଶାହିନ ଶାହା ଆଫ୍ରିଦି ବୋଲିଂ କରୁଥିଲେ ଓ ତୃତୀୟ ବଲ୍‌ରେ ମାଥ୍ୟୁ ୱେଡ ଡିପ୍ ମିଡ୍‌ଉଇକେଟକୁ ଲମ୍ବା ଶଟ୍ ଖେଳିଥିଲେ। ଏହାକୁ ଧରିବାକୁ ହାସନ ପ୍ରୟାସ କରିଥିଲେ ମଧ ହାତରୁ ଖସି ଯାଇଥିଲା। ଏହାର ପରବର୍ତ୍ତୀ ୩ଟି ବଲ୍‌ରେ ୱେଡ୍ କ୍ରମାଗତ ୩ଟି ଛକା ମାରି ଅଷ୍ଟ୍ରେଲିଆକୁ ୫ ଉଇକେଟରେ ଜିତାଇଥିଲେ। ଫଳରେ ସେମିଫାଇନାଲରୁ ପାକିସ୍ତାନ ବାଦ୍ ପଡିଥିଲା ଓ ସାରା ଦେଶରେ ନୈରାଶ୍ୟ ଛାଇ ଯାଇଥିଲା। ତାଙ୍କୁ ସୋସିଆଲ ମିଡିଆ ଓ ଅନ୍ୟ ଗଣମାଧ୍ୟମଗୁଡିକରେ ଖଳନାୟକ ଭାବେ ବିବେଚନା କରାଯାଇଥିଲା।

## ଜାତୀୟ ର୍‌ୟାଙ୍କିଙ୍ଗ୍ ତୀରନ୍ଦାଜୀ ପାଇଁ ପୂର୍ଣ୍ଣଚନ୍ଦ୍ର ମନୋନୀତ

**ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ପୂର୍ଣ୍ଣଚନ୍ଦ୍ର ମାଝି ପ୍ରଥମଥର ଜାତୀୟ ର୍‌ୟାଙ୍କିଙ୍ଗ୍ ତୀରନ୍ଦାଜୀ ପ୍ରତିଯୋଗିତାର ଜୁନିୟର ରିକର୍ଭ ବିଭାଗରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ହାଇଦ୍ରାବାଦର ଗାଚିବାଓ୍ୱଲି ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଡିସେମ୍ବର ୧୨ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମେ ସିନିୟର ଏବଂ ପରେ ଜୁନିୟର ବିଭାଗରେ ପ୍ରତିଯୋଗିତା ଆୟୋଜନ ହେବ। ଏଥିରେ ଭାଗ ନେବାକୁ ପୂର୍ଣ୍ଣଚନ୍ଦ୍ର ଡିସେମ୍ବର ୧୫ରେ ହାଇଦ୍ରାବାଦ ଯିବେ। ସେ ସମ୍ପ୍ରତି କୋରାପୁଟର ସାଇ-ହାଲ୍ ଆର୍ଚେରୀ ସ୍ପୋର୍ଟ୍ସ ହଷ୍ଟେଲରେ ରହି କୋଚ୍ ତପନ ମୁର୍ମୁଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ତୀରନ୍ଦାଜୀ ସଂଘ ଭାରତର ସିନିୟର, ଜୁନିୟର ଓ ସବ୍‌ଜୁନିୟର ରିକର୍ଭ ଓ କମ୍ପାଉଣ୍ଡ ବିଭାଗର ଶ୍ରେଷ୍ଠ ୧୬ ତୀରନ୍ଦାଜଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ବର୍ଷରେ ୪ ଥର କରିଥାଏ।



## ଜାତୀୟ ବେଞ୍ଚ୍ ପ୍ରେସ୍ ଶକ୍ତି ଉତ୍ତୋଳନରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)**

ଗୋଆର ମନୋହର ପାରିକର ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୧୬ରୁ ୨୦ ପର୍ଯ୍ୟନ୍ତ ଜାତୀୟ ବେଞ୍ଚ୍ ପ୍ରେସ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସବ୍‌ଜୁନିୟର, ଜୁନିୟର, ସିନିୟର ଏବଂ ମାଷ୍ଟର୍ସ ବିଭାଗର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶାରୁ ୧୧ ଜଣିଆ ଦଳ ଭାଗନେବ। ମହିଳା ବିଭାଗରେ ଦିବ୍ୟଲେଖା ମିଶ୍ର ଏବଂ ପୁରୁଷ ବିଭାଗରେ ବିଶ୍ୱଜିତ ଜେନା, ସମରେନ୍ଦ୍ର ରାଉତରାୟ, ସୁନ୍ଦର ସାମଲ, ନାରାୟଣ ସେଠୀ, ସୁଜିତ କୁମାର ଗିରି, ମୋହିନୀ ମୋହନ, ଦିବାକର ଗୋଛାୟତ, ସୂର୍ଯ୍ୟକାନ୍ତ ପ୍ରଧାନ, ରାଫିଲ ହିଆଲ ଓ ସୁଜିତ ଗିରି ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଦଳର ସଦସ୍ୟମାନଙ୍କୁ ରାଜ୍ୟ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଗୌରୀ ମହାନ୍ତି, କୋଷାଧକ୍ଷ ପ୍ରଦୀପ କୁମାର ପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଚନ୍ଦ୍ରଶେଖର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ମିଶ୍ର, ମୀର ଆଜମତ ଅଲୀ, ଶକ୍ତିରଞ୍ଜନ ବାରିକ ଓ ରାକେଶ ଶତପଥୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ ରବିବାର ଗୋଆ ଯାତ୍ରା କରିଛି।


ଜାତୀୟ ବେଞ୍ଚ୍ ପ୍ରେସ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳର ସଦସ୍ୟମାନେ କର୍ମକର୍ତ୍ତାଙ୍କ ଗହଣରେ।

## ଜାତୀୟ ସିନିୟର ଭଲିବଲର ସଫଳ ପରିସମାପ୍ତି

**ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ଭଲିବଲ ସଂଘ ଆନୁକୂଲ୍ୟରେ ଓ ବୌଦ୍ଧ-କନ୍ଧମାଳ ଜିଲା କ୍ରୀଡ଼ାସଂଘ ସହଯୋଗରେ ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଫୁଲବାଣୀ, ଟିକାବାଲି, ରାଇକିଆ, ବାଲିଗୁଡ଼ା ଓ ବୌଦ୍ଧରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଢାବା ଫୁଟବଲ(ଶୁଟିଂ) ପ୍ରତିଯୋଗିତାର ପୁରୁଷ ବିଭାଗରେ ଚକାପାଦକୁ ହରାଇ ବାଲିଗୁଡ଼ା ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୧୦,୦୦୦ ଓ ରନର୍ସଅପ୍ ଦଳକୁ ୮,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଟୁର୍ନାମେଣ୍ଟର ଉଭୟ ମହିଳା ଓ ପୁରୁଷ ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଥିଲା। ମହିଳା ବିଭାଗ ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ୨-୦ ସେଟ୍‌ରେ କିଟ୍‌କୁ ହରାଇ ଥିବାବେଳେ ତୃତୀୟ ସ୍ଥାନ ମ୍ୟାଚରେ ପାରାଦୀପ ପୋର୍ଟକୁ କଟକ ଦଳ ହରାଇ ଥିଲା। ଫୁଲବାଣୀରେ ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ଭଦ୍ରକକୁ ୨-୦ ସେଟ୍‌ରେ ହରାଇ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଥିବାବେଳେ କିଟ୍‌କୁ ୨-୦ରେ ହରାଇ କେନ୍ଦୁଝର ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରୁଷ ଚାମ୍ପିୟନକୁ ଟ୍ରଫି ସହ ୨୫,୦୦୦, ରନର୍ସଅପ୍ ଦଳକୁ ୧୫,୦୦୦ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ୧୦,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମଥରପାଇଁ ଭଲିବଲ୍‌ରେ ପୁରସ୍କାର ରାଶି ପ୍ରଦାନ କରାଯିବା ସହ ପାରମ୍ପରିକ ଭଲିବଲ (ଶୁଟିଂ) ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ମୋଟ ୭୨ଟି (୨୦ ମହିଳା ଓ ୩୨ ପୁରୁଷ ଏବଂ ଢାବା ଫୁଟବଲରେ ୨୦ ପୁରୁଷ) ଦଳ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ୩୦ ଜିଲା ଓ ୬ ୟୁନିଟରୁ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଖେଳାଳି ଏବଂ ୨୦୦ ଅଫିସିଆଲ ଭାଗ ନେଇଥିଲେ। ଆୟୋଜକ କମିଟି ମୁଖ୍ୟ ତଥା ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ଏମ୍‌ପି ଅଚ୍ୟୁତ ସାମନ୍ତ, କନ୍ଧମାଳ ଜିଲା ଆଥଲେଟିକ୍ ଆସୋସିଏଶନ ସଭାପତି କମଳାକାନ୍ତ ପାଣ୍ଡେ, ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ତଥା ଭିଏଫ୍‌ଆଇର ଯୁଗ୍ମ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପୁରୁଷ ବିଭାଗ ଚାମ୍ପିୟନ ଇଷ୍ଟକୋଷ୍ଟ ରେଲୱେ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବିଧାୟକଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ



**କୋଟଗଡ଼,୧୪।୧୧(ଡି.ଏନ.ଏ)**
ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ରବିବାର ସ୍ଥାନୀୟ ବ୍ଲକ ସୁଡ୍ରା ଗ୍ରାମପଞ୍ଚାୟତର ସମାଗାଁ, ଡାକୁସଡମ୍ବା, ସିକରବାଜୁ, ଉସୁରୁକୁପା ଗ୍ରାମଗୁଡ଼ିକ ପରିଦର୍ଶନ କରିଛନ୍ତି। ସେଠାରେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସବୁ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିବି ବୋଲି ବିଧାୟକ କହିଥିଲେ। ଏହାପରେ ଫଙ୍ଗିର ବନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗଟାଙ୍ଗି ଆଶ୍ରମ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରିଥିଲେ।

### ଆମ ପୋଲିସ ସମିତି ବୈଠକ

**ଧରାକୋଟ,୧୪।୧୧(ଡି.ଏନ୍.ଏ.):**
ଧରାକୋଟ ଥାନା ଦଶମାଇଲ ଗ୍ରାମରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଆମ ପୋଲିସ ସମିତିର ଏକ ବୈଠକ ଥାନାଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମ ପୋଲିସ ସମିତିର ସଭ୍ୟ ଭଗବାନ ପାଣିଗ୍ରାହୀ, ବାବୁଲା ସାହୁ ଓ ଧରାକୋଟ ଥାନା କର୍ମଚାରୀମାନେ ଉପସ୍ଥିତ ରହିଥିବା ବେଳେ କାଳୁ ଚରଣ ସାବତ, ଶ୍ରୀକାନ୍ତ ସାବତ, ରାମଚନ୍ଦ୍ର ପଣ୍ଡା, ବଂଶୀ ପ୍ରଧାନ, ବଂଶୀଧର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀକାନ୍ତ ସାବତ ପରିଚାଳନା କରିଥିବା ବେଳେ ଭଗବାନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ

**ଫୁଲବାଣୀ ଅଫିସ/ବାଲିଗୁଡା, ୧୪।୧୧:**
ବାଲିଗୁଡା ବନବାସୀ ସେବା ସମିତି ସଭାଗୃହରେ ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କୁ ନେଇ ଏକ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ଅଧିକାରୀ ରଶ୍ମିତା କରଣ, ସମ୍ମାନିତ ଅତିଥି ଭାବେ ବାଲିଗୁଡା ଥାନା ଇନ୍ସପେକ୍ଟର ରଚିତା ମାଡକାମି, ବନବାସୀ ସେବା ସମିତି ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ଚାଇଲ୍ଡ ଲାଇନ ସଂଯୋଜିକା ରଞ୍ଜିତା କର୍ଣ୍ଣ ପ୍ରମୁଖ ଯୋଗଦେଇ ଚାଇଲ୍ଡ ଲାଇନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଶେଷରେ ଅତିଥିମାନେ ଶିଶୁମାନଙ୍କ ହାତରେ ଦୋସ୍ତିର ଡୋରି ବାନ୍ଧିଥିଲେ। ଟିମ୍ ମେମ୍ବର ଶଶିଶଙ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିଲୀପ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀ ସୁଶ୍ରୀ ମାମଲି ପାତ୍ର ଏକକ ଅଭିନୟ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ଆକାଂକ୍ଷା ମହିଳା ସଙ୍ଗଠନର ଶିଶୁ ଦିବସ

**ପାରଳାଖେମୁଣ୍ଡି,୧୪।୧୧(ଡି.ଏନ୍.ଏ.)-**
ଗଜପତି ଜିଲା ଅଗ୍ରଣୀ ଆକାଂକ୍ଷା ମହିଳା ସଙ୍ଗଠନ ତରଫରୁ ପାରଳାଖେମୁଣ୍ଡିସ୍ଥିତ ରମାନଗରଠାରେ ରବିବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କୁ ନେଇ ନାଚ, ଗୀତ ଏବଂ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଚାଚା ନେହେରୁଙ୍କ ଜୟନ୍ତୀ ଏବଂ ଶିଶୁ ଦିବସ ସମ୍ପର୍କିତ ବିଭିନ୍ନ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ଡ. କଲ୍ୟାଣୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସଭାନେତ୍ରୀ ଆଶାଲତା ପାଣିଗ୍ରାହୀ, ସମ୍ପାଦିକା ମିନା କୁମାରୀ ଟହଲ ଏବଂ ସଭ୍ୟ ଇନ୍ଦୁମତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନେହେରୁଙ୍କ ଜୟନ୍ତୀ ପାଳିତ

**କୋଟଗଡ଼,୧୪।୧୧(ଡି.ଏନ.ଏ):**
ନେହେରୁଙ୍କ ଜୟନ୍ତୀ ଅବସରରେ ରବିବାର ବାଲିଗୁଡ଼ାରେ କଂଗ୍ରେସ କର୍ମୀ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଚତୁଃପାର୍ଶ୍ୱ ସଫା କରିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍ପି ତଥା କଂଗ୍ରେସ ଦଳର ଓଡ଼ିଶାର ଉପସଭାପତି ନକୁଳ ନାୟକ, ବ୍ଲକ ସଭାପତି ରାମସିଂ ପାତ୍ର ଓ କଂଗ୍ରେସର କର୍ମୀ ଉପସ୍ଥିତ ଥିଲେ।

# ଶିକ୍ଷକ, ଡାକ୍ତର ଦ୍ୱିତୀୟ ଭଗବାନ୍: ବିଧାୟକ

## ଶିକ୍ଷକ ଭବନର ଭୂମିପୂଜା ଉତ୍ସବ

**ନୂଆଗାଁ,୧୪।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳିଠାରେ ରବିବାର ନୂଆଗାଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଭବନର ଭୂମିପୂଜା ହୋଇଯାଇଛି। ତତ୍‌ସହ ଶିଶୁ ଦିବସ ଅବସରରେ ଶିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି।

ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଶିକ୍ଷାଦାନ ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ରହଣି, କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, ବୈଠକ କରିବା ଆଦି କାର୍ଯ୍ୟ ପାଇଁ ଏକ ଭବନର ଅଭାବ ରହିଥିଲା। ଦୀର୍ଘବର୍ଷ ହେଲା ନୂଆଗାଁ ବ୍ଲକରେ ଗୋଟିଏ ଭବନ ନିର୍ମାଣ ପାଇଁ ଶିକ୍ଷକମାନେ ଦାବି କରି ଆସୁଥିଲେ ମଧ୍ୟ ତାହା ପୂରଣ ହୋଇ ପାରୁ ନ ଥିଲା। ବ୍ଲକର ୧୫୭ଟି ସ୍କୁଲର ୪୪୫ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦାବିକୁ ଗୁରୁତର ସହ ହୃଦୟଙ୍ଗମ କରି ଦଶପଲ୍ଲା ବିଧାୟକ


ଶିକ୍ଷକ ଭବନ ଭୂମି ପୂଜା ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

ରମେଶ ଚନ୍ଦ୍ର ବେହେରା ଶିକ୍ଷକ ଭବନର ନିର୍ମାଣ ପାଇଁ ନିଜସ୍ୱ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ସମାଜ ପାଇଁ ଶିକ୍ଷକ ଓ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ଯେଉଁମାନେ କି ଏକ ସୁସ୍ଥ ସମାଜ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ତେଣୁ ସେମାନଙ୍କ ଆବଶ୍ୟକତା ପୂରଣ ହୋଇପାରିଲେ ସମାଜର ମଙ୍ଗଳ ହୋଇପାରିବ ବୋଲି ବିଧାୟକ ବେହେରା ନିଜ ବକ୍ତବ୍ୟରେ କହିଥିଲେ। ଶିଶୁଦିବସ ଅବସରରେ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ସ୍ତରରେ ଶିକ୍ଷାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗତବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୧୪ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଭବନ ଭୂମିପୂଜା ଉତ୍ସବରେ ଦଶପଲ୍ଲା ବିଧାୟକ ବେହେରା ମୁଖ୍ୟଅତିଥି, କନ୍ଧମାଳ ସାଂସଦ ପ୍ରତିନିଧି ବିଜୟ କୁମାର ସାସମଲ, ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବକୁ ନୂଆଗାଁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଚିନ୍ତାମଣି ମିଶ୍ର ଓ ସମ୍ପାଦକ ସୁଧୀର କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ଅଧାରେ ଅଟକିଛି ଶିଶୁ ପାର୍କ ନିର୍ମାଣ



**ରାଇକିଆ,୧୪।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲା ରାଇକିଆ ଠାରେ ଶିଶୁ ପାର୍କ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି। କାମ ଆରମ୍ଭ ହେବାର ପାଖାପାଖି ଦୁଇ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରୁନାହିଁ । କିଛିମାସ କାମ ଚାଲିବା ପରେ କରୋନା କଟକଣା ଯୋଗୁ କାମ ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ ଭିତ୍ତିଭୂମି ସଜଡାଯିବା ସହ ପିଲାଙ୍କ ଖେଳିବା ପାଇଁ ବିଭିନ୍ନ ଉପକରଣ ଲଗାଯାଇଥିଲା। ସର୍ବସାଧାରଣଙ୍କ ପାଇଁ ଓପନ ଜିମ ବ୍ୟବସ୍ଥା କରାଗଲା। ବିଭିନ୍ନ ବ୍ୟାୟାମ ଉପକରଣ ଲଗାଯାଉଛି । ତେବେ ପାର୍କକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ଅନେକ କାମ ବାକିଥିଲେ ମଧ୍ୟ ଦୁଇ ମାସ ହେଲା କାମ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶୌଚାଳୟ କାମ ଅଧାପନ୍ତରିଆ ହୋଇ ପଡିଛି । ପାର୍କ ପୂର୍ଣ୍ଣ ଭାବେ ବ୍ୟବହାର ଉପଯୋଗୀ ହୋଇ ନ ଥିଲେ ବି ସକାଳେ ସନ୍ଧ୍ୟାରେ ଲୋକଙ୍କ ଭିଡ ଜମୁଛି। ଅନ୍ୟପଟେ ବ୍ୟବହାର ନ ହୋଇ କିଛି ସାମଗ୍ରୀ ନଷ୍ଟ ହେବାକୁ ବସିଲାଣି। ପାର୍କ କାମ ଶେଷ ପାଇଁ ପ୍ରଶାସନ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଉଦଘାଟନ ପୂର୍ବରୁ ନଷ୍ଟ ହେବାର ଆଶଙ୍କା ଦେଖାଦେଲାଣି। ଏ ନେଇ ରାଇକିଆ ବିଡ଼ିଓ ସ୍ମରଣିକା ଟୁଲୋଙ୍କୁ ଯୋଗାଯୋଗ କରିବାରେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନରେ ପାର୍କ ନିର୍ମାଣ ହେଉଥିବା ବେଳେ ସେ ନେଇ କିଛି ସମସ୍ୟା ଥିବାରୁ କାମ ବିଳମ୍ବ ଘଟୁଥିବା କହିଛନ୍ତି।

## ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିୟୋଗରେ ସ୍ମୃତି ସଭା



ସ୍ମୃତି ସଭାରେ ଯୋଗ ଦେଇଥିବା ଅତିଥିମାନେ।

**ଓଡ଼ଗାଁ, ୧୪।୧୧ (ସ୍ୱ.ପ୍ର.)**

୭୦ ଦଶକରେ ଅବିଭକ୍ତ ପୁରୀ ଜିଲାର ଓଡଗାଁ ଅଞ୍ଚଳରେ ନାରୀ ଶିକ୍ଷାନିମନ୍ତେ ଚର୍ଚ୍ଚାରେ ରହିଥିବା ସ୍ୱନାମଧନ୍ୟା ପ୍ରଧାନ ଶିକ୍ଷୟିତ୍ରୀ ଚୟନିକା ଲାହାଙ୍କ ଅକାଳ ବିୟୋଗରେ ପୁରାତନ ଛାତ୍ରୀମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ସେ ସ୍ଥାନୀୟ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୬୮ରେ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ୨୦୦୨ରେ ଅବସରେ ନେଇଥିଲେ। ସେ ଆଜୀବନ ଅବିବାହିତ ରହିଥିବାବେଳେ ତାଙ୍କ ସମସ୍ତ ୩୪ ବର୍ଷ ଚାକିରି କାଳ କେବଳ ନାରୀ ଶିକ୍ଷାର ଅଗ୍ରଗତି ଓ ସ୍କୁଲର ଉନ୍ନତୀ ନିମନ୍ତେ ଅହରହ ଉଦ୍ୟମ କରିଥିଲେ। ଏଥିରେ ସେ ଆଶାତୀତ ଭାବେ ସଫଳ ହୋଇଥିଲେ। ମାଟ୍ରିକ ପରୀକ୍ଷା ଫଳାଫଳଠାରୁ ଆରମ୍ଭ କରି କ୍ରୀଡା ସମେତ ସମସ୍ତ କ୍ଷେତ୍ରରେ ସ୍କୁଲ ଛାତ୍ରୀମାନେ ଜାତୀୟ ସ୍ତରରେ ସଫଳତା ପାଉଥିଲେ। ଫଳସ୍ୱରୂପ ରାଜ୍ୟର ପ୍ରାୟ ୧୦ଜିଲାରୁ ଛାତ୍ରୀମାନେ ଏଠାରେ ରହି ଅଧ୍ୟୟନ କରିବାକୁ ପସନ୍ଦ କରିଥିଲେ। ବଡଅପା ଭାବେ ହଜାର ହଜାର ଛାତ୍ରୀଙ୍କ ମନ ଜିଣିଥିବା ଲାହା କରୋନା କାରଣରୁ ଜୀବନ ଯାଇଥିବାରୁ ସମସ୍ତଙ୍କୁ ବ୍ୟଥିତ କରିଥିଲା। ପ୍ରାକ୍ତନ ଛାତ୍ରୀ ମଣିମାଳା ପାଣିଗ୍ରାହୀ, ପଦ୍ମଶ୍ରୀ ସାବରମତି ଓ କମଳିନୀ ବେହେରାଙ୍କ ଆହ୍ୱାନକ୍ରମେ ଆୟୋଜିତ ସଭାରେ ଶତାଧିକ ଛାତ୍ରୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ କ୍ରୀଡା ଶିକ୍ଷୟିତ୍ରୀ ନିରୁପମା ଦାସ, ଶାନ୍ତିପ୍ରିୟା ଦେଈ, ଶୁକ ସାହୁ, ପୀତବାସ ସାହୁ, ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ, ବରିଷ୍ଠ କର୍ମଚାରୀ ହରିହର ପୃଷ୍ଟି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ରୀ ଉସ୍ମିତା ମଞ୍ଜରୀ ମିଶ୍ର ବଡଅପାଙ୍କ ସ୍ମୃତିରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହାସହ କମଳିନୀ, ମଣିମାଳା, ମୀତାମଞ୍ଜରୀ, ମନୋଜିନୀଙ୍କ ସମେତ ମଞ୍ଚାସୀନ ଅତିଥିଙ୍କ ସମେତ ଶିକ୍ଷାବିତ ଅଶୋକ କୁମାର ମହାପାତ୍ର ବଡଅପାଙ୍କ ସ୍ମୃତି ଚାରଣ କରିଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ

**ନୟାଗଡ଼ ଅଫିସ,୧୪।୧୧**

ନୟାଗଡ଼ କଳା ପରିଷଦର ପାଣିପୋଇଲାସ୍ଥିତ ଶିଶୁ ପରିଚର୍ଯ୍ୟା କେନ୍ଦ୍ରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ପୋମା ଟୁଡୁ ଉଦ୍‌ଘାଟନ କରି କହିଥିଲେ, ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଅବହେଳା ନ କରି ମୁଖ୍ୟସ୍ରୋତରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା ଯୋଗଦେଇ ଡିବେଟ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ପରି ପ୍ରତିଯୋଗିତା କରାଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରତିଷ୍ଠାତା ସମ୍ପାଦିକା ପ୍ରଭାସିନି ନନ୍ଦ, ସିଡବ୍ଲୁସି ସଭ୍ୟ ଉପସ୍ଥିତ ଥିଲେ।



ଶିଶୁ ଉତ୍ସବରେ ଜିଲାପାଳ ପୋମା ଟୁଡୁ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଖବର ପ୍ରକାଶ ପରେ ଡ୍ରେନ୍ ମରାମତି

**ବୁଗୁଡ଼ା,୧୪।୧୧(ଡି.ଏନ.ଏ.)**
ବୁଗୁଡ଼ା ସହରର ଏକ ପ୍ରମୁଖ ରାସ୍ତା ଜୀବନ ପାତ୍ର ଗଳି ରାସ୍ତା ମଝିରେ ଡ୍ରେନ ନିର୍ମାଣ ହୋଇଥିଲା। ଡ୍ରେନ ଉପରେ ପଡ଼ିଥିବା ଲୁହା ଜାଲି ଦବିଯାଇଥିଲା। ଏ ନେଇ ଖବର ପ୍ରକାଶ ପରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଚେତା ପଶିଲା। ଖାତ ଉପରେ ସିମେଣ୍ଟ ପ୍ଲେଟ ପକାଇ ହେଲା ମରାମତି। ଦୀର୍ଘ ଦିନ ହେଲା କଭର ଜାଲି ଦବି ମଝି ରାସ୍ତାରେ ଗାତ ଭଳି ରହିଥିଲେ ହେଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିଲା। ଏହି ରାସ୍ତା ଉପରେ ସହରର ଅନ୍ନପୂର୍ଣ୍ଣା ନଗର, ଅମିତ ନଗର, ମହିମା ନଗର, ଷ୍ଟାଡିୟମ୍ ସାହି, ବାଲିପିଣ୍ଡି ସାହି ଆଦି ଅନେକ ସାହି ବାସିନ୍ଦା ନିର୍ଭର କରୁଛନ୍ତି। ତେବେ ଏହି ରାସ୍ତା ସଂକୀର୍ଣ୍ଣ ସାଙ୍ଗକୁ ରାସ୍ତା ମଝିରେ ଡ୍ରେନ ନିର୍ମାଣ ହୋଇଥିବାରୁ ଯାତାୟାତ ବେଳେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସ୍ଥାନରେ ବାରମ୍ବାର କଭର କରାଯାଉଥିଲେ ହେଁ ନିମ୍ନମାନର କାମ ସାଙ୍ଗକୁ ଦୂର ଦୃଷ୍ଟିର ଅଭାବ ହେତୁ କାମ ସରିବାର କିଛି ମାସ ପରେ ପୁଣି ଭାଙ୍ଗି ଯାଉଥିଲା। ଏହାକୁ ମିଶାଇ ଏହି କଭର ପ୍ଲେଟ ଚାରି ଥର ଭାଙ୍ଗିଥିଲା। ଏଣୁ କାମଚଳା କାର୍ଯ୍ୟ ନ କରି ସ୍ଥାୟୀ ଭାବେ ଯେମିତି ହେବ ସେଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଲୋକେ ଦାବି କରିଥିଲେ। ଖବର ପ୍ରକାଶ ପରେ ଏନ୍‌ଏସି କର୍ତ୍ତୃପକ୍ଷ ପ୍ଲେଟ ପକାଇଥିଲେ।

## 'ଅନ୍ଧାରେ ଆସ' ନାଟକ ମଞ୍ଚସ୍ଥ

**ନୟାଗଡ଼ ଅଫିସ,୧୪।୧୧**

ନୟାଗଡ଼ର ପଠାଣୀ ସାମନ୍ତ ଅଡିଟୋରିୟମରେ ତୃତୀୟ ନୟନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ଅନ୍ଧାରେ ଆସ' ଶନିବାର ମଞ୍ଚସ୍ଥ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମନ୍ତ୍ରୀ ଅରୁଣ ସାହୁ ନାଟକକୁ ଉଦଘାଟନ କରିଥିଲେ। ନାଟକର ରଚୟିତା ବିଶ୍ୱନାଥ ମହାପାତ୍ର, ନିର୍ଦ୍ଦେଶକ ବିଜୟ ଚୌଧୁରୀ, ପୂର୍ବତନ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର, ପ୍ରକାଶକ ଶରତ ଚନ୍ଦ୍ର ବେହେରା, ସ୍ୱେଚ୍ଛାସେବୀ ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ବାର୍ତ୍ତା ଓ ସ୍ୱାଗତ ସମ୍ଭାଷଣ କରିଥିଲେ। ଏଥିରେ ପ୍ରବୀଣ କଳାକାର ଆଶୁତୋଷ ରଥ ଓ ମା' ଫାଉଣ୍ଡେଶନର ରଶ୍ମୀ ରଞ୍ଜନ ଜେନାଙ୍କ ଆନୁକୂଲ୍ୟରେ ଡ୍ୟାଜଲ ଇଣ୍ଡିଆ ୨୦୨୧ର ବିଜୟିନୀ ସୁନାଲଟି ଗାଁର ଝିଅ ପ୍ରଜ୍ଞା ପରଣିତାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷେ ଫାଉଣ୍ଡେଶନର ସରକାରୀ ସ୍ୱୀକୃତି ପ୍ରାପ୍ତ ଲୋଗୋ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ପଠାଣୀ ସାମନ୍ତ ଅଡିଟୋରିୟମର ଉନ୍ନତି ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ମନ୍ତ୍ରୀ ସାହୁ କହିଥିଲେ।


ନାଟକରେ କଳାକାର ଅଭିନୟ ପ୍ରଦର୍ଶନ କରୁଛନ୍ତି।

## ବର୍ଷାରେ ଭାଙ୍ଗିଲା ଗରଗଡ଼ା ନାଳ

**ଶେରଗଡ଼,୧୪।୧୧(ଡି.ଏନ୍.ଏ.)**

ଗତ ଦୁଇ ଦିନର ଲଗାଣ ବର୍ଷାରେ ଶେରଗଡ଼ ବ୍ଲକ ବାକିଲିକନା ଗ୍ରାମର ଗରଗଡ଼ା ନାଳ ଭାଙ୍ଗିଯାଇଛି। ଉକ୍ତ ନାଳ ବର୍ଷ ତମାମ ବାକିଲିକନା ସମେତ ବହୁ ଗ୍ରାମକୁ ବର୍ଷସାରା ପାଣି ଯୋଗାଇଥାଏ। ଲଗାଣ ବର୍ଷାରେ ସେହି ନାଳର ହୁଡା ଧୋଇହୋଇ ଭାଙ୍ଗିଯାଇଛି। ଫଳରେ ବାକିଲିକନା ଗ୍ରାମର ରଘୁନାଥ ମଠର ୫୦ ଏକର ଜମିର ଧାନ ଫସଲ ପାଣିରେ ବୁଡି ରହିଛି। ଏଥିପ୍ରତି ଜଳସେଚନ ବିଭାଗ ଦୃଷ୍ଟି ଦେଇ ଉକ୍ତ ନାଳକୁ ମରାମତି କରନ୍ତୁ ବୋଲି ଡେଙ୍ଗାପଦର ପଞ୍ଚାୟତର ଜନସାଧାରଣ ଅଭିଯୋଗ କରିଛନ୍ତି।

## ଭୂତକୋଠି ପାଲଟିଛି ଦୃତିମେଣ୍ଡି ଉ.ପ୍ରା. ବିଦ୍ୟାଳୟ

**ଖଜୁରିପଡ଼ା/ବଲସକୁମ୍ପା, ୧୪।୧୧(ଡି.ଏନ.ଏ.)**

ବ୍ୟବସ୍ଥା ପରିବର୍ତ୍ତନ ଆଣି ରାଜ୍ୟରେ ଉନ୍ନତମାନର ଶିକ୍ଷା ପ୍ରଣାଳୀରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ଏବେ ଶିକ୍ଷା ବିଭାଗକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ସ୍କୁଲମାନଙ୍କୁ ସ୍ମାର୍ଟ ସ୍କୁଲ ଘୋଷଣା କରୁଛନ୍ତି। କିନ୍ତୁ ଆଜିବି ଅନେକ ସ୍କୁଲ ଗୃହ ଗୁଡ଼ିକ ଭଗ୍ନ ଅବସ୍ଥାରେ ଭୂତକୋଠି ପାଲଟିଛି। ଏହି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଦୃତିମେଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ସ୍କୁଲ ୧୯୪୨ରୁ ସ୍ଥାପିତ ହୋଇଥିଲା। କିନ୍ତୁ ପୁରୁଣା ଗୃହଗୁଡ଼ିକ ଭଗ୍ନ ଅବସ୍ଥାରେ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ବିଦ୍ୟାଳୟର ଉନ୍ନତି ନିମନ୍ତେ ବାରମ୍ବାର ଗଣଶିକ୍ଷା ବିଭାଗକୁ ଅଭିଯୋଗ କରି ଆସୁଛନ୍ତି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପଢୁଛନ୍ତି। କିନ୍ତୁ ଏବେ କୋଭିଡ୍ କଟକଣା ଯୋଗୁ ସ୍କୁଲ ବନ୍ଦ ରହିଛି। ପାଠ ପଢ଼ିବା ପାଇଁ ଭଲ ଗୃହ ନାହିଁ। ଯାହାବି ଅଛି ତାହା ବର୍ଷା ଦିନରେ ଫଟା ଟିଣ ଯୋଗୁ ପାଣି ଗଳୁଛି। ସ୍କୁଲ୍‌ରେ ୪ କୋଠରି ଅଛି, ସେଥିରୁ ଗୋଟିଏର କାନ୍ଥ ଭୁଶୁଡ଼ି ବିପଦ ସଙ୍କୁଳ ଓ ଅନ୍ୟଟି ଭଗ୍ନ ଅବସ୍ଥାରେ ରହିଛି। ଆବଶ୍ୟକ କୋଠରି ନ ଥିବାରୁ ବର୍ତ୍ତମାନ ସ୍ଥାନୀୟ ଉତ୍କଳମଣି ଯୁବକ ସଂଘ ଗୃହରେ ପିଲାମାନେ ପାଠ ପଢୁଛନ୍ତି। ପ୍ରଶାସନିକ ଅବହେଳା ଏବଂ ସ୍ଥାନୀୟ ରାଜନେତାଙ୍କ ଆନ୍ତରିକତାର ଅଭାବରୁ ସ୍କୁଲରେ ଅନେକ ସମସ୍ୟା ଲାଗି ରହିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହି ସ୍କୁଲ୍ ଭିତ୍ତିଭୂମିର ବିକାଶ ପାଇଁ ନୂତନ ଶ୍ରେଣୀ ଗୃହ ସହିତ ସୁରକ୍ଷା ପାଚେରି ନିର୍ମାଣ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ହେମନ୍ତି ବେହେରା ବିଭାଗୀୟ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। କିନ୍ତୁ ପ୍ରଶାସନ ସ୍କୁଲ୍ ଉନ୍ନତି ଦିଗରେ ଧ୍ୟାନ ନ ଦେବା କଥା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଉତ୍କଳମଣି ଯୁବକ ସଂଘ ସମ୍ପାଦକ ସମୀର ପ୍ରସାଦ ଝାଙ୍କର କହିଛନ୍ତି।

ଯଦି ଆଗାମୀ ଦିନରେ ସ୍କୁଲ୍‌ର ବିକାଶ ଓ ଉନ୍ନତି ଦିଗରେ ପ୍ରଶାସନ ଧ୍ୟାନ ନ ଦିଏ ବାଧହୋଇ ଛାତ୍ରୀଛାତ୍ରଙ୍କ ଅଭିଭାବକ ଆନ୍ଦୋଳନ କରିବେ ବୋଲି ସ୍କୁଲ୍ କମିଟି ସଭାପତି ସୁଧାକର ସେଠୀ ଚେତାବନୀ ଦେଇଛନ୍ତି। ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ସୋମବାରରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିବ। କିନ୍ତୁ ସ୍କୁଲ ଗୃହ ଗୁଡ଼ିକ ଭଗ୍ନ ଅବସ୍ଥା ହୋଇ ଭୂତ କୋଠି ପରି ଦେଖାଯାଉଛି। ପିଲାମାନେ କେମିତି ପାଠ ପଢ଼ିବେ ବୋଲି ଚିନ୍ତାରେ ଅଭିଭାବକମାନେ। ମରାମତି ହୋଇଥିବା ସ୍କୁଲ କୋଠରି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଏବଂ ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ସ୍ଥାନୀୟ ଉତ୍କଳମଣି ଯୁବକ ସଂଘ ସଭାପତି ଦେବରାଜ ମୁଖୀ, ସମ୍ପାଦକ ସମୀର ପ୍ରସାଦ ଝାଙ୍କର, ବିରଞ୍ଚି ମୁଖୀ, ଗଜେନ୍ଦ୍ର ମୁଖୀ, ଆସ୍ତିକ୍ ମଲିକ, ଗୋଲକ ବିହାରୀ ମଲ୍ଲିକ, ସାଗର ପ୍ରସାଦ ସାହୁ, ରାଜେଶ୍ ମଲିକ, ବିକାଶ ଦଣ୍ଡିଆ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୋଠରି ଯଥାଶୀଘ୍ର ମରାମତି କରିବା ସହିତ ସମ୍ପୂର୍ଣ୍ଣ କରିବାକୁ ସ୍କୁଲ ପରିଚଳନା କମିଟି ସ୍ଥାନୀୟ ସରପଞ୍ଚଙ୍କୁ ଅନୁରୋଧ କରିଛନ୍ତି।


ଦୃତିମେଣ୍ଡି ଉପ୍ରା ବିଦ୍ୟାଳୟ।

## ୩ୟ ଟାଏକୋଣ୍ଡୋ କଲର ବେଲ୍ଟ ପ୍ରତିଯୋଗିତା

**ଗଞ୍ଜାମ,୧୪।୧୧(ଡି.ଏନ.ଏ.)**

ଗଞ୍ଜାମ ସହରର ହୋପ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ସ୍ଥାନୀୟ ଭାରତୀ ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ ୩ୟ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ପ୍ରଶିକ୍ଷକ ସିଏଚ୍ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟ ସମ୍ପାଦକ କେ.ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗଦେଇଥିଲେ। ଟାଏକୋଣ୍ଡୋ ଏକାଡେମୀର ସଭାପତି ଡି.ଗୋବିନ୍ଦ ରେଡ୍ଡୀଙ୍କ ସଭାପତିତ୍ୱରେ ଟାଏକୋଣ୍ଡୋ ଜିଲା ସଭାପତି ଶ୍ରୀକାନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ। ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର କୋଚ୍ ଇ. ଲଳିତ କୁମାର, ସଭାପତି ଅରୁଣ ରାଉଳ, ଦିଗପହଣ୍ଡି ଟାଏକୋଣ୍ଡୋ ଏକାଡେମୀର କୋଚ୍ ବାସୁ ନାୟକ, ଶ୍ୟାମାକାଳୀ ଯୁବ ସଂଘ ସଭାପତି ଏସ୍. ଯୁଧିଷ୍ଠିର ରେଡ୍ଡୀ ମଞ୍ଚାସୀନ ଥିଲେ। ଏହି ପରୀକ୍ଷାରେ ୮୦ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।

# ପୁନରୁଦ୍ଧାର ହେଲା ଉଜୁଡ଼ା ଜଙ୍ଗଲ

ନୟାଗଡ଼ ଅଫିସ,୧୪।୧୧

ଉଜୁଡା ଜଙ୍ଗଲ ପୁନରୁଦ୍ଧାର ପରେ ବଦଳି ଗଲା ଆଦିବାସୀଙ୍କ ଜୀବନଜୀବିକା। ଆଦିବାସୀ ମହିଳାମାନେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପାଇଁ ରୋଜଗାର କରି ପାରିଲେ। ବର୍ଷକ ମଧ୍ୟରୁ ୮ମାସ ଜଙ୍ଗଲ ବଞ୍ଚିବାର ରାହା ଯୋଗାଇଲା। ଏପରି ହେବା ଦ୍ୱାରା ଜଙ୍ଗଲ ସୁରକ୍ଷିତ ହେଲା ଓ ଆଦିବାସୀମାନେ ହସଖୁସରେ ଜୀବନ ବିତାଇବାରେ ଲାଗିଲେ।

ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଉପରଡିକିରି ଗାଁରେ ବସବାସ କରନ୍ତି ୨୨ ପରିବାରର ୧୨୫ ଲୋକ। ଏଠାରେ ଗୋଟିଏ ପରିବାରକୁ ଛାଡି ଦେଲେ ଅବଶିଷ୍ଟ ଆଦିବାସୀ ସମ୍ପ୍ରଦାୟର ଲୋକ ରୁହନ୍ତି। ଗାଁ ଚାରି ପାଖରେ ଥିବା ଚାମକି ପାହାଡ, ଓଠସରା, ପଇରାମ, କୁମ୍ଭି, ଶୁଆଖାଇ, ତଡାଖାଲ, ଘାଟି ପାହାଡ, ଅର୍ଜୁନ ତଇଲା, ଅରିଆବନ୍ଦର, ଗୁଞ୍ଜିଆମ୍ବ, ରୁତୁରୁଡିଆ, ଚଣ୍ଡିଗାଣ୍ଡ, ପିଡିଆଖୋଲ ଓ ଚିହିଁରା ପାହାଡ ଜଙ୍ଗଲ ଉଜୁଡି ଚାଲିଥିଲା।



ଆଦିବାସୀମାନେ ଖଲି ତିଆରି କରୁଛନ୍ତି।

## ରୋଜଗାର ପାଇଲେ ଆଦିବାସୀ ମହିଳା

କାଠ ଚୋରମାନେ ଜଙ୍ଗଲଗୁଡିକୁ ନଷ୍ଟ କରି ଚାଲିଥିଲେ। ଆଦିବାସୀଙ୍କ ରୋଜଗାର ଜଙ୍ଗଲରୁ କମିଗଲା। କିପରି ଚଳିବେ ଜାଣି ପାରିଲେନି। କେତେଜଣ ଲୋକ ଗାଁ ମଧ ଛାଡିଲେ ଏଭଳିସ୍ଥଳେ ୨୦୧୯ରେ ଗାଁରେ ଆଦିବାସୀ ମହିଳାମାନେ ଏକଜୁଟ ହୋଇ ଜଙ୍ଗଲ ଜଗିବା ପାଇଁ ସଭା ଡକାଇଲେ। ପୁରୁଷ ଲୋକମାନେ ସେମାନଙ୍କୁ ସହଯୋଗ କରି ଜଙ୍ଗଲ ଜଗିବାକୁ ନିଷ୍ପତ୍ତି ନେଲେ। ଘର କାମ ଶେଷ କରି ମହିଳାମାନେ ପାଳି କରି ଜଙ୍ଗଲ ଜଗିଲେ। ଧୀରେ ଧୀରେ କାଠ ଚୋରଙ୍କ ରାଜ କମିଲା। କିଛିବର୍ଷ ପରେ ଜଙ୍ଗଲ ଘଞ୍ଚ ହେବାରେ ଲାଗିଲା। ଆଦିବାସୀ ମହିଳାମାନେ ଜଙ୍ଗଲ ସୁରକ୍ଷା କରିବା ସମୟରେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଘରକୁ ଆଣିଲେ। ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ ମାସରେ କୁଲିଆକନ୍ଦା, ପାଣି ଆଳୁ, ଟୁଙ୍ଗା, କଡବା ସଂଗ୍ରହ କରନ୍ତି। ସେହିପରି ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ପୌଷ, ମାଘ, ଫାଲଗୁନ୍‌ରେ ଶାଳ ଓ ଶିଆଳିପତ୍ର ସଂଗ୍ରହ କରିଲେ। ଆଶ୍ୱିନ ଓ କାର୍ତ୍ତିକରେ କଣ୍ଟାଝାଡୁ ସଂଗ୍ରହ କରନ୍ତି। ବିଭିନ୍ନ ପ୍ରକାରର ଶାଗ ଓ ଛତୁ ସଂଗ୍ରହ କଲେ। ଅବସର ସମୟରେ ଘରେ ଶାଳ ଓ ଶିଆଳି ପତ୍ରରୁ ଖଲି ତିଆରି କଲେ। ପରିବାରର ପୁରୁଷ ସଦସ୍ୟମାନେ ଖଲିକୁ ନିକଟସ୍ଥ ଗାଁରେ ବିକ୍ରି କରିଲେ। ସେହିପରି ବଣରୁ ସଂଗୃହୀତ ଫଳ ମୂଳକୁ ବାହାରେ ବିକି ଦୁଇ ପଇସା ରୋଜଗାର କଲେ। ଏ ନେଇ ଗାଁର ସଭାପତି ଦିଗାମ୍ବର ମଲ୍ଲିକ ଓ ସମ୍ପାଦକ ପ୍ରସନ୍ନ କୁମାର ଜାନୀ କୁହନ୍ତି, ମହିଳାମାନଙ୍କର ଜଙ୍ଗଲ ସୁରକ୍ଷା ନିଶା ଆମ ପରିବାର ପାଇଁ ରୋଜଗାରର ମାଧ୍ୟମ ପାଲଟିଲା। ଜଙ୍ଗଲ ସୁରକ୍ଷା କରି ଆମେ ଖୁସିରେ ରହିଛୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶ୍ରୀନୀଳମାଧବ ଜୀଉ ପୀଠରେ ପଞ୍ଚକ ଆଜି



ଖଣ୍ଡପଡ଼ା,୧୪।୧୧(ସ୍ୱ.ପ୍ର.): ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ମହାପ୍ରଭୁଙ୍କ କାର୍ତ୍ତିକ ନୀତି ଆଗେଇ ଚାଲିଛି। ସୋମବାରଠାରୁ ମହାପଞ୍ଚକ ଯାତ୍ରା ଆରମ୍ଭ ହେବ। କାର୍ତ୍ତିକ ମାସର ଶୁକ୍ଳପକ୍ଷ ଏକାଦଶୀ ଦିନ ସକାଳୁ ପଞ୍ଚକ ବ୍ରତ ଆରମ୍ଭ ହୋଇ ପୂର୍ଣ୍ଣମୀରେ ଶେଷ ହେବ। ଏହି ସମୟରେ ମହାପ୍ରଭୁ ନୀଳମାଧବ ଜୀଉ ଓ ନିକଟସ୍ଥ ରାଧାମୋହନ ଜୀଉ ମଠରେ ଭିନ୍ନ ଭିନ୍ନ ପାଞ୍ଚ ପ୍ରକାର ବେଶରେ ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେବେ।

### ବର୍ଷାରେ ଫସଲ କ୍ଷତି ଅନୁଧ୍ୟାନ କଲେ ବିଧାୟିକା

କବିସୂର୍ଯ୍ୟନଗର,୧୪।୧୧(ଡି.ଏନ.ଏ.): ଗତ ତିନି ଦିନ ଧରି ଲାଗାଣ ବର୍ଷା ଯୋଗୁ କବିସୂର୍ଯ୍ୟନଗରରେ ବ୍ୟାପକ ଫସଲ କ୍ଷତି ହୋଇଛି। ଏଭଳି ବିପଦ ସମୟରେ ଚାଷୀଙ୍କ ଦୁଃଖ ଓ ସହାୟତା ଲାଗି ଆଗେଇ ଆସିଛନ୍ତି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ। ଆସିକା ନିର୍ବାଚନମଣ୍ଡଳୀ ତଥା କବିସୂର୍ଯ୍ୟନଗର ବ୍ଲକର କନିଆରୀ, ସୁବଳୟା, ବରିଡା, ବୋରିସିଂ ଆଦି ଗ୍ରାମର ବର୍ଷାଜଳ ପ୍ଳାବିତ ଚାଷଜମିର କ୍ଷୟକ୍ଷତି ଅନୁଧାନ କରି ଫେରିଛନ୍ତି ବିଧାୟିକା। ଶୀଘ୍ର ସରକାରଙ୍କ ପକ୍ଷରୁ ଚାଷୀଙ୍କୁ କ୍ଷତିର ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି ବିଧାୟିକା।

### ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାର ଆଲୋଚନାଚକ୍ର

ଫୁଲବାଣୀ ଅଫିସ, ୧୪।୧୧: ଜାଗ୍ରତ କନ୍ଧମାଳ ତରଫରୁ ସାରଙ୍ଗଡ ମା'ମଙ୍ଗଳା କଲ୍ୟାଣ ମଣ୍ଡପଠାରେ ପଛୁଆ ବର୍ଗ (ଓବିସି)ଙ୍କ ସାମ୍ବିଧାନିକ ଅଧିକାର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜାଗ୍ରତ କନ୍ଧମାଳ ପ୍ରତିଷ୍ଠାତା ସତ୍ୟନାରାୟଣ ବେହେରା, ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଅଙ୍ଗଦ କହଁରଙ୍କ ସମେତ ଅନ୍ୟମାନେ ଯୋଗଦେଇ ଓବିସିମାନଙ୍କ ହକ୍ ଓ ଦାବି ଉପରେ ଆଲୋଚନା କରିଥିଲେ। ୧୯୩୧ ମସିହାରେ ଜାତିଭିତ୍ତିକ ଗଣନା ଅନୁସାରେ ୫୨ ପ୍ରତିଶତ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ ସଂରକ୍ଷଣ, ସମ୍ବିଧାନ ଧାରା ୩୩୦ ଓ ୩୩୨ ଅନୁସାରେ ସଂସଦ ଓ ବିଧାନସଭାରେ ସଂରକ୍ଷଣ ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ଛାତ୍ରାବାସ ଓ ବିଦ୍ୟାଳୟ ସ୍ଥାପନ କରାଯିବା, ମେଧାବୀ ଛାତ୍ରଙ୍କ ନିମନ୍ତେ ୫ ଲକ୍ଷ ଟଙ୍କା ଷ୍ଟାଇପେଣ୍ଡ, ଭୂମିହୀନଙ୍କ ପାଇଁ ୫ ଏକର ଜମି, ସମ୍ବିଧାନ ଧାରା ୩୪୦ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହା ଉପରେ ସରକାରଙ୍କ ପାଖରେ ଦାବି ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ମା' ଭାନୁମତୀ ମନ୍ଦିରର ରତ୍ନମୁଦ ଉତ୍ସବ



ଖଣ୍ଡପଡା,୧୪।୧୧(ସ୍ୱ.ପ୍ର.)

ସ୍ଥାନୀୟ ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗାଁ ନିକଟ ମା' ଭାନୁମତୀ ଦେବୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଣପୁର ପଞ୍ଚାୟତର ପଞ୍ଚପଲ୍ଲୀ ନାମରେ ପରିଚିତ ରତନପୁର, ଘଣାଶାଳିଆ, ହଟିଆପଲ୍ଲୀ, ବିଞ୍ଛପଲ୍ଲୀ ଓ ଭ୍ରମରବରପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ହୋମ ଯଜ୍ଞ ଅନୁଷ୍ଠିତ ସହ ମନ୍ଦିରର ଗର୍ଭମୁଦ (ରତ୍ନମୁଦ) ହୋଇଯାଇଛି। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମ ନାଟକ, ନଦିଆ ସଂକୀର୍ତ୍ତନ ହୋଇଥିଲା। ଆସନ୍ତା ଫେବୃୟାରୀ ୫, ୬ ଓ ୭ ତାରିଖରେ ୩ ଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିବା ମା' ଭାନୁମତୀ ଦେବୀ କମିଟି ପକ୍ଷରୁ ବିଭୂତି ଭୂଷଣ ପ୍ରଧାନ ଓ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ



ମୃତଦେହ ରଖି ପରିବାର ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି।

- ଜାମୁସାହିରେ ଉତ୍ତେଜନା
- ମୃତଦେହ ରଖି ଡିଏଚଏଚ ସମ୍ମୁଖରେ ରାସ୍ତାରୋକୋ

ନୟାଗଡ଼ ଅଫିସ,୧୪।୧୧

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନୟାଗଡ଼ ସଦର ଥାନା ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ଗାଁର ଶ୍ରୀବତ୍ସ ରାଉତ(୪୫) ଚାଷୀ ରବିବାର ଜମିରେ ପ୍ରାଣ ହରାଇଛନ୍ତି। ମୃତଦେହ ଜମିରେ ପ୍ରାୟ ୯ ଘଣ୍ଟା ଧରି ପଡିରହିଥିଲେ ମଧ ଘଟଣା ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ପରିବାର ଲୋକ ଖୋଜାଖୋଜି ପରେ ଶ୍ରୀବତ୍ସଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ୬ଟାରେ ତାଙ୍କୁ ଜମିଆଣି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମୃତ ଘୋଷଣା କରିବା ପରେ କ୍ଷତିପୂରଣ ଦାବିରେ ମୃତଦେହ ରଖି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଜିଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟା ସାଢ଼େ ୭ଟାରୁ ରାସ୍ତାରୋକୋ କରାଯାଇଛି। ସୂଚନାଯୋଗ୍ୟ, ଶ୍ରୀବତ୍ସ ରାଉତ ପୂର୍ବାହ୍ନ ୯ଟାରେ ଜମିକୁ ଯାଇଥିଲେ। ଲଘୁଚାପ ବର୍ଷା କାରଣରୁ ଜମିରେ ପାଣି ଜମି ରହିଥିବାରୁ ହୁଡା ହାଣି ଜଳ ନିଷ୍କାସନ କରୁଥିଲେ। ତେବେ ବିଲ୍ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଜମି ଉପରେ ଓହଳି ରହିଥିଲା। ଜମିରେ ପଶି ହୁଡା ହାଣିବାବେଳେ ବିଦ୍ୟୁତ୍ ପାଣି ସଂସ୍ପର୍ଶରେ ଆସି ସେ ପ୍ରାଣ ହରାଇ ପଡି ରହିଥିଲେ। ଗାଁ ଲୋକ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ତାଙ୍କୁ ଜମିରୁ ଉଦ୍ଧାର କରିଥିଲେ। ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିହ୍ନା, ଟାଉନ ଥାନା ଆଇଆଇସି ପ୍ରଜ୍ଞାପରମିତା ଜେନା ଲୋକଙ୍କୁ ବୁଝାଶୁଝା କରିବା ପରେ ରାତି ୯ଟାରେ ରାସ୍ତାରୋକୋ ହଟି ଥିଲା। ମୃତକଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ରାଶି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଶ୍ରୀବତ୍ସଙ୍କ ମୃତ୍ୟୁକୁ ନେଇ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଦାବି



ରେଣୁ ବେହେରାଙ୍କ ଝାଟିମାଟି ଘର।

ଦଶପଲ୍ଲା,୧୪।୧୧(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଘର ଖଣ୍ଡିଏ ପାଇଁ ବାରମ୍ବାର ଧାଇଁ ହତାସ ହୋଇ ପଡିଲେଣି ରେଣୁ ବେହେରା। ନଛିପୁର ପଞ୍ଚାୟତର ଗୋବର୍ଦ୍ଧନପୁର ଗାଁରେ ନବେଇ ବେହେରାଙ୍କ ପୁଅ ବଳରାମ ବେହେରାଙ୍କ ଘର। ଘର କହିଲେ ୧୨ ଫୁଟ ଲମ୍ବ ୧୦ଫୁଟ ଓସାର ବିଶିଷ୍ଟ ବଖରାଏ ଝାଟିମାଟିର ଚାଳ ଘର। ବାହାରେ ରୋଷେଇ ପାଇଁ ଜାଗାଟିଏ ରହିଛି। ସେଥିରେ ରହନ୍ତି ବଳରାମ, ତାଙ୍କ ସ୍ତ୍ରୀ, ୨ଛୋଟ ପୁଅ ଏବଂ ବିଧବା ମା'। ଲଗାଣବର୍ଷାରେ ଚାଳରୁ ଘର ଭିତରେ ପାଣି ପଡି ସାରା ଘର ସନ୍ତସନ୍ତିଆ। କରୋନା କାଳରେ କାମଧନ୍ଦା ନ ମିଳିବାରୁ ଏବେ ବଳରାମଙ୍କୁ ଦାଦନ ଯିବାକୁ ପଡିଛି। ମାତ୍ର ୨୦ କିଲୋ ଚାଉଳରେ ୪ ପ୍ରାଣୀ କୁଟୁମ୍ବ ଚଳିବେ। ଆବାସ ଯୋଜନାରେ ଘରଟିଏ ପାଇଁ ପଞ୍ଚାୟତରୁ ବ୍ଲକ ଯାଏ ଧାଉଁଛନ୍ତି ରେଣୁ। ଥରକୁ ଥର ନୂଆ କଥା ଶୁଣି ଶୁଣି ବ୍ୟସ୍ତ ଲାଗିଲାଣି। ଆଉ ନୁହେଁ, ସିଧା ଜିଲାପାଳଙ୍କ ଅଫିସ ଆଗରେ ପିଲାମାନଙ୍କୁ ଧରି ଧାରଣା ଦେବେ ରେଣୁ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହାପାଇଁ ଏକଥା ଜିଲାପାଳଙ୍କୁ ପଚାରିବେ ବୋଲି ସେ କହିଛନ୍ତି। ବିଡିଓ ଯୁଦ୍ଧ କାଳୀନ ଭିତ୍ତିରେ ଘରଟିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରଛନ୍ତି।

## ସବୁଜବଳୟ ପାଇଁ ବୃକ୍ଷରୋପଣ

ଖଣ୍ଡପଡା,୧୪।୧୧(ସ୍ୱ.ପ୍ର.)

ସମ୍ପ୍ରତି ଜଙ୍ଗଲର ଦ୍ରୁତ ଅବକ୍ଷୟ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ପରିବେଶ ସୁରକ୍ଷା ଦିଗରେ ସରକାରୀ ତଥା ବେସରକାରୀ ସ୍ତରରେ ସଚେତନତା ସୃଷ୍ଟି କରାଯାଇ ବିଭିନ୍ନ ସମୟରେ ବୃକ୍ଷରୋପଣ କରାଯାଉଛି। ତେବେ ପରିବେଶବିତ୍ ତଥା ଗଛସାର୍ ଭାବେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରେରଣାକ୍ରମେ କଣ୍ଟିଲୋ ଫାଣ୍ଡି ପରିସରରେ ଆମ୍ବଚାରା ରୋପଣ କରାଯାଇଛି। ଏଥିରେ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ୭୦ ବର୍ଷ ପୂର୍ବେ କଣ୍ଟିଲୋ ଫାଣ୍ଡି ପରିସରରେ ରୋପଣ କରାଯାଇଥିବା ୫ଟି ଦେଶୀ ଦେବଦାରୁ ବୃକ୍ଷ ଏବେ ମହାଦ୍ରୁମରେ ପରିଣତ ହୋଇଛି। ଏହି ବୃକ୍ଷରେ ଶୀତଋତୁରେ ବାଦୁଡି, କାଉ, ଅନ୍ୟ ପକ୍ଷୀ ଓ ମାଙ୍କଡ ଆଦି ପାଚିଲା ଫଳ ଖାଇଥାନ୍ତି। ସେହି ଗଛର ମଞ୍ଜିଗୁଡ଼ିକ ପକ୍ଷୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପଡ଼ି ଦେବଦାରୁ ବୃକ୍ଷ ସୃଷ୍ଟି ହୋଇଥାଏ। ଫଳରେ ସ୍ଥାନୀୟ ଅଞ୍ଚଳରୁ ଲୋପ ପାଇ ଯାଉଥିବା ବାଦୁଡି ବଂଶ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି।



ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ନୟାଗଡ ଅଫିସ,୧୪।୧୧

ନୟାଗଡର ପଠାଣୀ ସାମନ୍ତ ଅଡିଟୋରିୟମରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ପୋମା ଟୁଡୁ ଉଦଘାଟନ କରିଥିଲେ। ତର୍କ, ଚିତ୍ରକଳା, ପ୍ରବନ୍ଧ, ଏକକ କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ଅଣଦେଖା କରାଯାଇ ଡକାଯାଇ ନ ଥିଲା।

## ୧୮ରୁ ଆସ୍କାରେ ଜିଲାସ୍ତରୀୟ କବାଡ଼ି ଚୟନ ଶିବିର

ବ୍ରହ୍ମପୁର ଅଫିସ, ୧୪।୧୧

ଲଗାଣ ବର୍ଷା ଯୋଗୁ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଶନିବାର ଆସ୍କା ଟାଉନ ହଲଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବରିଷ୍ଠ ଓ କନିଷ୍ଠ ଉଭୟ ମହିଳା ଓ ପୁରୁଷ କବାଡ଼ି ଚୟନ ଶିବିର ବାତିଲ ହୋଇଯାଇଛି। ପୁଣି ଥରେ ଆସନ୍ତା ୧୮ରୁ ଆସ୍କା ଟାଉନ ହଲ ଠାରେ ସକାଳ ୮ଟାରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି। ୧୯ରୁ ୨୪ ପର୍ଯ୍ୟନ୍ତ କନିଷ୍ଠ କବାଡ଼ି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବା ସହ ଡିସେମ୍ବର ୧୭ ରୁ ୧୯ ପର୍ଯ୍ୟନ୍ତ ଆସ୍କାଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ କନିଷ୍ଠ ମହିଳା ଓ ପୁରୁଷ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ସେହିପରି ଚୟନ ହୋଇଥିବା ସିନିୟର ମହିଳା ଓ ପୁରୁଷ କବାଡ଼ି ଦଳ ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

## ବୃଦ୍ଧାଙ୍କୁ ଆକ୍ରମଣ ଘଟଣା: ବାପା ପୁଅ ଅଟକ

ବୁଗୁଡ଼ା,୧୪।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଦୁଆ ଗ୍ରାମରେ ଜଣେ ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ରବିବାର ୨ ଜଣଙ୍କୁ ଅଟକ ରଖିଛି। ବାଦୁଆ ଗ୍ରାମର ସୁକାନ୍ତି ବେହେରା (୭୨) ଶନିବାର ରାତ୍ରରେ ନିଜ ଘର ବାରଣ୍ଡାରେ ବସିଥିବା ବେଳେ ସେହି ଗ୍ରାମର ଲକ୍ଷ୍ମଣ ବେହେରା, ସ୍ତ୍ରୀ ବିଷ୍ଣୁ ବେହେରା ଏବଂ ଦୁଇ ପୁଅ ଶଙ୍କର ଓ ତ୍ରିଲୋଚନ ସମସ୍ତେ ଆସି ସୁକାନ୍ତିଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ବେଳେ ସୁକାନ୍ତି ଘୁଞ୍ଚି ପଡିବାରୁ ତାଙ୍କ ଛାତିରେ ଆଘାତ ଲାଗିଥିଲା। ସେ ସମୟରେ ସେମାନେ ବୃଦ୍ଧାଙ୍କ ବେକରୁ ଏକ ତୋଳା ସୁନା ଖାସୁ ମାଳି ମଧ ନେଇ ଯାଇଥିଲେ। ଏ ନେଇ ସୁକାନ୍ତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୦୦/୨୧ରେ ଏକ ମାମଲା ରୁଜୁ କରି ବାପା ଲକ୍ଷ୍ମଣ ଓ ପୁଅ ଶଙ୍କରଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## ଗୋରୁଙ୍କ କବ୍‌ଜାରେ ରାସ୍ତା, ଯାନବାହନ ଚଳାଚଳରେ ସମସ୍ୟା

ଖଣ୍ଡପଡ଼ା,୧୪।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ସହର ସମେତ ବିଭିନ୍ନ ପର୍ଯ୍ୟଟନ ପୀଠର ପ୍ରମୁଖ ରାସ୍ତାଗୁଡିକ ଗୋରୁଙ୍କ କବ୍‌ଜାର କବଳିତ ହୋଇରହୁଛି। ଦିନରାତିରେ ଶତାଧିକ ଗାଈ ବାଛୁରୀ ରାସ୍ତା ଉପରେ ଏଣେତେଣେ ବିଚରଣ କରିବା ସହ ରାସ୍ତା ଉପରେ ଶୋଇ ରହୁଛନ୍ତି। ଫଳରେ ଭାରିଯାନ ଓ ଯାତ୍ରୀବାହୀ ବସ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ରାତି ପାହିଲେ ଖଣ୍ଡପଡ଼ା ସହର ମୁଖ୍ୟ ରାସ୍ତା ଗୋବରମୟ ହେଉଥିବାରୁ ଏହା ସଫେଇ କର୍ମଚାରୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟୁଛି। ଅପରପକ୍ଷରେ ପର୍ଯ୍ୟଟନ ପୀଠ ଭାବେ ସର୍ବଜନ ବିଦିତ କଣ୍ଟିଲୋର ଶ୍ରୀନୀଳମାଧବ ପୀଠକୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ମୁଖ୍ୟ ରାସ୍ତାକୁ ଗାଈ, ଗୋରୁମାନେ ଅବରୋଧ କରି ରହିଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷ ୨ ମାସ ତଳେ ଡାକବାଜି ଯନ୍ତ୍ର ଯୋଗେ ଗୋପାଳକମାନଙ୍କୁ ତାଗିଦ୍ କରିବା ସହ ରାସ୍ତା ଉପରକୁ ଗୋରୁଙ୍କୁ ନ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ନ ମାନିଲେ ଗୋପାଳକମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା କେବଳ ପ୍ରଚାରରେ ସୀମିତ ଥିବା ଜଣାପଡିଛି। ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ଉପରୁ ଗୋରୁଙ୍କୁ ହଟାଇବା ନିମନ୍ତେ ଏନ୍‌ଏସି କର୍ତ୍ତୃପକ୍ଷ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ବିପଦସଙ୍କୁଳ କୁଆଁରିଆ ସେତୁର ନବୀକରଣ ଦାବି

ଖଣ୍ଡପଡା,୧୪।୧୧(ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଗମନାଗମନର ସୁବିଧା ପାଇଁ ବହୁବର୍ଷ ପୂର୍ବରୁ ଖଣ୍ଡପଡା ବ୍ଲକ ଅଧୀନ ଖଳିସାହିରୁ ଆଡକଟାକୁ ସଂଯୋଗ କରୁଥିବା ରାସ୍ତାର କୋସକା ଗ୍ରାମ ନିକଟରେ ନିର୍ମାଣ ହୋଇଥିବା କୁଆଁରିଆ ପୋଲଟି ଏବେ ବିପଦସଙ୍କୁଳ ହୋଇପଡିଛି। ଉକ୍ତ ରାସ୍ତା ଦେଇ ଦଶପଲ୍ଲା ଓ ଗଣିଆ ଅଞ୍ଚଳକୁ ଦୈନିକ ଶତାଧିକ ଭାରିଯାନ, ଯାତ୍ରୀବାହୀ ବସ ଚଳାଚଳ କରୁଛି। କୁଆଁରିଆ ପୋଲର ଦୁରବସ୍ଥାକୁ ନେଇ ଗାଡି ଚାଳକମାନେ ପ୍ରତି ମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି।

ପୂର୍ତ୍ତ ବିଭାଗ ଅଧୀନରେ ଥିବା ସମ୍ପୃକ୍ତ ଲୋ ଲେଭୁଲ କୁଆଁରିଆ ସେତୁଟି ବନ୍ୟା ସମୟରେ ବୁଡି ଏହାରି ଉପରେ ୫ ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହୋଇଥାଏ। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୁଏ। ଖାଲି ସେତିକି ନୁହେଁ ସେତୁର ଉଭୟ ପାର୍ଶ୍ୱ ଆପ୍ରୋଚ ରାସ୍ତା ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଥାଏ। ଖଣ୍ଡପଡା ବ୍ଲକ ଅଧୀନ ଖଳିସାହିଠାରୁ କୋସକା ଦେଇ ଗଣିଆ ବ୍ଲକ ଅନ୍ତର୍ଗତ ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ବର୍ଷକ ତଳୁ ଆରମ୍ଭ ହୋଇଛି। ରାସ୍ତା ପାର୍ଶ୍ୱରୁ ଜବରଦଖଲକାରୀ ଓ ରାଜରାଜୁଡା ଅମଳରୁ ରୋପଣ କରାଯାଇଥିବା ପୁରୁଣା ଆମ୍ବଗଛ ଗୁଡିକୁ ହଟାଯାଇ କାମ ଚାଲିଛି। ତେବେ କୁଆଁରିଆ ସେତୁର ନବୀକରଣ ପ୍ରତି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ଉକ୍ତ ସେତୁର ଉଚ୍ଚତା ବୃଦ୍ଧି ନିମନ୍ତେ ଆଖପାଖ ଅଞ୍ଚଳର ବାସିନ୍ଦା ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏ ଦିଗରେ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ କୁଆଁରିଆ ନଦୀ ଉପରେ ଏକ ଉଚ୍ଚତମ ପୋଲ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ମୁଖ୍ୟମନ୍ତ୍ରୀ, ସଚିବ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ବିପଦସଙ୍କୁଳ ଅବସ୍ଥାରେ ଥିବା କୁଆଁରିଆ ସେତୁ।

## କାର୍ ଦୁର୍ଘଟଣାରେ ୨ ଆହତ

ଜି.ଉଦୟଗିରି,୧୪।୧୧(ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ଡାକବଙ୍ଗଳା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ଜି.ଉଦୟଗିରିର ସଞ୍ଜୟ କୁମାର ମହାନ୍ତିଙ୍କ ସହ ଅନ୍ୟ ଜଣେ ଏକ ମାରୁତି (ନଂ ଓଡି୧୨ ଇ ୬୦୬୦)ରେ ଘରକୁ ଫେରୁଥିବା ବେଳେ ଘନ କୁହୁଡ଼ି ସାଙ୍ଗକୁ ଝିପି ଝିପିବର୍ଷା କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତମାନଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।